ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୪/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, August 24/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୨୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 269 | ମୂଲ୍ୟ ₹୭/-




## କେନ୍ଦୁଝର ମେଡିକାଲ କଲେଜରେ ୧୦୦ ସିଟ୍‌କୁ ଅନୁମତି

### ୨୦୨୨-୨୩ ଶିକ୍ଷାବର୍ଷରୁ ପାଠପଢ଼ା ହେବ

**କେନ୍ଦୁଝର,୨୩।୮(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ସହର ନିକଟ କବିତାଠାରେ ନୂତନ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିବା ବେଳେ ଚଳିତ ବର୍ଷଠାରୁ ୧୦୦ଜଣ ଛାତ୍ରୀଛାତ୍ରଙ୍କ ନାମ ଲେଖିବା ନେଇ ଅନୁମତି ମିଳିଛି। ୨୦୨୨-୨୩ ଆର୍ଥିକ ବର୍ଷରୁ ଏଠାରେ ପିଲା ପାଠ ପଢ଼ିବେ। ଏଥିପାଇଁ ଜାତୀୟ ମେଡିକାଲ କମିଶନ ଅନୁମତି ଦେଇଛନ୍ତି। ଚିଠି (ନଂ.୦୩୨୧୧୭/୨୩।୮।୨୨)ରେ କମିଶନ କଲେଜର ଡିନ୍ ଓ ଅଧ୍ୟକ୍ଷଙ୍କୁ ଚିଠି କରି ଗାଇଡ ଲାଇନ ଅନୁଯାୟୀ ସୁବ୍ୟବସ୍ଥା କରିବାକୁ କହିଛନ୍ତି। ☞ପୃଷ୍ଠା-୪

# ସ୍କୁଲ ଫି' ପାଇଁ ପିଲାଙ୍କୁ ବନ୍ଦୀ

### ଅଭିଭାବକଙ୍କ ଧାରଣା, ମାମଲା ରୁଜୁ

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ସ୍କୁଲ ଫି' ନ ଦେବାରୁ ଭୁବନେଶ୍ୱର ଘାଟିକିଆସ୍ଥିତ ଏପିଜେ ପବ୍ଲିକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ୩୪ଜଣ ଛାତ୍ରୀଛାତ୍ରଙ୍କୁ ୫ଘଣ୍ଟା ଧରି ବନ୍ଦ ରଖାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଭାବକମାନେ ମଙ୍ଗଳବାର ସ୍କୁଲ ଆଗରେ ଧାରଣା ଦେବା ସହିତ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଭରତପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଉକ୍ତ ବିଦ୍ୟାଳୟର ସିଇଓ, ଭାଇସ୍ ପ୍ରିନ୍ସିପାଲ ଏବଂ ଆଡ୍‌ମିନ୍ ମ୍ୟାନେଜରଙ୍କ ବିରୋଧରେ ଆଇପିସି ଦଫା ୩୪୨, ୩୪ ଏବଂ ଜୁଭେନାଇଲ ଜଷ୍ଟିସ ଆକ୍ଟର ଦଫା ୭୫ରେ ଏକ ମାମଲା(୩୩୮/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଭରତପୁର ଥାନା ଅନ୍ତର୍ଗତ ଏପିଜେ ପବ୍ଲିକ୍ ସ୍କୁଲରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପିଲା ପଢ଼ୁଛନ୍ତି। ପିଲାମାନଙ୍କ ଏବେ ପରୀକ୍ଷା ଚାଲିଛି। ସୋମବାର ପୂର୍ବାହ୍ନ ସାଢ଼େ ୯ଟାରେ ପରୀକ୍ଷା ଶେଷ ହେବାପରେ ବିଭିନ୍ନ କ୍ଲାସ୍ ରୁମ୍‌ରୁ କିଛି କିଛି ପିଲାଙ୍କୁ ବ୍ୟାଗ୍ ନେଇ ବାହାରକୁ ଆସିବା ପାଇଁ ସ୍କୁଲ ଶିକ୍ଷକ କହିଥିଲେ। ☞ପୃଷ୍ଠା-୪

## ଯୁକ୍ତ୨ରେ ତ୍ରୈମାସିକ ପରୀକ୍ଷା

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ଚଳିତବର୍ଷ ମଧ୍ୟ ଯୁକ୍ତ୨ରେ ତ୍ରୈମାସିକ ପରୀକ୍ଷା ବା କ୍ୱାର୍ଟର ଏଣ୍ଡ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)କୁ ମଙ୍ଗଳବାର ଚିଠି ଲେଖାଯାଇ ଅବଗତ କରାଯାଇଛି। ପରୀକ୍ଷାକୁ ନେଇ ବହୁ ବିଚାରବିମର୍ଶ କରାଯିବା ପରେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ରେ ତ୍ରୈମାସିକ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଥିବା ଚିଠିରେ ଉଲ୍ଲେଖ ହୋଇଛି। ତେଣୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ବିଭାଗ ପକ୍ଷରୁ ପରିଷଦକୁ କୁହାଯାଇଛି। ଜୁନ୍ ୧୮ରୁ କଲେଜ ଖୋଲିଥିଲେ ମଧ୍ୟ ତ୍ରୈମାସିକ ପରୀକ୍ଷା ହେବ କି ନାହିଁ ସେ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସ୍ପଷ୍ଟ କରି ନ ଥିଲା। ଫଳରେ ଛାତ୍ରୀଛାତ୍ର ଚିନ୍ତାରେ ଥିଲେ। ତେବେ ମଙ୍ଗଳବାର ବିଭାଗ ପକ୍ଷରୁ ଏ ନେଇ ☞ପୃଷ୍ଠା-୪




## ବଳାତ୍କାର ଭିଡିଓ ପୋଷ୍ଟକଲେ ଇଟାଲୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ

**ରୋମ, ୨୩।୮:** ଇଟାଲୀର ପ୍ରଧାନମନ୍ତ୍ରୀ ଦୌଡ଼ରେ ଥିବା ଦକ୍ଷିଣପନ୍ଥୀ ନେତ୍ରୀ ଜିଓରଜିଆ ମେଲୋନି ଟୁଇଟରରେ ୟୁକ୍ରେନୀୟ ମହିଳାଙ୍କ ବଳାତ୍କାର ଭିଡିଓ ପୋଷ୍ଟ କରି ବିବାଦରେ ଫସିଛନ୍ତି। ଏହାକୁ ନେଇ ମେଲୋନିଙ୍କ ବିପକ୍ଷବାଦୀ ରାଜନୈତିକ ଦଳ ସମେତ ମାନବାଧିକାର କର୍ମୀ ସମାଲୋଚନା କରିଛନ୍ତି। ବିବାଦ ତୀବ୍ର ହେବାରୁ ଟୁଇଟର ଏହି ଭିଡିଓକୁ ହଟାଇଦେଇଛି। ଏପରି ଭିଡିଓ ଟୁଇଟର୍‌ର ନୀତିକୁ ଉଲ୍ଲଂଘନ କରୁଥିବା ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ପକ୍ଷରୁ କୁହାଯାଇଛି। ଏକ ନ୍ୟୁଜପେପର ୱେବ୍‌ସାଇଟ୍‌ରେ ପ୍ରକାଶିତ ବ୍ଲର୍‌ଡ (ଅସ୍ପଷ୍ଟ) ଭିଡିଓକୁ ୪୫ ବର୍ଷୀୟ ମେଲୋନି ଟୁଇଟ୍‌ରେ ଶେୟାର କରିଥିଲେ। ଯୌନହିଂସାର ଏଭଳି ଦୃଶ୍ୟ ଦେଖି ସେ ଚୁପ୍ ହୋଇରହିପାରିବେ ନାହିଁ ବୋଲି ଟୁଇଟ୍ କରିଥିଲେ। ବିବାଦ ପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ଏହି ଭିଡିଓ ପଛରେ ତାଙ୍କର ଉଦ୍ଦେଶ୍ୟ ଥିଲା ଏଭଳି ଅତ୍ୟାଚାରକୁ ନିନ୍ଦା କରିବା, ପୀଡ଼ିତାଙ୍କୁ ସମବେଦନା ଜଣାଇବା ଏବଂ ସେମାନଙ୍କ ପାଇଁ ନ୍ୟାୟ ଦାବି କରିବା।



ଜିଓରଜିଆ ମେଲୋନି

ଆଜିର ସମ୍ପାଦକୀୟ | ସୁନ୍ଦରୀ ପ୍ରତିଯୋଗିତା






KP GROUP
Quality Since 1965

Safal
PAN MASALA

କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ




ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।

0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ‘ରାଜ୍ୟରେ ବଡ଼ ନିଯୁକ୍ତିଦାତା ପାଲଟିଛି ବ୍ୟାଙ୍କ’

**ଭୁବନେଶ୍ୱର,୨୩।୮**

ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଅନେକ ସୁବିଧା ସୁଯୋଗ ରହିଥିବା ଆଇସିଆଇସିଆଇ ବ୍ୟାଙ୍କର ଆଧୁନିକ ଫୋନ୍ ବ୍ୟାଙ୍କିଙ୍ଗ୍ କେନ୍ଦ୍ରକୁ ଉଦ୍‌ଘାଟନ କରି ସେ ଅତ୍ୟନ୍ତ ଆନନ୍ଦିତ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏଥିରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ରୋବୋଟିକ୍ସ ଭଳି ସଦ୍ୟତମ ପ୍ରଯୁକ୍ତି ଜ୍ଞାନକୌଶଳକୁ ବ୍ୟବହାର କରାଯାଇଛି ବୋଲି ମଙ୍ଗଳବାର ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ମୈତ୍ରୀବିହାରଠାରେ ଏକ ଷ୍ଟେଟ୍-ଅଫ୍-ଦି-ଆର୍ଟ ଫୋନ୍ ବ୍ୟାଙ୍କିଙ୍ଗ୍ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ବ୍ୟାଙ୍କର ଶାଖା ଓ ଏଟିଏମ୍‌ର ବ୍ୟାପକ ନେଟ୍‌ୱର୍କ୍, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ ମୋବାଇଲ୍ ଆପ୍ ଜରିଆରେ ରାଜ୍ୟର ଲୋକମାନଙ୍କୁ ଆଇସିଆଇସିଆଇ ବ୍ୟାଙ୍କ୍ ସେବା ପ୍ରଦାନ କରୁଛି। ରାଜ୍ୟରେ ଏହି ବ୍ୟାଙ୍କ ମଧ୍ୟ ଏକ ବଡ଼ ନିଯୁକ୍ତିଦାତା ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେହିଭଳି ବ୍ୟାଙ୍କ ସେବା ପ୍ରଦାନ କରିବା ବ୍ୟତୀତ ତା’ର ସିଏସ୍‌ଆର୍ କାର୍ଯ୍ୟକ୍ରମ ଜରିଆରେ ମଧ୍ୟ ବିଭିନ୍ନ ସାମାଜିକ ନିରନ୍ତରତା ଓ ଅନ୍ତର୍ଭୁକ୍ତୀକରଣ ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ ରହିଛି। ବିଶେଷକରି ଏହି କେନ୍ଦ୍ରରେ ୧,୨୦୦ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଶାର ଲୋକ ଏବଂ ସେମାନଙ୍କ ମଧ୍ୟରୁ ୬୦% ମହିଳା। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) ଓ ରୋବୋଟିକ୍ସର ଶକ୍ତି ଥିବା ଏହି କେନ୍ଦ୍ର ସାରା ଦେଶରେ ବ୍ୟାଙ୍କର ରିଟେଲ ବ୍ୟବସାୟ ଓ କର୍ପୋରେଟ୍ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ଲାଗି ସବୁ ପ୍ରକାର ସୁବିଧା ସୁଯୋଗ ସହ ପ୍ରସ୍ତୁତ ରହିଛି। ଏହା ଭିଡିଓ କେୱାଇସି ଜରିଆରେ ଖାତା ଖୋଲିବା ଲାଗି ମଧ୍ୟ ସୁବିଧା ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ବାତ୍ରା କହିଛନ୍ତି, ଓଡ଼ିଶାର ରୂପାନ୍ତରଣରେ ଡିଜିଟାଲକରଣ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯାହା ଶିକ୍ଷା, ଟେଲିକମ୍, ଜମି ରେକର୍ଡ ଓ ବିପର୍ଯ୍ୟୟ ପରିଚାଳନା ଆଦି କ୍ଷେତ୍ରରେ ଅନେକ ପ୍ରକାର ଡିଜିଟାଲ ସେବା ପ୍ରଦାନ କରୁଛି। ଏହି ରାଜ୍ୟ ଶହ ଶହ ସେବାକୁ ଅନ୍‌ଲାଇନ୍‌ରେ ଉପଲବ୍ଧ କରାଇବା ସହ ନାଗରିକମାନଙ୍କୁ ଅତୁଳନୀୟ ସୁବିଧା ପ୍ରଦାନକରି ସେମାନଙ୍କ ପ୍ରଗତି ଓ



ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଫୋନ୍ ବ୍ୟାଙ୍କିଙ୍ଗ୍ କେନ୍ଦ୍ର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ବାତ୍ରା। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

**■ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଫୋନ୍ ବ୍ୟାଙ୍କିଙ୍ଗ୍ କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**
**■ ୧,୨୦୦ ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ**
**■ ସାରା ଦେଶର ଗ୍ରାହକଙ୍କୁ ସେବା ଯୋଗାଇବ**

ଅଭିବୃଦ୍ଧିରେ ସହାୟକ ହୋଇଛି। ପ୍ରଯୁକ୍ତି ଜ୍ଞାନକୌଶଳକୁ ବ୍ୟବହାର କରି ରାଜ୍ୟ ତା’ର ନାଗରିକମାନଙ୍କୁ ଉନ୍ନତ ସୁବିଧା ସୁଯୋଗ ପ୍ରଦାନ କରିବା ଭଳି ସମାନ ଦର୍ଶନ ଆଇସିଆଇସିଆଇ ବ୍ୟାଙ୍କରେ ରହିଛି। ସେଥିପାଇଁ ବ୍ୟାଙ୍କ ରାଜ୍ୟରେ ଏକ ବିଶ୍ୱାସଯୋଗ୍ୟ ବ୍ରାଣ୍ଡରେ ପରିଣତ ହୋଇଛି, ଯେଉଁଥିପାଇଁ ଆମର ମୋଟ ସମ୍ପତ୍ତି ଓ ଜମାରେ ଦୃଢ଼ ଅଭିବୃଦ୍ଧି ହୋଇପାରିଛି। ଆମ ଉପରେ ବିଶ୍ୱାସ ପ୍ରକଟ କରିଥିବାରୁ ସେ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଅପରପକ୍ଷରେ ବ୍ୟାଙ୍କ ଓଡ଼ିଶାରେ ୧୬୮ ଶାଖା ଏବଂ ୨୭୧ ଏଟିଏମ୍‌ର ନେଟ୍‌ୱର୍କ ସହ କଲ୍ ସେଣ୍ଟର, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ ମୋବାଇଲ ଆପ୍ଲିକେଶନ ଆଦି ଜରିଆରେ ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଛି। ବ୍ୟାଙ୍କ ପକ୍ଷରୁ ସଞ୍ଚୟ ଓ ଚଳନ୍ତି ଖାତା ଭଳି ବ୍ୟାପକ ବର୍ଗର ଖାତା, ମିଆଦୀ ଜମା ଓ ରିକରିଂ ଡିପୋଜିଟ୍ ପରି ଜମା ଏବଂ ଗୃହଋଣ, ବ୍ୟକ୍ତିଗତ ଋଣ, ଗାଡ଼ି ଋଣ, ସୁନାଋଣ, ବ୍ୟବସାୟ ଋଣ ଭଳି ଋଣ ଏବଂ ଓଭରଡ୍ରାଫ୍ଟ ଓ କ୍ରେଡିଟ୍ କାର୍ଡ ଆଦି ପ୍ରଦାନ କରୁଛି। ବିଗତ ବର୍ଷଗୁଡ଼ିରେ ବ୍ୟାଙ୍କ୍ ରାଜ୍ୟରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି ଏବଂ ବର୍ଷକୁ ବର୍ଷ ଭାବେ ୨୦୨୧-୨୨ ଆର୍ଥିକ ବର୍ଷରେ ରିଟେଲ୍ ଋଣ ଆବଣ୍ଟନ ୨୫% ବୃଦ୍ଧି ପାଇ ୫,୨୦୦ କୋଟି ଟଙ୍କା ହୋଇଛି। ଏପରିକି ରାଜ୍ୟର ଗ୍ରାମୀଣ ଲୋକଙ୍କୁ ସଶକ୍ତ କରିବା ଲାଗି ଅଇସିଆଇସିଆଇ ବ୍ୟାଙ୍କ୍ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ଉଦ୍ୟମିତାର ଭାବକୁ ସମର୍ଥନ କରାଯାଉଛି। ବ୍ୟାଙ୍କ୍ ପକ୍ଷରୁ ୪୫୦୦ରୁ ଅଧିକ ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନ କରାଯାଇଛି, ଯଦ୍ୱାରା ୫୦,୦୦୦ରୁ ଅଧିକ ମହିଳା ଉପକୃତ ହୋଇଛନ୍ତି। ବ୍ୟବସାୟ ବାହାରେ ଆଇସିଆଇସିଆଇ ଗ୍ରୁପ୍‌ର ସିଏସ୍‌ଆର୍ ଶାଖା ଆଇସିଆଇସିଆଇ ଫାଉଣ୍ଡେଶନ ଫର ଇନକ୍ଲୁସିଭ୍ ଗ୍ରୋଥ୍ ପକ୍ଷରୁ ଗ୍ରାମୀଣ ଗୋଷ୍ଠୀଙ୍କୁ ସହାୟତା ଲାଗି ଗ୍ରହଣ କରାଯାଉଥିବା ଅଭିଯାନଗୁଡ଼ିକରେ ବ୍ୟାଙ୍କ୍ ପ୍ରତ୍ୟକ୍ଷ ଭାବେ ଯୋଡ଼ି ହେଉଛି। ଆଇସିଆଇସିଆଇ ଫାଉଣ୍ଡେସନ୍ ଗ୍ରାମାଂଚଳରେ ବଂଚିତ ବର୍ଗର ୬୦୦୦ରୁ ଅଧିକ ଲୋକଙ୍କୁ ନିରନ୍ତର ଜୀବନଜୀବିକା ପ୍ରଦାନ କରୁଛି। ଓଡ଼ିଶାର ୩୦୦୦ରୁ ଅଧିକ ବଂଚିତ ବର୍ଗର ଯୁବକଯୁବତୀଙ୍କୁ ଏହାବିନା ମୂଲ୍ୟରେ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ଏବଂ ନିଯୁକ୍ତ ପାଇବା କିମ୍ବା ନିଜର ସଂସ୍ଥା ସ୍ଥାପନ କରିବାରେ ସହଯୋଗ କରୁଛି।

# ମୁଖ୍ୟ ଶାସନ ସଚିବ ପଦବୀକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୨୩।୮(ବ୍ୟୁରୋ)**

**■ ବଢ଼ିପାରେ ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ**
**■ ଦୌଡ଼ ଆଗରେ ପ୍ରଦୀପ ଜେନା**

ଅଗଷ୍ଟ ୩୧ ତାରିଖରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କର ବର୍ଦ୍ଧିତ ୬ ମାସିଆ କାର୍ଯ୍ୟକାଳ ଶେଷହେବାକୁ ଯାଉଛି। ତାଙ୍କ ପରେ ଆଗାମୀ ମୁଖ୍ୟ ଶାସନ ସଚିବ କିଏ ହେବେ ସେ ନେଇ ଚର୍ଚ୍ଚା ଜୋର ଧରିଛି। ବିଶ୍ୱାସଭାଜନ ଓ ଦକ୍ଷ ବରିଷ୍ଠ ଓଡ଼ିଆ ଆଇଏଏସ୍ ଅଫିସରଙ୍କୁ ଏହି ପଦବୀରେ ବସାଇବାକୁ ରାଜ୍ୟ ସରକାର ଯୋଜନା କରୁଥିବା ଶୁଣିବାକୁ ମିଳୁଛି। ପୂର୍ବରୁ ଓଡ଼ିଆ ଆଇଏଏସ୍ ଅଫିସର ମୁଖ୍ୟ ଶାସନ ସଚିବ ପଦବୀରେ ବସିବା ପରମ୍ପରା ଚାଲି ଆସିଛି। ତେବେ ଏହି ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ପାଇଁ ସଚ୍ଚୋଟ ଅଫିସର ଖୋଜା ଚାଲିଛି।

ବରିଷ୍ଠତା ତାଲିକାରେ ୧୯୮୬ ବ୍ୟାଚ୍ ଆଇଏଏସ୍ ଅଫିସର ଜି.ଭି.ଭି. ଶର୍ମା, ସୁଦର୍ଶନ ପାଲ ଠାକୁର, ୧୯୮୭ ବ୍ୟାଚ୍‌ର ତୁହିନକାନ୍ତ ପାଣ୍ଡେ, ନିକୁଞ୍ଜ କିଶୋର ସୁନ୍ଦରରାୟ, ଆର.କେ. ଶର୍ମା, ରାଜେଶ ବର୍ମା, ୧୯୮୮ ବ୍ୟାଚ୍‌ର ସି.ଜେ. ଭେନୁଗୋପାଲ, ପ୍ରଦୀପ୍ତ କୁମାର ମହାପାତ୍ର ରହିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୫ ଜଣ ଏବେ କେନ୍ଦ୍ରୀୟ ଡେପୁଟେଶନରେ ରହିଛନ୍ତି।

ମୁଖ୍ୟ ଶାସନ ସଚିବ ଦୌଡ଼ରେ ୧୯୮୮ ବ୍ୟାଚ୍ ଆଇଏଏସ୍ ଅଫିସର ପ୍ରଦୀପ୍ତ ମହାପାତ୍ର ଓ ୧୯୮୯ ବ୍ୟାଚ୍‌ର ପ୍ରଦୀପ ଜେନାଙ୍କ ନାମ ଚର୍ଚ୍ଚାରେ ରହିଛି। ତେବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଶ୍ରୀମନ୍ଦିର ପ୍ରଶାସକ ଥିବା ବେଳେ ତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିଥିଲା। ଏଥିଯୋଗୁ ତାଙ୍କୁ ମୁଖ୍ୟ ଶାସନ ସଚିବ ପଦବୀରେ ନ ବସାଇବାକୁ ସରକାର ବିଚାର କରୁଥିବା କୁହାଯାଉଛି। ଏହି ପଦବୀ ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ନାମ ଆଗରେ ରହିଛି। ପ୍ରଦୀପ ବିଭିନ୍ନ ବିଭାଗରେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ତେବେ ସରକାର ତାଙ୍କ ଉପରେ ସେତେଟା ଭରସା କରିପାରୁ ନ ଥିବା ନେଇ ଆଲୋଚନା ହେଉଛି। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ୨୦୨୨ ଫେବୃୟାରୀରୁ ଅବସର ନେଇଥିଲେ ମଧ୍ୟ ସରକାର ତାଙ୍କ ଉପରେ ପୁଣି ଭରସା କରି କାର୍ଯ୍ୟକାଳ ଆଉ ୬ ମାସ ବଢ଼ାଇଛନ୍ତି। ଚଳିତ ମାସ ୩୧ ତାରିଖରେ ତାଙ୍କର କାର୍ଯ୍ୟକାଳ ପୂରିବାକୁ ଯାଉଛି। ମାତ୍ର ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ଆଉ ୬ ମାସ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଥିବା ନେଇ ଚର୍ଚ୍ଚା ହେଉଛି। ତେବେ ଆଉ ସପ୍ତାହକ ପରେ ରାଜ୍ୟକୁ ନୂଆ ଶାସନ ସଚିବ ମିଳିବେ ନା ସରକାର ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ଆଉ ୬ ମାସ ବଢ଼ାଇବେ ତାହା ଉପରେ ଏବେ ସମସ୍ତଙ୍କ ନଜର।

ସୂଚନାଥାଉ କି, ପ୍ରଦୀପ ଜେନା ଆସନ୍ତା ୨୦୨୪ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିବେ। ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ଯଦି ୬ ମାସ ବଢ଼ାଯାଏ ତେବେ ୨୦୨୩ ଫେବୃୟାରୀରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ଏହା ପରେ ମଧ୍ୟ ପ୍ରଦୀପ ଜେନାଙ୍କ ପାଇଁ ସୁଯୋଗ ରହିଛି। ସରକାର ଯଦି ତାଙ୍କୁ ମୁଖ୍ୟ ଶାସନ ସଚିବ ନିଯୁକ୍ତି କରନ୍ତି ତେବେ ୧୦ ମାସ ପାଇଁ ଏହି ପଦବୀରେ ରହିପାରିବେ।

# ‘ଭିଏଲ୍-ଏସ୍‌ଆରଏସ୍‌ଏମ୍’ର ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୨୩।୮**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ରେ ମଙ୍ଗଳବାର ‘ଭିଏଲ୍-ଏସ୍‌ଆରଏସ୍‌ଏମ୍’ କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହୋଇଛି। ଭାରତୀୟ ନୌସେନା ଓ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାନ (ଡିଆର୍‌ଡିଓ) ପକ୍ଷରୁ ମିଳିତ ଭାବେ ଏହି ପରୀକ୍ଷଣ କରାଯାଇଛି।

ଭାରତୀୟ ନୌସେନାର ଏକ ଜାହାଜରୁ ଏହି କ୍ଷେପଣାସ୍ତ୍ରକୁ ଉତ୍‌କ୍ଷେପଣ କରାଯାଇଥିଲା। ଏହା ପୂର୍ବରୁ ନିର୍ଦ୍ଧାରିତ ସମୟରେ ଉତ୍‌କ୍ଷେପଣ ହୋଇଥିବା ଏକ ହାଇସ୍ପିଡ ଏରିଅଲ ଟାର୍ଗେଟକୁ ନିର୍ଭୁଲ୍ ଭାବେ ହିଟ୍ ସହ ନଷ୍ଟ କରିବାରେ ସମ୍ପୂର୍ଣ୍ଣ ସଫଳ ହୋଇଥିଲା। ପରୀକ୍ଷଣ ସମୟରେ ସମସ୍ତ ପାରାମିଟର ମଧ୍ୟ ସ୍ୱାଭାବିକ ଭାବେ କାର୍ଯ୍ୟ କରିଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଓ ଆକଳନ ଅନୁସାରେ ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିବା ସହ ପରୀକ୍ଷଣ ସଫଳ ହୋଇଥିବା କୁହାଯାଇଛି। ‘ଭିଏଲ-ଏସଆରଏସଏମ୍’ ସିଷ୍ଟମ୍ ସ୍ୱଦେଶୀ ଜ୍ଞାନକୌଶଳରେ ଡିଆରଡିଓ ନିର୍ମାଣ ଓ ବିକଶିତ କରିଛି। ପରୀକ୍ଷଣ ସମୟରେ ଉଭୟ ଭାରତୀୟ ନୌସେନା ଏବଂ ଡିଆର୍‌ଡିଓର ବରିଷ୍ଠ ବୈଜ୍ଞାନିକ ଓ ଅଧିକାରୀ ଚାନ୍ଦିପୁରରେ ଉପସ୍ଥିତ ଥିଲେ। ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପରେ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଆର୍‌ଡିଓ, ଭାରତୀୟ ନୌସେନା ଏବଂ ସହଯୋଗୀ ଦଳଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।


‘ଭିଏଲ-ଏସଆରଏସଏମ୍’ର ପରୀକ୍ଷଣ।

ପୂର୍ବରୁ ବାଲେଶ୍ୱର ଉପକୂଳରୁ ଏକାଧିକ ପରୀକ୍ଷଣ ଭାରତୀୟ ନୌସେନା ସଫଳତାର ସହ ଶେଷ କରିସାରିଛି। ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ମଧ୍ୟ ଡିଆରଡିଓ ଦ୍ୱାରା ନିର୍ମିତ ଓ ବିକଶିତ ଏକାଧିକ ମିଶାଇଲ ସଫଳତାର ସହ ପରୀକ୍ଷଣ ହୋଇଛି।

# ମଙ୍ଗଳରେ ଜଳ ଥିବା ସ୍ଥାନ ଚିହ୍ନଟ

**ନୂଆଦିଲ୍ଲୀ,୨୩।୮**



ପୃଥିବୀର ନିକଟତମ ଗ୍ରହ ମଙ୍ଗଳରେ ଏକଦା ଜଳ ରହିଥିବା ସମ୍ପର୍କରେ ପୂର୍ବରୁ ସୂଚନା ମିଳିଥିଲା। ତେବେ ଏହି ଜଳ ରହିଥିବା ନିର୍ଦ୍ଦିଷ୍ଟ ସ୍ଥାନର ମ୍ୟାପ୍ ପ୍ରଥମ ଥର ପାଇଁ ୟୁରୋପୀୟ ମହାକାଶ ସଂସ୍ଥା (ଇଏସ୍‌ଏ) ପ୍ରକାଶ କରିଛି। ଫଳରେ ଭବିଷ୍ୟତରେ ମଙ୍ଗଳକୁ ମାନବ ମିଶନ ବେଳେ ଜଳ ଖୋଜି ପାଇବା ସହଜ ହୋଇପାରିବ। ମଙ୍ଗଳ ପୃଷ୍ଠରେ ପୂର୍ବରୁ ଜଳରାଶି ଥିଲା। ତେବେ ୧୦୦ କୋଟିରୁ ଊର୍ଦ୍ଧ୍ୱ ବର୍ଷର ବିବର୍ତ୍ତନ ଫଳରେ ତାହା ବିଲୁପ୍ତ ହୋଇଯାଇଛି। ରାସାୟନିକ ଓ ବର୍ଣ୍ଣକ୍ରମୀୟ ବିଶ୍ଳେଷଣରୁ ଲାଲ୍ ଗ୍ରହରେ ଏକଦା ନଦୀ ଓ ହ୍ରଦ ଥିବା ସ୍ପଷ୍ଟ ହୋଇଛି। ମଙ୍ଗଳ ପୃଷ୍ଠରେ ମଣିଷ ପାଦ ଦେବା ପୂର୍ବରୁ ଏହି ମ୍ୟାପ୍ ସେଠାରେ ଜଳ ଉତ୍ସ ସନ୍ଧାନରେ ସହାୟକ ହୋଇପାରିବ ବୋଲି କୁହାଯାଉଛି। ଜଳ ବ୍ୟତୀତ ସେଠାରେ ବିଭିନ୍ନ ଖଣିଜ ପଦାର୍ଥ ଥିବା ସ୍ଥାନ ମଧ୍ୟ ଚିହ୍ନଟ ହୋଇଛି।

# ଖୁଣ୍ଟରେ ପିଟିହୋଇ ୨ ମୃତ

**କୁତ୍ରା, ୨୩।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ନିକଟ ୧୦ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱ ଖୁଣ୍ଟରେ ପିଟିହୋଇ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ତେଲିଘଣାସ୍ଥିତ ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ କାରଖାନାରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବିହାର ଅଞ୍ଚଳର ଅକ୍ଷୟ କୁମାର (୨୮), ଦିପୁ କୁମାର ତିବାରି(୨୫), ଝାଡ଼ଖଣ୍ଡ ଅଞ୍ଚଳର ସୁଶୀଲ କୁମାର ପାଲ(୨୧) ସୋମବାର ସନ୍ଧ୍ୟା ୭ଟାରେ ବାଇକ୍‌ରେ ଯାଉଥିଲେ। କୁତ୍ରା ଥାନା ନିକଟରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲେ। ଫଳରେ ସେମାନେ ବାଇକ୍‌ରୁ ଛିଟିକିପଡ଼ି ଏକ ବିଲରେ ପଡ଼ିଥିଲେ। ବିଳମ୍ବିତ ରାତିରେ ପୋଲିସ ଖବରପାଇ ଘଟଣାସ୍ଥଳକୁ ଯାଇଥିଲା। ଖୋଜାଖୋଜି କରି ବିଲରେ ପଡ଼ିଥିବା ୩ଜଣଙ୍କୁ କୁତ୍ରା ଡାକ୍ତରଖାନାକୁ ଆଣିଥିଲା। ଡାକ୍ତର ଅକ୍ଷୟ ଓ ସୁଶୀଲଙ୍କୁ ମୃତ ଘୋଷଣା କରିଥିଲେ। ଦିପୁଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ଏନେଇ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅଭିନେତ୍ରୀ ପ୍ରକୃତି ମିଶ୍ର

**କଟକ ଅଫିସ,୨୩।୮**

**ପୋଲିସ ତଦନ୍ତରେ ମନ୍ଥରତା**

ବାବୁସାନ୍-ତୃପ୍ତି-ପ୍ରକୃତି ହାଇପ୍ରୋଫାଇଲ ବିବାଦର ଠିକ୍ ମାସେ ପରେ ମାମଲା ଏବେ ଏକ ନୂଆ ମୋଡ଼ ନେଇଛି। ଅଭିନେତ୍ରୀ ପ୍ରକୃତି ମିଶ୍ର ଗତ ଜୁଲାଇ ୨୩ ତାରିଖରେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାର ତଦନ୍ତରେ ପୋଲିସ ମନ୍ଥରତା ପ୍ରଦର୍ଶନ କରୁଥିବା ଅଭିଯୋଗ କରି ମଙ୍ଗଳବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି କି ପୋଲିସ କୋହଳ ଦଫା ଲଗାଇ ମାମଲାକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି ବୋଲି ପ୍ରକୃତି ଅଭିଯୋଗ କରିଛନ୍ତି। ପ୍ରକୃତି ବମ୍ବେରୁ ଫେରି ହାଇକୋର୍ଟରେ ପହଞ୍ଚି ମାମଲା ରୁଜୁ କରିବା ସହ ନ୍ୟାୟ ବ୍ୟବସ୍ଥା ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି ବୋଲି କହିଛନ୍ତି।

ସୂଚନାନୁସାରେ, ଗତ ଜୁଲାଇ ୨୩ ତାରିଖ ସକାଳ ପ୍ରାୟ ୭ଟା ସମୟରେ ଚେନ୍ନାଇ ଯିବା ପାଇଁ ବାବୁସାନ୍ ଏବଂ ପ୍ରକୃତି କାର ଯୋଗେ ଭୁବନେଶ୍ୱର ବିମାନବନ୍ଦରକୁ ବାହାରିଥିବା ବେଳେ ବାବୁସାନ୍‌ଙ୍କ ପତ୍ନୀ ତୃପ୍ତି ଅନ୍ୟମାନଙ୍କ ସହଯୋଗରେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ତାଙ୍କର ଚରିତ୍ର ସଂହାର କରାଯିବା ସହ ସୋସିଆଲ ମିଡିଆରେ ପ୍ରକୃତିଙ୍କୁ ନାନା ଭାବରେ ବଦ୍‌ନାମ କରାଯାଇଥିଲା। ପ୍ରକୃତିଙ୍କୁ ଗାଡ଼ି ଭିତରୁ ଟାଣି ଆଣି ବାବୁସାନ୍‌ଙ୍କ ସ୍ତ୍ରୀ ଏବଂ କେତେକ ଲୋକ ମାଡ଼ ମାରୁଥିବା ଭିଡିଓ ଭାଇରାଲ ହେବା ଜାଣିବା ପରେ ତାଙ୍କ ମା’ କୃଷ୍ଣପ୍ରିୟା ମିଶ୍ର ଖାରବେଳ ନଗର ଥାନାର ଦ୍ୱାରସ୍ଥ ହୋଇ ତୃପ୍ତି ଏବଂ ତାଙ୍କ ବାପା ଲଳିତ ଶତପଥୀଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଖାରବେଳ ନଗର ପୋଲିସ ଆଇପିସି ଦଫା ୩୪୧, ୨୯୪, ୩୨୩, ୫୦୬, ୩୪ରେ ଏକ ମାମଲା(ନଂ. ୨୧୭/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାତ୍ର ଇତିମଧ୍ୟରେ ଏକ ମାସ ବିତିଯାଇଥିଲେ ବି ଉକ୍ତ ମାମଲାର ଅଗ୍ରଗତି ହେଉନାହିଁ। ପୋଲିସ ତଦନ୍ତରେ ମନ୍ଥରତା ପ୍ରଦର୍ଶନ କରୁଛି। ଏପରି କି ଉକ୍ତ ମାମଲାରେ ଯେଉଁସବୁ ଦଫା ଲଗାଇବା କଥା ତାହା କରୁ ନ ଥିବା ପ୍ରକୃତି ଅଭିଯୋଗ କରିଛନ୍ତି। ହାଇକୋର୍ଟରେ ମାମଲା ଦାଏର କରିବା ଅବସରରେ ପ୍ରକୃତି କହିଛନ୍ତି ଯେ, ମୋ ସାଙ୍ଗରେ ଯାହା ‘ନ୍ୟାୟ କି ଅନ୍ୟାୟ’ ହୋଇଛି ତାହା ଆପଣମାନେ ଦେଖିଛନ୍ତି, ପୂରା ଦୁନିଆ ଦେଖିଛି। ଅଦାଲତଙ୍କ ଉପରେ ମୋର ବହୁତ ବିଶ୍ୱାସ ଅଛି, ବହୁତ ଭରସା ଅଛି। ମୋତେ ନ୍ୟାୟ ନିଶ୍ଚୟ ମିଳିବ। ପ୍ରକୃତିଙ୍କ ଓକିଲ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ କହିଛନ୍ତି ଯେ, ପୋଲିସ ପ୍ରକୃତିଙ୍କୁ ନ୍ୟାୟ ଦେଇପାରି ନାହିଁ। ଯେଉଁସବୁ ଆଇପିସିର ଧାରା ଏଥିରେ ଲଗାଯିବା କଥା ତାହା ଲଗାଯାଇନାହିଁ। ତେଣୁ ଗୃହ ସଚିବ ଓ ଖାରବେଳ ନଗର ଥାନା ଆଇଆଇସିଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି।

ପ୍ରକାଶ ଯେ, ଗତ ଶନିବାର ବାବୁସାନ୍ ଏକ ଭିଡିଓ ଜାରି କରି ନିକଟରେ ଘଟିଥିବା ଘଟଣାକୁ ନେଇ ସେ ଅନୁତପ୍ତ ବୋଲି ପ୍ରକାଶ କରିଥିଲେ। ଏଥିସହ ଭିଡିଓ ମାଧ୍ୟମରେ ସେ ଓଡ଼ିଶାବାସୀଙ୍କୁ କ୍ଷମା ମାଗିବା ସହ ଏଭଳି ଭୁଲ୍ ଆଉ କେବେ ହେବ ନାହିଁ ବୋଲି କହୁଥିବା ଦେଖିବାକୁ ମିଳିଥିଲା। ଏଥିରେ ସେ ଆହୁରି କହିଥିଲେ ଯେ, ସ୍ତ୍ରୀ ତୃପ୍ତି ଓ ଶ୍ୱଶୁର ଲଳିତଙ୍କ ନାଁରେ କେସ୍ ହୋଇଛି। ଏଥିପାଇଁ ତାଙ୍କ ପରିବାର ବହୁ କଷ୍ଟ ପାଉଛନ୍ତି। ସେମାନଙ୍କର କୌଣସି କ୍ଷତି ହେବାକୁ ଦେବିନି ବୋଲି ସେ ଉକ୍ତ ଭିଡିଓରେ ପ୍ରତିଶ୍ରୁତି ରଖିଥିଲେ। ଉକ୍ତ ଭିଡିଓ ଦେଖିବା ପରେ ବାବୁସାନ୍-ତୃପ୍ତି- ପ୍ରକୃତି ବିବାଦର ସମାଧାନ ଏକ ପ୍ରକାର ହୋଇଯିବ ବୋଲି ସମସ୍ତେ ଭାବୁଥିଲେ। ମାତ୍ର ମଙ୍ଗଳବାର ପ୍ରକୃତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ମାମଲା ଭିନ୍ନ ମୋଡ଼ ନେବାକୁ ଯାଉଛି। ଯଦି ପ୍ରକୃତିଙ୍କୁ ହୋଇଥିବା ଆକ୍ରମଣର ମାମଲା ଚାଲିବ, ତେବେ ପ୍ରକୃତିଙ୍କ ବିରୋଧରେ ତୃପ୍ତି କରିଥିବା ମାମଲାକୁ ମଧ୍ୟ ପୋଲିସ ଗୁରୁତ୍ୱ ଦେବ ବୋଲି ଆଇନଜୀବୀ ମତ ପ୍ରକାଶ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: .............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତା କନକ ପାତର
ତାକୁ ପାଟଶାଢ଼ୀ କେତେ ମାତର !**

ସ୍ୱାମୀ ଯାହାର ରାଜାଙ୍କ ଭଣ୍ଡାର ଘର ରକ୍ଷକ, ତାକୁ ପାଟଶାଢ଼ୀ ଅପୂର୍ବ ନୁହେଁ। ସ୍ୱାମୀ ଯୋଗ୍ୟ ଥିଲେ ସ୍ତ୍ରୀର କିଛି ଅଭାବ ରହି ନ ଥାଏ। ଚାହିଁଲେ ବା ଇଚ୍ଛା କଲା ମାତ୍ରେ ସବୁକିଛି ହାତମୁଠାକୁ ଆସିଯାଇଥାଏ। ସ୍ୱାମୀ ପାରିବାର ହୋଇଥିଲେ ସ୍ତ୍ରୀ ସୁଖ ଲାଭ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଘର କରୁଥିଲେ କଳି ହେଉଥାଏ
ପଡୁଥାଏ ପଦେ ପଦେ
ଯାହା ତ କହିବା ସଂସାରେ ରହିବା
କୋରଧ କିପାଇଁ ହୃଦେ?**

ସଂସାର ଭିତରେ ଘର କରିଥିଲେ ଅନେକ ଦୁଃଖ କଷ୍ଟ ସହିବାକୁ ପଡ଼ିଥାଏ। ତିକ୍ତ ଅନୁଭୂତିକୁ ପାଥେୟ କରି ବାଟ ଚାଲିବାକୁ ପଡ଼ିଥାଏ। ଜୀବନର ଝଡ଼ ଝଞ୍ଜାକୁ ଭ୍ରୂକ୍ଷେପ ନକରି ମନକୁ ସମ୍ଭାଳି ଆଗକୁ ବଢିବାକୁ ହୋଇଥାଏ। ସେହିପରି ଘର ପରିବାରରେ ଆତ୍ମୀୟଙ୍କ ସହ ଘଟିଥିବା ମନୋମାଳିନ୍ୟକୁ ଏଡାଇଯାଇ ସମସ୍ତଙ୍କ ସହ ହସଖୁସିରେ ଜୀବନ ବିତାଇଦେବା ହିଁ ଅସଲ ମଣିଷପଣିଆ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓଡ଼ିଆ ଫିଲ୍ମକୁ ଟୁଇଟ୍ ମାଧ୍ୟମରେ ଶୁଭେଚ୍ଛା ଜଣାଇଲେ ବିଗ୍ ବି

**ଭୁବନେଶ୍ୱର,୨୩।୮ (ବ୍ୟୁରୋ)**

ବିଗ୍ ବି ଅମିତାଭ ବଚ୍ଚନ ଟୁଇଟ ମାଧ୍ୟମରେ ଓଡ଼ିଆ ଫିଲ୍ମ 'ତୁ ମୋର ଓକେ'କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଫିଲ୍ମଟି ମୁକ୍ତିଲାଭ ହେବା ଆଗରୁ ସେ ଶୁଭେଚ୍ଛା ଜଣାଇବା ସହ ଶୀତଲ ଓ ଟିମ୍‌ଙ୍କୁ ବେଷ୍ଟ ଉଇସେସ୍ ବୋଲି ଟୁଇଟର୍ ମାଧ୍ୟମରେ ଲେଖିଛନ୍ତି। ଏଥିସହ ସେ ଦୟାନ୍ତ ନାମକ ଏକ ଆକାଉଣ୍ଟକୁ ଟ୍ୟାଗ୍ କରିଛନ୍ତି। ସେହି ଆକାଉଣ୍ଟରୁ ଜଣାପଡୁଛି ଯେ, ତାହା ଏକ ବିଜ୍ଞାପନ ଏଜେନ୍ସି, ଯାହା ଓଡ଼ିଆ ଫିଲ୍ମକୁ ପ୍ରୋମୋଟ କରାଇବାରେ ସାହାଯ୍ୟ କରିଥାଏ। ଅମିତାଭ ଟୁଇଟରେ ଉକ୍ତ ଫିଲ୍ମର ପୋଷ୍ଟର ମଧ୍ୟ ଶେୟାର କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜିତ ଚଳଚ୍ଚିତ୍ର 'ତୁ ମୋର ଓକେ'ରେ ଜ୍ୟୋତି ନାୟକ ଓ ଶୀତଲ ନାୟିକା ଭାବେ ଅବତୀର୍ଣ୍ଣ ହୋଇଛନ୍ତି। ମୃତ୍ୟୁଞ୍ଜୟ ସାହୁ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରେମ କାହାଣୀ ଉପରେ ଏହା ଆଧାରିତ।




# ସତ୍ୟେନ୍ଦ୍ର ଜୈନଙ୍କ ସ୍ତ୍ରୀଙ୍କୁ ଜାମିନ



ନୂଆଦିଲ୍ଲୀ,୨୩।୮: ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର କ୍ୟାବିନେଟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ସ୍ତ୍ରୀ ପୁନମ୍ ଜୈନଙ୍କୁ ମଙ୍ଗଳବାର ଦିଲ୍ଲୀର ଏକ ଅଦାଲତ ନିୟମିତ ଜାମିନ ମଞ୍ଜୁର କରିଛନ୍ତି। ପୂର୍ବରୁ ତାଙ୍କୁ ଅନ୍ତରୀଣ ଜାମିନ ଦିଆଯାଇଥିଲା। ସତ୍ୟେନ୍ଦ୍ରଙ୍କ ବିରୋଧରେ ସିବିଆଇ ୨୦୧୭ ଅଗଷ୍ଟ ୨୪ରେ ଦୁର୍ନୀତି ମାମଲା ରୁଜୁ କରିଥିଲା। ଏହାର ମନିଲଣ୍ଡରିଂ ଦିଗ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଚଳାଉଛି।

# classifieds

**Everyday**
0674-2580101, 2549302



MATRIMONIAL

**BRIDE WANTED**

**IT Engineer working in Pune, Age 34/5'4". Needed slim, Bengali / Kurmi Mahato bride, 25-30, 5'0"-5'4", contact: 7546843576.** D- 1310

Teli Groom 40/5'8" never married B.Tech(IIT) MS(USA) Ph.D(EU) Senior Lecturer(UK) Father Retired Bank Manager. 7588272410 amar.ncu@gmail.com. D-1277

**GROOM WANTED**

27 ବୟସ୍କା Government ଚାକିରିଆ ଗୋଟିଏ ଶିଶୁ ଥିବା ସୁନ୍ଦର ବ୍ରାହ୍ମଣ ଝିଅଙ୍କୁ any caste ପୁଅ ଦରକାର। 7008080967. D-1309

58 ବୟସ୍କା ଏକାକୀ ରହୁଥିବା ପେନ୍‌ସନ୍ ପାଉଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 8658185147. D-1316

ବୟସ-36, BSNL Department Job ସୁନ୍ଦର ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7894489867. D-1317



real estate

**SALE**

**Infocity-II, Madanpur** ପାଖରେ **2000sqft.**କୁ **24,00,000/-** ଟଙ୍କାରେ ପାଚେରି ସହ **plot** ବିକ୍ରିହେବ। **7978617023.** D-1270

**Bhubaneswar Sum Hospital** ପାଖ ଘଙ୍ଗାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ **30' road,** ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ **develop** ହୋଇ ମିଳୁଛି। **9090963952.** D-73300

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

**Bhubaneswar Sum Hospital 6K.M.** ଦୂରରେ କଣ୍ଟାବାଡ଼ଠାରେ **NH-16A** ରୋଡ୍‌ରୁ ୧୦୦ଫୁଟ ଛାଡ଼ି **30' ROAD,** ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। **9090963952.** D-74101

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299



construction

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295



healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

Newly open full body massage 1099 free massage one. Mo: 9583808247. D-1164

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open SPA positively health benefit with expert. Contact: 7749976301. D-73859

Newly open full body massage, ladies and gents. 7846923244. D-73956



astrology

ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ ''ଆଷ୍ଟ୍ରୋବାସ୍ତୁ ସମାଧାନ।'' 7978736177. D-68297

**AFFIDAVIT**

By an affidavit vide SL. No. 1984 dtd. 12.08.2022 I, Jharana Barik, D/o- Pramod Barik declare that in the LIC Policy bearing No.- 596723131 my name has been mentioned as Prabasini Barik instead of my corrent name Jharana Barik. Henceforth I declare that both Jharana Barik & Prabasini Barik is one & same person. D-1336

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ୩୫୦ରୁ ଉର୍ଦ୍ଧ୍ୱ କଇଁଛ ଉଦ୍ଧାର



ଜବତ କଇଁଛ।

## ଚୋରା କାରବାର ଉପରେ ବନ ବିଭାଗର ଚଢ଼ାଉ

**କାଳିମେଳା, ୨୩।୮ (ଡି.ଏନ.ଏ.)**

ଚୋରାରେ କଇଁଛ ବିକ୍ରି ଚାଲିଥିବା ବେଳେ ମାଲକାନଗିରି ଜିଲା କାଳିମେଳା ବନ ବିଭାଗ ଚଡାଉ କରି ବିପୁଳ ପରିମାଣର ଜିଅନ୍ତା କଇଁଛ ଜବତ କରିଛି । ଏହାର ଆନୁମାନିକ ବଜାର ମୂଲ୍ୟ ୨.୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଖବରରୁ ଜଣାପଡିଛି, କାଳିମେଳା ବ୍ଲକ ଟିଗଲ ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି-୬୫ ଗ୍ରାମରେ ଚୋରାରେ କଇଁଛ କାରବାର ଚାଲିଥିବା ନେଇ ବନ ବିଭାଗ କର୍ମଚାରୀଙ୍କ ନିକଟରେ ଖବର ପହଞ୍ଚିଥିଲା। ତତ୍‌କ୍ଷଣାତ୍ ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳେଇଙ୍କ ନିର୍ଦ୍ଦେଶରେ ଫରେଷ୍ଟ ଗାର୍ଡ ସୁଶାନ୍ତ ସ୍ୱାଇଁସ୍, ଶିବାନନ୍ଦ ଲେଙ୍କା, ପାରାଷ୍ଟାଫ ଜୟନ୍ତ ନାୟକ, ରୁଦ୍ର ହନ୍ତାଳ, ସୁରଜ ଦାସ, ଦିନେଶ ରାଓ, ମୁକେଶ ମାଡକାମି ପ୍ରମୁଖ କର୍ମଚାରୀ ବିଳମ୍ବ ନ କରି ଏମ୍‌ପିଭି-୬୫ ଗ୍ରାମରେ ପହଞ୍ଚି ହାଟପଦା ନିକଟରେ ବସ୍ତାରେ ବନ୍ଧା ହୋଇ ରଖାଯାଇଥିବା କଇଁଛ ଗୁଡିକୁ ଜବତ କରିଥିଲେ । ପ୍ରାୟ ୨୦ଟି ବସ୍ତାରୁ ୩୫୦ରୁ ଉର୍ଦ୍ଧ୍ୱ କଇଁଛ ଉଦ୍ଧାର କରାଯାଇଥିଲା । ଉଦ୍ଧାର ପରେ ସେଗୁଡ଼ିକୁ ବନବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଡିଏଫଓଙ୍କ ନିର୍ଦ୍ଦେଶ ପରେ କଇଁଛଗୁଡିକୁ ଏକ ନିର୍ଦ୍ଦିଷ୍ଟ ଜଳାଶୟରେ ଛଡାଯିବ ବୋଲି ରେଞ୍ଜର ଦଳେଇ କହିଛନ୍ତି। ତେବେ ଚଡାଉ ସମୟରେ ବନ ବିଭାଗ କର୍ମଚାରୀଙ୍କୁ ଦେଖି କଇଁଛ ବ୍ୟବସାୟୀମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇପାରିନାହିଁ।

ପ୍ରଥମ ପୃଷ୍ଠାରୁ...

## ଏଥର ଯୁକ୍ତ୨ରେ...

ସ୍ପଷ୍ଟ କରାଯାଇଛି। ଥିଓରୀ ଲାଗି ୨୦ ଓ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ୧୦ ମାର୍କର ପରୀକ୍ଷା ହେବ। ପରୀକ୍ଷା ସମୟ ୪୫ ମିନିଟ ରହିବ। ପ୍ରଥମ ତ୍ରୈମାସିକ ପରୀକ୍ଷା ସେପ୍ଟେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ହେବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଦ୍ୱିତୀୟ ତ୍ରୈୟମାସିକ ନଭେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହ ଏବଂ ତୃତୀୟ ତ୍ରୈୟମାସିକ ପରୀକ୍ଷା ଜାନୁୟାରୀ ପ୍ରଥମ ସପ୍ତାହରେ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ସମୟରେ ସିଏଚ୍‌ଏସ୍‌ଇ ପରୀକ୍ଷା ତାରିଖ ଘୋଷଣା କରିବ।

ସୂଚନାଯୋଗ୍ୟ, କରୋନା ପାଇଁ ୨୦୨୦-୨୧ ଶିକ୍ଷାବର୍ଷରେ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ରେଜଲ୍ଟ ପ୍ରକାଶ କରାଯାଇଥିଲା। ତେବେ ୨୦୨୧-୨୨ ଶିକ୍ଷାବର୍ଷରେ କରୋନାର ପ୍ରକୋପ କମିଯାଇଥିବାରୁ ଯୁକ୍ତ୨ ପରୀକ୍ଷା କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ପରୀକ୍ଷା କିପରି ହେବ ସେ ନେଇ ବର୍ଷ ଆରମ୍ଭରୁ ସ୍ପଷ୍ଟ କରି ଦିଆଯାଇଥିଲା। ୨୦୨୧-୨୨ ଯୁକ୍ତ୨ ପାଇଁ ତ୍ରୈମାସିକ ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। କାରଣ ରାଜ୍ୟରେ କରୋନାର ଚତୁର୍ଥ ଲହର ପ୍ରଭାବ ପଡ଼ିବାର ଆଶଙ୍କା ରହିଥିଲା। ତେଣୁ ପରୀକ୍ଷା ପାଇଁ ପରିଷଦ ବିକଳ୍ପ ପଦ୍ଧତି ଆପଣେଇଥିଲା। ସେହି ଅନୁସାରେ ତିନିମାସରେ ଥରେ ପରୀକ୍ଷା ହୋଇଥିଲା। ତ୍ରୈମାସିକ ପରୀକ୍ଷାର ୨୦ ପ୍ରତିଶତ ଏବଂ ବାର୍ଷିକ ପରୀକ୍ଷାର ୮୦ ପ୍ରତିଶତ ମାର୍କକୁ ବିଚାରକୁ ନେଇ ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ କରାଯାଇଥିଲା। ଏଥିରେ ପାସ୍‌ହାର ରେକର୍ଡ ସଂଖ୍ୟକ ମଧ୍ୟ ରହିଥିଲା। ତେବେ ଏଥର ସେହି ଅନୁସାରେ ପରୀକ୍ଷା ହେବ ନା ଏକା ଥରକେ ଯୁକ୍ତ୨ ପରୀକ୍ଷା ହେବ ସେ ନେଇ ଛାତ୍ରୀଛାତ୍ର ଚିନ୍ତାରେ ଥିଲେ। ଗତ ଜୁନ୍ ୧୮ରୁ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଖୋଲିଯାଇଥିବାବେଳେ ପାଠପଢ଼ା ମଧ୍ୟ ଜୋରସୋର ଚାଲିଥିଲା। କିନ୍ତୁ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ର ଅନିଶ୍ଚିତତାରେ ଥିଲେ। ଆଉ ପ୍ରାୟ ୭ମାସ ପରେ ଯୁକ୍ତ୨ ବାର୍ଷିକ ପରୀକ୍ଷା ହେବ। ତେବେ ବର୍ତ୍ତମାନ ପରୀକ୍ଷା ସମ୍ପର୍କରେ ପରିଷଦ ସ୍ପଷ୍ଟ କରିଥିବାରୁ ଛାତ୍ରୀଛାତ୍ରଙ୍କୁ ଆଶ୍ୱସ୍ତି ମିଳିଛି। ତେବେ ବିଳମ୍ବରେ ନିଷ୍ପତ୍ତି ନିଆଯାଇଥିବାରୁ ଅଭିଭାବକ ମହାସଂଘ ଏହାକୁ ନାପସନ୍ଦ କରିଛି। ଜୁନ୍‌ରୁ କଲେଜ ଖୋଲିଲାଣି। ୨ମାସ ପରେ ଏବେ ସେପ୍ଟେମ୍ବରରେ ତ୍ରୈୟମାସିକ ପରୀକ୍ଷା ହେବ ବୋଲି କୁହାଯାଉଛି। ଏତେଶୀଘ୍ର ପିଲାମାନେ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବେ। ଶିକ୍ଷାବର୍ଷ ଆରମ୍ଭରୁ ଏହି ନିଷ୍ପତ୍ତି ନିଆଯିବାର ଥିଲା ବୋଲି ଅଭିଭାବକ ମହାସଂଘ କହିଛି।

## କେନ୍ଦୁଝର ମେଡିକାଲ...

ସୂଚନାଯୋଗ୍ୟ, ପୂର୍ବରୁ ଏହି କଲେଜ ପାଇଁ ଡାକ୍ତର, ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଟ୍ୟୁଟର ଆଦି ନିଯୁକ୍ତ ହୋଇସାରିଛନ୍ତି। ଏହି କଲେଜ ବାରିପଦା ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହେବ। ନ୍ୟାଶନାଲ ମେଡିକାଲ କାଉନସିଲ ଆଇନ ୨୦୧୯ ଅନୁଯାୟୀ ଏହି କଲେଜ ଚାଲିବାକୁ ଅନୁମତି ମିଳିଛି। କମିଶନ ତଥା ୟୁଜି ଏକ୍ସପର୍ଟ ଗ୍ରୁପ ପୂର୍ବରୁ ଏହି କଲେଜ ପରିଦର୍ଶନ କରି ଆଇନ ଅନୁଯାୟୀ ଏଠାରେ ଭିତ୍ତିଭୂମି ଓ ଆବଶ୍ୟକ ସୁବିଧା ଅନୁଧ୍ୟାନ କରିଥିବା ବେଳେ ସେହି ରିପୋର୍ଟ ଆଧାରରେ ଏଭଳି ଅନୁମତି ମିଳିଛି। ତେବେ ଚିକିତ୍ସା ବ୍ୟବସ୍ଥା ଜିଲା ମୁଖ୍ୟ ଡାକ୍ତରଖାନାରେ ଚାଲିବ ଏବଂ ପରବର୍ତ୍ତୀ ସମୟରେ କଲେଜ ପରିସରକୁ ସ୍ଥାନାନ୍ତର ହେବ ବୋଲି ସୂଚନା ମିଳିଛି।

## ସ୍କୁଲ ଫି' ପାଇଁ...

ପରେ ୩୪ଜଣ ପିଲାଙ୍କୁ ଏକାଠି କରି ସ୍କୁଲ ଲାଇବ୍ରେରୀ ହଲ୍‌ରେ ୫ଘଣ୍ଟା ଧରି ବନ୍ଦ କରି ରଖିଥିଲେ। ଅପରାହ୍ନ ଅଢ଼େଇଟା ପର୍ଯ୍ୟନ୍ତ ପିଲାଙ୍କୁ ଖାଇବା, ପାଣି ପିଇବା ପାଇଁ ଦିଆଯାଇ ନ ଥିଲା। ଏପରି କି ପରିସ୍ରା ଯିବା ପାଇଁ ମଧ୍ୟ ପିଲାଙ୍କୁ ଛାଡ଼ି ନ ଥିଲେ। ତେବେ ଶିକ୍ଷକଙ୍କ ଏଭଳି ଆଚରଣ ଦେଖି ପିଲାମାନେ କିଛି ବୁଝିପାରୁ ନ ଥିଲେ। ପାଟିରେ ହାତ ଦେଇ ଚୁପ୍‌ରେ ବସିବା ପାଇଁ ପିଲାଙ୍କୁ କୁହାଯାଇଥିଲା। ତୁମ ଅଭିଭାବକ ସ୍କୁଲ ଫି' ଦେଇ ନ ଥିବାରୁ ତୁମକୁ ଏପରି ବନ୍ଦ କରି ରଖାଯାଇଥିବା ପିଲାଙ୍କୁ କୁହାଯାଇଥିଲା। ଏହାପରେ ପିଲାଙ୍କ ହାତରେ ଏକ ନୋଟିସ୍ ଦିଆଯାଇଥିଲା। ତୁମ ପିଲାର ସ୍କୁଲ ଫି' ବାକି ରହିଛି, ତୁରନ୍ତ ପୈଠ କରିବାକୁ ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଥିଲା। ତେବେ ପିଲାମାନେ ଘରେ ଯାଇ ଅଭିଭାବକଙ୍କୁ ଏନେଇ କହିବା ପରେ ମଙ୍ଗଳବାର ସକାଳୁ ଅଭିଭାବକମାନେ ଏକତ୍ର ହୋଇ ସ୍କୁଲ ଆଗରେ ଧାରଣାରେ ବସିଥିଲେ। ଏସମ୍ପର୍କରେ ଜଣେ ଅଭିଭାବକ କହିଛନ୍ତି, ଆମେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏନେଇ ପଚାରିବାରୁ ସେ କିଛି ଜାଣି ନ ଥିବା କହିଥିଲେ। ସେପଟେ ଘଟଣାସ୍ଥଳରେ ଭରତପୁର ପୋଲିସ ପହଞ୍ଚି ଅଭିଭାବକ ଏବଂ ସ୍କୁଲ ଶିକ୍ଷକଙ୍କ ସହ ଆଲୋଚନା କରିଥିଲା। ପରେ ଅଭିଭାବକମାନେ ଭରତପୁର ଥାନକୁ ଯାଇ ଏକ ଲିଖିତ ଏତଲା ରୁଜୁ କରିଥିଲେ। ଏନେଇ ଡିସିପି ପ୍ରତୀକ ସିଂଙ୍କ କହିବା ହେଲା ଅଭିଭାବକଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣା ସମ୍ପର୍କରେ ପ୍ରମାଣ ପାଇଁ ଲାଇବ୍ରେରୀ ରୁମ୍‌ରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରାଯିବ। ଏଥିସହ ଲାଇବ୍ରେରିଆନ ଏବଂ ଅନ୍ୟ ଶିକ୍ଷକଙ୍କ ବୟାନ ମଧ୍ୟ ରେକର୍ଡ କରାଯିବ ବୋଲି ସିଂ କହିଛନ୍ତି।

ଅପରପକ୍ଷେ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ସ୍କୁଲ୍ ଫି' ବାକି ରହିଥିଲା, ତେବେ ଅଭିଭାବକଙ୍କୁ ସିଧାସଳଖ ଅବଗତ କରାଯାଇ ପାରିଥାନ୍ତା। କିନ୍ତୁ ସେଭଳି ନ କରି କୋମଳମତି ପିଲାଙ୍କୁ ୫ଘଣ୍ଟା ଏକ ରୁମ୍‌ରେ ବନ୍ଦ କରି ରଖିବା ଶାରିରୀକ ଏବଂ ମାନସିକ ନିର୍ଯାତନା ସଦୃଶ। ଏନେଇ ବୁଧବାର ଶିଶୁ ସୁରକ୍ଷା ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅଭିଭାବକ ଚିନ୍ମୟ ଚୌଧୁରୀ କହିଛନ୍ତି। ତେବେ ଏହି ଘଟଣା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ମତାମତ ମିଳିପାରି ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା କାରଣରୁ କାମ ଅଟକିବ ନାହିଁ। ସହକର୍ମୀ କିମ୍ବା ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିପାରନ୍ତି। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପଡ଼ୋଶୀମାନେ ସାଧାରଣ କଥାରେ କଳହ କରିପାରନ୍ତି। ନିଜ ଲୋକଙ୍କ ପକ୍ଷପାତିତାରୁ ବ୍ୟସ୍ତ ହୋଇପାରନ୍ତି।

**ବୃଷ**
ଆକସ୍ମିକ ଭାବରେ ପରିବାରରେ ସ୍ୱାସ୍ଥ୍ୟ ହାନି ସମ୍ପର୍କିତ ଚିନ୍ତା କରି ଅଶାନ୍ତ ରହିବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି । କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ।

**ମିଥୁନ**
ବିଭିନ୍ନ ସମସ୍ୟା ଥିଲେ ମଧ୍ୟ କାମ ଠିକ୍ ସମୟରେ କରିପାରିବେ। କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମରେ ସଫଳତା ନିଶ୍ଚିତ କିନ୍ତୁ ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ନଚେତ୍ ଅପଦସ୍ଥ ହୋଇପାରନ୍ତି । ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି କିନ୍ତୁ ପାରିବେ ନାହିଁ ।

**କର୍କଟ**
ଆପଣ ଏମିତି କିଛି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବେ, ଯାହା କି ଆପଣ କଳ୍ପନା ମଧ୍ୟ କରି ନ ଥିବେ। ତଥାପି ପରିବର୍ତ୍ତିତ ପରିସ୍ଥିତିରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ । ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ କିନ୍ତୁ ରାଜନୈତିକ ସ୍ଥିତି ସରଗରମ ରହିବ ।

**ସିଂହ**
ଆଜି ଦିନଟିର ଉତ୍ତରାର୍ଦ୍ଧରେ ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି । ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଦୀର୍ଘ ସମୟ ଅତିକ୍ରାନ୍ତ ପରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା**
ସବୁ ପ୍ରକାରର ସୁବିଧା ଥାଇ ମଧ୍ୟ ପାରିବାରିକ ଜୀବନରେ ମାନସିକ ଶାନ୍ତିର ଅଭାବ ଅନୁଭବ କରିବେ। ଅପୂରଣୀୟ ଆଶା ମନରେ ନିରାଶା ଭାବ ସୃଷ୍ଟି କରିବ । କେତେକ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ଗୃହ ସଜ୍ଜାରେ ମନୋନିବେଶ କରିବେ ଓ ପଡ଼ୋଶୀଙ୍କ ନିକଟରୁ ସାହାଯ୍ୟ ମଧ୍ୟ ପାଇପାରନ୍ତି।

**ତୁଳା**
ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଦିନ ଗୋଟାଏ ପରେ ସମାଧାନର ରାସ୍ତା ବାହାରି ପାରିବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ । ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ବିଭିନ୍ନ ପାରିବାରିକ ସମସ୍ୟା ବିଷୟ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି । ଆକସ୍ମିକ ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ଆଜି ଦିନଟିରେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ମଧ୍ୟାହ୍ନରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଲୋଚନା ଅବକାଶରେ କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**ମକର**
ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରିବା ପାଇଁ ଚେଷ୍ଟା କରି ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ହଠାତ୍ ବନ୍ଧୁମାନଙ୍କ ଅନୁରୋଧ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଜମିଜମା ବିବାଦର ସମାଧାନ ହେବାର ସମ୍ଭାବନା ରହିଛି।

**କୁମ୍ଭ**
ଆଜି ଆତ୍ମୀୟଙ୍କ ସହଯୋଗରେ ସୁବିଧାରେ କାମ ସମ୍ପନ୍ନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅନ୍ୟମାନଙ୍କର ପ୍ରତିବନ୍ଧକଯୁକ୍ତ କାମ ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ବକେୟା ଆଦାୟରେ ସକ୍ଷମ ହେବେ କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

**ମୀନ**
ପରିବାରରେ ଅସନ୍ତୁଷ୍ଟ ରହିଥିବା ନିଜର ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ନିର୍ମାଣ ଓ ପରିବହନରେ ସଫଳତା ହାସଲ କରିବେ ଓ ଜମା ଧନ ବୃଦ୍ଧି ପାଇବ। ହଠାତ୍ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାର୍ଯ୍ୟକଳାପ ଯୋଗୁ ହଇରାଣ ହୋଇପାରନ୍ତି।

# ତେଲଙ୍ଗାନା ବିଧାୟକ ରାଜା ସିଂ ଗିରଫ

**ନୂଆଦିଲ୍ଲୀ,୨୩।୮**


ରାଜା ସିଂ

■ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ
■ ନିଲମ୍ବନ କଲା ଭାଜପା

ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇ ଗିରଫ ହୋଇଥିବା ତେଲଙ୍ଗାନା ବିଧାୟକ ଟି. ରାଜା ସିଂଙ୍କୁ ଭାଜପାରୁ ନିଲମ୍ବନ କରାଯାଇଛି। ଏଥିସହିତ ଦଳ ତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇ କାହିଁକି ଦଳରୁ ବାହାର କରା ନ ଯିବ ୧୦ ଦିନ ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ରାଜାଙ୍କ ମନ୍ତବ୍ୟ ଦଳ ଆଭିମୁଖ୍ୟର ବିରୋଧୀ ବୋଲି ଭାଜପା କେନ୍ଦ୍ରୀୟ ଶୃଙ୍ଖଳା କମିଟି ସଦସ୍ୟ ଓମ୍ ପାଠକ କହିଛନ୍ତି। ଗିରଫର କିଛି ସମୟ ପରେ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ରାଜାଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ରାଜାଙ୍କୁ ରିମାଣ୍ଡରେ ନେବା ଲାଗି ପୋଲିସ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି।

ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟକୁ ନେଇ ହାଇଦ୍ରାବାଦରେ ସୋମବାର ରାତିରେ ବିକ୍ଷୋଭ କରାଯିବା ସହ ରାଜାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ମଙ୍ଗଳବାର ସକାଳେ ହାଇଦ୍ରାବାଦ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ସମେତ ଧର୍ମ ଆଧାରରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା, ଜାଣିଶୁଣି ବିବାଦୀୟ ମନ୍ତବ୍ୟ ଦେବା, ଧର୍ମୀୟ ବିଶ୍ୱାସକୁ ଆଘାତ ଦେବା ଆଦି ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ହାଇଦ୍ରାବାଦରେ ଏକ ଶୋ'ରେ ହାସ୍ୟାଭିନେତା ମୁନାୱର ଫାରୁକି ନିକଟରେ ଦେଇଥିବା ମନ୍ତବ୍ୟ ପ୍ରତିବାଦରେ ରାଜା ଏକ ଆପତ୍ତିଜନକ ଭିଡିଓ ଛାଡ଼ିଥିଲେ। ଏଥିରେ ସେ ମୁନାୱରଙ୍କ ବିରୋଧରେ ଖରାପ ଭାଷା ପ୍ରୟୋଗ କରିବା ସହ ତାଙ୍କ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସମାଲୋଚନା କରିଥିଲେ। ମୁନାୱର ଅତୀତରେ ଈଶ୍ୱର ନିନ୍ଦାକାରୀ ହାସ୍ୟାଭିନୟ କରିଥିବା ଅଭିଯୋଗ କରିଥିଲେ। ସନାତନ ଧର୍ମର ସୁରକ୍ଷା ଲାଗି ସେ ଜୀବନ ଦେବାକୁ ଚାହାନ୍ତି ବୋଲି ମଙ୍ଗଳବାର ବିଧାୟକ ରାଜା କହିଛନ୍ତି। ଭଗବାନ ରାମଙ୍କ ସମ୍ପର୍କରେ ମୁନାୱର ଏକ ଶୋ'ରେ ଦେଇଥିବା ବିବାଦୀୟ ମନ୍ତବ୍ୟ ବିରୋଧରେ ସେ ଆଉ ଏକ ଭିଡିଓ ଛାଡ଼ିବେ ବୋଲି ଚେତାବନୀ ଦେଇଛନ୍ତି।

# ନୁପୂରଙ୍କୁ ରାଜ୍ ଠାକ୍‌ରେଙ୍କ ସମର୍ଥନ


ରାଜ୍ ଠାକ୍‌ରେ


ନୁପୂର ଶର୍ମା

**ମୁମ୍ବାଇ,୨୩।୮**

ଏକ ନ୍ୟୁଜ୍ ଚ୍ୟାନେଲରେ ବିତର୍କ ବେଳେ ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇ ଭାଜପାରୁ ନିଲମ୍ବିତ ହୋଇଥିବା ମୁଖପାତ୍ର ନୁପୂର ଶର୍ମାଙ୍କୁ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକ୍‌ରେ ସମର୍ଥନ ଜଣାଇଛନ୍ତି। ନୁପୂର ତାଙ୍କ ମନରୁ କିଛି କହି ନାହାନ୍ତି, ଯାହା ବାସ୍ତବରେ ଘଟୁଛି, ତାହା ସେ କହିଛନ୍ତି। ମୁସଲମାନ ପ୍ରଚାରକ ତଥା ଇସ୍‌ଲାମିକ ରିସର୍ଚ୍ଚ ଫାଉଣ୍ଡେଶନର ପ୍ରତିଷ୍ଠାତା ଜାକିର ନାଏକ ଏକ ସାକ୍ଷାତ୍‌କାରରେ ସମାନ କଥା କହିଥିଲେ। ତାଙ୍କୁ କ୍ଷମା ମାଗିବାକୁ କେହି କହି ନ ଥିଲେ କିମ୍ବା ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା ବୋଲି ଠାକ୍‌ରେ କହିଛନ୍ତି।

# ଗୁଜରାଟରେ ୧୦ ଲକ୍ଷଙ୍କୁ ନିଯୁକ୍ତି ମିଳିବ

**ରାଜକୋଟ,୨୩।୮**

## କେଜରିୱାଲଙ୍କ ପ୍ରତିଶ୍ରୁତି



ଗୁଜରାଟରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଗଢ଼ିଲେ ରାଜ୍ୟର ୧୦ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମଙ୍ଗଳବାର ପ୍ରତିଶ୍ରୁତି ଦେଇଛନ୍ତି। ଭାବନଗର ଟାଉନହଲ୍‌ରେ ଏକ ସଭାକୁ ସମ୍ବୋଧିତ କରି ଏଏପି ଆବାହକ କହିଥିଲେ, ଗୁଜରାଟରେ ଆଗାମୀ ବିଧାନସଭା ନିର୍ବାଚନରେ ତାଙ୍କ ଦଳ କ୍ଷମତାକୁ ଆସିଲେ ପରୀକ୍ଷା ପେପର ଲିକ୍ ମାମଲାରେ କଠୋର ଆଇନ ଅଣାଯିବ ଓ ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା ରହିବ। ୨୦୧୫ରୁ ହୋଇଥିବା ସମସ୍ତ ପେପର ଲିକ୍ ମାମଲାର ପୁନର୍ବାର ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡିତ କରାଯିବ।

ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କର କୌଣସି ଭୁଲ୍ ନ ଥାଇ ତାଙ୍କ ଘରେ ମିଥ୍ୟା ଅଭିଯୋଗରେ ସିବିଆଇ ଚଢ଼ାଉ କଲା। ୨/୩ ଦିନ ମଧ୍ୟରେ ସେମାନେ ସିସୋଡିଆଙ୍କୁ ଗିରଫ କରିପାରନ୍ତି। ତେବେ ଭାଜପା ଶାସିତ ରାଜ୍ୟ ଗୁଜରାଟ ଓ ମଧ୍ୟପ୍ରଦେଶରେ କ୍ରମାଗତ ଭାବେ ପେପର ଲିକ୍ ଦୁର୍ନୀତି ହେଉଥିଲେ ମଧ୍ୟ ଏ ନେଇ ସିବିଆଇ କୌଣସି ମନ୍ତ୍ରୀ କିମ୍ବା ଅଫିସରଙ୍କ ଘରେ ଚଢ଼ାଉ କରି ନ ଥିବା କେଜରିୱାଲ କହିଛନ୍ତି। ଯଦି ଡିସେମ୍ବରରେ ଗୁଜରାଟରେ ତାଙ୍କ ସରକାର ଆସେ ତେବେ ଶିକ୍ଷକ ଓ ଅନ୍ୟାନ୍ୟ ନିଯୁକ୍ତି ପାଇଁ ତୁରନ୍ତ ପରୀକ୍ଷା କରାଯାଇ ଦୁଇମାସ ମଧ୍ୟରେ ଫଳ ପ୍ରକାଶ କରାଯିବ ଓ ସେହି ମାସରେ ନିଯୁକ୍ତି ଦିଆଯିବ ବୋଲି ଏଏପି ନେତା କହିଛନ୍ତି।

# 'ଅଖିଳେଶ ଚାହିଁଲେ ୧୫ ଦିନରେ କ୍ଷମତାଚ୍ୟୁତ ହେବେ ଯୋଗୀ ସରକାର'

**ଲକ୍ଷ୍ନୌ,୨୩।୮**

## ସମାଜବାଦୀ ପାର୍ଟି ନେତାଙ୍କ ଦାବି


ନାରଦ ରାୟ

ଉତ୍ତର ପ୍ରଦେଶର ସମାଜବାଦୀ ପାର୍ଟି ନେତା ତଥା ପୂର୍ବତନ ମନ୍ତ୍ରୀ ନାରଦ ରାୟ କହିଛନ୍ତି ଯେଉଁ ଦିନ ଅଖିଳେଶ ଯାଦବ ତାଙ୍କ ନିଷ୍ପତ୍ତି ନେବେ, ସେହିଦିନ ଠାରୁ ୧୫ଦିନ ମଧ୍ୟରେ ଯୋଗୀ ଆଦିତ୍ୟନାଥ ସରକାର କ୍ଷମତାଚ୍ୟୁତ ହେବ। ଯୋଗୀଙ୍କ ଉପରେ ୧୫୦ରୁ ଅଧିକ ଭାଜପା ବିଧାୟକ ଅସନ୍ତୁଷ୍ଟ ଅଛନ୍ତି। ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ମଧ୍ୟ ଅସନ୍ତୁଷ୍ଟ ରହିଛନ୍ତି ବୋଲି ସେ ଦାବି କରିଛନ୍ତି। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ନାରଦ ରାୟ କହିଛନ୍ତି ଯୋଗୀଙ୍କ ସରକାରର ଖୁବ୍ ଶୀଘ୍ର ପତନ ହେବାକୁ ଯାଉଛି। ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କୁ ଉପରୁ ଭଲ ବୋଲି ଦେଖୁଛନ୍ତି। କିନ୍ତୁ ତାଙ୍କ ମନରେ ବହୁ ଦୁଃଖ ରହିଛି। ଯେଉଁ ଦିନ ତାଙ୍କୁ ଭାଜପା ସଂସଦୀୟ ବୋର୍ଡରୁ ହଟାଇ ଦିଆଯାଇଥିଲା ସେହି ଦିନ ସେ ନୀତିନ ଗଡକରୀଙ୍କୁ ଭେଟିଥିଲେ। ଭାଜପା ନିଜେ ଏହାର ସଦସ୍ୟଙ୍କୁ ଏଭଳି ଆଘାତ ଦେଇଛି। ତେଣୁ ରାଜ୍ୟରେ ଯୋଗୀ ସରକାରଙ୍କ ଉପରେ ଏହାର ପ୍ରଭାବ ପଡ଼ିଛି। ଯୋଗୀ ମୁଖ୍ୟମନ୍ତ୍ରୀ ହେବା ଦିନଠାରୁ କୌଣସି ଭାଜପା ନେତା ତାଙ୍କୁ ପସନ୍ଦ କରନ୍ତି ନାହିଁ ବୋଲି ନାରଦ କହିଛନ୍ତି। ୨୦୨୪ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସମାଜବାଦୀ ପାର୍ଟି ରାଜ୍ୟରେ ଏକ ସଦସ୍ୟତା ଅଭିଯାନ ଚଳାଉଛି। ନାରଦଙ୍କୁ ଏହାର ଜିଲା ଦାୟିତ୍ୱ ଦିଆଯାଇଛି। ସେ ଚାନ୍ଦୁଲି ଗସ୍ତରେ ଯାଇ ଏହି କଥା କହିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ଭୁଲ୍ ପ୍ରମାଣ କରିବାକୁ ବିଜେଡି, ଭାଜପାର ଉଦ୍ୟମ

## ଅଠାୱାଲେଙ୍କ ମନ୍ତବ୍ୟ ପରେ ରାଜନୈତିକ ଝଡ଼


କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେଙ୍କ ମନ୍ତବ୍ୟକୁ ନେଇ ଉଭୟ ବିଜେଡି ଏବଂ ଭାଜପାକୁ ବିରୋଧୀ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଅନ୍ୟପଟେ ଭାଜପା କେନ୍ଦ୍ରମନ୍ତ୍ରୀ ତାଙ୍କ ଦଳର ନୁହନ୍ତି ବୋଲି କହି କଥାର ଗୁରୁତ୍ୱକୁ ହ୍ରାସ କରିବାକୁ ଚେଷ୍ଟା କରୁଛି। ସେହିପରି ବିଜେଡି ମଧ୍ୟ ଏହି କଥାକୁ ଭୁଲ୍ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛି। କିନ୍ତୁ ଆମ୍ ଆଦ୍‌ମୀ ପାର୍ଟି(ଏଏପି), କଂଗ୍ରେସ ସମେତ ଅନ୍ୟ କେତେକ ରାଜନୈତିକ ଦଳ ଅଠାୱାଲେଙ୍କ ମନ୍ତବ୍ୟକୁ ନେଇ ବିଜେଡି, ଭାଜପା ଉପରେ ବର୍ଷିଛନ୍ତି। ଅଠାୱାଲେଙ୍କ ମନ୍ତବ୍ୟ କିନ୍ତୁ ଭାଜପାକୁ ଅଧିକ ମାତ୍ରାରେ କ୍ଷତି ପହଞ୍ଚାଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହା ଉପରେ ମଙ୍ଗଳବାର ରଖିଥିବା ମନ୍ତବ୍ୟରୁ ଏହା ବାରି ହୋଇପଡୁଥିବା ଆଲୋଚନା ହେଉଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନ୍‌ଡିଏରୁ ଓହରିଯିବା ପରେ କେନ୍ଦ୍ର ନେତାମାନେ ଏବେ ନୂଆ ସମୀକରଣ ଦିଗରେ ଚିନ୍ତା କରୁଥିବା ଚର୍ଚ୍ଚା ବଢ଼ିଲାଣି । ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାର ନୀତୀଶ ସମର୍ଥନ ହଟାଇଦେବା ପରେ ସେହି ସ୍ଥାନରେ ବିଜେଡିକୁ ବସାଇବା ନେଇ ଚିନ୍ତା କରୁଥିବା କୁହାଯାଉଛି। କାରଣ ଆଗରୁ ଚନ୍ଦ୍ରାବାବୁ ନାଇଡୁଙ୍କ ଟିଡିପି(ତେଲୁଗୁ ଦେଶମ ପାର୍ଟି), ଅକାଳୀ ଦଳ ଏବଂ ଶିବସେନା ଏନ୍‌ଡିଏ ଛାଡ଼ିଥିଲେ। ତେଣୁ ଆଗକୁ ରାଜ୍ୟ ସଭା ଉପାଧ୍ୟକ୍ଷ ପଦରେ ବିଜେଡିର ଜଣେ ନେତାଙ୍କୁ ବସାଇ ନବୀନଙ୍କ ସହ ମେଣ୍ଟ କରିପାରେ ବୋଲି ଭାଜପା ଚିନ୍ତା କରୁଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। ୨୦୧୯ ନିର୍ବାଚନ ପରଠାରୁ ବିଜେଡି ସବୁ ପ୍ରସଙ୍ଗରେ କେନ୍ଦ୍ରକୁ ସମର୍ଥନ କରିଆସିଥିବା ବେଳେ ନିକଟରେ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏକୁ ମଧ୍ୟ ବିଜେଡି ସମର୍ଥନ ଦେଇଛି।

ବିଜେଡି ବରିଷ୍ଠ ନେତା ତଥା ବିଧାୟକ ଦେବୀପ୍ରସାଦ ମିଶ୍ର କହିଛନ୍ତି, ବିଜେଡିର ମେଣ୍ଟ ବିକାଶ ଲାଗି ବିସର୍ଜନ ପାଇଁ ନୁହେଁ। ଆଞ୍ଚଳିକ ଦଳ ଭାବେ ବିଜେଡି ଜାତୀୟ ଦଳଗୁଡିକଠାରୁ ଦୂରତା ବଜାୟ ରଖି ଆସିଛି। ଅଠାୱାଲେ ବେଳେ ବେଳେ ମଜାରେ ଅନେକ କିଛି କଥା କହିଦିଅନ୍ତି। ଏହାକୁ ମଧ୍ୟ କହୁ କହୁ କହି ଦେଇଥିବେ। ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ହକ୍ ପାଇଁ ଉଚିତ ବିଲ୍‌କୁ ସଂସଦରେ ବିଜେଡି ସମର୍ଥନ କରେ। ଏହାର ଅର୍ଥ ନୁହେଁ ବିଜେଡି ଏନ୍‌ଡିଏର ଅଂଶ। ଦଳର ନେତା ଭାବେ ନବୀନ ପଟ୍ଟନାୟକ ସବୁ ନିଷ୍ପତ୍ତି ନିଅନ୍ତି। ସେ ହିଁ ସବୁକିଛି ନିର୍ଦ୍ଧାରଣ କରିବେ ବୋଲି ଦେବୀ କହିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ସବୁ ସମୟରେ ଏନ୍‌ଡିଏ ବା ଭାଜପାକୁ ବିଜେଡି ସରକାର ସମର୍ଥନ କରିଚାଲିଛି। କେନ୍ଦ୍ର ଓ ରାଜ୍ୟ ସରକାର ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏମାନଙ୍କୁ ସିବିଆଇ ବା ଇଡି ଭୟ ଦେଖାଉ କି ନ ଦେଖାଉ ବିଜେଡିକୁ କହିବା ଆଗରୁ ସେ କେନ୍ଦ୍ରକୁ ସମର୍ଥନ ଦେଇଦେବ ବୋଲି ସାଲୁଜା କହିଛନ୍ତି।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ରାମଦାସ ଅଠାୱାଲେ ଭାଜପାର ନୁହନ୍ତି। ସେ ରିପବ୍ଲିକାନ ପାର୍ଟିର ଲୋକ। ରିପବ୍ଲିକାନ ପାର୍ଟି କ'ଣ କହିଲା ତା'ର ଉତ୍ତର ଭାଜପା ଦେବାକୁ ବାଧ୍ୟ ନୁହେଁ। ନବୀନଙ୍କ ସହ ବୁଝାମଣା କରିବାର ପ୍ରଶ୍ନ ଉଠୁନାହିଁ। ତାଙ୍କୁ କାହିଁକି ଭାଜପା ଗ୍ରହଣ କରିବ। ତାଙ୍କ ସହିତ ଆମର କିଛି ନାହିଁ। ଦଳର ଯିଏ ମୁଖପାତ୍ର କିମ୍ବା ଯେଉଁମାନେ ପାର୍ଟି ଚଳାଉଛନ୍ତି ସେମାନେ କିଛି କହିଛନ୍ତି କି? ଅଠାୱାଲେଙ୍କ ଟିପ୍ପଣୀ ଉପରେ ମତ ରଖିବାକୁ ଉଚିତ ଭାବୁନାହିଁ। କୌଣସି ବୁଝାମଣା ବିଜେଡି ସହ ହେବାର ନାହିଁ। ଯଦି ହେବାର ଥିଲା ତେବେ ତାଙ୍କୁ ବିରୋଧୀ ଦଳ ନେତା କି ନୂଆ ପ୍ରଭାରୀ ବଛାଯାଇ ନ ଥାଆନ୍ତା। ନିକଟ ଭବିଷ୍ୟତରେ ବହୁ ପରିବର୍ତ୍ତନ ସଙ୍ଗଠନ ଭିତରେ ହେବାକୁ ଯାଉଥିବା ଜୟନାରାୟଣ କହିଛନ୍ତି।

ଆମ୍ ଆଦମୀ ପାର୍ଟି ପକ୍ଷରୁ କୁହାଯାଇଛି ଓଡ଼ିଶାରେ ଭାଜପା-ବିଜେଡିର ମିଳିତ ରାଜନୀତିକୁ ଲୋକଙ୍କ ସମ୍ମୁଖରେ ଉନ୍ମୋଚିତ କରୁଛୁ। ମାତ୍ର ବିଜେଡି ରାଜନୀତିରେ ସମଦୂରତ୍ୱ କଥା କହି ଲୋକଙ୍କୁ ଠକି ଚାଲିଛି। ସେହିପରି ଭାଜପା ନେତା ଅମିତ ଶାହା ନବୀନ ସରକାରକୁ ପୋଡ଼ା ଟ୍ରାନ୍ସଫର୍ମର କହି ନିଜକୁ ବିରୋଧୀ ଭାବେ ପରିଚୟ ଦେବାର ଉଦ୍ୟମ କରିଛନ୍ତି। ମାତ୍ର ଏହି ପୋଡ଼ା ଟ୍ରାନ୍ସଫର୍ମର ସେମାନଙ୍କ ପାଇଁ କେତେ ଲୋଡ଼ା ତାହା ଅଠାୱାଲେଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ବିଜେଡି ଏନ୍‌ଡିଏରେ ନ ଥାଇ ମଧ୍ୟ କେନ୍ଦ୍ର ସରକାରଙ୍କ ସବୁଠୁ ବିଶ୍ୱସ୍ତ ଏବଂ ପାର୍ଲାମେଣ୍ଟରେ ସବୁଠାରୁ ଭରସାଯୋଗ୍ୟ ଦଳ ବୋଲି ଦାବି କରିଛନ୍ତି। ଭାଜପା-ବିଜେଡିର ମିଳିତ ସରକାର ଚାଲିଛି ବୋଲି ଯେଉଁ ଦାବି କରୁଛି ତାହା ପ୍ରମାଣିତ ହେଉଛି ବୋଲି ଏଏପି ପକ୍ଷରୁ କୁହାଯାଇଛି।


**PUBLIC NOTICE**

M/S ASHIANA REALTY LLP is pleased to inform that the Residential Project located at Nandan Vihar, Mouza: Kalarahanga, Tahasil : Bhubaneswar, District: Khordha, Odisha, has been accorded Environmental Clearance from MoEF & CC vide EC Identification No.: EC22B038OR163485 dated 17.08.2022. The Copy of the Environmental Clearance Letter is available with the SPCB, Odisha & may be seen on the website of SEIAA, Odisha.

Sd./- Prafulla Kumar Mohanty
Authorized Signatory

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡର ଗୁଡ଼ିକ ୱେବ୍‌ସାଇଟ www.ireps.gov.in ରେ ଅପଲୋଡ୍ କରିଦିଆଯାଇଛି।

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/ Tender Publication/04, ତା: 22.08.2022

କ୍ରମ ସଂ.01, ଟେଣ୍ଡର ନଂ. 40225517, ଆଇଟମ ର ବିବରଣୀ : ସମ୍ବଲପୁର ମଣ୍ଡଳରେ ଏକ ଷ୍ଟେସନ ଏକ ସାମଗ୍ରୀ ପାଇଁ ଅନୁଲଗ୍ନକ- "A" ଏବଂ "B" ରେ ସଂଲଗ୍ନ ଡିଜାଇନ, ସ୍ପେସିଫିକେଶନ ଏବଂ ଡ୍ରଇଂ ର ଅନୁସାର ମଡ୍ୟୁଲାର ଷ୍ଟେଟିକ କିଓସ୍କ ୟୁନିଟ ର ଯୋଗାଣ, ଫିଟିଂ ଏବଂ ଫିକ୍ସିଂ, ନୋଟ- ସାଇଡ୍ ପ୍ୟାନେଲ ର ଡିଜାଇନ ଅନୁଲଗ୍ନକ "A" ରେ ଉର୍ଦ୍ଧିଷ୍ଟ EASTERN INDIA ର ଅନୁସାର ହେବା ଦରକାର। ଅନୁଲଗ୍ନକ- "C" ର ଅନୁସାର ଷ୍ଟେସନଗୁଡ଼ିକର ସୂଚୀ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : ₹ 62,99,784/-, EMD (ଟଙ୍କାରେ) : ₹ 1,26,000/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.09.2022 ରିଖ 1500 ଘଟିକାରେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର
PR-408/N/22-23

**ଦ.ପୂ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜି.), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ୱେଷ୍ଟ-୨୨-୨୩-୦୯, ତାରିଖ ୨୨।୦୮।୨୦୨୨; ଚକ୍ରଧରପୁର ଡିଭିଜନରେ ଝାରସୁଗୁଡ଼ା ଷ୍ଟେଶନର ସଫ୍ ଅପ୍-ଗ୍ରେଡେଶନ୍; ₹୨,୪୯,୭୭,୮୯୦.୫୨; ₹୨,୭୪,୬୦୦/-। (୨) ସିକେପି-ୱେଷ୍ଟ-୨୨-୨୩-୧୦, ତାରିଖ ୨୨।୦୮।୨୦୨୨; ଚକ୍ରଧରପୁର ଡିଭିଜନରେ ରାଉରକେଲା ଷ୍ଟେଶନର ସଫ୍ ଅପ୍-ଗ୍ରେଡେଶନ୍; ₹୨,୬୭,୮୧,୨୮୧.୨୭; ₹୨,୮୩,୯୦୦/-। (୩) ସିକେପି-ସାଉଥ-୨୨-୨୩-୧୧, ତାରିଖ ୨୨।୦୮।୨୦୨୨; ଡିଇଏନ୍ (ସାଉଥ) ଅଧୀନରେ ଚକ୍ରଧରପୁର ଡିଭିଜନରେ ବଡ଼ବିଲ ରେଳ ଷ୍ଟେଶନର ସଫ୍-ଅପ୍‌ଗ୍ରେଡେଶନ୍; ₹୪,୩୩,୮୯,୯୫୫.୩୨; ₹୩,୬୭,୦୦୦/-। (୪) ସିକେପି-ଇଷ୍ଟ-୨୨-୨୩-୧୮, ତାରିଖ ୨୨।୦୮।୨୦୨୨; ସିନିୟର ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ ଅଧୀନରେ ଚକ୍ରଧରପୁର ଡିଭିଜନରେ ରାଇରଙ୍ଗପୁର ରେଳ ଷ୍ଟେଶନର ସଫ୍ ଅପ୍-ଗ୍ରେଡେଶନ୍; ₹୩,୯୧,୨୨,୪୩୯.୬୯; ₹୩,୪୫,୬୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦.୦୦ । ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ତା୧୫।୦୯।୨୦୨୨ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-503)

**ପୂର୍ବ ତଟ ରେଳପଥ**

1.ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2022-T-143
କାର୍ଯ୍ୟର ନାମ : ସମ୍ବଲପୁର ସିଟି ଷ୍ଟେସନ ର ପ୍ଲାଟଫର୍ମ-I ରେ 6.5 ମିଟର ଠାରୁ 10.0 ମିଟର ପର୍ଯ୍ୟନ୍ତ ଚୌଡ଼ିକରଣ ସମ୍ବନ୍ଧୀୟ ବିଦ୍ୟୁତୀୟ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 12,06,175.31, EMD (ଟଙ୍କାରେ) : ₹ 24,100/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱିକୃତି ପତ୍ର ଜାରୀ ହେବାର ତାରିଖ ଠାରୁ ଛଅ ମାସ।
2.ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2022-T-144
କାର୍ଯ୍ୟର ନାମ : (A) ସମ୍ବଲପୁର ମଣ୍ଡଳ ର ସମ୍ବଲପୁର ଏବଂ ଟିଟିଲାଗଡ଼ ଷ୍ଟେସନ ରେ ପ୍ରତ୍ୟେକ ନିମନ୍ତେ 02 ଲିଫ୍ଟ ର ବ୍ୟବସ୍ଥା, (B) କୋଚିଂ ଡିପୋ, ସମ୍ବଲପୁର ଠାରେ IOH ର ବିସ୍ତାର ଏବଂ ବାୟୋ ଟ୍ୟାଙ୍କ ରକ୍ଷଣାବେକ୍ଷଣ ଏବଂ ପରୀକ୍ଷଣ ସମ୍ବନ୍ଧୀୟ ବିଦ୍ୟୁତୀୟ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 7,11,215/-, EMD (ଟଙ୍କାରେ) : ₹ 14,200/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱିକୃତି ପତ୍ର ଜାରୀ ହେବାର ତାରିଖ ଠାରୁ 6 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.09.2022 ରିଖ (କ୍ରମ ସଂ.01 ନିମନ୍ତେ) ଏବଂ ତା.09.09.2022 ରିଖ (କ୍ରମ ସଂ.02 ନିମନ୍ତେ) 1500 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-402/N/22-23

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ୍ ନମ୍ବର
9583494854

**REQUIRED**
Non-Financial Partner required for a A/C Restaurant/Fast Food in Mancheswar Industrial Estate.
9437192992

**URGENT REQUIREMENT**
Qualifications - 10th, +2, +3, B.Sc, BBA, BCA, MCA, B.Tech., Diploma, IT.
Salary -10k to 45k
Posting - Odisha & out of Odisha
Cont-7381515431
7381515418

**WANTED**
Saura Shakti Enterprises, Mancheswar, Bhubaneswar Requires Experienced Welder - 4 nos & Helper- 4nos. Salary - ₹8000/- to ₹15000/- Fooding & Accommodation free. Contact - 7978427621
Walk-in Interview 22.08.22 to 24.08.22 between 9am - 5pm

ନଂ. ଜେଡ୍-୨୮୦୧୬/୧୫୩/୨୦୨୧-ପିଏମ୍‌ଏସ୍‌ଏସ୍‌ୱାଇ-ଆଇଡି
**ଭାରତ ସରକାର**
**ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ**
**(ପିଏମ୍‌ଏସ୍‌ଏସ୍‌ୱାଇ ଡିଭିଜନ)**
**ରୁମ୍ ନଂ. ୨୦୧-ଡି, ନିର୍ମାଣ ଭବନ, ନୂଆଦିଲ୍ଲୀ - ୧୧୦୦୦୧**
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ (ପିଏମ୍‌ଏସ୍‌ଏସ୍‌ୱାଇ ଡିଭିଜନ) ପ୍ରତ୍ୟେକ (i) ଏଆଇଆଇଏମ୍‌ଏସ୍ ବଠିଣ୍ଡା (ପଞ୍ଜାବ), (ii) ଏଆଇଆଇଏମ୍‌ଏସ୍ ଭୁବନେଶ୍ୱର (ଓଡ଼ିଶା), (iii) ଏଆଇଆଇଏମ୍‌ଏସ୍ ବିଲାସପୁର (ହିମାଚଳ ପ୍ରଦେଶ), (iv) ଏଆଇଆଇଏମ୍‌ଏସ୍ ଦରଭଙ୍ଗା (ବିହାର), (v) ଏଆଇଆଇଏମ୍‌ଏସ୍ ଗୋରଖପୁର (ଉତ୍ତରପ୍ରଦେଶ), (vi) ଏଆଇଆଇଏମ୍‌ଏସ୍ ଯୋଧପୁର (ରାଜସ୍ଥାନ), (vii) ଏଆଇଆଇଏମ୍‌ଏସ୍ କଲ୍ୟାଣୀ (ପଶ୍ଚିମବଙ୍ଗ), (viii) ଏଆଇଆଇଏମ୍‌ଏସ୍ ମଙ୍ଗଳାଗିରି (ଆନ୍ଧ୍ରପ୍ରଦେଶ) ଏବଂ (ix) ଏଆଇଆଇଏମ୍‌ଏସ୍ ପାଟନା (ବିହାର)ରେ ଡେପୁଟେଶନ ଭିତ୍ତିରେ ବଦଳି ଆକାରରେ ସ୍ତର-୧୩ (ଟ.୧୨୩୧୦୦-୨୧୫୯୦୦) (୭ମ ସିପିସି ଅନୁଯାୟୀ)ରେ ଉପନିର୍ଦ୍ଦେଶକ (ପ୍ରଶାସନ) ପଦବୀକୁ ପୂରଣ କରିବା ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି।
୨. ଅଧିକ ବିବରଣୀ ପାଇଁ, ଦୟାକରି ମନ୍ତ୍ରଣାଳୟ ଏବଂ ଏହି ଡିଭିଜନର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ଯଥା- www.mohfw.nic.in ଏବଂ pmssy-mohfw.nic.in ।
୩. ସବିଶେଷ ବିଜ୍ଞାପନ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶିତ ହେବ। ଦରଖାସ୍ତ ଗ୍ରହଣର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ବିଜ୍ଞାପନ ପ୍ରକାଶନରୁ ୪୫ ଦିନ।
ସ୍ୱା./- (ଦିନେଶ କୁମାର), ଯୁଗ୍ମ ନିର୍ଦ୍ଦେଶକ
CBC 17101/11/0007/2223 ଦୂରଭାଷ: ୦୧୧-୨୩୦୬୧୭୩୦

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi-834031, Jharkhand, India
**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM portal **https://gem.gov.in.**"

**TENDER NOTICE**
**STATE INSTITUTE OF HOTEL MANAGEMENT**
TITILAGARH ROAD, BALANGIR - 767001 (ODISHA)
No. 531 /SIHM/2022-23/TENDER Date: 23.08.2022
Sealed tender are invited from the reputed dealers/manufacturers/ distributors for supply of Student & Staff Uniform (readymade) for the Academic Session 2022-23.
Tenderers must be superscripted "Tender for supply of Student & Staff Uniform (Readymade) for the Academic Session 2022-23" on the top of the envelope which contains the tender documents and other required documents should reach the Office of the Principal, State Institute of Hotel Management, Titilagarh Road, Balangir - 767001 (Odisha) by Govt. Speed Post/Regd. Post/Courier on or before 07.09.2022 till 5.00 p.m.
For further details kindly visit our website **www.sihmbalangir.org**
Sd/-
Principal

**EXTENSION OF DEADLINE OF EXPRESSION OF INTEREST**
**For allotment of Juice Stall, Food Stall & Kiosk available at Ekamra Haat, BBSR**
The last date of submission of EoI No. 2275 dated 01.08.2022 published on 03.08.2022 in the Prameya & Dharitri for allotment of two nos of Juice stalls, one no of Food stall and one no of Kiosk in Ekamra Haat is extended up to **5 P.M.** on **03.09.2022**. For details of EoI, ToR etc., please visit the website: **www.sidacodisha.org.in**
Sd/-
Member Secretary
**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
SIDAC Tel. No.+91 (0) 674 2350318, E-mail:sidacorissa@gmail.com, www.sidacodisha.org.in

ବ୍ୟାଙ୍କ ଅଫ୍ ବରୋଦା
Bank of Baroda
**ବ୍ୟାଙ୍କ ଅଫ୍ ବରୋଦା, ପାରଳାଖେମୁଣ୍ଡି ଶାଖା**
କଲେଜ ରୋଡ୍, ସା/ପୋ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ପିନ୍-୭୬୧୨୦୦, ଫୋନ୍: ୦୬୮୧୫-୨୨୩୫୭୭
**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୮(୧) ଅନୁସାରେ]

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ରଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ରଣଗ୍ରହୀତା ତାଙ୍କର ରଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୧୩ର ଉପଧାର (୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ ତାରିଖରେ **ଦଖଲକୁ** ନେଇଛନ୍ତି। ତେଣୁ ବିଶେଷ କରି ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ରଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| (୧) ରଣଗ୍ରହୀତା: ମେସର୍ସ ଏସ୍.ଏସ୍. ଗ୍ରାନାଇଟ୍ସ ପାର୍କ, ଅଂଶୀଦାରମାନେ: ୧) ଶ୍ରୀ ସୁରେନ୍ଦ୍ର ପାଲ, ୨) ଶ୍ରୀ କୁଶନୀ ଶିବ ପ୍ରସାଦ / ଜାମିନ୍‌ଦାର: ଶ୍ରୀମତୀ ସଙ୍ଗୀତ ଚୌଦୁରୀ, ସ୍ୱାମୀ: ଶ୍ରୀ ସୁରେନ୍ଦ୍ର ପାଲ, ସମସ୍ତଙ୍କ ଠିକଣା- ସା.: ଲିଙ୍ଗିପୁର, ଥାନା: ଗୁରାଣ୍ଡି, ପାରଳାଖେମୁଣ୍ଡି, ଗଜପତି-୭୬୧୨୧୦, (୨) ରଣଗ୍ରହୀତା: ମେସର୍ସ ସଙ୍ଗୀତ ଗ୍ରାନାଇଟ୍ସ ଆଣ୍ଡ ଏକ୍ସପୋର୍ଟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସୁରେନ୍ଦ୍ର ପାଲ / ଜାମିନ୍‌ଦାରମାନେ: ୧) ଶ୍ରୀ କୁଶନୀ ଶିବ ପ୍ରସାଦ, ୨) ମେସର୍ସ ଏସ୍.ଏସ୍. ଗ୍ରାନାଇଟ୍ସ ପାର୍କ (ଅଂଶୀଦାରମାନେ: ଶ୍ରୀ ସୁରେନ୍ଦ୍ର ପାଲ ଏବଂ ଶ୍ରୀ କୁଶନୀ ଶିବ ପ୍ରସାଦ), ସମସ୍ତଙ୍କ ଠିକଣା- ସା.: ଲିଙ୍ଗିପୁର, ଥାନା: ଗୁରାଣ୍ଡି, ପାରଳାଖେମୁଣ୍ଡି, ଗଜପତି-୭୬୧୨୧୦ | (୧) ମେସର୍ସ ଏସ୍.ଏସ୍. ଗ୍ରାନାଇଟ୍ସ ପାର୍କ, ମାର୍ଫତଦାର ଶ୍ରୀ ସୁରେନ୍ଦ୍ର ପାଲ ଏବଂ ଶ୍ରୀ କୁଶନୀ ଶିବ ପ୍ରସାଦଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରି ପ୍ଲଟ୍ ଯାହାର ମୌଜା: ଲିଙ୍ଗିପୁର, ଥାନା: ଗୁରାଣ୍ଡି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ପିନ୍-୭୬୧୨୧୦, ଖାତା ନଂ.: ୧୫୬/୨୭୬, ପ୍ଲଟ୍ ନଂ.: ୭୪୧, କ୍ଷେତ୍ର: ଏକର୦.୩୦୦ଡିସିମିଲି, ପ୍ଲଟ୍ ନଂ.: ୭୨୬, କ୍ଷେତ୍ର: ଏକର୦.୬୫୫ଡିସିମିଲି, ପ୍ଲଟ୍ ନଂ.: ୭୨୭, କ୍ଷେତ୍ର: ଏକର୦.୩୦୦ଡିସିମିଲି, ପ୍ଲଟ୍ ନଂ.: ୭୩୮, କ୍ଷେତ୍ର: ଏକର୦.୩୦୦ଡିସିମିଲି, ପ୍ଲଟ୍ ନଂ.: ୭୩୯, କ୍ଷେତ୍ର: ଏକର୦.୨୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୭୪୦, କ୍ଷେତ୍ର: ଏକର୦.୨୦୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୨.୦୦୫ଡିସିମିଲି,** ଏହାର ଚଉହଦି- ପୂର୍ବ: କେ. ବୈକୁଣ୍ଠ ରାଓ ନାଇଡୁ ଏବଂ ଅନ୍ୟମାନଙ୍କ ଜମି, ପଶ୍ଚିମ: ଡି. ମାଲେଶ୍ୱର ରାଓ ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: କେ. ବୈକୁଣ୍ଠ ରାଓ ନାଇଡୁ ଏବଂ ଅନ୍ୟମାନେ, ଦକ୍ଷିଣ: ପିଡବ୍ଲୁଡି ରୋଡ୍। (୨) **ମେସର୍ସ ଏସ୍.ଏସ୍. ଗ୍ରାନାଇଟ୍ସ ପାର୍କ, ମାର୍ଫତଦାର ଶ୍ରୀ ସୁରେନ୍ଦ୍ର ପାଲ ଏବଂ ଶ୍ରୀ କୁଶନୀ ଶିବ ପ୍ରସାଦଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ କାରଖାନା ଏବଂ ଯନ୍ତ୍ରପାତି ଓ ଅନ୍ୟାନ୍ୟ ସ୍ଥିର ସମ୍ପତ୍ତି ଯାହାକି ମୌଜା: ଲିଙ୍ଗିପୁର, ଥାନା: ଗୁରାଣ୍ଡି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ପିନ୍-୭୬୧୨୧୦, ଖାତା ନଂ.: ୧୫୬/୨୭୬, ପ୍ଲଟ୍ ନଂ.: ୭୪୧, କ୍ଷେତ୍ର: ଏକର୦.୩୦୦ଡିସିମିଲି, ପ୍ଲଟ୍ ନଂ.: ୭୨୬, କ୍ଷେତ୍ର: ଏକର୦.୬୫୫ଡିସିମିଲି, ପ୍ଲଟ୍ ନଂ.: ୭୨୭, କ୍ଷେତ୍ର: ଏକର୦.୩୦୦ଡିସିମିଲି, ପ୍ଲଟ୍ ନଂ.: ୭୩୮, କ୍ଷେତ୍ର: ଏକର୦.୩୦୦ଡିସିମିଲି, ପ୍ଲଟ୍ ନଂ.: ୭୩୯, କ୍ଷେତ୍ର: ଏକର୦.୨୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୭୪୦, କ୍ଷେତ୍ର: ଏକର୦.୨୦୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୨.୦୦୫ଡିସିମିଲିରେ** ଅବସ୍ଥିତ, ଏହାର ଚଉହଦି- ପୂର୍ବ: କେ. ବୈକୁଣ୍ଠ ରାଓ ନାଇଡୁ ଏବଂ ଅନ୍ୟମାନଙ୍କ ଜମି, ପଶ୍ଚିମ: ଡି. ମାଲେଶ୍ୱର ରାଓ ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: କେ. ବୈକୁଣ୍ଠ ରାଓ ନାଇଡୁ ଏବଂ ଅନ୍ୟମାନେ, ଦକ୍ଷିଣ: ପିଡବ୍ଲୁଡି ରୋଡ୍ | ୨୮.୦୪.୨୦୨୨ / ୨୨.୦୮.୨୦୨୨ | ୩୦.୦୭.୨୦୨୨ ସୁଦ୍ଧା ଟ.୧,୪୬,୯୬,୭୮୫.୬୨+ ଟ.୩,୫୦,୭୧,୬୬୯.୪୪= ଟ.୪,୯୭,୬୮,୪୫୫.୦୬ ଯୁକ୍ତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ରଣଗ୍ରହୀତା: ମେସର୍ସ ସଙ୍ଗୀତ ଗ୍ରାନାଇଟ୍ସ ଆଣ୍ଡ ଏକ୍ସପୋର୍ଟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସୁରେନ୍ଦ୍ର ପାଲ / ଜାମିନ୍‌ଦାରମାନେ: ୧) ଶ୍ରୀ କୁଶନୀ ଶିବ ପ୍ରସାଦ, ୨) ମେସର୍ସ ଏସ୍. ଏସ୍. ଗ୍ରାନାଇଟ୍ସ ପାର୍କ (ଅଂଶୀଦାରମାନେ: ଶ୍ରୀ ସୁରେନ୍ଦ୍ର ପାଲ ଏବଂ ଶ୍ରୀ କୁଶନୀ ଶିବ ପ୍ରସାଦ), ସମସ୍ତଙ୍କ ଠିକଣା- ସା.: ଲିଙ୍ଗିପୁର, ଥାନା: ଗୁରାଣ୍ଡି, ପାରଳାଖେମୁଣ୍ଡି, ଗଜପତି-୭୬୧୨୧୦ | ମେସର୍ସ ଏସ୍.ଏସ୍. ଗ୍ରାନାଇଟ୍ସ ପାର୍କ, ମାର୍ଫତଦାର ଶ୍ରୀ ସୁରେନ୍ଦ୍ର ପାଲ ଏବଂ ଶ୍ରୀ କୁଶନୀ ଶିବ ପ୍ରସାଦଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ମୌଜା: ଲିଙ୍ଗିପୁର, ଥାନା: ଗୁରାଣ୍ଡି, ତହସିଲ: ପାରଳାଖେମୁଣ୍ଡି, ଖାତା ନଂ.: ୧୫୬/୨୭୫, ପ୍ଲଟ୍ ନଂ.: ୭୪୧/୧୦୩୬, କ୍ଷେତ୍ର: ଏକର୦.୧୬୫ଡିସିମିଲି, ପ୍ଲଟ୍ ନଂ.: ୭୨୭/୧୦୩୭, କ୍ଷେତ୍ର: ଏକର୦.୪୨୦ଡିସିମିଲି, ପ୍ଲଟ୍ ନଂ.: ୭୨୮, କ୍ଷେତ୍ର: ଏକର୦.୪୮୫ଡିସିମିଲି, ପ୍ଲଟ୍ ନଂ.: ୭୩୮/୧୦୩୮, କ୍ଷେତ୍ର: ଏକର୦.୧୦୦ଡିସିମିଲି, ପ୍ଲଟ୍ ନଂ.: ୭୩୯/୧୦୩୯, କ୍ଷେତ୍ର: ଏକର୦.୧୨୦ଡିସିମିଲି ଏବଂ ପ୍ଲଟ୍ ନଂ.: ୭୪୦/୧୦୪୦, କ୍ଷେତ୍ର: ଏକର୦.୧୧୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୧.୪୦୦ଡିସିମିଲି,** ଏହାର ଚଉହଦି- ପୂର୍ବ: କେ. ଦ୍ୱାଇପାଣିଙ୍କ ଜମି, ପଶ୍ଚିମ: ଡି. ମାଲେଶ୍ୱର ରାଓ ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: ଏମ୍. ଦଣ୍ଡାସୀଙ୍କ ଜମି, ଦକ୍ଷିଣ: ପିଡବ୍ଲୁଡି ରୋଡ୍। | ୨୮.୦୪.୨୦୨୨ / ୨୨.୦୮.୨୦୨୨ | ୩୦.୦୭.୨୦୨୨ ସୁଦ୍ଧା ଟ.୩,୫୦,୭୧,୬୬୯.୪୪ ଯୁକ୍ତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ରଣଗ୍ରହୀତା: ମେସର୍ସ ଉତ୍କଳ ଫ୍ଲାଏଆସ୍ ବ୍ରିକ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀ ଶଙ୍କର କୁମାର ପାଣିଗ୍ରାହି / ଜାମିନ୍‌ଦାର: ଶ୍ରୀମତୀ କାମାକ୍ଷୀ ପ୍ରସାଦ ପାଣିଗ୍ରାହି, ଉଭୟଙ୍କ ଠିକଣା- ସା.: ଗୋପିନି ସାହି, ବାଳିକା ଉଚ୍ଚ ବିଦ୍ୟାଳୟ ରାସ୍ତା, ପାରଳାଖେମୁଣ୍ଡି, ଗଜପତି-୭୬୧୨୦୦ | ଶ୍ରୀ କାମାକ୍ଷୀ ପ୍ରସାଦ ପାଣିଗ୍ରାହିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଗୃହ ଆଦି ସମ୍ପତ୍ତି ଯାହାର ମୌଜା: ପାରଳାଖେମୁଣ୍ଡି, ପ୍ଲଟ୍ ନଂ.: ୧୬୦୫, କ୍ଷେତ୍ର: ଏକର୦.୦୨୨ଡିସିମିଲି, ହାଲ ଖାତା ନଂ.: ୨୧୫/୯୫୮, ଏହାର ଚଉହଦି- ପୂର୍ବ: ହେମଚନ୍ଦ୍ର ବକ୍ସିଙ୍କ ଗୃହ, ପଶ୍ଚିମ: ରଘୁନାଥ ସାହୁଙ୍କ ଗୃହ, ଉତ୍ତର: ଗୋପିନି ସାହି ରାସ୍ତା, ଦକ୍ଷିଣ: ବକ୍ସି ସାହି ରାସ୍ତା | ୧୯.୦୪.୨୦୨୨ / ୨୨.୦୮.୨୦୨୨ | ୦୯.୦୭.୨୦୨୨ ସୁଦ୍ଧା ଟ.୧୮,୦୭,୩୭୧/- ଯୁକ୍ତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ତାରିଖ: ୨୩.୦୮.୨୦୨୨
ସ୍ଥାନ: ପାରଳାଖେମୁଣ୍ଡି
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ବକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। **-ଶ୍ରୀଅରବିନ୍ଦ**



# ସୁନ୍ଦରୀ ପ୍ରତିଯୋଗିତା

ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ବିବାହିତା ମହିଳା ଓ ମା'ମାନେ ଏବେ ଭାଗ ନେଇପାରିବେ। ୭୦ ବର୍ଷରୁ ଊର୍ଦ୍ଧ୍ବ ସମୟ ଧରି ଯୁବତୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଆସୁଥିଲେ। ଏହା ସ୍ୱାଗତଯୋଗ୍ୟ ଯେ, ଏଥିରେ ବିବାହିତା ମହିଳାଙ୍କୁ ସୁଯୋଗ ମିଳିବ। ବୃଦ୍ଧାମାନଙ୍କୁ ସୁଯୋଗ ମିଳିଲେ ଆହୁରି ସୁନ୍ଦର ହୁଅନ୍ତା। ପୃଥିବୀର ସବୁ ଦେଶରେ ହେଉଥିବା ଏହି ସୁନ୍ଦରୀ ପ୍ରତିଯୋଗିତା ମାଧ୍ୟମରେ ତରୁଣୀମାନେ ଶୋଷିତ ହୋଇଆସୁଛନ୍ତି। ଭାରତର ଗୋଟିଏ ଇଂଲିଶ୍ ଖବରକାଗଜ ପକ୍ଷରୁ ମିସ୍ ଇଣ୍ଡିଆ ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି। ଦୀର୍ଘ ଦଶନ୍ଧି ଧରି ସେହି ସଂସ୍ଥାରେ କାର୍ଯ୍ୟ କରିଆସୁଥିବା ଜଣେ ମୁଖ୍ୟ କର୍ମଚାରୀ ଦେଶର କୋଣ ଅନୁକୋଣରୁ ସୁନ୍ଦରୀ ପ୍ରତିଯୋଗିତାରେ ଜିତି ହିନ୍ଦୀ ସିନେମାରେ ପ୍ରବେଶ କରିବାକୁ ଇଚ୍ଛୁକ ତରୁଣୀମାନଙ୍କୁ ଶୋଷଣ କରିଆସୁଥିବା ସେହି ମହଲରେ ଜଣାଶୁଣା। ସେହି କର୍ମଚାରୀଙ୍କ ମୃତ୍ୟୁ ଘଟିବା ପରେ ମଧ୍ୟ ଉକ୍ତ ସ୍ଥାନ ନେବା ପାଇଁ ଧାଡ଼ି ଲାଗିଛି।



ତମାଖୁ କିମ୍ବା ମଦ ବେପାର ଭଳି ସୁନ୍ଦରୀ ପ୍ରତିଯୋଗିତା ଏକ ଅନ୍ତର୍ଜାତୀୟ ବହୁ ବିଲିୟନ ଡଲାରର ଶିଳ୍ପ। ମହିଳାମାନଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିଭିତ୍ତିକ ସାମଗ୍ରୀ ଏବଂ ବିଭିନ୍ନ ପ୍ରକାରର

> **ତମାଖୁ କିମ୍ବା ମଦ ବେପାର ଭଳି ସୁନ୍ଦରୀ ପ୍ରତିଯୋଗିତା ଏକ ଅନ୍ତର୍ଜାତୀୟ ବହୁ ବିଲିୟନ ଡଲାରର ଶିଳ୍ପ। ମହିଳାମାନଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିଭିତ୍ତିକ ସାମଗ୍ରୀ ଏବଂ ବିଭିନ୍ନ ପ୍ରକାରର ସେବା ଯଥା-ଦାନ୍ତ ସିଧା କରିବା ଭଳି ସର୍ଜରି, ବୋଟକ୍ସ ଭଳି ବିଭିନ୍ନ ପ୍ରକାର ଇଞ୍ଜେକଶନ୍, ଏପରିକି ପ୍ଲାଷ୍ଟିକ୍ ସର୍ଜରି ଏବଂ ଓଜନ କମାଇବାର ଔଷଧ ପ୍ରସ୍ତୁତକର୍ତ୍ତାମାନେ ଏହି ପ୍ରତିଯୋଗିତା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରିଥାନ୍ତି।**

ସେବା ଯଥା-ଦାନ୍ତ ସିଧା କରିବା ଭଳି ସର୍ଜରି, ବୋଟକ୍ସ ଭଳି ବିଭିନ୍ନ ପ୍ରକାର ଇଞ୍ଜେକଶନ୍, ଏପରିକି ପ୍ଲାଷ୍ଟିକ୍ ସର୍ଜରି ଏବଂ ଓଜନ କମାଇବାର ଔଷଧ ପ୍ରସ୍ତୁତକର୍ତ୍ତାମାନେ ଏହି ପ୍ରତିଯୋଗିତା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରିଥାନ୍ତି। ଏହାଦ୍ୱାରା ଯେ ବାସ୍ତବ ସୁନ୍ଦରୀ ଯୁବତୀ ବଛା ହୋଇ ଆସୁଛନ୍ତି ଭାବିବା ତ୍ରୁଟିପୂର୍ଣ୍ଣ। ସୌନ୍ଦର୍ଯ୍ୟ ମାପଦଣ୍ଡ ସେହି ପ୍ରତିଯୋଗିତାର ଆୟୋଜକମାନେ ନିର୍ଦ୍ଧାରଣ କରିଥାନ୍ତି। ଦେଖିବାକୁ ଗଲେ ନାମକୁମାତ୍ର ବୁଦ୍ଧିର ପରୀକ୍ଷା କରାଯାଏ ବୋଲି ସମସ୍ତେ ଜାଣନ୍ତି। ଏହି ପ୍ରତିଯୋଗିତା ପଛରେ କେବଳ ବ୍ୟବସାୟ ସମ୍ପୃକ୍ତ ରହିଛି। ସୌନ୍ଦର୍ଯ୍ୟ ବୃଦ୍ଧି କରାଉଥିବା ସାମଗ୍ରୀ ଓ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ଏବେ ହୁଏତ ହୃଦ୍‌ବୋଧ କଲେଣି ଯେ, ବିଶ୍ୱବ୍ୟାପୀ ଅନେକ ଯୁବତୀ ବିବାହ କରି ମାତୃତ୍ୱ ଲାଭ କରିବା ପରେ ସୌନ୍ଦର୍ଯ୍ୟ ବୃଦ୍ଧି ଆଡ଼କୁ ବିଶେଷ ସମୟ ଓ ଅର୍ଥ ଖର୍ଚ୍ଚ କରୁନାହାନ୍ତି। ବିଶ୍ୱବ୍ୟାପୀ ଅର୍ଥନୈତିକ ପରିସ୍ଥିତିରେ ମାନ୍ଦାବସ୍ଥା ଯୋଗୁ ଏହି ସୌନ୍ଦର୍ଯ୍ୟ ବ୍ୟବସାୟରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡ଼ିଥିବ। ପୂର୍ବରୁ ଅନ୍ତର୍ଜାତୀୟ ସ୍ତରରେ ଦର୍ଶକଙ୍କର ଯେଉଁ ଆଗ୍ରହ ସୁନ୍ଦରୀ ପ୍ରତିଯୋଗିତାରେ ଦେଖାଯାଉଥିଲା, ତାହା ମଧ୍ୟ ହ୍ରାସ ପାଇଥିବାର ପରିଲକ୍ଷିତ ହେଉଛି। ଏହିଭଳି ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଥିବା ବ୍ୟବସାୟଗୁଡ଼ିକ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନ୍ଦରୀ ପ୍ରତିଯୋଗିତାର ଆୟୋଜକମାନେ ବିଶ୍ୱ ଅର୍ଥନୀତିର ମାନ୍ଦାବସ୍ଥାକୁ ସାମ୍ନା କରିବା ପାଇଁ କିଛି ନୂଆ ପଦ୍ଧତି ନିଶ୍ଚିତ ଭାବେ ଖୋଜୁଥିଲେ। ସେହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ବିବାହିତା ମହିଳାଙ୍କୁ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପ୍ରଦାନ ଏକ ନୂତନତ୍ୱ ଆଣିଦେଉଛି। ଭିନ୍ନ ବାଟରେ କହିଲେ ଏକ ନୂଆ ଅବତାରରେ ମହିଳାମାନଙ୍କୁ ଆକର୍ଷିତ କରିବାର ଚେଷ୍ଟା ଆରମ୍ଭ ହେଉଛି।

ଶେଷରେ ଏତିକି କହିହେବ ଯେ, ବ୍ୟବସାୟ ପ୍ରଣୋଦିତ ସୁନ୍ଦରୀ ପ୍ରତିଯୋଗିତା ମହିଳାଙ୍କ ସମ୍ମାନ ବୃଦ୍ଧି କରେନାହିଁ କିମ୍ବା ତାହା ଦ୍ୱାରା ସେମାନଙ୍କ ସଶକ୍ତୀକରଣରେ ସହାୟକ ହୁଏ ନାହିଁ। ଅବଶ୍ୟ ଏହି ପ୍ରତିଯୋଗିତାରେ ବିଜୟିନୀମାନଙ୍କ ମଧ୍ୟରୁ କେତେଜଣ ଭାରତୀୟ ସିନେମାରେ ସୁଯୋଗ ପାଉଥିବା ବେଳେ ଅନ୍ୟମାନେ ଅଳିଆଗଦାକୁ ଯାଉଛନ୍ତି।

# ଅମୃତକାଳର ଜାତିବାଦ ବିଷ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଅଗଷ୍ଟ ପନ୍ଦର ଦିନ ଯେତେବେଳେ ସାରା ଦେଶ ସ୍ୱାଧୀନତାର ୭୫ବର୍ଷ ଅବସରରେ ଅମୃତକାଳ ପାଳନ କରୁଥିଲା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଐତିହାସିକ ଲାଲକିଲ୍ଲାର ପ୍ରାଚୀରରୁ ନିଜର ଭାଷଣ ଜରିଆରେ ଅମୃତକାଳର ଉଦ୍‌ଘୋଷ କରୁଥିଲେ, ତାର ଠିକ୍ କିଛି ଘଣ୍ଟା ପୂର୍ବରୁ ରାଜସ୍ଥାନର ଝାଲୌରରେ ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଥିଲା। ଜିଲାର ସରସ୍ୱତୀ ବିଦ୍ୟା ମନ୍ଦିରରେ ତୃତୀୟ ଶ୍ରେଣୀରେ ପଢୁଥିବା ୯ ବର୍ଷର ଦଳିତ ଛାତ୍ର ଉଚ୍ଚ ଜାତିର ପ୍ରଧାନ ଶିକ୍ଷକଙ୍କ ଜାତିଗତ ଘୃଣା ଓ ହିଂସାର ଶିକାର ହୋଇ ପ୍ରାଣ ହରାଇଥିଲା। ତା'ର ଏକମାତ୍ର ଅପରାଧ ଥିଲା, ସେ ଦଳିତ ପିଲାଙ୍କ ବ୍ୟବହାର ପାଇଁ ନିଷିଦ୍ଧ ଥିବା ସ୍କୁଲର ଏକ ପାଣିପାତ୍ରକୁ ଛୁଇଁ ପାଣି ପିଇଥିଲା। ଜୁଲାଇ ୨୦ର ଏହି ଘଟଣା ପରେ ଛାତ୍ରଟିର କାନରୁ ରକ୍ତସ୍ରାବ ହୋଇଥିଲା। ଅଭିଭାବକ ତାକୁ ଚିକିତ୍ସା ପାଇଁ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ଭଲ ନ ହେବାରୁ ତାକୁ ଅନ୍ୟ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘ ୨୩ ଦିନ ଧରି ଚିକିତ୍ସା ପରେ ଅଗଷ୍ଟ ୧୩ରେ ଅହମଦାବାଦର ଏକ ହସ୍‌ପିଟାଲରେ ପିଲାଟିର ମୃତ୍ୟୁ ହୋଇଥିଲା।

ତେବେ ଘଟଣା ସମ୍ପର୍କରେ ଖବର ପ୍ରସାରିତ ହେବା ପରେ ତାକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଅଗଷ୍ଟ ୧୧ରେ ହସ୍‌ପିଟାଲ କର୍ତ୍ତୃପକ୍ଷ ଏହାକୁ ଏକ ମେଡିକୋ ଲିଗାଲ କେସ୍ ବୋଲି ରାଜସ୍ଥାନ ପୋଲିସକୁ ଜଣାଇବା ପରେ ପୋଲିସ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ମାମଲା ମଧ୍ୟ ଦାଏର କରିଥିଲା। ସ୍ୱାଧୀନତା ଦିବସରେ ବହୁସଂଖ୍ୟାରେ ଲୋକେ ଏହି ଘଟଣାର ପ୍ରତିବାଦରେ ନିଜର ସୋସିଆଲ ମିଡିଆ ଡିପିରେ ତ୍ରିରଙ୍ଗା ବଦଳରେ ମୃତ ଛାତ୍ରଟିର ଫଟୋ ଓ ଚିତ୍ରକୁ ରଖିବା ଦେଖାଯାଇଥିଲା। ରାଜସ୍ଥାନର ବିଭିନ୍ନ ଦଳିତ ସଂଗଠନ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିଥିଲେ। ରାଜନୈତିକ ଦଳମାନେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଘଟଣାର ଗମ୍ଭୀରତାକୁ ଦେଖି ରାଜସ୍ଥାନ ସରକାର ତୁରନ୍ତ ସକ୍ରିୟ ହୋଇଯାଇ ଅଭିଯୁକ୍ତ ଶିକ୍ଷକଙ୍କୁ ହତ୍ୟା ଓ ଜାତି ନିର୍ଯାତନା ମାମଲାରେ ଗିରଫ କରିବା ସହ ମୃତ ଛାତ୍ରର ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲେ।

ଆମ ସମାଜରେ ଜାତି ନାଁରେ କିପରି ଭୟଙ୍କର ଘୃଣା ଓ ହିଂସାର ବିଷ ଭରି ରହିଛି, ତାକୁ ଝାଲୌରର ଘଟଣା ପୁଣିଥରେ ଉଜାଗର କରିଛି। ଆମେ ଜାତିର ଆଧାରରେ ଯେ ଭାଗ ଭାଗ ହୋଇ ରହିଛୁ ଏବଂ ଜଣେ ଜଣକୁ ଘୃଣା ଓ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛୁ, କମ୍ ସେ କମ୍ ଝାଲୌର ପରି ଘଟଣା ମନେପକେଇ ଦେଉଛି। କିଛି ଦିନ ତଳେ ଉତ୍ତରପ୍ରଦେଶର ରାୟବରେଲି ଜିଲାରେ ଜାତିବାଦର ଏକ ଘଟଣା ସାମ୍ନାକୁ ଆସିଥିଲା। ଗାଁରେ ଜଣେ ଦଳିତ ମହିଳା ଶ୍ରମିକ ନିଜର ବକେୟା ମଜୁରି ମାଗିବାରୁ ସମ୍ପୃକ୍ତ ଉଚ୍ଚଜାତିର ବ୍ୟକ୍ତି ମହିଳାଙ୍କ ନାବାଳକ ପୁଅକୁ ରାସ୍ତା ମଝିରେ ହିଁ ଚମଡ଼ା ବେଲ୍ଟରେ ମାଡ଼ ମାରିବା ସହ ନିଜର ପାଦକୁ ଚାଟିବାକୁ ବାଧ କରିଥିଲେ। ଏଭଳି ଅପରାଧ ଘଟଣାର ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ଯୋଗୁ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।



ବିଡ଼ମ୍ବନାର ବିଷୟ, ଆଧୁନିକ ଶିକ୍ଷା ପାଇ ବିଚାର ଓ ଦୃଷ୍ଟିଭଙ୍ଗୀ ବ୍ୟାପକ ତଥା ସମ୍ବେଦନଶୀଳ ହେବା ପରିବର୍ତ୍ତେ ଆମର ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ଅଧିକ ଜାତିବାଦୀ ହେଉଛନ୍ତି। କେବଳ ଝାଲୌରର ସରସ୍ୱତୀ ବିଦ୍ୟାମନ୍ଦିର ନୁହେଁ, ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଶିକ୍ଷାନୁଷ୍ଠାନରେ ଜାତିଗତ ବିଦ୍ୱେଷର ଖବର ସବୁ ମଝି ମଝିରେ ଆସିବାରେ ଲାଗିଛି। କିଛିଦିନ ତଳେ ଉତ୍ତରାଖଣ୍ଡର ଏକ ସ୍କୁଲରେ ଦଳିତ ରୋଷେୟା ରାନ୍ଧିଥିବା ଖାଦ୍ୟକୁ ସ୍କୁଲର ଉଚ୍ଚ ଜାତିର ଛାତ୍ରୀଛାତ୍ର ଖାଇବାକୁ ମନା କରିଦେବା ଦେଖିବାକୁ ମିଳିଛି। ଆମେ ଆମର ଘର ଭିତରେ ହିଁ କିପରି ପିଲାଙ୍କ ମନରେ ଜାତିଗତ ଘୃଣା ଓ ଉଚ୍ଚଜାତି ଅହଂକାରକୁ ଭର୍ତ୍ତି କରୁଛୁ, ଉତ୍ତରାଖଣ୍ଡର ସ୍କୁଲର ଘଟଣାଟି ପ୍ରମାଣିତ କରୁଛି। ଯଦିଓ ପୂର୍ବପରି ସ୍କୁଲମାନଙ୍କରେ ଦଳିତ ଓ ସବର୍ଣ୍ଣ ପିଲା ଶ୍ରେଣୀକକ୍ଷରେ ଅଲଗା ବସୁ ନାହାନ୍ତି କିନ୍ତୁ ଜାତିଗତ ବିଦ୍ୱେଷର ପ୍ରତିଫଳନ ଶିକ୍ଷାନୁଷ୍ଠାନମାନଙ୍କରେ ଦେଖିବାକୁ ମିଳୁଛି। ଦେଶର ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାର ଅନୁଷ୍ଠାନଗୁଡ଼ିକ ବି ଏଥିରୁ ମୁକ୍ତ ନୁହନ୍ତି। ଏହା ଦଳିତ ଛାତ୍ର ରୋହିତ ଭେମୁଲାଙ୍କ ଆତ୍ମହତ୍ୟାରୁ ଉଜାଗର ହୋଇସାରିଛି। ଦେଶର ଶିକ୍ଷାନୁଷ୍ଠାନମାନଙ୍କରେ କାର୍ଯ୍ୟରତ ମୋଟ ୧୨.୮୪ ଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ମାତ୍ର ୮.୬% ଅନୁସୂଚିତ ଜାତିର ଏବଂ ୨.୨୭% ଅନୁସୂଚିତ ଜନଜାତିର ହେବା ବି ଶିକ୍ଷାନୁଷ୍ଠାନମାନଙ୍କରେ ରହିଥିବା ଉଚ୍ଚ ଜାତିର ଆଧିପତ୍ୟକୁ ପ୍ରମାଣିତ କରୁଛି।

କେବଳ ଶିକ୍ଷାନୁଷ୍ଠାନ ନୁହେଁ, ପ୍ରଶାସନଠାରୁ ଆରମ୍ଭ କରି ମିଡିଆ, ନ୍ୟାୟପାଳିକା, ରାଜନୀତି ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଦଳିତ, ଆଦିବାସୀ ଏପରି କି ଓବିସିଙ୍କ ପ୍ରତିନିଧିତ୍ୱ ନଗଣ୍ୟ ରହିଛି। କେନ୍ଦ୍ର ସରକାରଙ୍କ କ୍ୟାବିନେଟ ସଚିବାଳୟରେ ୮୧ ଜଣ ବରିଷ୍ଠ ଅଧିକାରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ଅନୁସୂଚିତ ଜାତିର ହୋଇଥିବା ବେଳେ ଜଣେ ମାତ୍ର ଅନୁସୂଚିତ ଜନଜାତିର ଅଛନ୍ତି। ସେହିପରି ଗ୍ରୁପ୍-ବିପଦବୀରେ ୧୦୯ ଜଣ ଅଧିକାରୀଙ୍କ ମଧ୍ୟରୁ ମାତ୍ର ୬ ଜଣ ହିଁ ଅନୁସୂଚିତ ଜାତିର ରହିଛନ୍ତି। ନୀତି ଆୟୋଗରେ ମଧ୍ୟ କାର୍ଯ୍ୟରତ ୧୯୩ଜଣ ଅଧିକାରୀଙ୍କ ମଧ୍ୟରୁ ମାତ୍ର ୧୯ ଜଣ ଅନୁସୂଚିତ ଜାତିର, ୧୩ ଆଦିବାସୀ ଓ ୧୫ ଜଣ ଓବିସି ସମ୍ପ୍ରଦାୟର ରହିଛନ୍ତି। ଏହା ସମାଜର ଜାତିବାଦୀ ବ୍ୟବସ୍ଥାକୁ ପ୍ରତିଫଳିତ କରିବା ସହ ସମ୍ପୃକ୍ତ ଅନୁଷ୍ଠାନମାନଙ୍କରେ ଜାତି ନେଇ ସମ୍ବେଦନଶୀଳତାର ଦୁର୍ବଳ ସ୍ଥିତିକୁ ସୂଚାଉଛି।

ଦେଶର ସମ୍ବିଧାନରେ ଅସ୍ପୃଶ୍ୟତାକୁ ଅପରାଧ ବୋଲି ଘୋଷଣା ହେବା ଏବଂ ଜାତିଗତ ନିର୍ଯାତନା ରୋକିବା ପାଇଁ ଆଇନ ତିଆରି ହେବା ସତ୍ତ୍ୱେ ଦେଶରେ ଦଳିତ ଓ ଆଦିବାସୀମାନଙ୍କ ଉପରେ ଜାତିଗତ ଉତ୍ପୀଡ଼ନ ଓ ହିଂସା ଘଟଣା ବଢ଼ିବାରେ ଲାଗିଛି। ଗତ ୨୫ ବର୍ଷ ମଧ୍ୟରେ ଦେଶରେ ୧୦ ଲକ୍ଷରୁ ଅଧିକ ଜାତିଗତ ନିର୍ଯାତନା ଓ ହିଂସା ମାମଲା ଦାଏର ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ନିକଟରେ ସାଂସଦ ହାଜୀ ଫଜଲୁର ଇମାନଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରୀ ରାମଦାସ ଅଠୱାଲେ ଦେଶରେ ୨୦୧୮ରୁ ୨୦୨୦ ଅର୍ଥାତ୍ ତିନି ବର୍ଷ ମଧ୍ୟରେ ଦଳିତ ନିର୍ଯାତନାର ୧,୩୯,୦୪୫ଟି ମାମଲା ଦାଏର ହୋଇଥିବା କହିଛନ୍ତି। ସେଥିମଧ୍ୟରୁ ଉତ୍ତରପ୍ରଦେଶରେ ୩୬,୪୬୭ଟି ମାମଲା, ବିହାରରେ ୨୦,୯୭୩ ମାମଲା, ରାଜସ୍ଥାନରେ ୧୮୪୧୮ ଓ ମଧ୍ୟପ୍ରଦେଶରେ ୧୬୯୫୨ଟି ମାମଲା ରହିଥିବା ଜଣାପଡ଼ିଛି। ଦେଶରେ ୨୦୧୮ରେ ଏଭଳି ମୋଟ ୪୨୭୯୩ଟି ମାମଲା ଦାଏର ହୋଇଥିବା ବେଳେ ୨୦୧୯ରେ ୪୫,୯୬୧ଟି ମାମଲା ଓ ୨୦୨୦ରେ ୫୩,୮୮୬ଟି ମାମଲା ଦାଏର ହୋଇଛି। କେବଳ ରାଜସ୍ଥାନରେ ୨୦୧୭ରେ ୪୨୩୮ଟି ମାମଲା ଦାଏର ହୋଇଥିବା ବେଳେ ୨୦୨୦ରେ ଏହିପରି ମାମଲା ସଂଖ୍ୟା ୭୦୧୭କୁ ବୃଦ୍ଧି ପାଇଥିଲା। ୨୦୧୭-୨୦ ମଧ୍ୟରେ ଦେଶରେ ଅନୁସୂଚିତ ଜାତିର ଲୋକଙ୍କ ବିରୋଧରେ ଅପରାଧ ୧୬% ବୃଦ୍ଧି ଘଟିଥିବା ବେଳେ କେବଳ କଂଗ୍ରେସ ଶାସିତ ରାଜସ୍ଥାନରେ ୬୫% ଓ ଭାଜପା ଶାସିତ ଉତ୍ତରାଖଣ୍ଡରେ ୩୫% ବୃଦ୍ଧି ଘଟିଛି।

ଦେଶରେ ବଢ଼ିଚାଲିଥିବା ଜାତିଗତ ବିଦ୍ୱେଷ ଓ ହିଂସାର ଘଟଣାକୁ ରୋକିବାକୁ ହେଲେ କେବଳ ଆଇନ କରିଦେବା ଯଥେଷ୍ଟ ନୁହେଁ। କାରଣ ଜାତିଗତ ନିର୍ଯାତନା ମାମଲାରେ ଦଣ୍ଡବିଧାନର ହାର ବହୁତ କମ୍। ଅତଏବ ଆଇନକୁ ଠିକ୍ ରୂପେ କାର୍ଯ୍ୟକାରୀ କରି ଅପରାଧର ତଦନ୍ତ ଓ ଦଣ୍ଡବିଧାନ କରିବାକୁ ହେଲେ ଏକ ସମ୍ବେଦନଶୀଳ ପୋଲିସ ଏବଂ ନ୍ୟାୟବ୍ୟବସ୍ଥା ଅତ୍ୟନ୍ତ ଜରୁରୀ। ଏହାସହ ସମାଜରୁ ଜାତିବାଦକୁ ହଟାଇବାକୁ ହେଲେ ଏକ ଶକ୍ତିଶାଳୀ ଜାତି ବିରୋଧୀ ସମାଜ ସଂସ୍କାର ଆନ୍ଦୋଳନ ମଧ୍ୟ ଅନିବାର୍ଯ୍ୟ। ଆମର ସ୍କୁଲ ପାଠ୍ୟକ୍ରମରେ ଜାତି ବିରୋଧରେ ଲେଖାକୁ ସ୍ଥାନିତ କରିବା ସହ ଡ. ବି.ଆର୍. ଆମ୍ବେଡକର, ପେରିୟାର, ମହାତ୍ମା ଜ୍ୟୋତିବା ଫୁଲେ, ନାରାୟଣ ଗୁରୁ, ଆୟାଂକଲି, ସୋଦରନ୍ ଆୟାପ୍ପାନ୍, ଭୀମ ଭୋଇ ପ୍ରଭୃତି ସମାଜ ସଂସ୍କାରକମାନଙ୍କ ଜୀବନୀ ଓ ସଂଘର୍ଷର ଇତିହାସକୁ ଆମ ପିଲାଙ୍କୁ ପଢ଼ାଇବା ଦରକାର।

**ମୋ : ୯୪୩୭୧୬୬୩୯୧**

# ଯାନବାହନର ଯନ୍ତ୍ରଣା



ରାମଚନ୍ଦ୍ର ରାଉତ

ପ୍ରତ୍ୟେକ ମୋଟରଯାନ ଯାହା ଦୁଇ, ତିନି, ଚାରି ବା ଅଧିକ ସଂଖ୍ୟକ ଚକବିଶିଷ୍ଟ ହୋଇଥାଉନା କାହିଁକି ତା'ର ଗୋଟିଏ ଚେସିସ୍ ନମ୍ବର ଥାଏ। ପୁନଶ୍ଚ ଗୋଟିଏ ଇଞ୍ଜିନ ନମ୍ବର ମଧ୍ୟ ଥାଏ। ଚେସିସ୍ ନମ୍ବରଟି ୧୭ ଅଙ୍କବିଶିଷ୍ଟ (ବର୍ଣ୍ଣମାଳା ସହ) ହୋଇଥିବା ବେଳେ ସାଧାରଣତଃ ଇଞ୍ଜିନ ନମ୍ବର ୧୧ରୁ ୧୭ ନମ୍ବର ଭିତରେ ହୋଇଥାଏ ଓ ଅଧିକାଂଶ ସମୟରେ କୋଡ୍ ମଧ୍ୟ ଥାଏ। ଚେସିସ୍ ନମ୍ବରକୁ VIN ଅର୍ଥାତ୍ ବାହନ ବା ଯାନ ଚିହ୍ନଟ ସଂଖ୍ୟା ମଧ୍ୟ କୁହାଯାଇଥାଏ। ଏହା ପ୍ରତ୍ୟେକ ଗାଡ଼ି ପାଇଁ ଅଲଗା ଅଲଗା। ଏହି ନମ୍ବରଟି ଗାଡ଼ିର ଚେସିସ୍ ଉପରେ ଖୋଦେଇ ହେଲାପରି ରହୁଥିବାରୁ ଏହା ସହଜରେ ଏପଟସେପଟ କରି ହୁଏନାହିଁ।

ସେହିପରି ଇଞ୍ଜିନ ନମ୍ବର ମଧ୍ୟ ମୌଳିକ ଅଟେ ଅର୍ଥାତ୍ ଏହା ସ୍ଥଳ ଓ କମ୍ପାନୀ ବିଶେଷରେ ୧୧ରୁ ୧୭ ଅଙ୍କବିଶିଷ୍ଟ ହୋଇଥାଏ। ଅନେକ କୋଡ୍ ମଧ୍ୟ ଥାଏ। ଏହାକୁ ବଦଳାଇବା କଷ୍ଟକର। ନୂଆ ଗାଡ଼ିଟିଏ କିଣିଲେ ତାକୁ ନିକଟସ୍ଥ ଗାଡ଼ି ପଞ୍ଜୀକରଣ ଅଧିକାରୀଙ୍କ ପାଖରେ ପଞ୍ଜୀକୃତ କରିବାକୁ ପଡ଼ିଥାଏ। ପଞ୍ଜୀକରଣ ଦେୟ, ରୋଡ୍ ଟାକ୍ସ ଓ ଅନ୍ୟାନ୍ୟ ଟାକ୍ସ ସହିତ ପାଖାପାଖି ଗାଡ଼ିକିଣା ମୂଲ୍ୟର ୧୦ରୁ ୧୫% ଅର୍ଥ ଦେବାକୁ ପଡ଼ିଥାଏ। ଏହା ହିମାଚଳ ପ୍ରଦେଶରେ ସବୁଠାରୁ କମ୍ ଓ କର୍ଣ୍ଣାଟକରେ ସବୁଠୁ ଅଧିକ।

ମେଟ୍ରୋ ସିଟିମାନଙ୍କରେ ଗାଡ଼ି ପାର୍କିଂ ଆଗୁଆ ୨୦୦୦ରୁ ୪୦୦୦ ପର୍ଯ୍ୟନ୍ତ ନିଆଯାଇଥାଏ। ପେଟ୍ରୋଲ ଅପେକ୍ଷା ଡିଜେଲ ଗାଡ଼ିର ଟାକ୍ସ ଅଧିକ ହୋଇଥାଏ। CNG ଗାଡ଼ିର ରୋଡ୍ ଟାକ୍ସ ସବୁଠାରୁ କମ୍ ଓ EV ଗାଡ଼ିର ଟାକ୍ସ ନ ଥାଏ। ଆମ ରାଜ୍ୟରେ ସାଧାରଣତଃ ଗାଡ଼ିର ଟାକ୍ସ କିଣାମୂଲ୍ୟର ୬ରୁ ୧୨%। ଏହାଛଡ଼ା ସାମୟିକ ପଞ୍ଜୀକରଣ ପାଇଁ ୧୨୦୦ରୁ ୧୫୦୦ ଟଙ୍କା ଲାଗିଥାଏ। ଏହାବାଦ୍ ଗାଡ଼ି ବୀମା ଲାଗି ରେଜିଷ୍ଟ୍ରେଶନ ଫି' ୬୦୦, ଫାଷ୍ଟ ଟାଗ୍ ଚାର୍ଜ ୬୦୦, ହାଇପୋଥେକ୍ସନ ପାଇଁ ୧୫୦୦ ଓ ନମ୍ବର ପ୍ଲେଟ୍ ଲାଗି ୨୩୦ରୁ ୪୦୦ ଟଙ୍କା ପଡ଼ିଥାଏ। ଗୋଟିଏ ନୂଆ ଗାଡ଼ି କିଣିଲେ ଏହିପରି ଅନେକ ଟାକ୍ସ ପାଖାପାଖି ୫ରୁ ୬ ପ୍ରକାର ଦେବାକୁ ପଡ଼ିଥାଏ। ଗାଡ଼ି କିଣିବା ବେଳେ ବିକ୍ରିକର୍ତ୍ତା ତା'ର ସରକାରୀ ନିୟମାନୁଯାୟୀ ଜିଏସ୍‌ଟି, ସର୍‌ଚାର୍ଜ ଓ ଅନ୍ୟାନ୍ୟ ଚାର୍ଜ ଲଗାଇଥାଏ।

ଏଠାରେ ମନେରଖିବାକୁ ପଡ଼ିବ ଯେ, ଅଧିକାଂଶ ବ୍ୟକ୍ତି ଗାଡ଼ିଟିଏ ନିଜର ଜୀବିକା ନିର୍ବାହ ପାଇଁ କିଣିଥାନ୍ତି। ଏହା ଲକ୍ସୁରି ବା ଆମୋଦପ୍ରମୋଦ ପାଇଁ ନୁହେଁ, ଆବଶ୍ୟକତା ଦୃଷ୍ଟିରୁ କିଣାଯାଇଥାଏ।ଗାଡ଼ି କିଣୁଥିବା ବ୍ୟକ୍ତିଙ୍କୁ ଗୋଟିଏ ଗାଈକୁ ଯେପରି ତା'ର ଚାରିଗୋଟି ଚିର (ପହ୍ନା)ରୁ କ୍ଷୀର ଲୁଟି ନିଆଯାଏ ସେହିପରି ପ୍ରଥମେ ଟାକ୍ସ ନିଆଯାଏ ସେ ରଖିଥିବା ଅର୍ଥରାଶିରୁ, ଯେଉଁଥିରେ କି ସିଏ ଗାଡ଼ିଟିଏ କିଣିବାକୁ ମନସ୍ଥ କରିଥାଏ। ଦ୍ୱିତୀୟରେ ସେ ଗାଡ଼ିର ମୂଲ୍ୟ ଓ ତହିଁରେ ଲାଗୁଥିବା କ୍ରୟକର, ଜିଏସ୍‌ଟି, ସର୍‌ଚାର୍ଜ ଇତ୍ୟାଦି ନେଇଥାଏ। ତୃତୀୟରେ ସେ ରେଜିଷ୍ଟ୍ରେଶନ, ରୋଡ୍ ଟାକ୍ସ ଓ ଇନ୍‌ସୁ୍ୟରାନ୍ସ ଇତ୍ୟାଦି ନେଇଥାଏ। ତା'ପରେ ଗାଡ଼ିର ପେଟ୍ରୋଲ, ଡିଜେଲ ପାଇଁ ଓ ଲାଗୁଥିବା ପାର୍ଟସ ଲାଗି ମଧ୍ୟ ଟାକ୍ସ ନେଇଥାଏ। ଏହା ଜଣେ ସାଧାରଣ ଓ ମଧ୍ୟବିତ୍ତ ବ୍ୟକ୍ତିଙ୍କୁ କିପରି ବାଧୁଥିବ ଅନୁମେୟ।



ବର୍ତ୍ତମାନ ଗାଡ଼ିଗୁଡ଼ିକ ପାଇଁ ଲାଗୁ ହୋଇଥିବା HSRP ପ୍ଲେଟ୍ ଲାଗି ହୋଇଥିବା ବ୍ୟବସ୍ଥା ଠିକ୍ ଜଣାପଡ଼େ, ମାତ୍ର ଏସବୁ ଯେବେଠୁ କାର୍ଯ୍ୟକାରୀ କରାଗଲା ସେଥିରେ ସୀମିତ ରହିବା ଉଚିତ। ଗତ ବର୍ଷମାନଙ୍କରେ ପଞ୍ଜୀକୃତ ହୋଇଥିବା ଗାଡ଼ିଗୁଡ଼ିକ ପାଇଁ ଏହା ଲାଗୁ କରାଯିବା ଉଚିତ ନୁହେଁ। କାରଣ ଆଗାମୀ ଦିନରେ EV ଯାନ ଅଧିକ ଚାଲିବ ଓ ପୁରୁଣାକାଳିଆ ଗାଡ଼ି ଏବଂ ୧୫ ବର୍ଷରୁ ଅଧିକ ଗାଡ଼ିସବୁ ବନ୍ଦ ହୋଇଯିବ। ପୁରୁଣାଗାଡ଼ିକୁ ତ ଏବେ ଏମିତି ବିକ୍ରିକଲେ କେହି କିଣୁନାହାନ୍ତି ଓ ଖୁବ୍ କମ୍ ଦାମ୍‌ରେ ନେଉଛନ୍ତି। ତାକୁ ଚୋରି କରିବା ପାଇଁ ଗାଡ଼ି ଚୋରମାନେ ଆଗ୍ରହୀ ହେବେନାହିଁ। ସେ ମଧ୍ୟରୁ ଅନେକ ଗାଡ଼ି ମଧ୍ୟ ଚାଲିବା ଅବସ୍ଥାରେ ନାହିଁ। କିଛି ଗାଡ଼ି ଅଛି, ଯାହାର କି ରେଜିଷ୍ଟ୍ରେଶନ ନବୀକରଣ କରିଲେ ଜରିମାନା ସହ ଗାଡ଼ିର ମୂଲ୍ୟଠାରୁ ଅଧିକ ହୋଇଯିବ। ଏହାସହିତ ପୋଲିସ ଜବତ କରିଥିବା ଗାଡ଼ିସବୁ କିପରି ଦାୟିତ୍ୱହୀନତାରୁ ଖତ ଖାଉଥାଏ ତାହା ପ୍ରତ୍ୟେକ ଥାନା, ବନ ବିଭାଗ ଅଫିସ ଓ ଅବକାରୀ କାର୍ଯ୍ୟାଳୟ ଆଗରେ ଦୃଶ୍ୟମାନ। ସେହି ଗାଡ଼ିସବୁ ସେ ମାଲିକମାନେ ଫେରିପାଇବା ବେଳକୁ ସେଥିରେ ଆଉ କିଛି ନ ଥାଏ , ଯଦି ଥାଏ କେବଳ ନମ୍ବର ପ୍ଲେଟ୍।

ପ୍ରଥମରୁ ଦର୍ଶାଯାଇଥିବା ଦୁଇଟି ନମ୍ବର ଛଡ଼ା ଗାଡ଼ି ପାଇଁ ଆଉ ଏକ ରେଜିଷ୍ଟ୍ରେଶନ ନମ୍ବର ଦରକାର ନ ଥିବା ପରି ଜଣାପଡ଼େ। ଯଦିବା ନିୟମ ଓ ଆଇନ ଅନୁସାରେ ଦରକାର ତା'ହେଲେ ଯେ ଗୋଟିଏ ବା ଦୁଇଟି ପ୍ଲେଟ୍‌ରେ ଲେଖି ମାରିଥିଲେ ହବ ନ ହେଲେ ନାହିଁ , ଏପରି ନୁହେଁ। ଏହି ଅତ୍ୟାଧୁନିକ ବିଜ୍ଞାନ ଓ କାରିଗରି ଯୁଗରେ କୌଣସି ବିଶେଷ ଉପାୟ ବାହାର କରିବା ଦରକାର, ଯେଉଁଥିରେ କି ନମ୍ବରଟି ଚେସିସ୍ ଓ ଇଞ୍ଜିନ ନମ୍ବର ସହ ତାଳ ଦେଇ ହେଉଥିବ ଏବଂ ଗାଡ଼ିର କୌଣସି ଭଲ ଦୃଶ୍ୟମାନ ଅଂଶରେ ବା ଏକାଧିକ ସ୍ଥାନରେ ସ୍ଥାୟୀ ଭାବେ ଲେଖିହେବ, ଯେମିତି କି ଚେସିସ୍ ଓ ଇଞ୍ଜିନ ନମ୍ବର ଲେଖାଯାଇଛି। ଏବେ ଭାରତ ସରକାରଙ୍କ ତରଫରୁ ଏକ BH ଥାଇ ସବୁ ରାଜ୍ୟ ପାଇଁ ନମ୍ବର ପ୍ଲେଟ୍ ଜାରି କରାଯାଇଥିବା ଜଣାପଡ଼ିଛି, ଯାହା ଏକ ଭଲ ଉଦ୍ୟମ।

ଗାଡ଼ି ଯାଞ୍ଚ ଓ ଜରିମାନା ବ୍ୟବସ୍ଥା ପୋଲିସ ଏବଂ ପରିବହନ ବିଭାଗ ହାତରୁ କାଢ଼ି ଅନ୍ୟ ଏକ ସ୍ୱତନ୍ତ୍ର ସଚ୍ଚୋଟ ବିଭାଗ ହାତରେ ଦେବା ଉଚିତ। ମାତ୍ର ଏବେ ସଚ୍ଚୋଟ ବିଭାଗ ପାଇବା ମୁସ୍କିଲ। କାରଣ ପୋଲିସମାନେ ହିଁ ଅଧିକମାତ୍ରାରେ ଯାନବାହନ ଆଇନର ଉଲ୍ଲଂଘନ କରିଥାନ୍ତି ଓ ନମ୍ବର ପ୍ଲେଟ୍‌ରେ ପୋଲିସର ଚିହ୍ନ ଏବଂ ରଙ୍ଗ ଲଗାଇଥାନ୍ତି। ପରିବହନ ବିଭାଗ ମଧ୍ୟ ଏହିପ୍ରକାର ବେନିୟମ କାମ ଓ ଦୁର୍ନୀତିରେ ଥିଲା ବେଳେ ଏବେ ସେଥିରେ ସେପରି ଆଖିଦୃଶିଆ ପରିବର୍ତ୍ତନ ଆସିନାହିଁ। ଆଗରୁ ସମସ୍ତ ପରିବହନ କାର୍ଯ୍ୟାଳୟ ଦଲାଲଶ୍ରେଣୀୟ ଲୋକଙ୍କ ଦଖଲରେ ଥିଲା। କାମଟିଏ କରିବାକୁ ଗଲେ ଶହେ ସଲାମ୍ ଠୁକିବାକୁ ପଡୁଥିଲା।

**ମୋ-୮୨୪୯୦୮୭୯୯୫**

## ଏଇ ଭାରତରେ

ଦୁନିଆରେ ଅନେକ ଦୃଷ୍ଟି ବାଧିତ କିଛି ନିଆରା କାର୍ଯ୍ୟକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବାବେଳେ ଆନ୍ଧ୍ରପ୍ରଦେଶର ବୋଡୁ ନାଗ ଲକ୍ଷ୍ମୀ ବି ପଛରେ ନାହାନ୍ତି। ଲକ୍ଷ୍ମୀଙ୍କ ବୟସ ୩୦। ତାଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ମାତ୍ର ୫% ରହିଛି। ସେହି ଭିନ୍ନତାକୁ ସମ୍ମୁଖୀନ ହୋଇ ସେ ତାଙ୍କ ରୋଷେଇଶୈଳୀ ପାଇଁ ତଥା ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ୟୁଟ୍ୟୁବ ଷ୍ଟାର୍ ପାଲଟି ଯାଇଛନ୍ତି। ଏବେ ତାଙ୍କର ୨.୫ ଲକ୍ଷ ସବ୍‌ସ୍କ୍ରାଇବର ରହିଛନ୍ତି। ତାଙ୍କ ଭିଡିଓଗୁଡ଼ିକ କବିତା ନାଗ ବ୍ଲଗ୍‌ରେ ଉପଲବ୍ଧ ହେଉଛି। ଲକ୍ଷ୍ମୀଙ୍କ ପିଲାଦିନ ବହୁ ଦୁଃଖରେ କଟିଥିଲା। ତାଙ୍କ ପିତା ଚାଷ କରୁଥିବାରୁ ପରିବାର ଚଳାଇବା କଷ୍ଟକର ଥିଲା ଓ ଲକ୍ଷ୍ମୀ ଘରର ଦାୟିତ୍ୱ ମୁଣ୍ଡ ଉପରକୁ ନେବା ଆରମ୍ଭ କରିଦେଲେ। ଏଥିପାଇଁ ତାଙ୍କୁ ବହୁ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପରେ ତାଙ୍କ ସାନ ଭାଇଙ୍କ ପରାମର୍ଶ କ୍ରମେ ସେ ଜଣେ ଉତ୍ତମ ସେଫ୍ ବା ରୋଷେୟା ଭାବେ ଖ୍ୟାତି ହାସଲ କରିଛନ୍ତି ୟୁଟ୍ୟୁବରେ। ସେଥିରୁ ଯାହା ଆୟ ହେଉଛି ପରିବାର ଖର୍ଚ୍ଚ ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲଗାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫,୦୦୦ ଟଙ୍କା ଦେବା ସହ ସେବା କାର୍ଯ୍ୟରେ ଲିପ୍ତ ଅନୁଷ୍ଠାନଗୁଡ଼ିକୁ ସାହାଯ୍ୟ କରୁଛନ୍ତି। ଗାଁର ଯୁବକମାନଙ୍କ କ୍ରୀଡ଼ାର ଉନ୍ନତି ଲାଗି ବି ତାଙ୍କ ଆୟରୁ ୬୦,୦୦୦ ଟଙ୍କା ଦାନ କରିଛନ୍ତି। ଲକ୍ଷ୍ମୀଙ୍କ କାର୍ଯ୍ୟରେ ତାଙ୍କ ଭାଇ ଓ ନଣନ୍ଦ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଅଗଷ୍ଟ ୧୯୯୭**

- ରୁଆଣ୍ଡାର ଉତ୍ତର-ପଶ୍ଚିମାଞ୍ଚଳ ସୀମାନ୍ତବର୍ତ୍ତୀ ଗିସେନି ଇଲାକାରେ ଟୁଟ୍‌ସି ଉପଜାତି ଅଧ୍ୟୁଷିତ ଶରଣାର୍ଥୀ ଶିବିର ଉପରେ ଅଜ୍ଞାତ ଆତତାୟୀମାନେ ଆକ୍ରମଣ କରିବା ଫଳରେ ୧୦୭ ଶରଣାର୍ଥୀ ମୃତ।
- ପ୍ରମୁଖ କୋଇଲା ବ୍ୟବସାୟୀ ନନ୍ଦ କୁମାର ରୁଙ୍ଗଟାଙ୍କ ଅପହରଣ ଘଟଣା ପଛରେ ହାତ ଥିବା ଅଭିଯୋଗରେ ବିଏସ୍‌ପି ବିଧାୟକ ଦଳରୁ ବିଧାୟକ ମୁକତାର ଆନସରି ସସ୍‌ପେଣ୍ଡ।
- ରାଜ୍ୟରେ ଦେଖା ଦେଇଥିବା ବର୍ଷା ଓ ବନ୍ୟାରେ ୧୯ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଏ ଗାଥା ବୟାନ ନ କରିବି ତୁମ ପାଶେ
ବିଷାଦର ବାଣୀ ଲୁଚାଇ ଦେବି ମୋ ହାସେ
ତୁମେ ଆସ ଯାଅ ଫେରି ଚାହଁ ଯେବେ ଖୁସି
ଆଲୋକି ନିମେଷେ ଅନ୍ଧ ତମସା ବାସେ।
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | 6 | | 3 | 1 |
| 6 | | | | 7 | | | 2 | |
| | | 8 | | | 3 | | | |
| | | | | | 2 | 8 | 5 | |
| | 4 | | | | | 9 | | |
| | 9 | 1 | | | 8 | 3 | | |
| | | | | | | | | |
| | | 4 | 1 | 5 | | | | |
| | | | 6 | 8 | | 1 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 5 | 6 | 8 | 1 | 2 | 3 | 9 |
| 9 | 3 | 1 | 7 | 5 | 2 | 4 | 8 | 6 |
| 6 | 2 | 8 | 4 | 3 | 9 | 5 | 7 | 1 |
| 2 | 9 | 3 | 1 | 7 | 5 | 6 | 4 | 8 |
| 5 | 7 | 6 | 3 | 4 | 8 | 1 | 9 | 2 |
| 1 | 8 | 4 | 2 | 9 | 6 | 7 | 5 | 3 |
| 4 | 6 | 9 | 8 | 1 | 7 | 3 | 2 | 5 |
| 8 | 1 | 7 | 5 | 2 | 3 | 9 | 6 | 4 |
| 3 | 5 | 2 | 9 | 6 | 4 | 8 | 1 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆତଙ୍କବାଦ ଦମନ କଠୋର ହେଉ

ମହାଶୟ,

ଏପରି କେଉଁଦିନ ନାହିଁ ଯେ, କାଶ୍ମୀରରେ ଆତଙ୍କବାଦୀମାନଙ୍କ ଆକ୍ରମଣ ହେଉନାହିଁ ବୋଲି। ଆତଙ୍କବାଦୀଙ୍କ ଦ୍ୱାରା କେତେଦିନ ପର୍ଯ୍ୟନ୍ତ କଶ୍ମୀରରେ ନିର୍ଦ୍ଦୋଷମାନେ ମରୁଥିବେ। ଭାରତ ନୀରବତାରେ 'ଶାନ୍ତି ଓ ଅହିଂସା ମୂଳମନ୍ତ୍ରରେ ଯୁଦ୍ଧ ନୁହେଁ ବୁଦ୍ଧ' ନୀତିରେ ସହନଶୀଳତା ପ୍ରଦର୍ଶନକରି ସହି ଚାଲୁଥିବା ଇତ୍ୟାଦି ବର୍ତ୍ତମାନର ସମ୍ବେଦନଶୀଳ ଭରା ମୂଲ୍ୟବୋଧିକ ପ୍ରଶ୍ନ , ଯାହା ଅତ୍ୟନ୍ତ ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ। ଆତଙ୍କବାଦ ଦମନରେ ଭାରତ ଆଚରଣ ଓ ଉଚ୍ଚାରଣରେ କଠୋର ହେବା ଆବଶ୍ୟକ। ଭାରତ ବିଭାଜନଠାରୁ ଆରମ୍ଭକରି, ଭାରତର ସ୍ୱାଧୀନତା ପର୍ଯ୍ୟନ୍ତ ଏବଂ ପରେ ପାକିସ୍ତାନ ବାରମ୍ବାର ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ପୂର୍ବକ ଭାରତରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରି ଚାଲିଛି। ଶୋଚନୀୟ ପରାଜୟର ପ୍ରତିଶୋଧ ନେବାରେ ଭାରତ ବିରୋଧରେ ସଫଳତା ସହ ଛାୟା ଯୁଦ୍ଧ ଚଳାଇଆସିଛି ଆତଙ୍କବାଦ ଜରିଆରେ। ଆତଙ୍କବାଦୀମାନଙ୍କ ଜାତି ଧର୍ମକୁ ନ ଦେଖି ତାଙ୍କ ଦ୍ୱାରା ହେଉଥିବା ଅପରାଧକୁ ବିଚାରଧାରାରେ ଦୃଷ୍ଟାନ୍ତମୂଳକ କଠୋରରୁ କଠୋରତମ ଦଣ୍ଡବିଧାନ କରିପାରିଲେ ଭାରତକୁ ଆତଙ୍କବାଦରୁ ମୁକ୍ତି ମିଳିପାରିବ। ଆତଙ୍କବାଦୀମାନେ ଭୁଲିବା ଉଚିତ ନୁହେଁ ଯେ, ତାଙ୍କ ଦ୍ୱାରା ଆତଙ୍କବାଦ ଆକ୍ରମଣରେ ମଧ୍ୟ ଶିକାର ହେଉଛନ୍ତି ନିରୀହ ମୁସଲିମ ଭାଇ ନାଗରିକ ମାନେ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଏୟାର ଇଣ୍ଡିଆ ପକ୍ଷରୁ 'ମହାରାଜା ନମସ୍ତେ'**

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆ ପକ୍ଷରୁ ଆଦର ଓ ଆତିଥେୟତାର ପ୍ରତୀକ ମହାରାଜ ନମସ୍ତେକୁ ପୁନଃ ସ୍ଥାପିତ କରାଯାଇଛି। ବିଶେଷକରି କୋଭିଡ୍ ମହାମାରୀ ସମୟରେ ବିଶ୍ୱ ନମସ୍ତେକୁ ଆବିଷ୍କାର କରିଥିବା ବେଳେ ଏହା ଏୟାର ଇଣ୍ଡିଆର ମୂଳ ମୂଲ୍ୟବୋଧ ସହ ଯୋଡ଼ି ହୋଇଥିବାରୁ ଭାରତୀୟଙ୍କ ପାଇଁ ମଧ ଏହା ଆଧ୍ୟାତ୍ମିକ ସ୍ତରରେ ସମ୍ବନ୍ଧିତ ହୋଇ ରହିଛି। ଏପରିକି ବୟସ୍କମାନଙ୍କ ପ୍ରତି ସମ୍ମାନ ସ୍ୱରୂପ ଆମ ପିତାମାତାମାନେ ଆମକୁ ଦେଇଥିବା ଜୀବନର ଅନ୍ୟତମ ପ୍ରଥମ ଶିକ୍ଷା ନମସ୍ତେ ହୋଇଥିବାରୁ ତାହା ପିଲାଦିନର ସ୍ମୃତିକୁ ପୁନଃ ଜାଗ୍ରତ କରିଥାଏ।

# ଓଏମ୍‌ସିର ଇ-ନିଲାମ ପ୍ରକ୍ରିୟା ବିଫଳ

■ ଲୁହାପଥର,କ୍ରୋମାଇଟର ଦରବୃଦ୍ଧି ଅଣାୟତ୍ତ
■ ବନ୍ଦ ଆଶଙ୍କାରେ କଳିଙ୍ଗନଗର ଶିଳ୍ପସଂସ୍ଥା
■ ଜୀବିକା ହରାଇବେ ଶ୍ରମିକ, କର୍ମଚାରୀ

ଯାଜପୁର ଅଫିସ,୨୩।୮

ଭୁଲ୍ ନୀତି ନିର୍ଦ୍ଧାରଣ ଏବଂ ପ୍ରାରମ୍ଭିକ ମୂଲ୍ୟ ବୃଦ୍ଧି ଯୋଗୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଲୁହାପଥର ଓ କ୍ରୋମାଇଟ ବିକ୍ରି ହୋଇପାରୁନାହିଁ। ଶିଳ୍ପ ସଂସ୍ଥା ବି ସେହି ବର୍ଦ୍ଧିତ ମୂଲ୍ୟ ଦେଇ ଏହି କଞ୍ଚାମାଲ କିଣି ପାରୁନାହାନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି କାରଣରୁ କଳିଙ୍ଗନଗରରେ ନିଜସ୍ୱ ଖଣି ନ ଥିବା ଶିଳ୍ପ ସଂସ୍ଥାଗୁଡିକ ବନ୍ଦ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଲାଭରେ ହ୍ରାସ ଘଟୁଥିବାରୁ କର୍ପୋରେଟ ସେକ୍ଟର ସମୂହ ସେମାନଙ୍କ ଆଗାମୀ ପୁଞ୍ଜିନିବେଶ ଯୋଜନାକୁ ସାମୟିକ ସ୍ଥଗିତ କରିବା ପାଇଁ ବାଧ୍ୟ ହୋଇଛନ୍ତି। ଏକାଧିକ କର୍ପୋରେଟ ସଂସ୍ଥା ବି ଏ ସଂକ୍ରାନ୍ତରେ ଘୋଷଣା କରି ସାରିଛନ୍ତି। ଏହି କାରଣରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ପ୍ରାୟ ୨ ବର୍ଷ ହେବ ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ବଦଳରେ ଛଟେଇ ସଂଖ୍ୟା ବଢ଼ିଛି।

ଭିସା ଷ୍ଟିଲ୍, ଫେରୋକ୍ରୋମ, ରୋହିତ ଫେରୋଟେକ, କେଜେ ଇସ୍ପାତ୍ ଆଦି କମ୍ପାନୀଙ୍କ ନିଜସ୍ୱ ଖଣି ନାହିଁ। ରାଜ୍ୟ ସରକାରଙ୍କ ଶିଳ୍ପ ନାହିଁ ତ ଖଣି ନାହିଁ ନୀତି କଳିଙ୍ଗନଗର ଶିଳ୍ପାଞ୍ଚଳରେ କାମରେ ଆସୁନାହିଁ। କଞ୍ଚାମାଲ ପାଇଁ ଶିଳ୍ପସଂସ୍ଥାଗୁଡିକ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ କଳିଙ୍ଗନଗର ଶିଳ୍ପ କାରଖାନା ସଂଘ ପକ୍ଷରୁ ଏକାଧିକ ଥର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ସୁଫଳ ମିଳି ପାରୁନାହିଁ ବୋଲି ଅଭିଯୋଗ ହୋଇଛି। ଶିଳ୍ପସଂସ୍ଥାଗୁଡିକ ଆବଶ୍ୟକ ଲୁହାପଥର ଓ କ୍ରୋମାଇଟ ପାଇଁ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ। ଠିକ୍ ମୂଲ୍ୟରେ କଞ୍ଚାମାଲ ପାଇବା ପାଇଁ ଶିଳ୍ପସଂସ୍ଥାଗୁଡିକ ବାରମ୍ବାର ଓଏମ୍‌ସିର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଶିଳ୍ପସଂସ୍ଥାଗୁଡିକ ଏବେ ଅସ୍ଥିରତା ମଧ୍ୟ ଦେଇ ଗତି କରୁଛନ୍ତି।

ଅଭିଯୋଗ ଅନୁଯାୟୀ, ଓଏମ୍‌ସି ନିଲାମ ପ୍ରକ୍ରିୟାରେ ଲୁହାପଥର ଓ କ୍ରୋମାଇଟ ଯୋଗାଇ ଦେଇଥାଏ। ଶିଳ୍ପସଂସ୍ଥାଗୁଡିକ ଇ-ନିଲାମ ପ୍ରକ୍ରିୟାରେ ଭାଗନେଇ ଆବଶ୍ୟକ ପରିମାଣର ଲୁହାପଥର ଓ କ୍ରୋମାଇଟ କ୍ରୟ କରିଥାନ୍ତି। ତେବେ ଗତ ୪ ମାସର ଇ-ନିଲାମ ପ୍ରକ୍ରିୟାର ତଥ୍ୟ ଉପରେ ନଜର ପକାଇଲେ ଜଣାପଡୁଛି, ଚଳିତବର୍ଷ ମେ, ଜୁନ, ଜୁଲାଇ ଓ ଅଗଷ୍ଟରେ ଅନୁଷ୍ଠିତ ନିଲାମରେ ବିକ୍ରି ପାଇଁ ରଖାଯାଇ ଥିବା ଲୁହାପଥର ମୋଟ ପରିମାଣରୁ ଯଥାକ୍ରମେ ୬୧%, ୬%, ୪୧% ଓ ୫୭ ପ୍ରତିଶତ ବିକ୍ରି ହୋଇ ପାରିଥିଲା। ସେହିଭଳି ମେ, ଜୁନ, ଜୁଲାଇ ଓ ଅଗଷ୍ଟରେ ଅନୁଷ୍ଠିତ ନିଲାମରେ ବିକ୍ରି ପାଇଁ ରଖାଯାଇଥିବା କ୍ରୋମାଇଟ ପରିମାଣରୁ ଯଥାକ୍ରମେ ୨୦%, ୩୨%, ୨୫% ଓ ୧୮ ପ୍ରତିଶତ ବିକ୍ରି ହୋଇଥିଲା। ବଳକା ଲୁହାପଥର ଓ କ୍ରୋମାଇଟ ଓଏମ୍‌ସିରେ ପଡି ରହିଛି। ଏହିକ୍ରମରେ ବିଫଳ ନିଲାମ ପ୍ରକ୍ରିୟା ସତ୍ତ୍ୱେ ଓଏମ୍‌ସି କଞ୍ଚାମାଲର ପ୍ରାରମ୍ଭିକ ମୂଲ୍ୟରେ ପରିବର୍ତ୍ତନ ନ କରି ମୂଲ୍ୟ ବୃଦ୍ଧି କରିବା ଆଶ୍ଚର୍ଯ୍ୟର କଥା ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି।

ଓଡ଼ିଶାରେ ଗଢ଼ି ଉଠିଥିବା ଶିଳ୍ପସଂସ୍ଥା ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଆସୁଛନ୍ତି। ହେଲେ ଓଏମ୍‌ସିର ଶିଳ୍ପସମୂହ ପ୍ରତି ବୈମାତୃକ ମନୋଭାବ ଯୋଗୁ ଗୋଟିଏ ପରେ ଗୋଟିଏ ଶିଳ୍ପ ସଂସ୍ଥା ବନ୍ଦ ହେବାରେ ଲାଗିଛି। ଅନ୍ୟ କାରଖାନାଗୁଡିକ କଞ୍ଚାମାଲ ଅଭାବ ଯୋଗୁ ଉତ୍ପାଦନ ହ୍ରାସ କରିବାରେ ଲାଗିଛନ୍ତି। ବିଗତ କିଛିବର୍ଷ ଧରି ଏହି ସମସ୍ୟା ଦେଇ ଗତି କରୁଥିବା ଶିଳ୍ପସଂସ୍ଥାଗୁଡ଼ିକ କାରଖାନାର ଉତ୍ପାଦନକୁ ନିୟନ୍ତ୍ରିତ ଢଙ୍ଗରେ ଚଳାଇବାକୁ ବାଧ ହେଉଛନ୍ତି। ଏହି କାରଣରୁ ସେମାନେ ବିପୁଳ କ୍ଷତି ସହିଛନ୍ତି ବୋଲି ଅଭିଯୋଗ ହୋଇଛି। ଅପରପକ୍ଷେ ଓଏମ୍‌ସିରେ ଏଭଳି ପଦକ୍ଷେପ ଯୋଗୁ ରାଜକୋଷ ବିପୁଳ କ୍ଷତି ସହୁଛି। ଏହି ସମସ୍ୟାର ସମାଧାନ ପାଇଁ ଇ-ନିଲାମ ପ୍ରକ୍ରିୟାରେ ରଖାଯାଇଥିବା ସମସ୍ତ ପରିମାଣର ଲୁହାପଥର ଓ କ୍ରୋମାଇଟ ବିକ୍ରି ହେବା ପାଇଁ ଶିଳ୍ପ କାରଖାନା କର୍ତ୍ତୃପକ୍ଷ ଓଲଟା ନିଲାମ (ରିଭର୍ସବିଡିଂ) ପ୍ରକ୍ରିୟା ଆପଣେଇବା ପାଇଁ ଖଣି ନିଗମ ତଥା ରାଜ୍ୟ ସରକାରଙ୍କ ପାଖରେ ଦାବି ଜଣାଇଛନ୍ତି। ଓଏମ୍‌ସି ମାଧ୍ୟମରେ ନିଜସ୍ୱ ଖଣି ନ ଥିବା ଶିଳ୍ପସଂସ୍ଥାଗୁଡିକୁ ଆବଶ୍ୟକ ପରିମାଣର ଲୁହାପଥର ଓ କ୍ରୋମାଇଟ ଯୋଗାଇଦେବାର ବ୍ୟବସ୍ଥା ରାଜ୍ୟ ସରକାର କରିଥିଲେ ମଧ କଞ୍ଚାମାଲର ମୂଲ୍ୟ ନିର୍ଦ୍ଧାରଣ ନୀତି ଚିନ୍ତାର କାରଣ ହୋଇଛି। କଞ୍ଚାମାଲ ପ୍ରଚୁର ପରିମାଣର ମହଜୁଦ ଥାଇ ମଧ କାରଖାନାଗୁଡିକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଶିଳ୍ପସଂସ୍ଥାଗୁଡିକ ଉପରେ ନିଜର ଜୀବିକା ପାଇଁ ନିର୍ଭରଶୀଳ ସାଧାରଣ ଶ୍ରମିକ ଓ କର୍ମଚାରୀ ଜୀବିକା ହରାଇବା ଆଶଙ୍କାରେ କାଳାତିପାତ କରୁଛନ୍ତି। ଏହି ପରିସ୍ଥିତିରେ ସୁଧାର ପାଇଁ କଳିଙ୍ଗନଗର ଶିଳ୍ପ ସଂଘ ଓ ଅନ୍ୟ ଶିଳ୍ପ ସମୂହ ତୁରନ୍ତ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ବେଦାନ୍ତ ପକ୍ଷରୁ ସିଏସ୍ଆର୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୩।୮

ବେଦାନ୍ତ ଆଲୁମିନିୟମର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏପରିକି କମ୍ପାନୀର ଝାରସୁଗୁଡ଼ାସ୍ଥିତ ସ୍ମେଲଟର ପ୍ଲାଣ୍ଟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର କମ୍ପାନୀର ସିଏସଆର କାର୍ଯ୍ୟକ୍ରମ ଜରିଆରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଏବଂ ବ୍ୟବସାୟିକ ସହଯୋଗୀମାନେ ରକ୍ତଦାନ କରିଥିଲେ। ଉକ୍ତ ଶିବିରରୁ ପ୍ରାୟ ୨୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ବୁର୍ଲା ଓ ଝାରସୁଗୁଡ଼ା ବ୍ଲଡ୍ ବ୍ୟାଙ୍କକୁ ପ୍ରଦାନ କରାଯାଇଥିଲା। ଏପରିକି ଚଳିତ ବର୍ଷ ମଧ୍ୟରେ ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ବ୍ଲଡ୍ ବ୍ୟାଙ୍କକୁ ୩୪୦ରୁ ଅଧିକ ୟୁନିଟ୍ ରକ୍ତ ଦାନ କରିଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ରକ୍ତଦାନ ହେଉଛି ଏକ ମହତ ଦାନ। ଏହାଦ୍ୱାରା ବହୁ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଆମର କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ ସେମାନଙ୍କ ପରିବାରକୁ ମୁଁ ପ୍ରଶଂସା କରୁଛି। ଆମ ପାଇଁ ଆମ ଗୋଷ୍ଠୀର ସୁସ୍ଥତା ଓ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଆମର ସାମାଜିକ ପଦକ୍ଷେପର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଝାରସୁଗୁଡ଼ାରେ ସ୍ଥାୟୀ ଜୀବିକା, ଦକ୍ଷତା ବିକାଶ ଓ ମହିଳାଙ୍କ ସଶକ୍ତୀକରଣ ପାଇଁ ଆମେ ବହୁ ପ୍ରକାର ଜନହିତକର କାର୍ଯ୍ୟ କରି ଆସୁଛୁ।

## ଟ୍ରେଣ୍ଡ୍‌ସ ପକ୍ଷରୁ ଗଣେଶପୂଜା ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର,୨୩।୮

ରିଲାଏନ୍ସ ରିଟେଲର ପ୍ରମୁଖ ସଂସ୍ଥା 'ଟ୍ରେଣ୍ଡ୍‌ସ' ପକ୍ଷରୁ ଚଳିତ ବର୍ଷର ଗଣେଶପୂଜା ଉପଲକ୍ଷେ ସ୍ୱତନ୍ତ୍ର ଅଫର ଓ ଟ୍ରେଣ୍ଡସ୍ ସ୍ୱାଗତମ୍ ଶ୍ରୀଗଣେଶ ପ୍ରତିଯୋଗିତା ବିଷୟରେ ମଧ ଘୋଷଣା କରାଯାଇଛି। ବିଶେଷକରି ଗଣେଶପୂଜାକୁ ଅଧିକ ଆକର୍ଷଣୀୟ କରିବା ଓ ଗ୍ରାହକଙ୍କୁ ଶପିଂ ଉପରେ ଉନ୍ନତ ଅନୁଭୂତି ଦେବା ଲାଗି ଏହି ସ୍ୱତନ୍ତ୍ର ଅଫର ଅଧୀନରେ ଗ୍ରାହକମାନେ ୩୪୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ଶପିଂ କଲେ ୧୯୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ଓ ୩୦୦୦ଟଙ୍କା ମୂଲ୍ୟର ଏକ କୁପନ ପାଇପାରିବେ। ସେହିଭଳି ଏହି ସ୍ୱତନ୍ତ୍ର

**ସ୍ୱାଗତମ୍ ଶ୍ରୀଗଣେଶ ପ୍ରତିଯୋଗିତା ଘୋଷଣା**

ଅଫର ସହ ଟ୍ରେଣ୍ଡ୍‌ସ ସ୍ୱାଗତମ୍ ଶ୍ରୀଗଣେଶ ପ୍ରତିଯୋଗିତା ମଧ ଘୋଷଣା କରାଯାଇଛି। ଏଥିରେ ଗ୍ରାହକମାନେ ପ୍ରଭୁ ଗଣେଶଙ୍କ ଏକ ଛବି ଆଙ୍କି ଆମ ସହ ଶେୟାର କରିପାରିବେ କିମ୍ବା ପ୍ରଭୁ ଗଣେଶଙ୍କ ସହ ସେଲ୍‌ଫି ନେଇ ତାହା ମଧ ଆମ ପାଖକୁ ପଠାଇପାରିବେ। ଏପରିକି ଗ୍ରାହକମାନେ ୮୯୦୮୦୨୦୧୦୪ ହ୍ୱାଟ୍ସଆପ୍ ନମ୍ବରରେ ମଧ ବିସ୍ତୃତ ଭାବେ ପଠାଇପାରିବେ କିମ୍ବା ସଂସ୍ଥାର ୱେବ୍‌ସାଇଟ ମାଧମରେ ମଧ ସେମାନଙ୍କ ଛବି କିମ୍ବା ସେଲ୍‌ଫିକୁ ଅପ୍‌ଲୋଡ୍ କରିବା ସହ ପ୍ରତିଯୋଗିତା ସମ୍ପର୍କରେ ଅଧିକ ବିବରଣୀ ମଧ ପାଇପାରିବେ।

## ନରାକାସର ୫୨ତମ ଅର୍ଦ୍ଧବାର୍ଷିକ ବୈଠକ




ଭୁବନେଶ୍ୱର,୨୩।୮

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ)ର ବା ବ୍ୟାଙ୍କ ଭୁବନେଶ୍ୱରର ୫୨ତମ ଅର୍ଦ୍ଧବାର୍ଷିକ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନରାକାସ ଅଧ୍ୟକ୍ଷ ଚନ୍ଦ୍ରଶେଖର ଶର୍ମା ଏବଂ ମୁଖ୍ୟ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା। ଏପରିକି ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ରାଜଭାଷା ବିଭାଗର ପ୍ରତିନିଧି ନିର୍ମଳ କୁମାର ଦୁବେ, ସହାୟକ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ)ଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ହୃଦାନନ୍ଦ ପଣ୍ଡା, କ୍ଷେତ୍ରୀୟ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସି. ଉଦୟ ଭାସ୍କର, ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ, ମନୋଜ କୁମାର ସିଂହ, ଉପାଧ୍ୟକ୍ଷ ଏବଂ ମଣ୍ଡଳ ବିକାଶ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ତଥା ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀର ଉପ ମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୋନିର ନୂତନ ବ୍ରାଭିଆ ସିରିଜ

ଭୁବନେଶ୍ୱର,୨୩।୮

ସୋନି ଇଣ୍ଡିଆ ପକ୍ଷରୁ ନୂତନ ଓଲେଡ୍ ପ୍ୟାନେଲ ସହ କଗ୍ନିଟିଭ ପ୍ରୋସେସର ଏକ୍ସଆର୍ ଦ୍ୱାରା ପ୍ରାୟୋଜିତ ନୂଆ ବ୍ରାଭିଆ ଏକ୍ସଆର ମାଷ୍ଟର ସିରିଜ୍ ଏ୯୫କେ ଓଲେଡ୍ ସମ୍ପର୍କରେ ଘୋଷଣା କରିଛି। ଏହି ପୁରସ୍କାର ବିଜେତା ଓଲେଡ୍ ଟିଭି ନୂଆ ଏବଂ ଉନ୍ନତ ଟେକ୍ନୋଲୋଜି ପରିଚୟ ଦେଇଥାଏ। ଏହା ସର୍ବୋତ୍ତମ ଏବଂ ସର୍ବାଧିକ ଭବ୍ୟ ଦର୍ଶନ ଅନୁଭୂତି ପ୍ରଦାନ କରିବାରେ ସାହାଯ୍ୟ କରିଥାଏ ; ଯାହାକି ପ୍ରାମାଣିକ ରୂପରେ ନିର୍ମାତାଙ୍କ ପ୍ରକୃତ ଉଦ୍ଦେଶ୍ୟକୁ ବିତରଣ କରିଥାଏ। ଏହାର ଦକ୍ଷ କଗ୍ନିଟିଭ୍ ପ୍ରୋସେସର ଏକ୍ସଆର ଏକ ମଣିଷ ମସ୍ତିଷ୍କ ଭଳି ଚିନ୍ତା କରିଥାଏ, ଯାହାକି ଏପରି ମନମୁଗ୍ଧକାରୀ ଅଭିଜ୍ଞତା ପ୍ରଦାନ କରିଥାଏ। ଏହାଦ୍ୱାରା ଆପଣ ରୋମାଞ୍ଚିକ ହେବା ସହ ଚାରିପାଖରେ ଏକ ନୂଆ ଦୁନିଆକୁ ଅନୁଭବ କରିଥାନ୍ତି। ନିଜର ବର୍ଗରେ ସର୍ବଶ୍ରେଷ୍ଠ, ଅଲ୍ଟ୍ରା-ବାସ୍ତବବାଦୀ ଚିତ୍ର କ୍ୱାଲିଟି, ପୂର୍ଣ୍ଣ ଜୀବନ୍ତ ପରି କ୍ରାଷ୍ଟ ପାଇଁ ନୂଆ କଗ୍ନିଟିଭ୍ ପ୍ରୋସେସର ଏକ୍ସଆର୍‌ରେ ନୂଆ ସୁବିଧାଗୁଡିକୁ ସାମିଲ କରାଯାଇଛି। ଏହା ଘରେ ମନୋରଞ୍ଜନକୁ କଷ୍ଟମାଇଜ୍ କରି ଆହୁରି ଉନ୍ନତ କରିଥାଏ।

**ଫୁରସତ୍**

## ପାଠପଢ଼ାରୁ ବଞ୍ଚିତ ରହିବା ପାଇଁ ହତ୍ୟା

**ଲକ୍ଷ୍ନୌ:** ପାଠ ପଢ଼ିବା ଅନେକ ପିଲାଙ୍କୁ ପସନ୍ଦ ଥିବାବେଳେ କେତେଜଣ ଛାତ୍ରୀଛାତ୍ରଙ୍କର ପଢ଼ା ପ୍ରତି ଆଦୌ ଆଗ୍ରହ ନ ଥାଏ। ପାଢ଼ାରୁ ନିଜକୁ ନିବୃତ୍ତ ରଖିବା ପାଇଁ ଅନେକ ସମୟରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ବାହାନା କରୁଥିବାର ମଧ ଦେଖିବାକୁ ମିଳିଛି। କିନ୍ତୁ କୌଣସି ଛାତ୍ର ପାଠ ନ ପଢ଼ିବା ପାଇଁ କାହାକୁ ହତ୍ୟା କରିବା ଏକ ବିସ୍ମୟକର ଘଟଣା। ତେବେ ଏପରି ସତ ଘଟଣା ଉତ୍ତର ପ୍ରଦେଶର ଗାଜିଆବାଦ୍‌ରେ ଘଟିଛି। ଜଣେ ନାବାଳକଙ୍କର ପାଠପଢ଼ାରୁ ନିଜକୁ ନିବୃତ୍ତ ରଖିବା ପାଇଁ ତାଙ୍କର ଜଣେ ସାଙ୍ଗଙ୍କୁ ହତ୍ୟା କରିଛନ୍ତି।

ଗାଜିଆବାଦର ୧୬ ବର୍ଷର ବାଳକ ମଶୌରୀ ଏକ୍ସପ୍ରେସ୍‌ୱେଠାରେ ୧୩ ବର୍ଷୀୟ ନୀରଜଙ୍କ ପାଟିଚିରି ହତ୍ୟା କରିଛନ୍ତି। ଗତ ସୋମବାର ସନ୍ଧ୍ୟାରେ ନାବାଳକ ଜଣକ ଏ ପ୍ରକାର ଜଘନ୍ୟ କାଣ୍ଡ ଭିଆରି ଥିବା ପୋଲିସ କହିଛି। କିପରି ଭାବେ ପାଠ ପଢ଼ାରୁ ନିଜକୁ ବଞ୍ଚିତ ରଖାଯାଇ ପାରିବ ସେ ନେଇ ନାବାଳକ ଜଣକ ଗତ ୫ ମାସ ଧରି ଯୋଜନା କରୁଥିଲେ। ପାଠ ପଢ଼ିବାରୁ ନିଜକୁ ବଞ୍ଚିତ କରିବା ପାଇଁ ଅପରାଧ କରି ସୁଧାରଗୃହ ଯିବା ଶ୍ରେୟ ବୋଲି ଭାବିଥିଲେ ନାବାଳକ, ଯାହାପରେ ସେ ଏହି ଅପରାଧ ଭିଆଇଥିବା ଜଣାପଡ଼ିଛି। ସୋମବାର ସନ୍ଧ୍ୟାରେ ନାବାଳକ ଜଣକ ନୀରଜଙ୍କୁ ପ୍ରଲୋଭନ ଦେଖାଇ ଏକ୍ସପ୍ରେସ୍‌ୱେ' ଆଡ଼କୁ ନେଇଯାଇଥିଲେ। ଏହାପରେ ରାସ୍ତାରେ ପଡ଼ିଥିବା କାଚ ଖଣ୍ଡ ସାହାଯ୍ୟରେ ନାବାଳକ ନୀରଜଙ୍କ ପାଟି ଚିରି ତାଙ୍କ ହତ୍ୟା କରି ଦେଇଥିଲେ। ମୃତ ଦେହକୁ ଏକ୍ସପ୍ରେସ୍‌ୱେ ନିକଟରେ ଥିବା ଏକ ବୁଦାମୂଳରେ ଫୋପାଡ଼ି ଦେଇ ଘରକୁ ଫେରି ଆସିଥିଲେ।



ସମ୍ପୃକ୍ତ ନାବାଳକ ଜଣକ ୭ମ ଶ୍ରେଣୀରେ ପାଠ ପଢୁଥିବାବେଳେ ତାଙ୍କ ଘର ମଶୌରୀରେ। ଏକ ଫ୍ୟାକ୍ଟ୍ରିରେ ତାଙ୍କ ବାପା କାମ କରନ୍ତି। ନୀରଜଙ୍କ ଘର ପାଖରେ ନାବାଳକଙ୍କ ଘର। ଦୁହେଁ କିନ୍ତୁ ଅଲଗା ସ୍କୁଲରେ ପାଠ ପଢୁଥିଲେ। ନାବାଳକ ଜଣକ ପାଠପଢ଼ାରେ ଦୁର୍ବଳ ଥିଲେ। ପରୀକ୍ଷାରେ ପାସ୍ କରି ନ ପାରିବାରୁ ତାଙ୍କୁ ଗୋଟିଏ ଶ୍ରେଣୀରେ ଏକାଧିକ ବର୍ଷ ରହିବାକୁ ପଡ଼ିଥିଲା। ଫିଲ୍ମ ଦେଖି ସେ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା ପୋଲିସ କହିଛି। ନାବାଳକଙ୍କୁ ଗିରଫ ପରେ ପୋଲିସ ଘଟଣାର ଅନ୍ୟ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ଚଳାଇଛି।

## ବ୍ରାଜିଲ ଆସିଲା ପେଡ୍ରୋଙ୍କ ହୃତ୍‌ପିଣ୍ଡ

ଲକ୍ଷ୍ନୌ

ପର୍ତ୍ତୁଗିଜ୍‌ଠାରୁ ସ୍ୱାଧୀନ ହେବାର ୨୦୦ ବର୍ଷ ପୂର୍ତ୍ତି ଅବସରରେ ବ୍ରାଜିଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆୟୋଜିତ ହେବାକୁ ଥିବା ସମାରୋହରେ ବ୍ରାଜିଲ ରାଜା ପେଡ୍ରୋ ପ୍ରଥମଙ୍କ ହୃତ୍‌ପିଣ୍ଡ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା କରାଯାଇଛି। ପେଡ୍ରୋଙ୍କ ହୃତ୍‌ପିଣ୍ଡ ପର୍ତ୍ତୁଗିଜ୍‌ର ପୋରଟୋରୁ ବ୍ରାଜିଲ ଅଣାଯାଇଥିବାବେଳେ ଏହାକୁ ଏକ ଅସ୍ଥି କଳସରେ ପ୍ରିଜରଭେଟିଭ୍ ଦେଇ ରଖାଯାଇଛି। ୧୮୩୪ରେ ଯେତେବେଳେ ପେଡ୍ରୋଙ୍କୁ ମାତ୍ର ୩୫ ବର୍ଷ ବୟସ ହୋଇଥିଲା ସେତେବେଳେ ଟିବିରେ ଆକ୍ରାନ୍ତ ହେବା କାରଣରୁ ତାଙ୍କ ମୃତ୍ୟୁ ହୋଇଥିଲା। ପର୍ତ୍ତୁଗିଜ୍‌ର ପୋରଟୋ ଚର୍ଚ୍ଚରେ ତାଙ୍କ ହାର୍ଟ ରଖାଯିବା ପେଡ୍ରୋଙ୍କ ଶେଷ ଇଚ୍ଛା ଥିଲା। ୧୯୭୨ରେ ବ୍ରାଜିଲ ନିଜର ୧୫୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପର୍ତ୍ତୁଗିଜ୍ ସରକାର ବ୍ରାଜିଲ୍‌କୁ ପେଡ୍ରୋଙ୍କ ମରଶରୀରକୁ ହସ୍ତାନ୍ତର କରିଥିଲେ।



ତିନି ସପ୍ତାହ ପାଇଁ ଏହି ହାର୍ଟକୁ ପର୍ତ୍ତୁଗିଜ୍ ସରକାର ବ୍ରାଜିଲ୍‌କୁ ହସ୍ତାନ୍ତର କରିଛନ୍ତି। ହୃତ୍‌ପିଣ୍ଡକୁ ଆଣିବା ପାଇଁ ବ୍ରାଜିଲ୍ ବାୟୁସେନାର ସ୍ୱତନ୍ତ୍ର ଟିମ୍ ବ୍ରାସିଲିଆରେ ପହଞ୍ଚିଥିଲା। ସେଠାରେ ପେଡ୍ରୋଙ୍କ ହୃତ୍‌ପିଣ୍ଡକୁ ବ୍ରାଜିଲ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ସେପ୍ଟେମ୍ବର ୭ରେ ବ୍ରାଜିଲ୍ ନିଜର ୨୦୦ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଥିବାବେଳେ ରାଷ୍ଟ୍ରୀୟ ସମ୍ମାନ ସାଙ୍ଗକୁ ଗନ୍ ସାଲ୍ୟୁଟ ପରେ ଏହାକୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯିବ ବୋଲି ବ୍ରାଜିଲ ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।




## 'ପସନ୍ଦ ନ ଥିଲେ ଦେଖ ନାହିଁ'

**ମୁମ୍ବାଇ:** ଷ୍ଟାର୍ କିଡ୍‌ଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏ ପ୍ରକାର ଚର୍ଚ୍ଚାଠାରୁ କିପରି ନିଜକୁ ଦୂରରେ ରଖାଯାଇ ପାରିବ ସେ ନେଇ ଆଲିଆ ଭଟ୍ଟ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଯେଉଁମାନଙ୍କୁ ମୋ କାମ ପସନ୍ଦ ନୁହେଁ ସେମାନେ ମୋତେ ଦେଖିବା ବନ୍ଦ କରି ଦିଅନ୍ତୁ। ଏଥିରେ କୌଣସି ଆପତ୍ତି ନାହିଁ। ପ୍ରତ୍ୟେକ ସେଲିବ୍ରିଟି ଟ୍ରୋଲର ଶିକାର ହେଉଥିବାବେଳେ ଏହାର ସାମ୍ନା କିପରି କରାଯିବ ସେ ନେଇ ମଧ ପ୍ରତ୍ୟେକ ଅଲଗା ଅଲଗା ଉପାୟ ପାଞ୍ଚିଥାନ୍ତି। ଯେଉଁମାନେ ଷ୍ଟାର୍ କିଡ୍ ଶବ୍ଦ ବ୍ୟବହାର କରି ସୋସିଆଲ ମିଡିଆରେ ସମାଲୋଚନା କରୁଛନ୍ତି ସେମାନେ ନିହାତି ଭାବେ ଜାଣି ରଖିବା ଦରକାର ଷ୍ଟାର କିଡ୍ ମଧ ଫିଲ୍ମରେ କାମ କରିବା ପାଇଁ ବହୁ ପରିଶ୍ରମ କରିଥାନ୍ତି। ସବୁ ଫିଲ୍ମ ହିଟ୍ ହେବ ବୋଲି କୌଣସି ନିର୍ଦ୍ଦିଷ୍ଟତା ନାହିଁ। ସେଥିପାଇଁ ହେଟରମାନଙ୍କ ନେଗେଟିଭ୍ କମେଣ୍ଟକୁ ଅଣଦେଖା କରିବା ଏକମାତ୍ର ଉପାୟ ବୋଲି ଆଲିଆ କହିଛନ୍ତି। ଏଥିସହ ଏ ପ୍ରକାର ନକାରାତ୍ମକ ଜିନିଷଠାରୁ ନିଜକୁ ଦୂରେଇ ରଖି ଆଗାମୀ ପ୍ରୋଜେକ୍ଟ କିପରି ଭଲ ହେବ ଏବଂ ନିଜର ଭଲ କ୍ୟାରିୟର୍ ଗଢ଼ିବା ଦିଗରେ କାମ କରିବା ମୁଖ୍ୟ ବୋଲି ସେ କହିଛନ୍ତି।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**ସ୍ୱର୍ଗତା ରାସେଶ୍ୱରୀ ପଟ୍ଟନାୟକ (ଜଲି)**
ଆବିର୍ଭାବ: ୦୪।୦୮।୧୯୪୭
ତିରୋଧାନ: ୧୫।୦୮।୨୦୨୨
ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ: ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୨୯୩

**ଏକାଦଶାହ ଉପଲକ୍ଷେ**



**୰ଶ୍ରୀମତୀ ନୟନ ଦେବୀ**
ଆବିର୍ଭାବ: ୦୧।୦୧।୧୯୪୬
ତିରୋଧାନ: ୧୪।୦୮।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ସବୁଦିନ ଆମକୁ ପ୍ରେରଣା ଦେଉଥିବ। ତୁମର ଶୂନ୍ୟସ୍ଥାନ ଚିରଦିନ ଅପୂରଣୀୟ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଶତପଥୀ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୫୩୬୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବୀରା**
ଆବିର୍ଭାବ: ୦୭।୦୮।୨୦୧୮
ତିରୋଧାନ: ୧୪।୦୮।୨୦୨୨
ତୋର ଅପ୍ରତ୍ୟାଶିତ ଅବର୍ତ୍ତମାନ ଆମକୁ ଦୁଃଖ ସାଗରରେ ଭସାଇ ଅସହ୍ୟ ଯନ୍ତ୍ରଣା ଦେଉଛି। ତୋର ଅନୁପସ୍ଥିତି ଆମ ସମସ୍ତଙ୍କ ଜୀବନରେ ଏକ ଅପୂରଣୀୟ ଶୂନ୍ୟତା ଭରିଦେଇଛି। ତୋର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ତୋର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗିନୀ: ମାତା, ପିତା, ପରିବାରବର୍ଗ, ଅଜା, ଆଈ।
ଧ-୧୩୩୭

**୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା**
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ।
ଧ-୭୩୭୧୬

**ଅଷ୍ଟମ ପୁଣ୍ୟତିଥି ଉପଲକ୍ଷେ**



**୰ନାରାୟଣ ଜେନା (ଟିକ ସାର୍)**
ନହରକଣ୍ଟା, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୬।୧୯୩୩
ତିରୋଧାନ: ୨୨।୦୮।୨୦୧୪
ଆଜି ଆପଣଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ପୁଣ୍ୟାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଜେନା ପରିବାରବର୍ଗ ଓ ବନ୍ଧୁବର୍ଗ।
ଧ-୧୩୩୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୪/୨୦୨୨ Bhubaneswar, Wednesday, August 24/ 2022

## ସଂକ୍ଷେପରେ

### ଜାତୀୟ କ୍ରୀଡ଼ା ପାଇଁ ଓଡ଼ିଶାରୁ ୭ ଜୁଡୋକା

**ଭୁବନେଶ୍ୱର, ୨୩।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଗୁଜରାଟ ସରକାର ଏବଂ ଭାରତୀୟ ଅଲିମ୍ପିକ ସଂଘର ମିଳିତ ଆନୁକୂଲ୍ୟରେ ଅଗଷ୍ଟ ୨୭ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ୩୬ତମ ଜାତୀୟ କ୍ରୀଡ଼ା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ଲାଗି ପ୍ରଥମ ଥର ଓଡ଼ିଶା ରାଜ୍ୟ ଜୁଡୋ ସଂଘର ୪ ମହିଳା ଓ ୩ ପୁରୁଷ ମନୋନୀତ ହୋଇଛନ୍ତି। ମନୋନୀତ ଜୁଡୋକାମାନେ ହେଲେ ତନିଷ୍କା ମନସ୍ୱିନୀ ସାହୁ (୪୮ କେଜିରୁ କମ୍), ଉର୍ମିଳା ସାହୁ (୫୨କେଜିରୁ କମ୍), ଦୁଲି ମୁର୍ମୁ (୫୭ କେଜିରୁ କମ୍), ପ୍ରଭାସିନୀ ବରଦ (୬୩ କେଜିରୁ କମ୍), ମାସି ହାନ୍ତାଲ (୬୦କେଜିରୁ କମ୍), ରାଜେଶ କୁମାର ସାହୁ (୬୬ କେଜିରୁ କମ୍), ତାରାକାନ୍ତ ପରିଡ଼ା (୧୦୦ କେଜିରୁ କମ୍)। ଏହି ଜୁଡୋକାମାନେ ଚଳିତମାସ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ଜାତୀୟ ସିନିୟର ଜୁଡୋ ଚାମ୍ପିୟନଶିପ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଜାତୀୟ କ୍ରୀଡ଼ାରେ ଭାଗ ନେବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ରାଜ୍ୟରୁ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ଜୁଡୋକା ଜାତୀୟ କ୍ରୀଡ଼ା ପାଇଁ ମନୋନୀତ ହୋଇଥିବାରୁ ଓଡ଼ିଶା ରାଜ୍ୟ ଜୁଡୋ ସଂଘର ସିଇଓ ଗୀତାଞ୍ଜଳୀ ପଣ୍ଡା (କୋଚ୍ ଓ ଅନ୍ତର୍ଜାତୀୟ ରେଫରି), ସାଧାରଣ ସମ୍ପାଦକ ପି. ସି. ମିଶ୍ର, ବୈଷୟିକ ସମ୍ପାଦକ କନ୍ଦନ ମୁର୍ମୁ (କୋଚ୍ ଓ ଅନ୍ତର୍ଜାତୀୟ ରେଫରି) ଏବଂ ଅନ୍ୟମାନେ ଜୁଡୋକାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

### ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍: ପ୍ରି-କ୍ୱାର୍ଟରରେ ସାଇନା

**ଟୋକିଓ, ୨୩।୮ (ପି.ଟି):** ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ହଂକଂର ଚେଙ୍ଗ ନାନ୍ ୟୀଇଆଇଙ୍କୁ ସେ ୨୧-୧୯ ଓ ୨୧-୯ର ସିଧାସଳଖ ସେଟରେ ପରାସ୍ତ କରିଥିଲେ। ଜାପାନର ନୋଜୋମି ଓକୁହାରା ଥିଲେ ସାଇନାଙ୍କ ପରବର୍ତ୍ତୀ ରାଉଣ୍ଡ ପ୍ରତିଦ୍ୱନ୍ଦ୍ୱୀ। ମାତ୍ର ସେ ଆହତ କାରଣରୁ ଓହରି ଯିବାରୁ ସାଇନାଙ୍କୁ ଦ୍ୱିତୀୟ ରାଉଣ୍ଡ ବାଇ ମିଳିଥିଲା। ମହିଳା ଡବଲ୍ସ ଯୋଡି ଟ୍ରେସା ଜୋଲି- ଗାୟତ୍ରୀ ଗୋପୀଚାନ୍ଦ ମଧ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସହଜ ବିଜୟ ହାସଲ କରିଥିବା ଟ୍ରେସା-ଗାୟତ୍ରୀ ମାଲେସିଆର ୟୁଆନ୍ ଲୋ ଏବଂ ଭାଲେରି ସିଓଙ୍କୁ ୨୧-୧୧ ଓ ୨୧-୧୩ ସେଟରେ ହରାଇଛନ୍ତି। ଅନ୍ୟତମ ମହିଳା ଯୋଡି ଅଶ୍ୱିନୀ ଭଟ୍ଟ କେ ଏବଂ ଶିଖା ଗୌତମ ମଧ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଇଟାଲୀର ମାର୍ଟିନା କୋର୍ସିନି ଓ ଜୁଡିଥ୍ ମେୟାର ଯୋଡିକୁ ୨୧-୮ ଓ ୨୧-୧୪ ସେଟରେ ମାତ୍ର ୩୦ ମିନିଟ ସମୟ ନେଇ ପରାସ୍ତ କରିଥିଲେ ଭାରତୀୟ ଯୋଡି।

### ଲାଉସାନେ ଡାଇମଣ୍ଡ ଲିଗ୍‌ରେ ଭାଗ ନେବେ ନୀରଜ

**ନୂଆଦିଲ୍ଲୀ, ୨୩।୮ (ପି.ଟି.):** ଅଲିମ୍ପିକ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଗ୍ରୋଇନ୍ ଇଞ୍ଜୁରି ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି। ଶୁକ୍ରବାର ସୁଇଜରଲାଣ୍ଡର ଲାଉସାନେଠାରେ ହେବାକୁଥିବା ଡାଇମଣ୍ଡ ଲିଗ୍ ମିଟିଂରେ ସେ ଅଂଶଗ୍ରହଣ କରିବେ। ଏଥିରେ ଭଲ ପ୍ରଦର୍ଶନ କଲେ ସେ ସେପ୍ଟେମ୍ବର ୭ ଓ ୮ରେ ଜୁରିଚ୍‌ଠାରେ ହେବାକୁଥିବା ଡାଇମଣ୍ଡ ଲିଗ୍ ଫିନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିବେ। କାରଣ ଷ୍ଟାଣ୍ଡିଂରେ ସେ ବର୍ତ୍ତମାନ ଚତୁର୍ଥ ସ୍ଥାନରେ ଅଛନ୍ତି। ଷ୍ଟାଣ୍ଡିଂର ଶ୍ରେଷ୍ଠ ୬ଜଣ ଜୁରିଚ୍ ଫିନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଲାଉସାନେ ଇଭେଣ୍ଟ ହେଉଛି ପୁରୁଷ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟ। ଯୁକ୍ତରାଷ୍ଟ୍ର ଆମେରିକାର ୟୁଜିନ୍‌ଠାରେ ଜୁଲାଇ ୨୪ରେ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲ ବେଳେ ଆଘାତପ୍ରାପ୍ତ ହେବାରୁ ୨୪ ବର୍ଷୀୟ ଚୋପ୍ରା ଗତ ମାସରେ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଓହରିଯାଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଐତିହାସିକ ରୌପ୍ୟ ଜିତିଥିଲେ।

# ରାଉରକେଲା ପ୍ରୋ ଲିଗ୍ ଭେନ୍ୟୁ

**ଭୁବନେଶ୍ୱର, ୨୩।୮ (କ୍ରୀଡ଼ା ପ୍ରତିନିଧି)**



ଓଡ଼ିଶା ହକି ପାଇଁ ଆସିଛି ଆଉ ଏକ ଭଲ ଖବର। ରାଜ୍ୟ ହକିର ଅନ୍ତୁଡ଼ିଶାଳ ଭାବେ ପରିଚିତ ସୁନ୍ଦରଗଡ଼ ଜିଲାର ରାଉରକେଲାରେ ଆଗାମୀ ଦିନରେ ଅଧିକରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ ହେବା ପଥ ପରିଷ୍କାର ହୋଇଛି। କାରଣ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ରାଉରକେଲାକୁ ଓଡ଼ିଶାର ଦ୍ୱିତୀୟ ଭେନ୍ୟୁ ଭାବେ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଆୟୋଜନ ପାଇଁ ଅନୁମତି ପ୍ରଦାନ କରିଛି। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ୨୦୨୦ରୁ ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରୋ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇ ଆସୁଛି। ୨୦୨୩ ହକି ବିଶ୍ୱକପର ଅନ୍ୟତମ ଭେନ୍ୟୁ ହେଉଛି ରାଉରକେଲା। ଏଠାରେ ନିର୍ମାଣାଧୀନ ବିର୍ସାମୁଣ୍ଡା ଷ୍ଟାଡିୟମ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ। ଏହି ଭେନ୍ୟୁରେ ଏକାବେଳେକେ ୨୦,୦୦୦ ଦର୍ଶକ ମ୍ୟାଚ ଉପଭୋଗ କରିପାରିବେ। ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ବିଶ୍ୱକପ ଆୟୋଜନ ହେବ। ଚଳିତ ବର୍ଷ ଶେଷ ଭାଗରେ ଅର୍ଥାତ୍ ଅକ୍ଟୋବରରୁ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ସିଜନ ଆରମ୍ଭ ହେବ। ଅକ୍ଟୋବର ୨୮ରୁ ୨୦୨୩ ଜୁଲାଇ ୫ ପର୍ଯ୍ୟନ୍ତ ପ୍ରୋ ଲିଗ୍‌ର ମ୍ୟାଚଗୁଡ଼ିକ ବିଶ୍ୱର ବିଭିନ୍ନ ଭେନ୍ୟୁରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସିଜନରେ ଭୁବନେଶ୍ୱର ଓ ରାଉରକେଲା ଭାରତର ଘରୋଇ ଭେନ୍ୟୁଭାବେ ବ୍ୟବହାର ହେବ। ଏଫ୍ଆଇଏଚ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ଭାରତର ଏହି ଦୁଇ ଭେନ୍ୟୁ (ଭୁବନେଶ୍ୱର ଓ ରାଉରକେଲା) ବ୍ୟତୀତ ଅଷ୍ଟ୍ରେଲିଆର ନ୍ୟୁକାଷ୍ଟଲ ଓ ହୋବାର୍ଟ, ଆର୍ଜେଣ୍ଟିନାର ମେଣ୍ଡୋଜା ଓ ସାଣ୍ଟିଆଗୋ ଡେଲ ଏଷ୍ଟେରୋ, ବେଲଜିୟମର ଆଣ୍ଟୱର୍ପ, ଇଂଲଣ୍ଡର ଲଣ୍ଡନ, ନେଦରଲାଣ୍ଡ୍ସର ଇଣ୍ଡୋଭେନ ଓ ଆମଷ୍ଟରଡାମ ଏବଂ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚ ଓ ୱେଲିଂଟନରେ ଆଗାମୀ ପ୍ରୋ ଲିଗ୍ ସିଜନର ମ୍ୟାଚଗୁଡ଼ିକ ଖେଳାଯିବ।

ଗତ ଏପ୍ରିଲରେ ଏଫ୍ଆଇଏଚ୍ ପକ୍ଷରୁ ନୂଆ କାର୍ଯ୍ୟସୂଚୀ ଅନୁସାରେ ଏକାଧିକ ଦଳ ଗୋଟିଏ ଭେନ୍ୟୁରେ ପରସ୍ପର ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବେ। ଏହା ଏକ ମିନି ଟୁର୍ନାମେଣ୍ଟର ରୂପ ନେବ। ଏହାଦ୍ୱାରା ଖେଳାଳି ଓ ଅଫିସିଆଲଙ୍କ ଭ୍ରମଣଜନିତ କ୍ଳାନ୍ତି କମିବ। ଏହା ଖେଳାଳିଙ୍କ ସ୍ୱାସ୍ଥ୍ୟ ଏବଂ ପରବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଏହି କ୍ରମରେ ଓଡ଼ିଶାର କୌଣସି ଏକ ଭେନ୍ୟୁ (ଭୁବନେଶ୍ୱର କିମ୍ବା ରାଉରକେଲା ପରେ ସ୍ଥିର ହେବ)ରେ ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୨୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହାପରେ ସେହି ଭେନ୍ୟୁରେ ୩୦ ତାରିଖରେ ସ୍ପେନ୍ ବିପକ୍ଷରେ ମୁକାବିଲା କରିବ। ନଭେମ୍ବର ୪ରେ ଭାରତ-ନ୍ୟୁଜିଲାଣ୍ଡ ଏବଂ ୬ରେ ଭାରତ-ସ୍ପେନ୍ ମଧ୍ୟରେ ମ୍ୟାଚ ଖେଳାଯିବ। ଭାରତର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ୨୦୨୩ ମାର୍ଚ୍ଚ ୧୦ରୁ ଆରମ୍ଭ ହେବ। ଏହି ପର୍ଯ୍ୟାୟର ମ୍ୟାଚଗୁଡ଼ିକ ରାଉରକେଲାରେ ଖେଳାଯିବାକୁ ସ୍ପଷ୍ଟ ହୋଇଯାଇଛି। ଭାରତ ୧୦ ତାରିଖରେ ଜର୍ମାନୀ, ୧୨ ତାରିଖରେ ଅଷ୍ଟ୍ରେଲିଆ, ୧୩ରେ ଜର୍ମାନୀ ଓ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ଏହାପରେ ମ୍ୟାଚ ଖେଳିବା ପାଇଁ ଇଂଲଣ୍ଡ ଓ ନେଦରଲାଣ୍ଡ୍ସ ଯିବ ଭାରତ। ସେଠାରେ ଯଥାକ୍ରମେ ଗ୍ରେଟ୍ ବ୍ରିଟେନ ଓ ବେଲ୍‌ଜିୟମ ଏବଂ ଆର୍ଜେଣ୍ଟିନା ଓ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ। ଆଗାମୀ ସିଜନରୁ ପ୍ରୋ ଲିଗ୍‌ରେ ପ୍ରମୋଶନ ଓ ରେଲିଗେଶନ ବ୍ୟବସ୍ଥା ମଧ ଲାଗୁହେବ। ପ୍ରୋ ଲିଗ୍‌ରେ ଯେଉଁ ଦଳ ଶେଷ ସ୍ଥାନରେ ରହିବ ସେ ନୂଆ କରି ଆରମ୍ଭ ହେଉଥିବା ଏଫ୍ଆଇଏଚ୍ ନେଶନ୍ସ କପ୍‌କୁ ଖସିବ। ସେହିପରି ନେସନ୍ସ କପ୍‌ରେ ଯେଉଁ ଦଳ ବିଜେତା ହେବ ସେ ପ୍ରୋ ଲିଗ୍‌କୁ ଉନ୍ନୀତ ହେବ। ଏହା ଉଭୟ ପ୍ରତିଯୋଗିତାକୁ ଅଧିକ ରୋମାଞ୍ଚକ କରିବ ବୋଲି ଏଫ୍ଆଇଏଚ୍ ସିଇଓ ଥିଏରୀ ୱିଲ ପ୍ରକାଶ କରିଛନ୍ତି।

# କଟକରେ ସେପ୍ଟେମ୍ବର ୨୭ରୁ ୩୦ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ

**ଭୁବନେଶ୍ୱର, ୨୩।୮ (କ୍ରୀଡ଼ା ପ୍ରତିନିଧି):** ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ଆଗାମୀ ସଂସ୍କରଣ ଭାରତର ୫ଟି ଭେନ୍ୟୁ କୋଲକାତା, ନୂଆଦିଲ୍ଲୀ, କଟକ, ଲକ୍ଷ୍ନୌ ଓ ଯୋଧପୁରରେ ଅନୁଷ୍ଠିତ ହେବ। ଏହା ସେପ୍ଟେମ୍ବର ୧୬ରେ ଆରମ୍ଭ ହୋଇ ଅକ୍ଟୋବର ୮ ପର୍ଯ୍ୟନ୍ତ ଚାଲିବ। ବିଶ୍ୱର କିମ୍ବଦନ୍ତୀ କ୍ରିକେଟ ଖେଳାଳିଙ୍କୁ ନେଇ ହେଉଥିବା ଏହି ଲିଗ୍‌ର ଏକ ପର୍ଯ୍ୟାୟ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ। କଟକରେ ମ୍ୟାଚଗୁଡ଼ିକ ସେପ୍ଟେମ୍ବର ୨୭ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଲିଗ୍‌ର ପ୍ରଥମ ପର୍ଯ୍ୟାୟ କୋଲକାତାରୁ ଆରମ୍ଭ ହେବ। ଏହା ଇଡେନ ଗାର୍ଡେନ୍ସରେ ସେପ୍ଟେମ୍ବର ୧୬ରୁ ୧୮ ପର୍ଯ୍ୟନ୍ତ ଖେଳାଯିବ। ଏହା ମଧ୍ୟରେ ଏକ ସ୍ୱତନ୍ତ୍ର ମ୍ୟାଚ ମଧ ସାମିଲ ରହିବ। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଏହି ମ୍ୟାଚ ଇଣ୍ଡିଆନ ମହାରାଜାସ ଓ ୱାର୍ଲ୍ଡ ଜାଏଣ୍ଟ୍ସ ମଧ୍ୟରେ ଖେଳାଯିବ। ପ୍ରତିଯୋଗିତାର ଅନ୍ୟତମ ଦଳ ହେଉଛି ଏସିଆ ଲାୟନ୍ସ। କୋଲକାତା, ନୂଆଦିଲ୍ଲୀ ଓ କଟକରେ ୩ଟି ଲେଖାଏ ଏବଂ ଲକ୍ଷ୍ନୌ ଓ ଯୋଧପୁରରେ ୨ଟି ଲେଖାଏ ମ୍ୟାଚ ଖେଳାଯିବାର ଯୋଜନା ରହିଛି। ଲକ୍ଷ୍ନୌରେ ସେପ୍ଟେମ୍ବର ୨୧ ଓ ୨୨, ନୂଆଦିଲ୍ଲୀରେ ୨୪ରୁ ୨୬, ଯୋଧପୁରରେ ଅକ୍ଟୋବର ୧ ଓ ୩ରେ ମ୍ୟାଚ ଖେଳାଯିବ। ଅକ୍ଟୋବର ୫ ଓ ୭ରେ ପ୍ଲେ-ଅଫ୍ ଏବଂ ୮ରେ ଫାଇନାଲ ଖେଳାଯିବାକୁ ଥିଲେ ହେଁ ଏହାର ଭେନ୍ୟୁ ନିର୍ଦ୍ଧାରଣ ହୋଇନାହିଁ। ଟି୨୦ ଫର୍ମାଟରେ ଏହି ଲିଗ୍‌ରେ ମୋଟ ୧୫ଟି ମ୍ୟାଚ ଅନୁଷ୍ଠିତ ହେବ। ଆଗାମୀ ସିଜନରେ ପାକିସ୍ତାନର କୌଣସି ଖେଳାଳି ଖେଳିବେ ନାହିଁ। ଏଥିରେ ଭାରତର ଅଧିକାଂଶ ଲିଜେଣ୍ଡ୍ସ ଖେଳିବେ। ଅଧିକ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଆଣିବାକୁ ଯୋଜନା କରାଯାଉଛି। ଲିଗ୍‌ର ଫାଇନାଲ ଡେରାଡୁନ୍‌ରେ ହେବା ସମ୍ଭାବନା ଅଛି।



କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ମଙ୍ଗଳବାର ଆରମ୍ଭ ହୋଇଥିବା ରାଜ୍ୟ ସନ୍ତରଣ ଚାମ୍ପିୟନଶିପ୍ ଅବସରରେ ଜଣେ ପ୍ରତିଯୋଗୀ।

# ଜଗରନଟ୍ସ ଆଜି ଚେନ୍ନାଇକୁ ଭେଟିବ

**ଭୁବନେଶ୍ୱର, ୨୩।୮ (କ୍ରୀଡ଼ା ପ୍ରତିନିଧି)**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ଓଡ଼ିଶା ଜଗରନଟ୍ସ ବୁଧବାର ଚେନ୍ନାଇ କୁଇକ୍ ଗନ୍ସକୁ ଭେଟିବ। ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ଜଗରନଟ୍ସ ଓ ଚେନ୍ନାଇ ମଧ୍ୟରେ ଏହା ହେବ ଚଳିତ ସିଜନର ଦ୍ୱିତୀୟ ମୁକାବିଲା। ପୂର୍ବରୁ ଅଗଷ୍ଟ ୧୫ରେ ଜଗରନଟ୍ସ ଏହାର ପ୍ରଥମ ମ୍ୟାଚରେ ଚେନ୍ନାଇ ଦଳକୁ ୮ (୫୧-୪୩) ପଏଣ୍ଟରେ ପରାସ୍ତ କରିଥିଲା। ଏପର୍ଯ୍ୟନ୍ତ ଓଡ଼ିଶାର ଏହି ଦଳ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଆସିଛି। ନିଜର ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସଠାରୁ ମାତ୍ର ୫ ପଏଣ୍ଟରେ ହାରିବା ପରେ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ପରବର୍ତ୍ତୀ ମ୍ୟାଚରେ ରାଜସ୍ଥାନ ୱାରିୟର୍ସଙ୍କୁ ୧୯ (୬୫-୪୬) ପଏଣ୍ଟରେ ହରାଇବା ପରେ ଦଳ ଆଉ ପଛକୁ ଫେରି ଚାହିଁନାହିଁ। ଏହାପର ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସଙ୍କୁ ହରାଇ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଦଳ ଏ ପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳି ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟ ପାଇଛି।

**ତେଲୁଗୁ ଯୋଦ୍ଧାସ ବିଜୟୀ**

ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ତେଲୁଗୁ ଯୋଦ୍ଧାସ ୧୨ (୫୫-୪୩) ପଏଣ୍ଟରେ ମୁମ୍ବାଇ ଖିଲାଡିଜ୍‌କୁ ପରାସ୍ତ କରିଛି। ୫ ମ୍ୟାଚରୁ ତେଲୁଗୁ ଯୋଦ୍ଧାସର ଏହା ଥିଲା ୪ର୍ଥ ବିଜୟ। ଅନ୍ୟଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚେନ୍ନାଇ କୁଇକ୍ ଗନ୍ସ ମାତ୍ର ୨ (୫୩-୫୧) ପଏଣ୍ଟରେ ଗୁଜରାଟ ଜାଏଣ୍ଟ୍ସଙ୍କୁ ପରାସ୍ତ କରିଛି।

# ଦ୍ରାବିଡ଼ କୋଭିଡ୍ ପଜିଟିଭ

**ନୂଆଦିଲ୍ଲୀ, ୨୩।୮ (ପି.ଟି.):** କୋଭିଡ୍ ଟେଷ୍ଟରେ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କର ପଜିଟିଭ ଆସିଛି। ଫଳତଃ ଏସିଆ କପ୍‌ରେ ଭାଗନେବାକୁ ଦୁବାଇ ଅଭିମୁଖେ ଗସ୍ତ କରିଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ସହ ସେ ଯାଇପାରି ନାହାନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ମଙ୍ଗଳବାର ପ୍ରକାଶ କରିଛନ୍ତି। କ୍ରିକେଟ ଏସିଆ କପ୍ ଅଗଷ୍ଟ ୨୭ରୁ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଭାରତ ଅଗଷ୍ଟ ୨୮ରେ ଏହାର ଓପନିଂ ମ୍ୟାଚ ପାକିସ୍ତାନ ବିପକ୍ଷରେ ଖେଳିବ। ଏସିଆ କପ୍ ୨୦୨୨ ପାଇଁ ୟୁଏଇ ପ୍ରସ୍ଥାନ ପୂର୍ବରୁ ନିୟମାନୁସାରେ ହୋଇଥିବା କୋଭିଡ୍ ଟେଷ୍ଟରେ ଦ୍ରାବିଡ୍‌ଙ୍କର ପଜିଟିଭ ଆସିଥିଲା। ତାଙ୍କ ନିକଟରେ ସାମାନ୍ୟ ଲକ୍ଷଣ ଦେଖାଦେଇଛି। ବର୍ତ୍ତମାନ ସେ ବିସିସିଆଇ ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ରହିଛନ୍ତି।

# ସେପ୍ଟେମ୍ବର ୨ରେ ଏଆଇଏଫ୍ଏଫ୍ ନିର୍ବାଚନ

**ନୂଆଦିଲ୍ଲୀ, ୨୩।୮ (ପି.ଟି):** କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)କୁ ରଦ୍ଦ କରାଯିବା ପରେ ଭାରତୀୟ ଫୁଟବଲ ସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ଏହାର ସଂଶୋଧିତ ନିର୍ବାଚନ ତାରିଖ ଘୋଷଣା କରାଯାଇଛି। ସୋମବାର ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଉମେଶ ସିହ୍ନା ଓ ତାପସ ଭଟ୍ଟାଚାର୍ଯ୍ୟଙ୍କୁ ରିଟର୍ନିଂ ଅଫିସର ନିଯୁକ୍ତ କରିଥିବା ବେଳେ ଆସନ୍ତା ଗୁରୁବାରଠାରୁ ନାମାଙ୍କନ ଆରମ୍ଭ ହେବ। ଗୁରୁବାରରୁ ଶନିବାର ଯାଏ ନାମାଙ୍କନ ଦାଖଲର ସମୟ ରହିଛି। ରବିବାର ପ୍ରାର୍ଥିପତ୍ରଗୁଡ଼ିକର ବୈଧତା ଯାଞ୍ଚ ହେବ। ଏହା ପରେ ବୈଧ ଥିବା ନାମାଙ୍କନ ପ୍ରତ୍ୟାହାର ପାଇଁ ଅଗଷ୍ଟ ୨୯ ତାରିଖକୁ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୩୦ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଏଆଇଏଫ୍ଏଫ୍ ୱେବ୍‌ସାଇଟରେ ଉଲ୍ଲେଖ କରାଯିବ। ସେପ୍ଟେମ୍ବର ୨ ତାରିଖରେ ଭୋଟ ଗ୍ରହଣ ହେବା ସହିତ ସମାନ ଦିନରେ କିମ୍ବା ୩ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଏହା ସହିତ ଏଆଇଏଫ୍ଏଫ୍ ଉପରୁ ବାସନ୍ଦାଦେଶ ହଟାଇବା ପାଇଁ ଫିଫା ନିକଟରେ ଆବେଦନ କରାଯାଇଛି। ସିଓଏ ଏବଂ ସୁପ୍ରିମକୋର୍ଟଙ୍କୁ ତୃତୀୟ ପକ୍ଷ ଭାବରେ ବିବେଚନା କରି ଏଆଇଏଫଏଫ୍‌କୁ ବ୍ୟାନ କରିଥିଲା ଫିଫା। ଏହାପରେ ସିଓଏ ହାତରୁ ଦୈନନ୍ଦିନ ପରିଚାଳନା ଭାର ଛଡାଇ ନିଆଯାଇ ଏଆଇଏଫଏଫ୍ କାର୍ଯ୍ୟକାରୀ ସମ୍ପାଦକ ସୁନନ୍ଦୋ ଧରଙ୍କୁ ପ୍ରଦାନ କରାଯାଇଛି।

# ଓଡ଼ିଶା ଏଫ୍‌ସିର କ୍ରମାଗତ ବିଜୟ

**ଗୁଆହାଟୀ, ୨୩।୮ (ପି.ଟି):** ଡୁରାଣ୍ଡ କପ୍‌ରେ ନିଜର ବିଜୟ ଧାରା ଜାରି ରଖିଛି ଇଣ୍ଡିଆନ୍ ସୁପର୍ ଲିଗ୍ ଦଳ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ମଙ୍ଗଳବାର ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍ -ଡି'ର ମୁକାବିଲାରେ ଓଏଫ୍‌ସି ୨-୦ ଗୋଲରେ କେରଳ ବ୍ଲାଷ୍ଟର୍ସଙ୍କୁ ପରାସ୍ତ କରିଛି। ଆଇଜାକ ଭନମଲସାଓମା ଓ ସଲ୍ ପେଡ୍ରୋ ଦଳ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚରେ ଓଏଫ୍‌ସି ନର୍ଥଇଷ୍ଟ ୟୁନାଇଟେଡକୁ ୬-୦ର ବୃହତ୍ ବ୍ୟବଧାନରେ ପରାଜିତ କରିଥିଲା। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌କୁ ଦିଲ୍ଲୀ ସୁଦେଭା ସହିତ ଡ୍ର ରଖିଥିବା କେରଳ ଏହାର ପ୍ରଥମ ବିଜୟ ସନ୍ଧାନରେ ରହିଛି। ଏହି ବିଜୟ ସହିତ ଦୁଇଟି ମ୍ୟାଚରୁ ୬ ପଏଣ୍ଟ ସହିତ ଓଡ଼ିଶା ଗ୍ରୁପ୍-ଏ'ର ଟପ୍‌ରେ ପହଞ୍ଚିଛି। କେରଳ ବ୍ଲାଷ୍ଟର୍ସ ସମାନ ସଂଖ୍ୟକ ମ୍ୟାଚରୁ ମାତ୍ର ୧ ପଏଣ୍ଟ ହାସଲ କରିଛି।

# ସ୍ପୋର୍ଟ୍ସ ହଷ୍ଟେଲ, ଓଡ଼ିଶା ଏଚ୍‌ପିସି ବିଜୟୀ



ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଓ ଭାଇ ବେହଲୋ ହକି ଏକାଡେମୀ ଭଗତା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଭୁବନେଶ୍ୱର, ୨୩।୮ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀଠାରେ ଚାଲିଥିବା ୧୬ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକିଲିଗ୍ (ଫେଜ୍-୧)ରେ ମଙ୍ଗଳବାର ଓଡ଼ିଶାର ଦୁଇ ଦଳ ସ୍ପୋର୍ଟ୍ସ ହଷ୍ଟେଲ ଓ ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି) ବିଜୟ ହାସଲ କରିଛନ୍ତି। ସ୍ପୋର୍ଟ୍ସ ହଷ୍ଟେଲ ୯-୧ ଗୋଲରେ ଭାଇ ବେହଲୋ ହକି ଏକାଡେମୀ ଭଗତାକୁ ହରାଇଥିବାବେଳେ ଓଡ଼ିଶା ଏଚ୍‌ପିସି ୧୨-୦ରେ ଦିଲ୍ଲୀକୁ ପରାସ୍ତ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ମୋନିକା ତିର୍କୀ ୨୪, ୪୭, ୫୫ ଓ ୬୦ତମ ମିନିଟରେ ଏକାକୀ ୪ଟି ଏବଂ ଅର୍ଚ୍ଚନା ଖାଲ୍‌କୋ ୯, ୩୧ ଓ ୫୮ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସସ୍ମିତା ଡୁଙ୍ଗଡୁଙ୍ଗ ୬ଷ୍ଠ ଓ ପ୍ରେମଶୀଳା ବାଗେ ୫୨ତମ ମିନିଟରେ ଅନ୍ୟ ୨ଟି ଗୋଲ ସ୍କୋର କରିଥିଲେ। ସେହିପରି ଓଡ଼ିଶା ଏଚ୍‌ପିସି ପକ୍ଷରୁ ନିର୍ମଳା ସେନବାର ୧୮ ଓ ୪୮, ଡୋଲି ଭୋଇ ୧୯ ଓ ୪୫, ନିହାରୀକା ଟପ୍ପୋ ୨୪ ଓ ୪୨ ଏବଂ ଅନୁସ୍କା ଭାୱରେ ୩୩ ଓ ୫୧ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଖୁସ୍‌ବୁ କୁଜୁର୍ ୧ମ, ଅଧିନାୟିକା ଅହଲ୍ୟା ଲାକ୍ରା ୭ମ, ପ୍ରଜ୍ଞା ପଟେଲ ୨୭ ଓ ହରପ୍ରୀତ କୌର ୫୬ତମ ମିନିଟରେ ଅନ୍ୟ ୪ଟି ଗୋଲ ସ୍କୋର କରିଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ 'ଏ' ୧୭-୦ରେ ସ୍ମାର୍ଟ ହକି ଏକାଡେମୀ ରାୟପୁର, ଘୁମାନହୀରା ରାଇଜର୍ସ ଏକାଡେମୀ ୨୭-୦ରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ, ପ୍ରୀତମ ସିୱାଚ ହକି ଏକାଡେମୀ ସୋନେପତ ୨୧-୦ରେ ସିଟିଜେନ ହକି ଏକାଦଶ, ମଧ ପ୍ରଦେଶ ହକି ଏକାଡେମୀ ୨-୦ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ 'ବି', ସ୍ପୋର୍ଟ୍ସ ଅଥରିଟି ଅଫ୍ ଗୁଜରାଟ ଏକାଡେମୀ ୭-୦ରେ ଅନନ୍ତପୁର ହକି ଏକାଡେମୀ ଏବଂ ହର୍ ହକି ଏକାଡେମୀ ୭-୦ରେ ସାଲ୍ୟୁଟ ହକି ଏକାଡେମୀକୁ ପରାସ୍ତ କରିଛି।

**ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

# ଜାପାନକୁ ହରାଇଲା ଭାରତ



ଜାପାନ ବିପକ୍ଷରେ ବିଜୟୀ ଭାରତୀୟ ଭଲିବଲ ଦଳ।

**ଭୁବନେଶ୍ୱର, ୨୩।୮ (କ୍ରୀଡ଼ା ପ୍ରତିନିଧି)**

ବାହାରିନର ରିଫାଠାରେ ଆୟୋଜିତ ୨୧ତମ ଏସିଆନ ପୁରୁଷ ୨୦ ବର୍ଷରୁ କମ୍ ଭଲିବଲ ଚାମ୍ପିୟନଶିପ୍‌ରେ ଶକ୍ତିଶାଳୀ ଜାପାନକୁ ହରାଇ ଭାରତ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଅନୁଷ୍ଠିତ ନିଜର ପ୍ରଥମ ମ୍ୟାଚରେ ଭାରତ ୩-୧ (୧୯-୨୫, ୨୫-୧୯, ୨୫-୨୧ ଓ ୨୫-୨୩) ସେଟ୍‌ରେ ଜାପାନକୁ ପରାସ୍ତ କରିଛି। ବାହାରିନ ଯିବା ପୂର୍ବରୁ ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ସମ୍ଭାବ୍ୟ ୨୦ ଜଣିଆ ଦଳରୁ ଶେଷରେ ୧୨ ଖେଳାଳି ଏସୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଏହି ସମ୍ମାନଜନକ ପ୍ରତିଯୋଗିତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରକାଶ ଯୋଗ୍ୟ ଯେ, ଇରାନର ତେହେରାନଠାରେ ସୋମବାର ଶେଷ ହୋଇଥିବା ୧୪ତମ ଏସିଆନ ୧୮ ବର୍ଷରୁ କମ୍ ପୁରୁଷ ଭଲିବଲ ଟୁର୍ନାମେଣ୍ଟରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଶକ୍ତିଶାଳୀ ଜାପାନକୁ ହରାଇଥିବାରୁ ଭାରତୀୟ ଦଳକୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

**୨୦ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ**



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୪/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Wednesday, August 24/2022 Page 8+8 ₹ 7.00




**ଡ୍ରଗ୍ସ ଟେଷ୍ଟରେ ପ୍ରଧାନମନ୍ତ୍ରୀ ପାସ୍**
ପାର୍ଟି ଭିଡିଓ ଭାଇରାଲ ପରେ ବିରୋଧୀଙ୍କ ଦ୍ୱାରା ସମାଲୋଚିତ ହୋଇଥିବା ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସନା ମରିନ୍ ଡ୍ରଗ୍ସ ଟେଷ୍ଟରେ ସଫଳ ହୋଇଛନ୍ତି।
୦୨

୦୬
**ବିକ୍ରମ ଦୋରାଇସ୍ୱାମୀ ବ୍ରିଟେନରେ ଭାରତର ଉଚ୍ଚାୟୁକ୍ତ**
ଆଇଏଫ୍ଏସ୍ ଅଫିସର ବିକ୍ରମ କେ. ଦୋରାଇସ୍ୱାମୀଙ୍କୁ ବ୍ରିଟେନର ପରବର୍ତ୍ତୀ ଉଚ୍ଚାୟୁକ୍ତ ଭାବେ ନିଯୁକ୍ତି ଦିଆଯାଇଛି।





ବାଲେଶ୍ୱର ଜିଲା ଚୌଧୁରୀକୁଦର ଚରବସ୍ତକାଳରୁହି ଗ୍ରାମ ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନେବା ପାଇଁ ପାୱାର ବୋଟ୍ ଯୋଗେ ବାଲିଆପାଳ ବଜାରକୁ ଆସୁଛନ୍ତି।

# ଦୁର୍ଦ୍ଦଶା ବେଳେ ପୁଣି ବର୍ଷା

**୪ ଜିଲାରେ ପ୍ରବଳ ବର୍ଷିବ**

ଭୁବନେଶ୍ୱର,(ବ୍ୟୁରୋ)/ଭୋଗରାଇ, (ଡି.ଏନ.ଏ.) ୨୩।୮

ଲଘୁଚାପ ବର୍ଷା ଯୋଗୁ ବାଲେଶ୍ୱର, ମୟୂରଭଞ୍ଜ ସମେତ ଉତ୍ତର ଓଡ଼ିଶାର ଅନେକ ଅଞ୍ଚଳ ବନ୍ୟା ପାଣିରେ ଉବୁଟୁବୁ ହେଉଛି। ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଭଳି ସ୍ଥଳେ ପୁଣି ବଡ଼ ବର୍ଷାର ଭୟ ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅନୁଯାୟୀ ଉତ୍ତର ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏଥିସହିତ ଏକ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ☞ପୃଷ୍ଠା-୬

# କାନ୍ଥ ଭୁଶୁଡ଼ି ଭଉଣୀ, ଭାଇଙ୍କ ଜୀବନଗଲା

କୁଆମରା,୨୩।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଲୁହାକାନି ପଞ୍ଚାୟତ ଭୋଲବେଡ଼ା ଗ୍ରାମରେ କାନ୍ଥ ଭୁଶୁଡ଼ି ୨ଭଉଣୀଙ୍କ ମୃତ୍ୟୁ ଘଟଣା ମନରୁ ନ ଲିଭୁଣୁ ସୋମବାର ରାତିରେ ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ରାଇଡାହି ଗ୍ରାମରେ ଅନୁରୂପ ଘଟଣା ଘଟିଛି। ଶୋଇଥିବା ବେଳେ କାନ୍ଥ ଭୁଶୁଡ଼ି ଭଉଣୀ, ଭାଇଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମା' ଓ ଅନ୍ୟ ଜଣେ ୨ବର୍ଷର ଶିଶୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତ ଭଉଣୀ ଭାଇ ହେଲେ ଗଣେଶ ସିଂଙ୍କ ଝିଅ ଯଶୋଦା(୧୦) ଓ ପୁଅ ଜ୍ୟୋତିଶଙ୍କର(୮)। ☞ପୃଷ୍ଠା-୬

# ଆତ୍ମହତ୍ୟା କଲେ ଚାଷୀ

**ଲଘୁଚାପ ବର୍ଷା ଉଜାଡ଼ିଲା ଫସଲ**

ବୋରିଗୁମ୍ମା/ଜୟପୁର, ୨୩।୮(ଡି.ଏନ.ଏ./ନି.ପ୍ର.)

କୋରାପୁଟ ଜିଲା ବି ସିଂହପୁର ଥାନା ଅନ୍ତର୍ଗତ ନକୁଲଗୁଡ଼ା ଗ୍ରାମରେ ଜଣେ ଚାଷୀ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଡମ୍ବରୁ ହରିଜନ(୬୦)। ଲଘୁଚାପ ବର୍ଷାରେ ଚାଷ ନଷ୍ଟ ଯୋଗୁ ମାନସିକ ଦୁଶ୍ଚିନ୍ତାରେ ଥିବା ଡମ୍ବରୁ ରବିବାର ଚାଷଜମିରେ ହିଁ କୀଟନାଶକ ଖାଇ ଦେଇଥିଲେ। ସୋମବାର ସନ୍ଧ୍ୟାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପୁଅ ରମେଶ ହରିଜନ କହିଛନ୍ତି। ଖବରରୁ ଜଣାପଡ଼ିଛି, ଡମ୍ବରୁ ୩ ଏକର ଚାଷଜମିରେ ଧାନଚାଷ କରିଥିଲେ। ଏଥିପାଇଁ ସେ ବାହାର ଲୋକଙ୍କଠାରୁ ୭୦ ହଜାର ଟଙ୍କା କରଜ କରିଥିଲେ। ମାତ୍ର କ୍ରମାଗତ ଭାବେ ଲଘୁଚାପ ବର୍ଷା ଲାଗି ରହିବାରୁ ତାଙ୍କ ଚାଷ ନଷ୍ଟ ହୋଇଯାଇଥିଲା। କିପରି କରଜ ଶୁଝିବେ ସେନେଇ ସର୍ବଦା ଚିନ୍ତାରେ ରହୁଥିଲେ। ଶେଷରେ ସେ କୀଟନାଶକ ଖାଇ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଥିଲେ। ସେ ବିଷ ଖାଇଥିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବୋରିଗୁମ୍ମା ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡମ୍ବରୁଙ୍କ ମୃତ୍ୟୁ ହୋଇଥିଲା। ଏନେଇ ବି.ସିଂହପୁର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଏନଡିଟିଭିର ଅଂଶଧନ କିଣିବ ଆଦାନୀ ଗ୍ରୁପ

adani NDTV

ଭୁବନେଶ୍ୱର,୨୩।୮

ଆଦାନୀ ଗ୍ରୁପର ସହଯୋଗୀ କମ୍ପାନୀ ଏଏମ୍‌ଜି ମିଡିଆ ନେଟ୍‌ୱର୍କ ଲିମିଟେଡ୍ ଦେଶର ପ୍ରମୁଖ ଗଣମାଧ୍ୟମ ସଂସ୍ଥା ଏନ୍‌ଡିଟିଭିର ଅଂଶଧନ କିଣିବାକୁ ଘୋଷଣା କରିଛି। ଏପରି କି ଆଦାନୀ ଗ୍ରୁପ୍ ଏନ୍‌ଡିଟିଭି ଅର୍ଥାତ ନୂଆଦିଲ୍ଲୀ ଟେଲିଭିଜନ ଲିମିଟେଡରେ ପରୋକ୍ଷ ଭାବେ ୨୯.୧୮% ଶେୟାର ଅଧିଗ୍ରହଣ କରିବ ବୋଲି କୁହାଯାଉଛି। ଅପରପକ୍ଷରେ ଏକ ଖୋଲା ପ୍ରସ୍ତାବ ଜରିଆରେ ଆଦାନୀ ଗ୍ରୁପ ଏନ୍‌ଡିଟିଭିର ଆଉ ୨୬% ଅଂଶଧନ ନିଜ ପାଖରେ ରଖିବାକୁ ଯୋଜନା କରିଛି। ଏହିପରି ଏନ୍‌ଡିଟିଭିରେ ଆଦାନୀ ଗ୍ରୁପର ମୋଟ୍ ଅଂଶଧନ ୫୫%ରୁ ଊର୍ଦ୍ଧ୍ୱ ହୋଇଯିବ। ଆଦାନୀ ଗ୍ରୁପ ଏବଂ ଏନ୍‌ଡିଟିଭି ମଧ୍ୟରେ ପାଖାପାଖି ୪୯୩ କୋଟି ଟଙ୍କାର ଚୁକ୍ତି ହେବା ଆଶା କରାଯାଉଛି। ଏଏମଏନଏଲ ଏବଂ ଆଦାନୀ ☞ପୃଷ୍ଠା-୬

# ଜେଲ ଫେରିପାରନ୍ତି ୧୧ ଦୋଷୀ

- ବିଲ୍‌କିସ୍ ବାନୋ ମାମଲାରେ ଦଣ୍ଡ ଛାଡ଼କୁ ଚ୍ୟାଲେଞ୍ଜ
- ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି

ନୂଆଦିଲ୍ଲୀ,୨୩।୮

ଗୁଜରାଟର ବିଲ୍‌କିସ୍ ବାନୋଙ୍କୁ ବଳାତ୍କାର ଓ ତାଙ୍କ ପରିବାରର ୭ ସଦସ୍ୟଙ୍କୁ ହତ୍ୟା କରି ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କ ଦଣ୍ଡାଦେଶ ମାଫ କରିବା ମାମଲାର ଶୁଣାଣି ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ଗୁଜରାଟ ସରକାରଙ୍କ ସ୍ୱତନ୍ତ୍ର ରେମିଶନ ପଲିସି (ଉତ୍ତମ ବ୍ୟବହାର ପାଇଁ ଦଣ୍ଡ ଛାଡ଼ ନୀତି) ଅନୁସାରେ ଦୋଷୀମାନଙ୍କୁ ଗତ ୧୫ ତାରିଖରେ ଗୋଧ୍ରା ସବ୍‌ଜେଲରୁ ମୁକ୍ତ କରାଯାଇଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ସଦସ୍ୟା ଶୁଭାଶିନୀ ଅଲୀ, ସାମ୍ବାଦିକା ରେବତୀ ଲାଉଲ୍ ଏବଂ ପ୍ରଫେସର ରୂପରେଖା ବର୍ମାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଓକିଲ ଅପର୍ଣ୍ଣା ଭଟ୍ଟ ଏହି ପିଟିଶନ ଦାଖଲ କରିଛନ୍ତି।

ଶୁଣାଣି ବେଳେ ସିବଲ କହିଥିଲେ, ସୁପ୍ରିମକୋର୍ଟଙ୍କ ରାୟ ଠିକ୍ ଥିଲା। କିନ୍ତୁ ୧୪ ଜଣଙ୍କୁ ହତ୍ୟା କରି ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କ ଦଣ୍ଡ ଛାଡ଼ ଲାଗି ଆଧାର କରାଯାଇଥିବା ସିଦ୍ଧାନ୍ତକୁ ଆମେ ଚ୍ୟାଲେଞ୍ଜ କରୁଛୁ। ଗର୍ଭବତୀ ମହିଳାମାନଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଛି। ସେହିପରି ଗୁଜରାଟ ସରକାରଙ୍କ ରେମିଶନ ଅର୍ଡରକୁ ଖାରଜ କରି ୧୧ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଅପର୍ଣ୍ଣା ଶୀର୍ଷ ଅଦାଲତଙ୍କୁ ଅନୁରୋଧ କରିଥିଲେ। ସିଜେଆଇ ଏନ୍.ଭି. ରମନା ଏହା



ଉପରେ ବିଚାର କରାଯିବ ବୋଲି କହିଥିଲେ।

ପ୍ରକାଶ ଯେ, ୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରାରେ ଦୁର୍ବୃତ୍ତମାନେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦେବାରୁ ୫୯ କାରସେବକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ☞ପୃଷ୍ଠା-୬

# ବନ୍ୟପ୍ରାଣୀ ବ୍ଲଗର ଗିରଫ


ଗିରଫ ଅଭିଯୁକ୍ତ (ଡାହାଣ) ଓ ଜବତ ସାପ, ଏଣ୍ଡୁଅ।

**୬ ସାପ, ୪ ରଙ୍ଗୀନ ଏଣ୍ଡୁଅ ଜବତ**

ସମ୍ବଲପୁର,୨୩।୮(ବ୍ୟୁରୋ)

ବନ୍ୟପ୍ରାଣୀ ପ୍ରେମୀ ଭାବେ ବିଭିନ୍ନ ସୋସିଆଲ ମିଡିଆରେ ଜଣାଶୁଣା ଅନେକ ବ୍ୟକ୍ତି ଭିତିରିଆ ଭାବେ ପ୍ରାଣୀ ଚୋରା ଚାଲାଣ ବ୍ୟବସାୟରେ ଲିପ୍ତ ରହୁଛନ୍ତି। ଏଭଳି ଜଣେ ୟୁଟ୍ୟୁବ୍ ବ୍ଲଗର୍ ସମ୍ବଲପୁର ଜିଲା ଧମା ଥାନା ପାଞ୍ଚଫୁଟ ଗ୍ରାମର ରାମଚନ୍ଦ୍ର ରଣାଙ୍କୁ ବନବିଭାଗ ପକ୍ଷରୁ ଗିରଫ କରାଯାଇଛି। ତାଙ୍କଠାରୁ ୬ ସାପ ଓ ୪ ରଙ୍ଗିନ୍ ଏଣ୍ଡୁଅକୁ ଜବତ କରାଯାଇଛି। ୟୁଟ୍ୟୁବରେ ସେ ନିଜକୁ ପ୍ରଚାର ପ୍ରସାର କରିବା ପାଇଁ ସାପ, ରଙ୍ଗିନ ଏଣ୍ଡୁଅ ଭଳି ବନ୍ୟପ୍ରାଣୀଙ୍କ ସହିତ ଭିଡିଓ ଅପ୍‌ଲୋଡ୍ କରିଥିଲେ। ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଏବଂ ଧମା ରେଞ୍ଜର ଅଧିକାରୀ ଓ କର୍ମଚାରୀ ରାମଚନ୍ଦ୍ରଙ୍କୁ ଗିରଫ କରିଥିବା ନେଇ ସଦର ରେଞ୍ଜର ମନୁ ଅଶୋକ ଭଟ୍ଟ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସଦର ରେଞ୍ଜର ଭଟ୍ଟ କହିଛନ୍ତି, ରାମଚନ୍ଦ୍ର ନିଜ ନାମରେ ବହୁ ଦିନରୁ ଏକ ୟୁଟ୍ୟୁବ ଚ୍ୟାନେଲ ଖୋଲିଛନ୍ତି। ଜଙ୍ଗଲ ପରିବେଶ ଓ ବିଭିନ୍ନ ବନ୍ୟପ୍ରାଣୀଙ୍କୁ ନେଇ ଭିଡିଓ କରି ସେଥିରେ ଅପ୍‌ଲୋଡ୍ କରୁଛନ୍ତି। ଏ ନେଇ ବନବିଭାଗକୁ ସୂଚନା ମିଳିଥିଲା। ପରେ ବନ ବିଭାଗ ଏକ ଟିମ୍ ତଦନ୍ତ ଆରମ୍ଭ କରି ରାମଚନ୍ଦ୍ରଙ୍କୁ ଗିରଫ କରିଥିଲା। ☞ପୃଷ୍ଠା-୬



## କଶ୍ମୀରରେ ୪ ଥର ଭୂକମ୍ପ

ଜମ୍ମୁ-କଶ୍ମୀରରେ ୬ ଘଣ୍ଟାରୁ କମ୍ ସମୟ ମଧ୍ୟରେ ୪ ଥର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଜମ୍ମୁ ଅଞ୍ଚଳର କଟ୍ରାଠାରୁ ୬୧ କିଲୋମିଟର ପୂର୍ବରେ ପ୍ରଥମ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ସୋମବାର ରାତି ୨ଟା ୨୦ରେ ପ୍ରଥମ ଭୂକମ୍ପ ହୋଇଥିବାବେଳେ ୩ଟା ୨୧ରେ ଦ୍ୱିତୀୟ, ୩ଟା ୪୪ରେ ତୃତୀୟ ଏବଂ ସକାଳ ୮ଟା ୩ରେ ଚତୁର୍ଥ ଭୂକମ୍ପ ଅନୁଭୂତ ହୋଇଥିଲା।

## ସଂକ୍ଷେପରେ

### ସୋନାଲି ଫୋଗଟଙ୍କ ପରଲୋକ

ନୂଆଦିଲ୍ଲୀ,୨୩।୮: ଭାଜପା ନେତ୍ରୀ ତଥା ପୂର୍ବତନ ବିଗ୍ ବସ୍ ପ୍ରତିଯୋଗୀ ସୋନାଲି ଫୋଗଟ (୪୩)ଙ୍କର ମଙ୍ଗଳବାର ଗୋଆରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀର ଗୋଆରୁ



ଦିଲ୍ଲୀ ଅଣାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସୋନାଲି ହରିୟାଣାର ଆଦମପୁର ଆସନରୁ ବିଧାନସଭା ନିର୍ବାଚନ ଲଢ଼ିଥିଲେ। ୨୦୧୬ରେ ସେ ଟିଭି ଶୋ' 'ଆମ୍ମା: ଏକ ମା ଯୋ ଲାଖୋଁ କେ ଲିଏ ବନି ଆମ୍ମା'ଜରିଆରେ ଅଭିନୟ ଦୁନିଆରେ ପ୍ରବେଶ କରିଥିଲେ। ୨୦୧୯ରେ ଏକ ୱେବ୍ ସିରିଜ୍‌ରେ ଭାଗ ନେଇଥିଲେ। ୨୦୨୦ରେ ହିସାରସ୍ଥିତ ବଜାର କମିଟିର ଜଣେ କର୍ମକର୍ତ୍ତାଙ୍କୁ ମାଡ଼ ମାରିବା ଘଟଣାରେ ସେ ଚର୍ଚ୍ଚାକୁ ଆସିଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

### ମାନହାନି ମାମଲାରେ ସିସୋଡିଆଙ୍କୁ କୋର୍ଟ ସମନ

ଗୁଆହାଟୀ,୨୩।୮: ଏକ ମାନହାନି ମାମଲାରେ ଆସାମର ଏକ ଅଦାଲତ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ସମନ ଜାରି କରି ସେପ୍ଟେମ୍ବର ୨୯ରେ ହାଜର ହେବାକୁ କହିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସ୍ତ୍ରୀ ରିନିକି ଭୂୟାଁ ଶର୍ମା ଦୁର୍ନୀତି ମାମଲାରେ ସମ୍ପୃକ୍ତ ଥିବା ନେଇ ସିସୋଡିଆ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ୨୦୨୦ରେ ହିମନ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ରାନିକି ପିପିଇ କିଟ୍ ଯୋଗାଣ ଦାୟିତ୍ୱରେ ଥିଲେ। ସେତେବେଳେ ରାଜ୍ୟରେ ପିପିଇ କିଟ୍‌ର ଅଭାବ ଦେଖାଦେଇଥିଲା। ହିମନ୍ତ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିଲେ।

### ପାକ୍‌ରେ ବ୍ରହ୍ମୋସ୍ ପଡ଼ିବା ଘଟଣା

### ୩ ବାୟୁସେନା ଅଧିକାରୀ ବହିଷ୍କୃତ




ନୂଆଦିଲ୍ଲୀ,୨୩।୮: ବ୍ରହ୍ମୋସ କ୍ଷେପଣାସ୍ତ୍ର ପରୀକ୍ଷା ବେଳେ ଏହା ଦିଗଭ୍ରଷ୍ଟ ହୋଇ ପାକିସ୍ତାନରେ ପଡ଼ିବା ଘଟଣାରେ ଭାରତୀୟ ବାୟୁସେନାର ୩ ଜଣ ଅଫିସରଙ୍କୁ ମଙ୍ଗଳବାର ବହିଷ୍କାର କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୯ରେ ବ୍ରହ୍ମୋସ ଫାୟାରିଂ ହେବାର ୭ ମିନିଟ ପରେ ଏହା ପାକିସ୍ତାନ ଭିତରେ ୧୨୪ କିଲୋମିଟର ଦୂରରେ ପଡ଼ିଥିଲା। ସେଥିରେ ଆଗ୍ନେୟାସ୍ତ୍ର ନ ଥିଲା। ଏହି ଘଟଣା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ସେତେବେଳେ ଗଭୀର ଦୁଃଖ ପ୍ରକାଶ କରିଥିଲା। ଆଇଏଫ୍‌ର ୩ ଜଣ ଅଧିକାରୀ ଉପଯୁକ୍ତ ଅପରେଟିଂ ପଦ୍ଧତି ଅବଲମ୍ବନ ନ କରିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି କୋର୍ଟ ଅଫ୍ ଇନ୍‌କ୍ୱାରିରୁ ଜଣାପଡ଼ିଛି। ବହିଷ୍କୃତ ଅଫିସରଙ୍କ ମଧ୍ୟରେ ଜଣେ ଗ୍ରୁପ୍ କ୍ୟାପ୍‌ଟେନ, ଜଣେ ୱିଙ୍ଗ କମାଣ୍ଡର ଏବଂ ସ୍କ୍ୱାଡ୍ରନ ଲିଡର ଅଛନ୍ତି।

## ଭିନ୍ନକ୍ଷମ ନାବାଳିକାଙ୍କୁ ୮ବର୍ଷ ଧରି ନିର୍ଯାତନା ଦେଉଥିଲେ ଭାଜପା ନେତ୍ରୀ

■'ବେଟି ବଚାଓ-ବେଟି ପଢ଼ାଓ' କାର୍ଯ୍ୟକ୍ରମର ଝାଡ଼ଖଣ୍ଡ ଆବାହକ ସୀମା ପାତ୍ର

■ସୀମାଙ୍କ ସ୍ୱାମୀ ମାହେଶ୍ୱରୀ ପାତ୍ର ଅବସରପ୍ରାପ୍ତ ଆଇଏଏସ୍ ଅଫିସର



ଭାଜପାର ଜଣେ ନେତ୍ରୀଙ୍କ ଘରେ ଦୀର୍ଘବର୍ଷ ଧରି ବନ୍ଧକ ଥିବା ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ସୁନୀତା ନାମ୍ନୀ ଉକ୍ତ ନାବାଳିକାଙ୍କୁ ସୀମା ପାତ୍ରଙ୍କ ଘରେ ଘରୋଇ ଚାକର ଭାବେ ରଖାଯାଇ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା ବୋଲି ପୋଲିସ କହିଛି। ସୀମା ଭାଜପା ମହିଳା ମୋର୍ଚ୍ଚା ଜାତୀୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଥିବା ସୋସିଆଲ ମିଡିଆ ପେଜ୍ ବାୟୋରୁ ଜଣାପଡ଼ିଛି। ଏହା ବ୍ୟତୀତ ସେ 'ବେଟି ବଚାଓ-ବେଟି ପଢ଼ାଓ' ସଚେତନତା କାର୍ଯ୍ୟକ୍ରମର ଝାଡ଼ଖଣ୍ଡ ଆବାହକ ମଧ୍ୟ ରହିଛନ୍ତି। ସୀମାଙ୍କ ସ୍ୱାମୀ ମାହେଶ୍ୱରୀ ପାତ୍ର ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର। ସେମାନେ ରାଞ୍ଚିର ଅଶୋକ ନଗର ଅଞ୍ଚଳରେ ରହନ୍ତି। ସୁନୀତା ତାଙ୍କ ଘରେ ୮ ବର୍ଷ ହେଲା ଖଟୁଥିଲେ। ସେ ତାଙ୍କ ନିର୍ଯାତନା ସମ୍ପର୍କରେ ବିବେକ ବକ୍ସି ନାମକ ଜଣେ ବ୍ୟକ୍ତିଙ୍କ ମୋବାଇଲକୁ ମେସେଜ୍ ପଠାଇବା ପରେ ଘଟଣା ପଦାକୁ ଆସିଥିଲା। ବିବେକ ପୋଲିସଙ୍କୁ ଜଣାଇବା ପରେ ଏକ ଟିମ୍ ପହଞ୍ଚି ସୁନୀତାଙ୍କୁ ଉଦ୍ଧାର କରିଥିଲା। ପୋଲିସ ସୁନୀତାଙ୍କ ଡାକ୍ତରୀ ପରୀକ୍ଷା କରାଇବା ସହ ବୟାନ ରେକର୍ଡ କରିଛି।

## ଡ୍ରଗ୍ସ ଟେଷ୍ଟରେ ପ୍ରଧାନମନ୍ତ୍ରୀ ପାସ୍



ଏକ ପାର୍ଟିରେ ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସନ୍ନା ମରିନ୍ ନାଚଗୀତ କରୁଥିବାର ଫଟୋ ଭିଡିଓ ଭାଇରାଲ ହେବା ପରେ ତାଙ୍କୁ ସମାଲୋଚନାର ସାମ୍ନା କରିବାକୁ ପଡ଼ିଥିଲା। ପ୍ରଧାନମନ୍ତ୍ରୀ ଡ୍ରଗ୍ସ ନେଇ ପାର୍ଟି କରିଥିବା ବିରୋଧୀ ଅଭିଯୋଗ ଆଣିବା ପରେ ଏହା ଗୁରୁତର ସହ ନେଇ ମରିନ୍ ନମୁନା ପରୀକ୍ଷା କରାଇଥିଲେ। ଡ୍ରଗ୍ସ ଟେଷ୍ଟରେ ସେ ସଫଳ ହୋଇଛନ୍ତି। ରିପୋର୍ଟ ନେଗେଟିଭ୍ ଆସିବା ପରେ ବିଶ୍ୱର ସବୁଠାରୁ ଯୁବ ପ୍ରଧାନମନ୍ତ୍ରୀ ୩୬ ବର୍ଷୀୟ ମରିନ୍ ଉକ୍ତ ପ୍ରାଇଭେଟ ପାର୍ଟିର ଏକ ଫଟୋ ପାଇଁ କ୍ଷମା ମାଗିଛନ୍ତି। ମରିନ୍‌ଙ୍କ ପାର୍ଟିରେ ଦେଶର ଦୁଇ ପରିଚିତ ମହିଳା ନିଜ ଉଲଗ୍ନ ଶରୀରରେ 'ଫିନ୍‌ଲାଣ୍ଡ' ଲେଖି ନାଚୁଥିବା ଫଟୋ ଭାଇରାଲ ହୋଇଥିଲା। ଏହି ଫଟୋ ଉପଯୁକ୍ତ ନୁହେଁ ବୋଲି ମରିନ୍ କହିବା ସହ ଏଥିପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ତେବେ ଏହି ପାର୍ଟିରେ ସେପରି କିଛି ଅସାଧାରଣ କଥା ଘଟି ନ ଥିବା ସେ ପ୍ରକାଶ କରିଛନ୍ତି।

# ସାମ୍ବିଧାନିକ ପୀଠରେ ବିଚାର ହେବ

ନୂଆଦିଲ୍ଲୀ,୨୩।୮

### ଶିବସେନା ମାମଲା: ଗୁରୁବାର ଶୁଣାଣି


ଉଦ୍ଧବ ଠାକ୍‌ରେ


ଏକନାଥ ଶିନ୍ଦେ

ଚିହ୍ନ ଉପରେ ନିଷ୍ପତ୍ତି ନ ନେବାକୁ ଇସିଙ୍କୁ ନିର୍ଦ୍ଦେଶ

ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପକ୍ଷରୁ ପାର୍ଟିର ନେତୃତ୍ୱ, ଦଳବଦଳ, ମିଶ୍ରଣ, ବିଧାୟକଙ୍କ ସଦସ୍ୟତା ରଦ୍ଦ ସମ୍ପର୍କିତ ପିଟିଶନଗୁଡ଼ିକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଏକ ସାମ୍ବିଧାନିକ ପୀଠ ଗଠନ କରିଛନ୍ତି। ୫ ବିଚାରପତି ବିଶିଷ୍ଟ ଉକ୍ତ ପୀଠ ଗୁରୁବାର ଆବେଦନଗୁଡ଼ିକର ଶୁଣାଣି କରିବେ। ନିଜକୁ ଅସଲ ଶିବସେନା କହି ଦଳୀୟ ଚିହ୍ନ 'ଧନୁଶର' ଦାବି କରୁଥିବା ଶିନ୍ଦେ ଗୋଷ୍ଠୀ ସପକ୍ଷରେ କୌଣସି ରାୟ ନ ଦେବାକୁ ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନା ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ହିମା କୋହିଲ ଏବଂ କ୍ରିଷ୍ଣା ମୁରାରୀଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ଉଭୟ ପକ୍ଷ ଦାଖଲ କରିଥିବା ପିଟିଶନଗୁଡ଼ିକରେ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା, ବାଚସ୍ପତି ଓ ରାଜ୍ୟପାଳଙ୍କ କ୍ଷମତା ଏବଂ ନ୍ୟାୟିକ ସମୀକ୍ଷା ଉପରେ ସମ୍ବିଧାନର ଦଶମ ପରିଚ୍ଛେଦ ସମ୍ପର୍କିତ ଅନେକ ସାମ୍ବିଧାନିକ ପ୍ରସଙ୍ଗ ଉଠାଯାଇଛି। ଏହି ପରିପ୍ରେକ୍ଷୀରେ ୨୦୧୬ରେ ଅରୁଣାଚଳ ପ୍ରଦେଶର ତତ୍କାଳୀନ ବାଚସ୍ପତି ନବାମ ରେବିଆ ମାମଲାରେ ସାମ୍ବିଧାନିକ ପୀଠ ନିର୍ଦ୍ଧାରଣ କରିଥିବା ଆଇନର ସିଦ୍ଧାନ୍ତ ବିରୋଧାଭାସ ଯୋଗୁ ସୃଷ୍ଟ ବ୍ୟବଧାନକୁ ପୂରଣ କରିବ। ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନୋଟିସ ଦିଆଯାଇଥିବା ସମୟରେ ସେ ଅନ୍ୟ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ କି ନାହିଁ ତାହା ସାମ୍ବିଧାନିକ ପୀଠ ବିଚାର କରିବେ। ଏକ ବୃହତ୍ ପୀଠରେ ଏହାର ଶୁଣାଣି ହେବାକୁ ଥିବାରୁ ବର୍ତ୍ତମାନ ନିର୍ବାଚନ କମିଶନ ଶିବସେନାର ଦଳୀୟ ଚିହ୍ନ ପ୍ରଦାନ ସମ୍ପର୍କିତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ଗତ ଜୁନ୍‌ରେ ଶିବସେନା ନେତା ଏକନାଥ ଶିନ୍ଦେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ସେ ବିଦ୍ରୋହୀ ବିଧାୟକମାନଙ୍କୁ ନେଇ ଭାଜପା ସମର୍ଥନରେ ସରକାର ଗଢ଼ିଥିଲେ। ସେହି ସମୟରେ ବାଚସ୍ପତି ନରହରି ସୀତାରାମ ଜରିୱାଲ ଶିନ୍ଦେ ଗୋଷ୍ଠୀର ୧୪ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ନୋଟିସ କରିଥିଲେ। ଅନ୍ୟପକ୍ଷେ ଶିନ୍ଦେ ଗୋଷ୍ଠୀର ଭରତ ଗୋଗାୱଲେଙ୍କ ସମେତ ୧୪ ବିଧାୟକ ଉପବାଚସ୍ପତିଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ନିଷ୍ପତ୍ତି ନ ହେବା ଯାଏ ସେ କୌଣସି ଏମ୍‌ଏଲ୍‌ଏଙ୍କ ସଦସ୍ୟତା ରଦ୍ଦ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଜୁନ୍ ୨୭ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ ଉପବାଚସ୍ପତିଙ୍କ ନୋଟିସ ଉପରେ ଜବାବ ଦାଖଲ ପାଇଁ ବିଧାୟକମାନଙ୍କୁ ଜୁଲାଇ ୧୨ ପର୍ଯ୍ୟନ୍ତ ସମୟ ଦେଇଥିଲେ। ଅନ୍ୟପକ୍ଷେ ଉଦ୍ଧବ ଗୋଷ୍ଠୀର ଶିବସେନା ମୁଖ୍ୟ ସଚେତକ ସୁନୀଲ ପ୍ରଭୁ ମହାବିକାଶ ଅଘାଡ଼ି ସରକାରଙ୍କୁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲେ।

### ହ୍ୱାଟ୍‌ସଆପ୍ ମେସେଜ୍‌ରେ ୨୧ ଲକ୍ଷ ହରାଇଲେ

ହାଇଦ୍ରାବାଦ, ୨୩।୮

ଆନ୍ଧ୍ରପ୍ରଦେଶର ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଏକ ହ୍ୱାଟ୍‌ସଆପ୍ ମେସେଜ ଜରିଆରେ ୨୧ ଲକ୍ଷ ଟଙ୍କା ହରାଇଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ଆନ୍ନାମାୟା ଜିଲାର ବରଲକ୍ଷ୍ମୀଙ୍କ ନିକଟକୁ ସୋମବାର ହ୍ୱାଟ୍‌ସଆପ୍‌ରେ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ସେଥିରେ ଏକ ଲିଙ୍କ୍ ରହିଥିଲା। ଲିଙ୍କକୁ କ୍ଲିକ୍ କରିଦେବା ପରେ ତାଙ୍କ ମୋବାଇଲକୁ ବ୍ୟାଙ୍କ ଆକାଉଣ୍ଟରୁ ଉଠାଣ ମେସେଜ୍ ଆସିବାରେ ଲାଗିଲା। ପର୍ଯ୍ୟାୟ କ୍ରମେ ସେ ୨୧ ଲକ୍ଷ ଟଙ୍କା ହରାଇଥିବା କହିଛନ୍ତି।

### ସରକାର ଠିକ୍ ସମୟରେ ନିଷ୍ପତ୍ତି ନେଉନାହାନ୍ତି: ଗଡ଼କରୀ



ନୂଆଦିଲ୍ଲୀ,୨୩।୮

ସରକାର ଠିକ୍ ସମୟରେ ନିଷ୍ପତ୍ତି ନେଉ ନାହାନ୍ତି, ଯାହା ସବୁଠୁ ବଡ଼ ସମସ୍ୟା ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏକ କାର୍ଯ୍ୟକ୍ରମରେ କହିଛନ୍ତି। ଆପଣମାନେ ଚମତ୍କାର କରିପାରିବେ, ଏଠାରେ ସେଭଳି ସାମର୍ଥ୍ୟ ଅଛି। ଭାରତର ଭିତ୍ତିଭୂମିର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ। କମ୍ ଖର୍ଚ୍ଚରେ ଉତ୍ତମ ମାନର ସାମଗ୍ରୀ ଉତ୍ପାଦନ ଲାଗି ଆମ ପାଖରେ ବିକଳ୍ପ ଉପାଦାନ ରହିଛି। ତେବେ ନିର୍ମାଣରେ ସମୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ସବୁଠୁ ବଡ଼ ପୁଞ୍ଜି। ପ୍ରଯୁକ୍ତି ଓ ସମ୍ବଳଠାରୁ ସମୟ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁମ୍ବାଇରେ ଆୟୋଜିତ ନାଟ୍‌କନ୍ ୨୦୨୨ରେ ଉଦ୍‌ବୋଧନ ଦେଇ ଗଡ଼କରୀ କହିଛନ୍ତି। ତେବେ ସେ କୌଣସି ସରକାରଙ୍କୁ ନିର୍ଦ୍ଦିଷ୍ଟ ଭାବେ ଏହା କହି ନାହାନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଗଡ଼କରୀଙ୍କୁ ଭାଜପାର ସବୁଠୁ ପ୍ରଭାବଶାଳୀ ସଂସଦୀୟ ବୋର୍ଡରୁ ଗଡକରୀଙ୍କୁ ବାଦ୍ ଦିଆଯାଇଥିଲା।


ତ୍ରିପୁରାର ଅଗରତାଲାରେ ମଙ୍ଗଳବାର ଦୁର୍ଗାମୂର୍ତ୍ତି ତିଆରି କରୁଛନ୍ତି ଜଣେ ଶିଳ୍ପୀ।

## ମନ୍ଦିରରେ ମୁସଲମାନ ମନ୍ତ୍ରୀଙ୍କ ସହ ନୀତୀଶ

ପାଟନା,୨୩।୮

### କ୍ଷମା ମାଗିବାକୁ ଭାଜପାର ଦାବି

ଗୟାର ବିଶ୍ୱ ପ୍ରସିଦ୍ଧ ବିଷ୍ଣୁପଦ ମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ଉପରେ ବାରଣ ରହିଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କ କ୍ୟାବିନେଟରେ ଜଣେ ମୁସଲମାନ ମନ୍ତ୍ରୀଙ୍କୁ ସାଙ୍ଗରେ ନେଇ ସେଠାରେ ପ୍ରବେଶ କରିବା ଘଟଣାରେ ବିବାଦ ଦେଖାଦେଇଛି। ମନ୍ଦିରରେ ମୁସଲମାନ ମନ୍ତ୍ରୀଙ୍କୁ ପ୍ରବେଶ କରାଇ ନୀତୀଶ ହିନ୍ଦୁମାନଙ୍କ ଭାବାବେଗକୁ ଆଘାତ ଦେଇଛନ୍ତି। ଏଥିପାଇଁ ସେ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳ ଭାଜପା ଦାବି କରିଛି। ଯଦି ମୁଖ୍ୟମନ୍ତ୍ରୀ କ୍ଷମା ନ ମାଗନ୍ତି, ତେବେ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ଗୈରିକ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

ସେପ୍ଟେମ୍ବର ୯ରୁ ପିତୃପକ୍ଷ ମେଳା ଆରମ୍ଭ ହେବାକୁ ଥିବାବେଳେ ଏଥିପାଇଁ ହୋଇଥିବା ପ୍ରସ୍ତୁତି ସମୀକ୍ଷା କରିବା ଲାଗି ନୀତୀଶଙ୍କ ସହ ଗୟା ଜିଲା ଦାୟିତ୍ୱରେ ଥିବା ମହମ୍ମଦ ଇସ୍ରାଏଲୀ ମନସୁରୀ ଓ ଅନ୍ୟ ମନ୍ତ୍ରୀମାନେ ମନ୍ଦିର ଯାଇଥିଲେ। ଏଥିପାଇଁ ନୀତୀଶ କ୍ଷମା ମାଗନ୍ତୁ ବୋଲି ଭାଜପା ରାଜ୍ୟ ସଭାପତି ସଞ୍ଜୟ ଜୟସ୍ୱାଲ ଦାବି କରିଛନ୍ତି। ମନସୁରୀଙ୍କୁ ପୂର୍ବରୁ କେବେ ଦେଖି ନ ଥିବାରୁ ତାଙ୍କୁ ଚିହ୍ନି ପାରି ନ ଥିଲେ ବୋଲି ମନ୍ଦିର କମିଟି ସଦସ୍ୟ ମହେଶ ଗୁପ୍ତ କହିଛନ୍ତି। ଅଣହିନ୍ଦୁଙ୍କ ପ୍ରବେଶ ନିଷେଧ ବୋଲି ନୋଟିସ ବୋର୍ଡରେ ସ୍ପଷ୍ଟ ଲେଖାଥିବାବେଳେ ମନସୁରୀ ସେଠାରେ ପ୍ରବେଶ କରିବା ଉଚିତ ନ ଥିଲା ବୋଲି ସେ କହିଛନ୍ତି।

## କୌଣସି ଠାକୁର ବ୍ରାହ୍ମଣ ନୁହନ୍ତି

ନୂଆଦିଲ୍ଲୀ, ୨୩।୮

### ଜେଏନ୍‌ୟୁ କୁଳପତିଙ୍କ ବିବାଦୀୟ ମନ୍ତବ୍ୟ



### ଶିବ ଏସ୍‌ସି/ଏସ୍‌ଟି ହୋଇଥିବେ

ନୃତତ୍ତ୍ୱ ବିଜ୍ଞାନ ଦୃଷ୍ଟିରୁ ବିଚାର କଲେ କୌଣସି ହିନ୍ଦୁ ଦେବଦେବୀ ଉଚ୍ଚ ଜାତିର ନ ଥିଲେ ବୋଲି ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) କୁଳପତି ଶାନ୍ତିଶ୍ରୀ ଧୁଲିପୁଡ଼ି ପଣ୍ଡିତ କହିଛନ୍ତି। ଏହାସହ ଭଗବାନ ଶିବ ନିଶ୍ଚିତ ଅନୁସୂଚିତ ଜାତି କିମ୍ବା ଜନଜାତି(ଏସ୍‌ସି/ଏସ୍‌ଟି)ର ହୋଇଥିବେ ବୋଲି ସେ ମନ୍ତବ୍ୟ ଦେଇଛନ୍ତି। ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ 'ଲିଙ୍ଗଗତ ନ୍ୟାୟ ଉପରେ ଡକ୍ଟର ବି. ଆର୍. ଆମ୍ବେଦକରଙ୍କ ବିଚାର' ଶୀର୍ଷକ ଆଲୋଚନାରେ ପଣ୍ଡିତ ସମାନ ଆଚାର ସଂହିତା ଲାଗୁ ସପକ୍ଷରେ ମତ ରଖି କହିଥିଲେ, ନୃତତ୍ତ୍ୱ ବିଜ୍ଞାନ, ସାଇଣ୍ଟିଫିକ୍ ଦୃଷ୍ଟିରୁ ଆମ ଦେବତାଙ୍କ ଉତ୍ପତ୍ତି ଦେଖାଯାଉ। ସେମାନଙ୍କ ମଧ୍ୟରୁ କେହି ବି ବ୍ରାହ୍ମଣ ନ ଥିଲେ। ବରଂ ଅଧିକାଂଶ କ୍ଷତ୍ରିୟ ଥିଲେ। ଭଗବାନ ଶିବ ନିଶ୍ଚିତ ଏସ୍‌ସି/ଏସ୍‌ଟି ବର୍ଗର ହୋଇଥିଲେ। କାରଣ ସେ ଅଳ୍ପ କପଡ଼ାରେ ଏକ ସାପ ସହ ଶ୍ମଶାନରେ ବସିଥାନ୍ତି। ବ୍ରାହ୍ମଣମାନେ ଶ୍ମଶାନରେ ବସିପାରିବେ ନାହିଁ। ଜଗନ୍ନାଥ ମଧ୍ୟ ଆଦିବାସୀ ସମ୍ପ୍ରଦାୟର। ଭଗବାନଙ୍କ ଉଚ୍ଚ ଜାତି ନ ଥିବାବେଳେ ଆମେ କିନ୍ତୁ ମଣିଷ ମଣିଷ ଭିତରେ ଜାତିଗତ ଭେଦଭାବ କରୁଛେ, ଯାହା ବି ଅତି ଅମାନବୀୟ। ସେହିପରି ମନୁସ୍ମୃତିରେ ସମସ୍ତ ମହିଳାଙ୍କୁ ଶୂଦ୍ର ବୋଲି ଦର୍ଶାଯାଇଛି। କେବଳ ପିତା କିମ୍ବା ସ୍ୱାମୀଙ୍କ ଜାତି ମହିଳାଙ୍କ ଜାତି ହୋଇଥାଏ। ଏହା ଅତ୍ୟନ୍ତ ନକାରାତ୍ମକ ବିଚାର।

## ୟୁକ୍ରେନ୍ ଛାଡ଼ିବାକୁ ଆମେରିକୀୟଙ୍କୁ ପରାମର୍ଶ

କିଭ୍/ୱାଶିଂଟନ୍, ୨୩।୮

### ସ୍ୱାଧୀନତା ଦିବସରେ ଆକ୍ରମଣ କଲେ ରୁଷିଆକୁ ଦିଆଯିବ ମୁହଁତୋଡ଼ ଜବାବ: ଜେଲେନ୍‌ସ୍କି


ୟୁକ୍ରେନ୍ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ସର୍ବବୃହତ୍ ଜାତୀୟ ପତାକା ଉତ୍ତୋଳନ ପାଇଁ ପ୍ରସ୍ତୁତିବେଳେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

ସୋଭିଏଟ୍ ସଂଘରୁ ଅଲଗା ହୋଇଥିବା ୟୁକ୍ରେନ୍ ବୁଧବାର ଏହାର ୩୧ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଏହି ଦିନ ରୁଷିଆ କିଭ୍ ଉପରେ ବଡ଼ଧରଣର ଆକ୍ରମଣ ଯୋଜନା କରିଥିବା ଆଶଙ୍କା ରହିଛି। ସାଧାରଣ ନାଗରିକ ଏବଂ ସରକାରୀ ଭିତ୍ତିଭୂମିକୁ ମସ୍କୋ ଟାର୍ଗେଟ କରିବା ଭୟ ଥିବାରୁ ୟୁକ୍ରେନ୍ ଛାଡ଼ିବାକୁ ଆମେରିକା ମଙ୍ଗଳବାର ଏହାର ନାଗରିକମାନଙ୍କୁ ପରାମର୍ଶ ଦେଇଛି। ସ୍ୱାଧୀନତା ଦିବସରେ ଆକ୍ରମଣ କଲେ ରୁଷିଆକୁ ମୁହଁତୋଡ଼ ଜବାବ ଦିଆଯିବବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡମିର୍ ଜେଲେନ୍‌ସ୍କି କହିଛନ୍ତି। ଅପରପକ୍ଷେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ୬ ମାସ ପୂରିଥିବାରୁ ଅନେକ ଦେଶର ଲିଡର ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ତଥାକଥିତ କ୍ରିମିଆ ପ୍ଲାଟ୍‌ଫର୍ମରେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ରକୁ ସମବେଦନା ଜଣାଇଛନ୍ତି।

ଦକ୍ଷିଣ ପୂର୍ବ ୟୁକ୍ରେନ୍‌ର ଜାପୋରିଜିଆସ୍ଥିତ ୟୁରୋପର ବୃହତ୍ତମ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଉପରେ ରୁଷୀୟ ସୈନ୍ୟ ଆର୍ଟିଲାରି ମାଡ଼ କରିବା ସହ ଏୟାର ଷ୍ଟ୍ରାଇକ୍ କରିଥିବା କିଭ୍ ପକ୍ଷରୁ କୁହାଯାଇଛି। ୬ ମାସ ଧରି ଚାଲିଥିବା ଏହି ଯୁଦ୍ଧର ପରିଣାମ ଏବେ ଅନିଶ୍ଚିତତା ମଧ୍ୟରେ। ଏହା ମଧ୍ୟରେ ରୁଷିଆ କୃଷ୍ଣସାଗର ସମେତ ପୂର୍ବ ୟୁକ୍ରେନ୍‌ରେ ନିଜ ନିୟନ୍ତ୍ରଣ ବଢ଼ାଇଛି। କେତେକ ଛୋଟ ସହରକୁ ମଧ୍ୟ ମସ୍କୋ କବ୍‌ଜା କରିଛି। ସେଗୁଡ଼ିକୁ ରୁଷିଆରେ ମିଶାଇବା ପାଇଁ ଗଣଭୋଟ ନିମନ୍ତେ ମସ୍କୋର ଯୋଜନା ରହିଛି। ନିକଟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଘନିଷ୍ଠ ସହଯୋଗୀଙ୍କ ଝିଅ ଡାରିଆ ଡଗିନାଙ୍କ କାର୍ ବିସ୍ଫୋରଣରେ ମୃତ୍ୟୁ ପାଇଁ ମସ୍କୋ ୟୁକ୍ରେନ୍‌କୁ ଦାୟୀ କରିଛି। ଏହି ଅଭିଯୋଗକୁ ୟୁକ୍ରେନ୍ ଖଣ୍ଡନ କରିଥିଲେ ହେଁ ରୁଷିଆ ପ୍ରତିଶୋଧ ପରାୟଣ ହୋଇ ଆକ୍ରମଣ କରିବା ଆଶଙ୍କା ରହିଛି। ମସ୍କୋ ଟାର୍ଗେଟରେ କିଭ୍ ଥିବାରୁ ସେଠାରେ ଗୁରୁବାର ପର୍ଯ୍ୟନ୍ତ ଜନଗହଳି ଏବଂ ସ୍ୱାଧୀନତା ଦିବସ ରାଲି ଉପରେ କଟକଣା ଲାଗିଛି। ଅପରପକ୍ଷେ ଜାପୋରଜିଆ ପ୍ଲାଣ୍ଟ ଉପରେ ଆଲୋଚନା ପାଇଁ ମସ୍କୋ ଜାତିସଂଘ ସୁରକ୍ଷା ପରିଷଦକୁ ମଙ୍ଗଳବାର ଅନୁରୋଧ କରିଛି।

୬ ମାସର ଯୁଦ୍ଧରେ ଅନ୍ୟୂନ ୧ କୋଟି ୨୦ ଲକ୍ଷ ଲୋକ ୟୁକ୍ରେନ୍ ଛାଡ଼ିଛନ୍ତି। ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ସୂଚନା ଅନୁସାରେ, ଫେବୃୟାରୀ ୨୪ରୁ ଅଗଷ୍ଟ ୨୧ ମଧ୍ୟରେ ଏହି ଯୁଦ୍ଧରେ ୫,୫୮୭ ସାଧାରଣ ଜନତା ପ୍ରାଣ ହରାଇଛନ୍ତି। ୭,୮୯୦ ଜଣ ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରେ ୯୭୨ ଶିଶୁ ଥିବା ୟୁନିସେଫ୍ କହିଛି। ସେହିପରି ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ର ପ୍ରାୟ ୯ ହଜାର ସୈନ୍ୟ ନିହତ ହୋଇଥିବା ୟୁକ୍ରେନ ସଶସ୍ତ୍ର ବଳ ମୁଖ୍ୟ ଭାଲେରି ଜାଲୁଝନି କହିଛନ୍ତି। ମସ୍କୋ ଏହାର ନିହତ ସୈନ୍ୟଙ୍କ ବାବଦରେ ତଥ୍ୟ ଦେଇ ନ ଥିବାବେଳେ ଏହି ସଂଖ୍ୟା ୪୫,୪୦୦ ବୋଲି ୟୁକ୍ରେନ୍ କହିଛି।

# ଦୁଗ୍ଧ ଉତ୍ପାଦନ ୨୫% ହ୍ରାସ, ଗୋ ସମ୍ପଦ ପ୍ରଭାବିତ

**ଜଗତ୍‌ସିଂହପୁର ଅଫିସ, ୨୩।୮**

ଜଗତ୍‌ସିଂହପୁର ଏକ କୃଷିପ୍ରଧାନ ଜିଲା ଭାବେ ପରିଚିତ। ଏହି ଜିଲାର ଅଧିକାଂଶ ଲୋକ କୃଷି ଓ ଗୋ ସମ୍ପଦ ପାଳନ କରି ଜୀବିକା ନିର୍ବାହ କରିଥାନ୍ତି। ବିଶେଷକରି ଦୁଗ୍ଧ ବିକ୍ରି କରି ଜିଲାର ବହୁ ଲୋକ ପରିବାର ଭରଣପୋଷଣ କରିଥାନ୍ତି। ଏନେଇ ଜଗତ୍‌ସିଂହପୁର ଜିଲା ଦୁଗ୍ଧ ଉତ୍ପାଦନରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ମାତ୍ର ଲଗାଣ ବର୍ଷା ଓ ବନ୍ୟା ଯୋଗୁ ଜିଲାର ଗୋ ସମ୍ପଦ ପ୍ରଭାବିତ ହୋଇଛି, ଯେଉଁ କାରଣରୁ ଜିଲାରେ ଦୁଗ୍ଧ ଉତ୍ପାଦନ ୨୫% ହ୍ରାସ ପାଇଛି। ସେଥିରୁ ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, କିଛି ମାସ ପୂର୍ବରୁ ଜିଲାରୁ ଓମଫେଡ୍ ମାଧ୍ୟମରେ ୧,୧୫,୦୦୦ ଲିଟର ଦୁଗ୍ଧ କାରବାର ହେଉଥିଲା। ଲଗାଣ ବର୍ଷା ଓ ବନ୍ୟା ପୂର୍ବରୁ ଏହି ପରିମାଣ ୧,୦୭,୦୦୦ ଲିଟରକୁ ଖସି ଆସିଥିଲା। ବନ୍ୟା ହେଲା ପରେ ଜିଲାର ୩୨ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୮୨ ଗ୍ରାମର ପାଖାପାଖି ୨୮,୨୪୧ ପ୍ରାଣୀ ପ୍ରଭାବିତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାଯାଇଛି। ସେଥିମଧ୍ୟରୁ କୁଜଙ୍ଗ ବ୍ଲକ ଅନ୍ତର୍ଗତ ୧୧ ପଞ୍ଚାୟତ ଅଧୀନ ୨୮ ଗ୍ରାମର ୬,୪୩୧ ଗାଈ, ୧,୫୭୭ ଛେଳି ଓ ମେଣ୍ଢା ମିଶାଇ ମୋଟ ୮୦୦୮ଟି ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ଅନୁରୂପ ଭାବେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ୧୦ ପଞ୍ଚାୟତ ଅଧୀନ ୩୫ଟି ଗ୍ରାମର ୯,୦୧୪ ଗୋରୁଗାଈ, ୫,୨୮୪ ଛେଳି, ମେଣ୍ଢାକୁ ମିଶାଇ ମୋଟ ୧୪,୨୯୮ ପ୍ରାଣୀ କ୍ଷତିଗ୍ରସ୍ତ ହୋଇଛନ୍ତି। ପାଖାପାଖି ୧୦ ଦିନ ହେବ ଅନେକ ଗୋସମ୍ପଦ ଖାଦ୍ୟ, ପାନୀୟ ଓ ଆବଶ୍ୟକ ଚିକିତ୍ସା ଅଭାବରୁ ଅସୁସ୍ଥ ହୋଇ ପଡ଼ିଛନ୍ତି। ଏ ପରିସ୍ଥିତିରେ ଜିଲାପାଳ ପାରୁଲ ପଟାୱରୀ ଓ ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବୀରକିଶୋର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ ପକ୍ଷରୁ ବୋଟ୍ ଓ ଡଙ୍ଗା ଯୋଗେ ଗୋ ଖାଦ୍ୟ ଯୋଗାଇବା ପାଇଁ ଯଥାସମ୍ଭବ ଉଦ୍ୟମ ହୋଇଛି। ଏଥିମଧ୍ୟରେ କୁଜଙ୍ଗ ବ୍ଲକ ଅଞ୍ଚଳରେ ୧୦୧, ତିର୍ତ୍ତୋଲରେ ୧୩୨ ସହ ଜିଲାରେ ମୋଟ ୨୬୫ ମେଟ୍ରିକ ଟନ୍ ଦାନା ଯୋଗାଇବା ସମ୍ଭବ ହୋଇପାରିଛି। ୯୨ କ୍ୟାମ୍ପ କରାଯାଇଛି। ୨୩ ଡାକ୍ତରୀ ଦଳ ବନ୍ୟାଞ୍ଚଳ ବୁଲି ୫,୨୦୭ ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ମାତ୍ର ଠିକଣା ସମୟରେ ବୋଟ୍ ଓ ଡଙ୍ଗାର ଅଭାବ ଦେଖାଦେଇଥିଲା,ତେଣୁ ଖାଦ୍ୟ ଓ ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ଗୋ ସମ୍ପଦ ଅବହେଳିତ ଅବସ୍ଥାରେ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଏବେ ପରିସ୍ଥିତିରେ ସୁଧାର ଆସିଥିଲେ ସୁଦ୍ଧା ଦୁଗ୍ଧ ଉତ୍ପାଦନ କମିଛି ଅର୍ଥାତ୍ ପାଖାପାଖି ୭୫,୦୦୦ ଲିଟରକୁ ଖସି ଆସିଛି। ପୂର୍ବରୁ ମିଲ୍କ ମନ୍ତ୍ର ଓ ପ୍ରଗତି ଆଦି ମାଧ୍ୟମରେ ପାଖାପାଖି ୧,୧୦,୦୦୦ ଲିଟର କାରବାର ହେଉଥିଲା। ଏବେ ଏହି ପରିମାଣ ପାଖାପାଖି ୨୫% କମିଥିବା ଆକଳନ କରାଯାଉଛି। ପରିସ୍ଥିତି ସୁଧୁରିଲା ପରେ ବାସ୍ତବସ୍ଥିତି ଜଣାପଡ଼ିବ।

ଏ ସମ୍ପର୍କରେ କୁଜଙ୍ଗ ବ୍ଲକ ହଂସୁରା ପଞ୍ଚାୟତ ଅନ୍ତର୍ଗତ ଅନଳିପାଟଣା ଗ୍ରାମର ଲକ୍ଷ୍ମଣ ମଳିକ, ଦେବଦତ୍ତ ଦାସ, ନୃସିଂହ ଦାସ, ବୈଦ୍ୟନାଥ ମହାପାତ୍ର, ବିଚିତ୍ରାନନ୍ଦ ଦାସ, ଉମେଶ ମହାରଣା, ହଂସୁରାର ସୂର୍ଯ୍ୟମଣି ସାମନ୍ତରାୟ, ସାଂପୁରର ସୂର୍ଯ୍ୟକାନ୍ତ ଦାସ ଓ ମନଦଲପୁରର ଗୋଲେଖ ବେହେରା ପ୍ରମୁଖ କହିଛନ୍ତି, ଗୋରୁଗାଈ ଘାସ ଖାଇବାକୁ ପାଉ ନ ଥିବାରୁ ଗୋଖାଦ୍ୟ ଉପରେ ନିର୍ଭରଶୀଳ। ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଗୋଖାଦ୍ୟ ଦିଆଯିବା ଜରୁରୀ। ବନ୍ୟା ଯୋଗୁ ପରିବେଶ ଖରାପ ହୋଇଯାଇଥିବାରୁ ରୋଗ ବଢ଼ିବାର ଆଶଙ୍କା ରହିଛି। ତେଣୁ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ଆବଶ୍ୟକ ସହଯୋଗ ନ ମିଳିଲେ ପରିସ୍ଥିତି ବିଗିଡ଼ିଯିବ। ହଂସୁରା ସରପଞ୍ଚ ରବିନାରାୟଣ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପାରାଦୀପରେ ବଡବଡ ଶିଳ୍ପ ସାଙ୍ଗକୁ ବନ୍ଦର ରହିଛି। କିନ୍ତୁ ବନ୍ୟା ସମୟରେ ଏହି ଶିଳ୍ପ ସଂସ୍ଥାଗୁଡିକ କୌଣସି ପ୍ରକାର ସହାୟତା ଯୋଗାଇ ନ ଦେବା ଦୁର୍ଭାଗ୍ୟଜନକ କଥା । ତେଣୁ ଶିଳ୍ପ ସଂସ୍ଥାଗୁଡିକ ଏବେଠାରୁ ସହାୟତାର ହାତ ବଢାଇବାକୁ ସେ ଅନୁରୋଧ କରିଛନ୍ତି। ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ପରିଡ଼ା କହିଛନ୍ତି, ବିଭାଗ ପକ୍ଷରୁ ବନ୍ୟାଞ୍ଚଳରେ ଯଥାସମ୍ଭବ ଗୋଖାଦ୍ୟ, ଚିକିତ୍ସା ଓ ଟିକା ଆଦି ଯୋଗାଇ ଦିଆଯାଉଛି। ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।


ପ୍ରାଣୀ ଚିକିତ୍ସକ ଟିମ୍ ଗୋରୁମାନଙ୍କ ଚିକିତ୍ସା କରୁଛନ୍ତି।

**ଲଗାଣ ବର୍ଷା ଓ ବନ୍ୟା ପ୍ରଭାବ**
- ତିର୍ତ୍ତୋଲ, କୁଜଙ୍ଗ ବ୍ଲକରେ ସର୍ବାଧିକ କ୍ଷତିଗ୍ରସ୍ତ
- ୮୨ ଗ୍ରାମର ପାଖାପାଖି ୨୮,୨୪୧ ପ୍ରାଣୀ ପ୍ରଭାବିତ

## ସଂକ୍ଷେପରେ

### ରିଲିଫ୍ ବଣ୍ଟନକୁ ନେଇ ଗଣ୍ଡଗୋଳ ଭିଡିଓ ଭାଇରାଲ

କୁଜଙ୍ଗ,୨୩।୮(ଡି.ଏନଏ): କୁଜଙ୍ଗ ବ୍ଲକ ବଡ଼ବାଲିକଣୀ ପଞ୍ଚାୟତ ଅନ୍ତର୍ଗତ ସରଳି ଗ୍ରାମରେ ରିଲିଫ ବଣ୍ଟନକୁ ନେଇ ରବିବାର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ହାତାହାତି ହୋଇଥିଲା। ଏ ସମ୍ପର୍କିତ ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ସରଳି ଗ୍ରାମର ବନ୍ୟା ବିପନ୍ନମାନଙ୍କୁ ସରପଞ୍ଚଙ୍କ ପ୍ରତିନିଧି ପ୍ରଜ୍ଞାଦିପ୍ତ ପଟ୍ଟନାୟକ ଓ ସମିତି ସଭ୍ୟ ନଟବର ନାୟକ କେତେଜଣଙ୍କ ସହ ମିଶି ରିଲିଫ୍ ସାମଗ୍ରୀ ବଣ୍ଟନ କରିବାକୁ ଯାଇଥିଲେ। ଏହି ସମୟରେ ଗମରା ଚୁଡା ସହ ଅଳ୍ପ ପାଲ ଦିଆଯାଇଥିବା ଅଭିଯୋଗ କରି ଗ୍ରାମର କେତେଜଣ ଲୋକ ପ୍ରତିବାଦ କରିଥିଲେ। ଏ ନେଇ ଉଭୟ ପକ୍ଷରୁ ଗଣ୍ଡଗୋଳ ହୋଇଥିଲା। ଏ ସମ୍ପର୍କରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଜ୍ଞାଦିପ୍ତ ଓ ସମିତିସଭ୍ୟ ନଟବର କହିଛନ୍ତି, ବଡ଼ବାଲିକଣୀ ପଞ୍ଚାୟତରେ ୯୭୦ ଘର ଥିବାବେଳେ ପ୍ରଶାସନ ପକ୍ଷରୁ ମାତ୍ର ୭୫୦ଟି ପାଲ ଯୋଗାଇ ଦିଆଯାଇଛି। ଅପରପକ୍ଷେ ଚୁଡା ଗମରା ପଡ଼ିବାରୁ କେତେଜଣ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ବିଡିଓ ସୋମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ଗଣ୍ଡଗୋଳ ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ମାତ୍ର ଚୁଡ଼ା ଗମରା ହୋଇଥିବା ଅଭିଯୋଗ ମିଳିବା ପରେ ୮ କୁଇଣ୍ଟାଲ ଚୁଡ଼ା ପରବର୍ତ୍ତନ କରାଯାଇଛି। ଗ୍ରାମକୁ ପାଲ କମିଥିବା ସମ୍ପର୍କରେ ତହସିଲଦାର କହିପାରିବେ ବୋଲି ପ୍ରାଣିଗ୍ରାହୀ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର କହିଛନ୍ତି, ପଞ୍ଚାୟତର ଯୋଗ୍ୟ ବ୍ୟକ୍ତିଙ୍କୁ ପାଲ ଯୋଗାଇ ଦିଆଯାଇଛି। ତେବେ ଅନ୍ୟ କେହି ରହିଯାଇଥିଲେ ତଦନ୍ତ କରାଯାଇ ପୁନର୍ବାର ଏହା ଯୋଗାଇ ଦିଆଯିବ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କୁଜଙ୍ଗ ଗସ୍ତରେ ଆସିଥିବା ବେଳେ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ସେ ବ୍ଲକ ପ୍ରଶାସନକୁ ଅବଗତ କରାଇବେ ବୋଲି କହିଛନ୍ତି।

### ସିଦ୍ଧ ହର ଦାସଙ୍କ ଜୟନ୍ତୀ ଉତ୍ସବ

ଏରସମା,୨୩।୮(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥିତ ନାଉବେଲାରୀ ଗ୍ରାମର ସିଦ୍ଧ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ସିଦ୍ଧ ହର ଦାସଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଦକ୍ଷିଣେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏନେଇ ଆୟୋଜିତ ସଭାରେ ରାଜ୍ୟ ଜନଗଣନା ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ତଥା ଜିଲା ସିଦ୍ଧ ସ୍ୱାମୀ ଟ୍ରଷ୍ଟର ସଭାପତି ନିରଞ୍ଜନ ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ଏରସମା ଥାନା ଅଧିକାରୀ ଭାବଗ୍ରାହୀ ରାଉତ, ତିର୍ତ୍ତୋଲ ନାମ ଯଜ୍ଞ ସଂସ୍କାର ସମିତିର ସମ୍ପାଦକ ଭୋଳାନାଥ ଦାସ, ଅବସରପ୍ରାପ୍ତ ସ୍କୁଲ ପରିଦର୍ଶକ ଯଦୁମଣି ଜେନା, ପ୍ରାଧାପକ ଡ.ନିରଞ୍ଜନ ରାଉତ, ଶିକ୍ଷକ ଯଦୁମଣି ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସିଦ୍ଧ ସ୍ୱାମୀଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହାକୁ ରାଜରତନ ଦାସ, ଅଭିଜିତ ସାହୁ, ରଘୁନାଥ ସ୍ୱାଇଁ ଓ ଗୌତମ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ୧୫ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ହର ଦାସଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।


ବରିହା ଗ୍ରାମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ରନ୍ଧା ଖାଦ୍ୟ ଯୋଗାଣ ସ୍ଥାନ ବୁଲି ଦେଖୁଛନ୍ତି।

# ଗଣଶିକ୍ଷା ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ, ସ୍ଥିତି ସମୀକ୍ଷା

**କୁଜଙ୍ଗ,୨୩।୮(ଡି.ଏନ୍.ଏ.)**

ବନ୍ୟା ଯୋଗୁ କୁଜଙ୍ଗ ବ୍ଲକର ବହୁ ଅଞ୍ଚଳ ପ୍ରଭାବିତ ହୋଇଛି। ପାଣି କମିଥିଲେ ବି ଲୋକେ ଏବେବି ଦୁର୍ଦ୍ଦଶା ଭୋଗୁଛନ୍ତି। ଏନେଇ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ମଙ୍ଗଳବାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ବନ୍ୟା ପ୍ରଭାବିତ ଜିଲାନାସି ପଞ୍ଚାୟତ ଗସ୍ତରେ ଆସି ବିପନ୍ନଙ୍କୁ ଭେଟିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ବିଶେଷ କରି ରିଲିଫ ବଣ୍ଟନ ଓ ରନ୍ଧାଖାଦ୍ୟ ଯୋଗାଣ ସମ୍ପର୍କରେ ତଦାରଖ କରିଥିଲେ। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ସହ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟାପାଣିରେ ନଷ୍ଟ ହୋଇଯାଇଥିବା ପାଠ୍ୟପୋକରଣ ଯୋଗାଇ ଦେବାକୁ ମନ୍ତ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ସ୍ଥାନକୁ ମନ୍ତ୍ରୀ ଦାସ ଓ ମୁଖ୍ୟ ସଚେତକ ମଦୁଲି ଯାଇ ମାନ ନିରୀକ୍ଷଣ କରିଥିଲେ। ବରିହା ଗ୍ରାମର ୱାର୍ଡ ନଂ.୧୧ରେ ମାତ୍ର ୪ଦିନ ହେବ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ନେଇ ୱାର୍ଡ ମେମ୍ବର ବିଜନ ସେନାପତି ମନ୍ତ୍ରୀ ଦାଶଙ୍କ ନିକଟରେ ଅଭିଯୋଗ କରିଥିଲେ। ବରିହାଡିଆ ଗ୍ରାମର ଉମାକାନ୍ତ ସେନାପତି ଗ୍ରାମରେ ଥିବା ୭୦୦ ମଇଁଷିଙ୍କୁ ଏପର୍ଯ୍ୟନ୍ତ ଗୋଖାଦ୍ୟ ଯୋଗାଇ ଦିଆଯାଇ ନଥିବା ଅଭିଯୋଗ କରିଥିଲେ। ତୁରନ୍ତ ମଇଁଷିମାନଙ୍କୁ ଗୋଖାଦ୍ୟ ଯୋଗାଇ ଦେବାକୁ ବିଧାୟକ ରାଉତରାୟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାହାରାଡିଆ ଗ୍ରାମର ହରିଜନ ସାହିକୁ ରାସ୍ତା ନ ଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ମନ୍ତ୍ରୀ ଦାଶ କହିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି ଅଭୟ ପରିଡା, ଜିଲା ପରିଷଦ ସଭ୍ୟ ପ୍ରମୋଦ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ସୁଢ଼ଳ ସ୍ୱାଇଁ, ସାମାଜିକକର୍ମୀ ଅରୁଣ ସାହୁ ଓ ଅରୁପ୍ରସାଦ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ । ଅପରାହ୍ନରେ ବନ୍ୟାସ୍ଥିତି ନେଇ କୁଜଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ମନ୍ତ୍ରୀଙ୍କ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ମୁଖ୍ୟ ସଚେତକ, ପାରାଦୀପ ବିଧାୟକ, ଏମ୍‌ପି, ଜିଲାପାଳ ପାରୁଲ ପଟୱାରୀ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଓ ବନ୍ୟାପ୍ରଭାବିତ ଅଞ୍ଚଳର ସରପଞ୍ଚ ଏବଂ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ ମନ୍ତ୍ରୀ ବନ୍ୟାସ୍ଥିତି ମୁକାବିଲାରେ ପ୍ରଶାସନର ଭୂମିକାକୁ ପ୍ରଶଂସା କରିଥିଲେ। ଏଥିସହ ବନ୍ୟାପ୍ରପୀଡିତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ କହିଥିଲେ ।

# ଅଧିକାରୀ, ଅଭିଭାବକଙ୍କ ମଧ୍ୟରେ ଆଲୋଚନା ବିଫଳ

**ବାଲିଆ,୨୩।୮(ସ୍ୱ.ପ୍ର.)**

ବିରିଡି ବ୍ଲକ ବଡିମିରା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ରାଜକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯିବା ପରେ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ରାଜକୃଷ୍ଣ ବିଦ୍ୟାଳୟକୁ ଛାଡୁ ନ ଥବାରୁ ୪ ମାସ ହେବ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଖବରପାଇ ଜିଲାପାଳଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ପୂର୍ବାହ୍ନରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ, ବ୍ଲକ ଶିକ୍ଷାଧିକାରୀ ସର୍ବେଶ୍ୱର ବିଶ୍ୱାଳ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କନକଲତା ଦାଶ ଓ ରେଣୁକା ନନ୍ଦ ବଡିମିରା ସ୍କୁଲରେ ପହଞ୍ଚି ଗ୍ରାମବାସୀ ଓ ଅଭିଭାବକମାନଙ୍କୁ ବୁଝାଇଥିଲେ। ମାତ୍ର ଏହି ଆଲୋଚନା ବିଫଳ ହୋଇଥିବା ଜଣାପଡ଼ିଛି।

ଅଧିକାରୀମାନେ ସରକାରଙ୍କ ନିୟମ ଅନୁଯାୟୀ ପିଲାଙ୍କ ଗସ୍ତ ବାବଦକୁ ଅର୍ଥ ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ଦେଇଥିଲେ। ମାତ୍ର ଅଭିଭାବକମାନେ ନିଜ ଦାବିରେ ଅଟଳ ରହିଥିଲେ। ସେମାନେ କହିଥିଲେ, ବଡିମିରା ସ୍କୁଲଠାରୁ ରାଜକୃଷ୍ଣ ସ୍କୁଲ ୨ କିଲୋମିଟରରୁ ଅଧିକ ବାଟ ହେବ। ପିଲା ଯେଉଁ ବାଟ ଦେଇ ଯିବେ ଉକ୍ତ ରାସ୍ତାରେ ଅନେକ ଗାଡି ମୋଟର ଯାତାୟାତ କରେ। ଅନ୍ୟପଟେ ରାସ୍ତା ପାର୍ଶ୍ୱରେ କେନାଲ ରହିଛି। ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଅନ୍ୟ ସ୍କୁଲକୁ ପଠାଇବାର ପ୍ରଶ୍ନ ଉଠୁନାହିଁ ବୋଲି ଅଭିଭାବକ ରଞ୍ଜନ ପାଣି, ବିଶ୍ୱନାଥ ସେନାପତି, ବିଜୟ କୁମାର ଭୋଇ, ଶରତ ଭୋଇ, ସୁକାନ୍ତ ଭୋଇ ଅର୍ଜୁନ ଭୋଇ ପ୍ରମୁଖ କହିଥିଲେ। ଫଳରେ ଅଧିକାରୀମାନେ ବାଧ ହୋଇ ସେଠାରୁ ଫେରିଯାଇଥିଲେ। ଏହି ଆଲୋଚନାରେ ଅଲାଣ୍ଡି ପଞ୍ଚାୟତ ସରପଞ୍ଚ ସ୍ନେହପ୍ରଭା ପରିଜା, ସମିତି ସଭ୍ୟା କଳ୍ପନା ପଶାୟତ ଓ ଗାଁ ମୁରବି ଲୋକନାଥ ସେନାପତି, ବିଷ୍ଣୁ ଚରଣ ଲେଙ୍କା, ଅଶୋକ କୁମାର ବେହେରା, ମିନତି ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ସେଠୀ, ଚିତ୍ତରଞ୍ଜନ ଲେଙ୍କା, କୁସୁମଲତା ମହାନ୍ତି, ଅଭୟ ସେଠୀ ଓ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ବଡିମିରା ସ୍କୁଲ ମିଶ୍ରଣକୁ ବିରୋଧ ଘଟଣା**


ଅଧିକାରୀମାନେ ଗ୍ରାମବାସୀ ଓ ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି।

# ପାଇପ ଲାଇନ୍ ଯୋଗେ ଘରେ ପହଞ୍ଚିବ ରନ୍ଧନ ଗ୍ୟାସ୍

**ରଘୁନାଥପୁର, ୨୩।୮(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ପ୍ରତି ଘରେ ପାଇପ ଲାଇନ ଯୋଗେ ଏଲପିଜି ରନ୍ଧନ ଗ୍ୟାସ ପହଞ୍ଚାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଇଛି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର ଜଇପୁରଠାରୁ ଜଗତ୍‌ସିଂହପୁର ସଦର ମହକୁମା ପର୍ଯ୍ୟନ୍ତ ୧୪ କିମି ରାସ୍ତା ପାର୍ଶ୍ୱରେ ପାଇପ ଲାଇନ ବିଛାଇବା ଦାୟିତ୍ୱ ବିପିସିଏଲ୍ (ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍) କରୁଛି। ମେକନ କମ୍ପାନୀ ତତ୍ତ୍ୱାବଧାନରେ ଆଡୋରନ ଇନଫ୍ରା ଏନର୍ଜି ମାଲିକ ସୁନୀଲ କୁମାର ଦୁବେ ଏହି ନିର୍ମାଣ ଦାୟିତ୍ୱରେ ରହିଛନ୍ତି। ପ୍ରାୟ ୫୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ସ୍ଥାନୀୟ କେତେକ ସମସ୍ୟା ଯୋଗୁ କାର୍ଯ୍ୟ ସାମାନ୍ୟ ପଛେଇଛି ବୋଲି ଦାୟିତ୍ୱରେ ଥିବା ସାଇଟ୍ ଇନଚାର୍ଜ ଚନ୍ଦନ ପାଢ଼ୀ କହିଛନ୍ତି। ପ୍ରକଳ୍ପର ମୂଲ୍ୟ ଦେଢ କୋଟି ଟଙ୍କା ଥିବାବେଳେ ୮ ଇଞ୍ଚ ଓସାରର ଷ୍ଟିଲ୍ ପାଇପ ମାଟି ଲେଭଲ ଅନୁଯାୟୀ ବିଛା ଯାଉଛି। ପରେ ନକ୍ସା ଅନୁଯାୟୀ, ବିଭିନ୍ନ ସ୍ଥାନରେ ହବ କରି ଗ୍ରାମକୁ ପାଇପ ସଂଯୋଗ କରାଯିବ। ସେହିପରି ୨ ଇଞ୍ଜିନିୟର ରୂପେଶ ସିଂ ଓ ମନୀନ୍ଦ୍ର ସିଂ କାର୍ଯ୍ୟ ସର୍ବେକ୍ଷଣ କରୁଛନ୍ତି। ବିଭିନ୍ନ ସମୟରେ ବିପିସିଏଲର ପ୍ରକଳ୍ପର ମୁଖ୍ୟ ଉପେନ୍ଦ୍ରନାଥ ସେଠୀ, ସୁମନ କୁମାର ଓ ମେକନ ପକ୍ଷରୁ ସୁଧୀର ପାଢୀ କାର୍ଯ୍ୟର ତଦାରଖ କରୁଛନ୍ତି। ଜିଲାରେ ଗ୍ରାମାଞ୍ଚଳ ସ୍ତରରେ ବିପିସିଏଲ୍ ପକ୍ଷରୁ ଏହି କାର୍ଯ୍ୟ ପ୍ରଥମ। ଖୁବ୍‌ଶୀଘ୍ର କାମ ଶେଷ ପରେ ଲୋକଙ୍କୁ ସେବା ଯୋଗାଯିବ ବୋଲି ଅଧିକାରୀମାନେ କହିଛନ୍ତି।


ଜଇପୁର-ଜଗତ୍‌ସିଂହପୁର ରାସ୍ତା ପାର୍ଶ୍ୱରେ ରନ୍ଧନ ଗ୍ୟାସ୍ ପାଇପ୍ ଲାଇନ୍ କାମ ଚାଲିଛି।

# ସାଟେଲାଇଟ୍ ମାପଚୁପ ରଫାଦଫା ମସୁଧା

**ଯାଜପୁର ଅଫିସ,୨୩।୮**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଶତାଧିକ ଖାଦାନରୁ ମୂଲ୍ୟବାନ୍ କଳାପଥର ଉଭୟ ଲିଜ୍‌ଧାରୀ ଓ ପ୍ରଶାସନିକ ଅଧିକାରୀ ମିଳିମିଶି ଲୁଟି ନେଇଛନ୍ତି। ଗତ ମାର୍ଚ୍ଚରେ ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ଏହା ସ୍ପଷ୍ଟ ହୋଇଥିଲା। ଅନୁମୋଦନଠାରୁ ବହୁ ଗୁଣ କଳାପଥର ଉତ୍ତୋଳନ ଉପରେ ୨୦୧୫-୧୬ରୁ ୨୦୨୧-୨୨ ମଧ୍ୟରେ ୧୪ ଜିଲାରୁ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଥିଲା। କିନ୍ତୁ ଏହି ସମୟରେ ଯାଜପୁର ଜିଲାରେ ଟଙ୍କାଟିଏ ବି ଜରିମାନା ଆଦାୟ ହୋଇ ନ ଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗତ ୧୨ ତାରିଖରେ ୪ ଲିଜ୍‌ଧାରୀଙ୍କଠାରୁ ୧୦୫ କୋଟି ୮୭ ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ଧର୍ମଶାଳା ତହସିଲଦାର ଡିମାଣ୍ଡ ନୋଟିସ ଜାରି କରିଛନ୍ତି। ତେବେ ଏନେଇ ପୂର୍ବରୁ ହୋଇଥିବା ସାଟେଲାଇଟ୍ ମାପଚୁପରେ ବି ରଫାଦଫା ହୋଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। କେତେଜଣ ଲିଜଧାରୀଙ୍କ ସହ ଭିତିରିଆ ବୁଝାମଣା କରି ଧାର୍ଯ୍ୟ ଜରିମାନା ପରିମାଣଠାରୁ ପ୍ରାୟ ୫୦% କମ୍ ନିର୍ଦ୍ଦେଶ ହୋଇଥିବା ଅଭିଯୋଗ ହୋଇଛି। ଏହାବାଦ୍ ଆଗକୁ ୮ ଲିଜ୍‌ଧାରୀଙ୍କ କଳାପଥର ଖାଦାନରୁ ଉତ୍ତୋଳନ ପରିମାଣ ଉପରେ ହେବାକୁ ଥିବା ସାଟେଲାଇଟ୍ ମାପଚୁପକୁ ମଧ୍ୟ ରଫାଦଫା କରିବାକୁ ମସୁଧା ଚାଲିଥିବା ଆଲୋଚନା ହେଉଛି।

ଯାଜପୁର ଜିଲା ଲଘୁଖଣିଜ ଦ୍ରବ୍ୟ ଲୁଟ୍‌ର ପ୍ରମୁଖ ଅଞ୍ଚଳ ପାଲଟିଛି। ବିଶେଷକରି ଧର୍ମଶାଳା ତହସିଲ ଅଞ୍ଚଳରୁ କଳାପଥର ଚୋରି ନେଇ ଏକାଧିକ ମାମଲା ରହିଛି। ତହସିଲ ପକ୍ଷରୁ ଢଙ୍କାରୀ ପାହାଡ଼ କଳାପଥର ଲୁଟ୍ ଅଭିଯୋଗରେ ୫୮.୬୨ କୋଟି ଏବଂ ଏନ୍‌ଜିଟି ପକ୍ଷରୁ ୨୫ କୋଟି ଟଙ୍କାର ଡିମାଣ୍ଡ ନୋଟିସ୍ ମାମଲା, ଆରୁହା, ଲୁଣିବର ଇତ୍ୟାଦି କଳାପଥର ଲୁଟ୍ ଅଭିଯୋଗକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଧର୍ମଶାଳା ତହସିଲରେ ସମୁଦାୟ କଳାପଥର ଖାଦାନର ନିରପେକ୍ଷ ମାପଚୁପ କରାଗଲେ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁମୋଦନଠାରୁ ଅଧିକ କଳାପଥର ଲୁଟ୍ ହୋଇଥିବା ଅନୁମାନ କରାଯାଉଛି। ଏହିକ୍ରମରେ ୨୦୧୭-୧୮ରେ ପ୍ରହଲ୍ଲାଦ ଲେଙ୍କାଙ୍କୁ ରାହାଡ଼ପୁର କଳାପଥର ଖାଦାନର ୨୫ ଏକର ଖନନ ପାଇଁ ଲିଜ୍ ଦିଆଯାଇଥିଲା। ଏହି ୫ ବର୍ଷ ମଧ୍ୟରେ ଅନୁମୋଦିତ ୨୫ ଏକର ସ୍ଥଳେ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ବରଡ଼ା ପାହାଡ଼ରୁ ପ୍ରହଲ୍ଲାଦ ଲେଙ୍କାଙ୍କୁ ୨.୫ ଏକର ଉତ୍ତୋଳନ ମଞ୍ଜୁରୀ ମିଳିଛି। କିନ୍ତୁ ସେଠାରେ ପ୍ରାୟ ୭ ଏକର ପୋଖରୀ ଭଳି ଖୋଳି ବହୁ ଗୁଣ କଳାପଥର ଉତ୍ତୋଳନ କରାଯାଇଛି। ଅଜିତ ସାହୁଙ୍କୁ ବରଡା ଖାଦାନରୁ ୬ ଏକର, ଗଙ୍ଗାଧର ଓଝାଙ୍କୁ ଲୁଣିବର ପାହାଡରୁ ୧୨.୫୦ ଏକର ଓ ରଙ୍ଗାଧର ପ୍ରଧାନଙ୍କୁ ୧୨.୫୦ ଏକର, ଅଞ୍ଜିରା ପାହାଡ଼ରୁ କୃଷ୍ଣଚନ୍ଦ୍ର ସାହୁଙ୍କୁ ୭.୫୦ ଏକର, ବାଜବାଟି ପାହାଡ଼ରୁ ଶ୍ରୀନିବାସ ଜେନାଙ୍କୁ ୫ ଏକର, ସୁଧାଂଶୁ ଜେନାଙ୍କୁ ୯ ଏକର ଓ ବିଶ୍ୱରଞ୍ଜନ ପରିଡ଼ାଙ୍କୁ ୭.୨୦ ଏକର ଅଞ୍ଚଳରୁ ଖନନ ଅନୁମତି ମିଳିଥିବାବେଳେ ସେଠାରୁ ଅଧିକ କଳାପଥର ଉତ୍ତୋଳନ ହୋଇଛି। ଗତ ମାସରେ ସାଟେଲାଇଟ ମାପଚୁପ ପରେ ଲିଜଧାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। କିଭଳି ଭାବେ ସାଟେଲାଇଟ୍ ମାପଚୁପକୁ ରଫାଦଫା କରିହେବ ସେ ନେଇ କେତେଜଣ ଲିଜ୍‌ଧାରୀ ପ୍ରଭାବଶାଳୀଙ୍କ ଦ୍ୱାରସ୍ଥ ହେଉଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଲିଜ୍ ଅବଧି ସରିବା ପରେ ସାଟେଲାଇଟ୍ ମାପଚୁପ ହେବ। ଯେଉଁମାନେ ଅନୁମୋଦନ ପରିମାଣଠାରୁ ଅଧିକ ଉତ୍ତୋଳନ କରିଛନ୍ତି, ସେମାନଙ୍କୁ ତଦନୁସାରେ ଜରିମାନା ଆଦାୟ ନିର୍ଦ୍ଦେଶ ହେବ। ଏଥିରେ କୌଣସି ପ୍ରକାର ରଫାଦଫା ହେବା ଆଶଙ୍କା ନାହିଁ।



- ଜରିମାନା ଆଦାୟ ଆକଳନରେ ଚଞ୍ଚକତା
- ଅନୁମୋଦନଠାରୁ ବହୁ ଗୁଣ କଳାପଥର ଲୁଟ
- ବିପୁଳ ରାଜସ୍ୱ ହରାଉଛନ୍ତି ସରକାର

## ସଂକ୍ଷେପରେ

### ନାଉଗାଁ ବ୍ଲକରେ ଭୀମ ଭୋଇ ସାମର୍ଥ୍ୟ ଶିବିର

ନାଉଗାଁ,୨୩।୮(ସ୍ୱ.ପ୍ର.):ନାଉଗାଁ ବ୍ଲକର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ମଙ୍ଗଳବାର ଭୀମ ଭୋଇ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪୭ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକୃତ କରିଥିବା ବେଳେ ବିଭିନ୍ନ ବିଭାଗର ୧୧୬ ଜଣଙ୍କୁ ପରୀକ୍ଷା କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୩୧ ଜଣ ଭିନ୍ନକ୍ଷମଙ୍କୁ ରେଫର କରାଯାଇଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ସେଥିମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୭୯ ଜଣ ନାମ ପଞ୍ଜୀକୃତ କରିଥିବା ବେଳେ ୬୮ ଜଣଙ୍କୁ ପ୍ରମାଣପତ୍ର ମିଳିଥିଲା। ୫ ଜଣଙ୍କୁ ରେଫର, ଚକ୍ଷୁ ବିଭାଗରେ ୧୪ ଜଣଙ୍କର ପଞ୍ଜୀକୃତ କରାଯାଇ ୧୦ ଜଣଙ୍କୁ ପ୍ରମାଣପତ୍ର ୪ ଜଣ ରେଫର, ମାନସିକ ବିକାରଗ୍ରସ୍ତ ୩୯ ଜଣ ନାମ ପଞ୍ଜୀକୃତ କରିଥିବ ବେଳେ ୩୨ ଜଣଙ୍କୁ ପ୍ରମାଣପତ୍ର ୭ ଜଣଙ୍କୁ ରେଫର, ଦୃଶ୍ୟ, ଶ୍ରାବ୍ୟ ବିଭାଗରେ ୨୧ଜଣ ନାମ ପଞ୍ଜୀକୃତ କରିଥିବା ବେଳେ ୬ ଜଣଙ୍କୁ ପ୍ରମାଣପତ୍ର ଓ ୧୫ଜଣଙ୍କୁ ରେଫର କରାଯାଇଥିଲା। ଶିବିରକୁ ବ୍ଲକ ଅଧକ୍ଷା ତୃପ୍ତା ଲେଙ୍କା ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ଅଧିକାରୀ ସୁନୀଲ କୁମାର ନାୟକ, ବିଡିଓ ରଶ୍ମିରେଖା ମଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ, କନିଷ୍ଠ ସହାୟକ ଶ୍ରୀନିବାସ ବେହେରା,ବ୍ୟକ୍ତିଗତ ସହାୟକ ପ୍ରସନ୍ନଜିତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ମଧ ପରୀକ୍ଷା କରିଥିଲେ।

### ମଣିଷପଣିଆର ପ୍ରତୀକ ଥିଲେ ବୈଷ୍ଣବ ଦ୍ୱାଦଶାହ ଅବସରରେ ସ୍ମୃତିଚାରଣ ସଭା

ଡେରାବିଶ, ୨୩।୮(ସ୍ୱ.ପ୍ର.):ଡେରାବିଶ ବ୍ଲକ ଅଧୀନ ଦାନପୁରଠାରେ ସମବାୟବିତ୍ ସ୍ୱର୍ଗତ ବୈଷ୍ଣବ ଚରଣ ପଣ୍ଡାଙ୍କ ଦ୍ୱାଦଶାହ ତିଥି ଅବସରରେ ମଙ୍ଗଳବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ବିଜୟ ମହାପାତ୍ର, ପ୍ରାଧାପକ ଅଜୟ କୁମାର ରାଉତ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଡ. ସାରଦା ପ୍ରସାଦ ଦାସ, ଗଣେଶ ମିଶ୍ର, ପି. ପ୍ରସାଦ ରାଓ, ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ଆଇନଜୀବୀ ପ୍ରଦୀପ ସୁବୁଦ୍ଧି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ସ୍ୱର୍ଗତ ପଣ୍ଡା ଜଣେ ମଣିଷପଣିଆର ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଛନ୍ତି। ଓଡ଼ିଶାରେ ସମବାୟ ଆନ୍ଦୋଳନକୁ କିଭଳି ସୁଦୃଢ଼ କରାଯିବ, ସେ ନେଇ ସ୍ୱର୍ଗତ ପଣ୍ଡାଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଅତିଥିମାନେ ଅବତାରଣା କରିଥିଲେ। ଆସ୍ଥା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଭାଜପା ନେତା ବିଷ୍ଣୁ ଦାସ ଓ ମାନସ ରଞ୍ଜନ ମହାନ୍ତି, ତେଜେଶ୍ୱର ପରିଡ଼ା ପ୍ରମୁଖ ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରାରମ୍ଭରେ ୨ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା ପରେ ତାତ୍ତ୍ୱିକ ତଥାଗତ ପଣ୍ଡା ବେଦପାଠ କରିଥିଲେ। ଶେଷରେ ବିଶୁଦ୍ଧାନନ୍ଦ ସାରସ୍ୱତ ସଂଘ ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଇଥିଲା।

# ବନ୍ୟାରେ ଭାସିଗଲା ମତ୍ସ୍ୟଚାଷୀଙ୍କ ଜୀବିକା

**କେନ୍ଦ୍ରାପଡ଼ା ଅଫିସ, ୨୩।୮**

ଚଳିତ ବନ୍ୟା କେନ୍ଦ୍ରାପଡ଼ା ଜିଲାର ଜୀବନ ଜୀବିକାକୁ ବିପର୍ଯ୍ୟସ୍ତ କରିଦେଇଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା କେନ୍ଦ୍ରାପଡ଼ା ଜିଲାର ୭ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଏଥିରେ ଜିଲାର ୭ ବ୍ଲକ ଅଞ୍ଚଳର ୯୯ ଗ୍ରାମରେ ବନ୍ୟାଜଳ ପ୍ରବେଶ କରି ଚାଷ ଓ ବାସକୁ ଉଜାଡ଼ି ଦେଇଛି। ଖରିଫ ଧାନ, ପରିବା ସହ ଜିଲାର ମତ୍ସ୍ୟଚାଷୀଙ୍କ ଜୀବିକାକୁ ବନ୍ୟା ପାଣି ଭସାଇ ନେଇଛି। ପ୍ରାୟ ୧୦ ହଜାର ମତ୍ସ୍ୟଚାଷୀ ଏବେ ଋଣ ଶୁଝିବା ଚିନ୍ତାରେ ଥିବା ବେଳେ ପରିବାର ଭରଣପୋଷଣ ନେଇ ହତାଶ ହୋଇ ପଡ଼ିଛନ୍ତି। ଅଦ୍ୟାବଧି ଏହାର ତଦନ୍ତ କରାଯାଇନାହିଁ। ତେବେ ଏହି କ୍ଷତିର ଆକଳନ କରି ଅନୁଦାନ ଯୋଗାଇ ଦେବାକୁ ମତ୍ସ୍ୟଚାଷୀମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ମାର୍ଶାଘାଇ ବ୍ଲକ ଆଇତିପୁର ଗ୍ରାମର ପ୍ରସନ୍ନ ନାୟକ କହିଛନ୍ତି, ଗତ ୮ ଦିନ ଧରି ଲୁଣା ନଦୀ ବନ୍ୟାଜଳ ଘେରରେ ଏହି ଗ୍ରାମ ଅଛି। ଗ୍ରାମରେ ଅଧିକାଂଶ ଲୋକ ପରିବା ଓ ମାଛଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଏବେ ବି ଗ୍ରାମରୁ ଜଳ ନିଷ୍କାସନ ହୋଇ ପାରି ନ ଥିବାରୁ ମାଛଚାଷୀଙ୍କ ପୋଖରୀ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଚଳିତବର୍ଷ ଦୁଇ ପୋଖରୀରୁ ମାଛ ଅମଳ ଆରମ୍ଭ ହୋଇଥିଲା। ମାତ୍ର ୮ ହଜାର ଟଙ୍କାର ମାଛ ବିକ୍ରି ହୋଇଛି। ବନ୍ୟାଜଳ ପୋଖରୀକୁ ନଷ୍ଟ କରିଥିବାରୁ ପ୍ରାୟ ୨ ଲକ୍ଷ ଟଙ୍କା ବନ୍ୟାପାଣିରେ ଭାସିଗଲା। ଚାଷ ପାଇଁ ସ୍ଥାନୀୟ ଅଞ୍ଚଳରୁ ଧାରକରଜ କରିଥିଲି। ଏହାକୁ କିପରି ଶୁଝିବି ସେହି ଚିନ୍ତା ଏବେ ଘାରିଛି। ଆଳି ବ୍ଲକ ପଦନିପାଳ ଗ୍ରାମର ଆଲୋକ ବେହେରା କହିଛନ୍ତି, ଖରସ୍ରୋତା ନଦୀର ବନ୍ୟାଜଳ ଜୀବନ ଓ ଜୀବିକାକୁ ଛଡ଼ାଇ ନେଇଛି। ଲିଜ୍‌ରେ ନେଇଥିବା ୨୩ଟି ପୋଖରୀ ଉପରେ ଏବେ ବି ପାଣି ଚାଲିଛି। ବଡ଼ ଧରଣର କ୍ଷତି ହୋଇଥିବା ସେ ପ୍ରକାଶ କରିଛନ୍ତି। ସେହିପରି ଡିହବଳରାମପୁର ଗ୍ରାମର ବିବେକାନନ୍ଦ ମଲ୍ଲିକ କହିଛନ୍ତି, ମାଛ ବିକ୍ରି ପାଇଁ ବ୍ୟବସାୟୀଙ୍କଠାରୁ ଅଗ୍ରିମ ୩୦ ହଜାର ଟଙ୍କା ଆଣିଥିଲି। ବନ୍ୟା ପୋଖରୀକୁ ନଷ୍ଟ କରି ଦେଇଥିବାରୁ ଏହି ଟଙ୍କା ଫେରାଇବାକୁ ପଡ଼ିବ। କୁସୁନୁପୁର ଗ୍ରାମର ଅକ୍ଷୟ ମଣ୍ଡଳ କହିଛନ୍ତି, ଚଳିତ ବନ୍ୟା ଚିଙ୍ଗୁଡ଼ି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଘେରିରେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ ପରେ ବନ୍ୟାଜଳ ଚିଙ୍ଗୁଡ଼ି ଚାଷକୁ ବିପର୍ଯ୍ୟସ୍ତ କରିଦେଇଛି। ଜିଲାର ଉପକୂଳ ଅଞ୍ଚଳରେ ହୋଇଥିବା ବନ୍ୟାରେ ପ୍ରାୟ ୮ ହଜାର ଚିଙ୍ଗୁଡ଼ି ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ମତ୍ସ୍ୟଜୀବୀ ସଂଘର କର୍ମକର୍ତ୍ତା ସଭାପତି ହଳଧର ସେଠୀ କହିଛନ୍ତି, ସାମୁଦ୍ରିକ କଟକଣା ପରେ ଚଳିତ ବନ୍ୟା ମତ୍ସ୍ୟଜୀବୀଙ୍କ ଜୀବିକା ଉପାର୍ଜନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭିନ୍ନ ସମୟରେ ସାମୁଦ୍ରିକ କଟକଣା ସହ ଜିଲା ମତ୍ସ୍ୟଜୀବୀ ସମ୍ମୁଖୀନ ହେଉଛନ୍ତି। ମାଛଙ୍କ ପ୍ରଜନନ ସମୟର କିଛିଦିନ ମଧ୍ୟରେ ବନ୍ୟା ଆସି ମାଛଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ବନ୍ୟାର ଗୋଳିଆ ପାଣିରେ ମାଛ ନିଃଶ୍ୱାସ ନେଇ ନ ପାରି ମରି ଯାଇଥିବା ଅସମ୍ଭବ ନୁହେଁ। ସେହିପରି ବନ୍ୟା ଜଳରେ ଅଧିକାଂଶ ପୋଖରୀ ଓ ଗଡ଼ିଆରେ ପାଣି ପଶିଥିବାରୁ ମାଛ ବାହାରକୁ ଭାସିଯିବା ସମ୍ଭାବନା ଅଧିକ ରହିଛି। ଏ ସମ୍ପର୍କରେ ତୁରନ୍ତ ତଦନ୍ତ କରି ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସଭାପତି ସେଠୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମତ୍ସ୍ୟ ବିଭାଗ ଅଧିକାରିଣୀ ମମତା ମହାପାତ୍ରଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ମାଛଚାଷ କ୍ଷତି ଆକଳନ ଆରମ୍ଭ ହୋଇଛି। ୯ ବ୍ଲକର ସମ୍ପ୍ରସାରଣ ଅଧିକାରୀଙ୍କୁ ଏ ନେଇ ଚିଠି ହୋଇଛି। ଆସନ୍ତା ୨୭ ତାରିଖ ମଧ୍ୟରେ କ୍ଷୟକ୍ଷତି ପରିମାଣ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।


ମାର୍ଶାଘାଇ ବ୍ଲକ ଅଇତିପୁର ରାସ୍ତା ଉପରେ ବନ୍ୟାଜଳ।

**ଚାଷୀ ଏବେ ଋଣ ଶୁଝିବା ଚିନ୍ତାରେ**

# ଟଙ୍କା ନ ଦେଲେ ମାଟ୍ରିକ ସାର୍ଟିଫିକେଟ ନାହିଁ

**ଆଳି,୨୩।୮(ଡି.ଏନ.ଏ.)**

ଚଳିତବର୍ଷ ମାଟ୍ରିକ ପାସ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ଦେବା ନିମନ୍ତେ ଜୋରଜବରଦସ୍ତ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ୨୦୦ରୁ ୪୦୦ଟଙ୍କା ମାଗୁଛନ୍ତି। ଯେଉଁ ଛାତ୍ରୀଛାତ୍ର ଟଙ୍କା ଦେଉଛନ୍ତି ତାଙ୍କୁ ସାର୍ଟିଫିକେଟ ମିଳୁଛି। ଯିଏ ଟଙ୍କା ଦେଉନି ତାକୁ ସାର୍ଟିଫିକେଟ ଦିଆଯାଉନି। ଏପରିକି ସେମାନଙ୍କୁ ଟଙ୍କା ପାଇଁ ଦୁର୍ବ୍ୟବହାର କରା ଯାଉଥିବା ନେଇ ଅଭିଯୋଗ ଆଣିଛନ୍ତି ପାସ୍ କରିଥିବା ଛାତ୍ରୀଛାତ୍ର। ଏଭଳି ଏକ ସଙ୍ଗୀନ ଅଭିଯୋଗ ଆସିଛି କେନ୍ଦ୍ରପଡ଼ା ଜିଲା ଆଳି ବ୍ଲକ ଶେଷ ସୀମା ପାଳିମୀ ପଞ୍ଚାୟତରେ ଥିବା ଜନତା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରୁ। ଚଳିତଥର ବିଦ୍ୟାଳୟରୁ ମାଟ୍ରିକ ପାସ କରିଥିବା କିରଣ କୁମାର ସେଠୀ, ଅବିନାଶ ଧଳ, ରୋମାଲି ବେହେରା, ସାଗର ସାହୁ, ଜ୍ଞାନ ରଞ୍ଜନ ସାହୁ, ସରୋଜ ବେହେରା, ସୁବ୍ରତ ବେହେରା, ଦୁର୍ଗା ପ୍ରସାଦ ପଣ୍ଡା ଓ ଅବିନାଶ ଦାସ ପ୍ରମୁଖ ଛାତ୍ରୀଛାତ୍ରମାନେ ଏଭଳି ଅଭିଯୋଗ କରିଛନ୍ତି। ସେମାନେ ଚଳିତ ଥର ମାଟ୍ରିକ ପାସ କରିଛନ୍ତି। କଲେଜରେ ଆଡ଼ମିଶନ ନିମନ୍ତେ ମାଟ୍ରିକ ସାର୍ଟିଫିକେଟ ଦରକାର। ସ୍କୁଲକୁ ସାର୍ଟିଫିକେଟ ଆସିବା ପରେ ସେମାନେ ନେବାକୁ ଯାଇଥିଲେ। ହେଲେ ବିଦ୍ୟାଳୟ ପକ୍ଷରୁ ସାର୍ଟିଫକେଟ ବାବଦକୁ ୨୦୦ ଟଙ୍କା ଆଣିବାକୁ କୁହାଯାଇଥିଲା। ମାତ୍ର ସେମାନେ ସାର୍ଟିଫିକେଟ ବାବଦରେ କୌଣସି ଦେୟ ଦେବାକୁ ପଡ଼େନାହିଁ ବୋଲି କହିବା ସହ ୨୦୦ ଟଙ୍କା ଦେବାକୁ ମନା କରିବାରୁ ବିଦ୍ୟାଳୟର କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ଦୁର୍ବ୍ୟବହାର କରିଛନ୍ତି ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। କେତେଜଣ ଛାତ୍ରୀଛାତ୍ର କଲେଜରେ ଆଡମିଶନ କରିବା ଲାଗି ବାଧ ହୋଇ ଧାରକରଜ କରି ୨୦୦ ଟଙ୍କା ଦେଇ ସାର୍ଟିଫିକେଟ ନେଇଛନ୍ତି। ଯେଉଁମାନେ ଟଙ୍କା ଦେଲେ ନାହିଁ ସେମାନଙ୍କୁ ସାର୍ଟିଫିକେଟ ନ ଦେଇ ଫେରାଇ ଦିଆଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅବିଭାବକ ସେବତୀ ବେହେରାଙ୍କୁ ପଚାରିବାରେ ମୋ ଝିଅ ରିଆଶ୍ରୀ ଚଳିତ ବର୍ଷ ମାଟ୍ରିକ ପାସ୍ କରିଛି। କଲେଜରେ ଆଡମିଶନ କରିବା ପାଇଁ ସେ ସ୍କୁଲ ମଙ୍ଗଳବାର ସାର୍ଟିଫିକେଟ ଆଣିବାକୁ ଯାଇଥିଲା। ହେଲେ ସ୍କୁଲରେ ୨ଶହ ଯଙ୍କା ନ ଦେଲେ ସାର୍ଟିଫିକେଟ ଦେବେ ନାହିଁ କହି ଫେରାଇ ଦେଲେ। ମୋର ଅଭାବୀ ସଂସାର, ବହୁ କଷ୍ଟରେ ୨ ଶହ ଟଙ୍କା ଯୋଗାଡ କରି ସାର୍ଟିଫିକେଟ ଆଣିଲି। ଏହା ଶିକ୍ଷକମାନଙ୍କ ଠିକ୍ କାର୍ଯ୍ୟ ନୁହେଁ। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ମନ୍ମଥ କୁମାର ଶିଅଳଙ୍କୁ ମୋବାଇଲ ଫୋନ ନଂ. ୭୯୭୮୭୬୨୬୫୬କୁ ବାରମ୍ବାର କଲ କରିବା ସତ୍ତ୍ୱେ ସେ ଉଠାଇ ନ ଥିଲେ। ଏ ସମ୍ପର୍କରେ ଆଳି ଶିକ୍ଷା ମଣ୍ଡଳ ଅଧିକାରୀ ସରୋଜକାନ୍ତ ବିହାରୀଙ୍କୁ ପଚାରିବାରୁ ସେ ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ କହି ଫୋନ କାଟି ଦେଇଥିଲେ। ସରକାର ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଦେବାକୁ ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରି ରୂପାନ୍ତୀକରଣ କରୁଛନ୍ତି। ହେଲେ ଛାତ୍ରୀଛାତ୍ରଙ୍କ ନିକଟରୁ ଜୋର ଜବରଦସ୍ତ ମାଟ୍ରିକ ସାର୍ଟିଫିକେଟ ବାବଦରେ ଟଙ୍କା ଆଦାୟ କରିବା କେତେ ଯୁକ୍ତିଯୁକ୍ତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଜନତା ନୋଡାଲ ହାଇସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ରମାନେ ସାର୍ଟିଫିକେଟ ପାଇଁ ଟଙ୍କା ଆଦାୟକୁ ବିରୋଧ କରୁଛନ୍ତି।

- ପାଲମୀର ଜନତା ନୋଡାଲ ହାଇସ୍କୁଲ
- ଛାତ୍ରୀଛାତ୍ରଙ୍କ ସ୍କୁଲ ଗେଟ ସମ୍ମୁଖରେ ଧାରଣା

# ହୋଟେଲ, ଫାଷ୍ଟଫୁଡ ଦୋକାନରେ ଚଢାଉ

**ଜଗତ୍‌ସିଂହପୁର ଅଫିସ, ୨୩।୮**

- ଜଗତ୍‌ସିଂହପୁର ସହରରେ ବାସିଖାଦ୍ୟ ସାଙ୍ଗକୁ ଅପମିଶ୍ରଣ
- ୨୧୦୦ ଟଙ୍କା ଜରିମାନା ଆଦାୟ

ଜଗତ୍‌ସିଂହପୁର ସହରରେ ଥିବା ବିଭିନ୍ନ ହୋଟେଲ, ଫାଷ୍ଟଫୁଡ ଦୋକାନ ସମେତ ଗୁପ୍‌ଚୁପ୍ ଆଦି ଉଠା ଦୋକାନରେ ବାସି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ଦୀର୍ଘଦିନ ହେବ ଅଭିଯୋଗ ହୋଇଆସୁଥିଲା। ଜଗତ୍‌ସିଂହପୁର ଫୁଡ୍ ସେଫ୍ଟି ଅଫିସର ସମିତା ଦାସଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସହରର ୮ଟି ହୋଟେଲ, ଫାଷ୍ଟଫୁଡ ଓ ଜଳଖିଆ ଦୋକାନରେ ଚଢାଉ କରି ୨,୧୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏ ସମ୍ପର୍କରେ ଫୁଡ ସେଫ୍ଟି ଅଫିସର ଦାସ କହିଛନ୍ତି, ହୋଟେଲ ନୀଳମାଧବ, ପ୍ରତୀକ ସମେତ ପାଖାପାଖି ୨୦ଟି ହୋଟେଲ ଓ ଫାଷ୍ଟଫୁଡ ଦୋକାନରେ ଚଢାଉ ବେଳେ ଅନେକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥିଲା। କେତେଗୋଟି ଦୋକାନରେ ବାସି ଖାଦ୍ୟ ସାଙ୍ଗକୁ ଅପମିଶ୍ରିତ ହଳଦୀ, ଲଙ୍କା, ମସଲା ଗୁଣ୍ଡ ଦେଖିବାକୁ ମିଳିଥିଲା। ଖାଦ୍ୟ ଘୋଡା ନ ଯିବା ସାଙ୍ଗକୁ ଅପରିଷ୍କାର ସ୍ଥାନରେ ରଖାଯାଇଥିଲା। ଲାଇସେନ୍ସ ମଧ୍ୟ କେତେଗୋଟି ଦୋକାନର ନାହିଁ। ତେଣୁ ସେସବୁ ଦୋକାନର ଖାଦ୍ୟଗୁଡିକ ନଷ୍ଟ କରାଯାଇଥିଲା। ହୋଟେଲ ନୀଳମାଧବ ଓ ପ୍ରତୀକ ମାଲିକଙ୍କ ଉପରେ ୫୦୦ ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ ହୋଇଥିଲା। ୧୦ ନମ୍ବରଠାରୁ କଲେଜ ଛକ ପର୍ଯ୍ୟନ୍ତ ପାଖାପାଖି ୫ଟି ଫାଷ୍ଟଫୁଡ ଓ ଗୋଟିଏ ଜଳଖିଆ ଦୋକାନରେ ଅନେକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥିଲା। ନିମ୍ନମାନର ଖାଦ୍ୟ ସାଙ୍ଗକୁ ରଙ୍ଗର ବ୍ୟବହାର ହୋଇଥିଲା। ୫ଟି ଫାଷ୍ଟଫୁଡ୍‌ରୁ ଜଣ ପିଛା ୨୦୦ ଟଙ୍କା ଲେଖାଏ ଓ ଅନ୍ୟ ଏକ ଜଳଖିଆ ଦୋକାନରୁ ଶହେ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।


ଫୁଡ୍ ସେଫ୍ଟି ଅଫିସର ହୋଟେଲରେ ଅପମିଶ୍ରଣ ଖାଦ୍ୟର ତଦାରଖ କରୁଛନ୍ତି।

# କୃତୀ ଛାତ୍ରଙ୍କୁ ଧନେଶ୍ୱର ମେମୋରିଆଲ ଟ୍ରଫି ପ୍ରଦାନ

**ରାଜନଗର, ୨୩।୮(ଡି.ଏନ୍.ଏ.)**

ରାଜନଗର ବ୍ଲକ ଦିଘିସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ର ଗୋପାଳକୃଷ୍ଣ ଘଡ଼ାଇଙ୍କୁ ଘନଶ୍ୟାମ ଓ ଧନେଶ୍ୱର ସ୍ୱାଇଁ ଟ୍ରଷ୍ଟ ପକ୍ଷରୁ ଟ୍ରଫି ପ୍ରଦାନ ସହ ନଗଦ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ମଙ୍ଗଳବାର ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷିତୀଶ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟ୍ରଷ୍ଟର ବୀର କିଶୋର ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ମହେଶ୍ୱତା ଶତପଥୀ ଯୋଗଦେଇଥିଲେ।


କୃତୀ ଛାତ୍ରଙ୍କୁ ବିଦ୍ୟାଳୟରେ ଟ୍ରଷ୍ଟ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଉଛି।

# ବନ୍ୟାଜଳ ଧୋଇନେଲା ଚାଷୀଙ୍କ ବର୍ଷକ ଆହାର

- ଜମି ସମସ୍ୟା ଯୋଗୁ ଆଖଡ଼ାସାହି ନୂଆ ସ୍ଲୁଇସ୍ ଗେଟ୍ ଖୋଲୁନି
- ଚାଷ ଛାଡ଼ି ଚାଷୀ ଦାଦନ ଖଟିବାକୁ ବାହାରକୁ ଯିବାକୁ ସଜବାଜ

**ମହାକାଳପଡ଼ା,୨୩।୮(ଡି.ଏନ୍.ଏ.)**

ମହାନଦୀର ଚଳିତ ବନ୍ୟାଜଳ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଚାଷୀଙ୍କ ମୁହଁରୁ ବର୍ଷକର ଆହାର ଛଡ଼ାଇ ନେଇଛି। ଚାଷୀମାନଙ୍କ ଖରିଫ ଧାନ ଫସଲ ବନ୍ୟାଜଳରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ଚାଷୀମାନଙ୍କୁ କେମିତି ବର୍ଷେ ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତା ଘାରିଛି। ସପ୍ତାହେରୁ ଅଧିକ ହେବ ବନ୍ୟାଜଳ ଜମିରେ ଲହଡ଼ି ମାରୁଛି। ଚାଷୀମାନଙ୍କ ଅନ୍ୟ ଚାଷର ବିକଳ୍ପ ନାହିଁ। କେବଳ ଖରିଫ ଧାନ ଫସଲ ଉପରେ ସେମାନେ ନିର୍ଭର କରିଥା'ନ୍ତି। ଭାଦ୍ରବ ମାସ ଅଧା ହୋଇଥିବା ବେଳେ ଚାଷବାସ କରିବା ସମୟ ଗଡ଼ିଗଲାଣି ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ଫସଲ ଉଜୁଡ଼ି ଯିବା ପରେ ଅଞ୍ଚଳର ବହୁ ଚାଷୀ, ଯୁବକ ବାଧ ହୋଇ କାମ କରିବାକୁ ରାଜ୍ୟ ବାହାରକୁ ଚାଲିଯିବା ପାଇଁ ସଜବାଜ ହେଲେଣି ବୋଲି ସ୍ଥାନୀୟ ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳ, ଅଭୟ ରାଉତ, ବିଜୟ ସ୍ୱାଇଁ, ଯଶବନ୍ତ ବେହେରା, ବୋଧିରାମ ଦେବନାଥ ପ୍ରମୁଖ କହିଛନ୍ତି।

ଅପରପକ୍ଷରେ ଏହି ଅଞ୍ଚଳର ଚାଷୀମାନଙ୍କ ଜୀବନରେଖା କୁହାଯାଉଥିବା ମହାନଦୀ ଶାଖା ଗୁପ୍ତଗିରି ନଦୀକୁ ସଂଯୋଗ କରୁଥିବା ଆଖଡ଼ାସାହିଠାରେ ସ୍ଲୁଇସ୍ ଗେଟ୍ ୧୯୯୫/୯୬ ମସିହାରେ ନିର୍ମାଣ ହୋଇଥିଲା। ଏହି ସ୍ଲୁଇସ୍ ଗେଟ ବୈଷୟିକ ଜ୍ଞାନକୌଶଳରେ ତ୍ରୁଟି ଓ ନିମ୍ନମାନର ନିର୍ମାଣ ଯୋଗୁ ୨୦୦୧/୨୦୦୨ରେ ଭୁଶୁଡି ପଡ଼ିଥିଲା। ସେହିଦିନଠାରୁ ଏହି ଭଙ୍ଗା ସ୍ଲୁଇସ ଗେଟ ଦେଇ ମହାନଦୀ ବନ୍ୟାଜଳ ରାମନଗର, ପେଟ୍‌ଛେଲା, ବଉଳକଣି, ବରକନ୍ଧା, ମଙ୍ଗଳପୁର ଓ ବାରଡ଼ାଙ୍ଗ ପଞ୍ଚାୟତର ଶତାଧିକ ହେକ୍ଟର ଚାଷଜମିରେ ଧାନ ଫସଲ ନଷ୍ଟ କରୁଛି। ଏହି ଅଞ୍ଚଳର ଚାଷଜମି ଉପରେ ୨ ଫୁଟ୍ ବନ୍ୟାଜଳ ଏବେବି ରହିଛି। ଏହି ଅଞ୍ଚଳର ଚାଷୀମାନଙ୍କ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ମହାନଦୀ ସଂଲଗ୍ନ ଆଖଡ଼ାସାହିଠାରେ ବନ୍ୟା ଓ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ୧୩।୫।୨୦୧୩ରେ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ନୂଆ ସ୍ଲୁଇସ୍ ଗେଟର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୧୮/୧୯ ମସିହାରେ ସମ୍ପୂର୍ଣ୍ଣ ଶେଷ ହୋଇଥିଲା। ହେଲେ ଉଭୟପାର୍ଶ୍ୱରେ ଘରୋଇ ଜମି ଅଧିଗ୍ରହଣ କରିବାରେ ସମସ୍ୟା ଦେଖାଦେଇଛି। ପ୍ରକଳ୍ପ ପାଇଁ ଘରୋଇ ଜମି ଅଧିଗ୍ରହଣ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୪ ବର୍ଷ ହେଲା ଶେଷ ହୋଇଥିଲେ ହେଁ କାମରେ ଲାଗୁନାହିଁ। ତୁରନ୍ତ ଆଖଡ଼ାସାହି ସ୍ଲୁଇସ୍ ଗେଟ୍‌ଟିର ଉଭୟ ପାର୍ଶ୍ୱରେ ଜମି ଅଧିଗ୍ରହଣ କରା ନ ଯାଏ, ତେବେ ପ୍ରତିବର୍ଷ ଧାନ ଫସଲ ଉଜୁଡ଼ିବ ବୋଲି ଚାଷୀ ବୀରବର ସ୍ୱାଇଁ, ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଆଳିସ୍ଥିତ ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ କୁମାର ଦାଶଙ୍କୁ ପଚାରିବାରେ ଆଖଡ଼ାସାହିଠାରେ ନୂଆ ସ୍ଲୁଇସ୍ ଗେଟ୍ ସ୍ଥାନ ପରିଦର୍ଶନ କରିଛୁ। ଜମି ଅଧିଗ୍ରହଣ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ନୂଆ ସ୍ଲୁଇସ୍ ଗେଟ୍‌ର ଉଭୟପାର୍ଶ୍ୱରେ ଜମି ଅଧିଗ୍ରହଣ ହୋଇ ନ ଥିବାରୁ କାମରେ ଲାଗୁନାହିଁ। ମହାନଦୀ ଶାଖା ଗୁପ୍ତଗିରି ନଦୀ ସଂଯୋଗ ସ୍ଥଳ ଭଗ୍ନ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ପ୍ରବେଶ କରୁଛି।

**ସଂକ୍ଷେପରେ**

## ଘରୋଇ କମ୍ପାନୀ କର୍ମଚାରୀଙ୍କ ଆତ୍ମହତ୍ୟା

### କାରଣ ଅସ୍ପଷ୍ଟ, ପୋଲିସ ତଦନ୍ତ ଆରମ୍ଭ

ରସୁଲପୁର,୨୩ା୮ (ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବଡ଼ ନିରଞ୍ଜନପୁର ଗ୍ରାମରେ ଭଡ଼ାଘରେ ଚାଲିଥିବା ଏକ ବିଜ୍ଞାପନ କମ୍ପାନୀର ଜଣେ କର୍ମଚାରୀ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ବିରଭାନପୁର ଗ୍ରାମର ମଧୁସୂଦନ ରଥଙ୍କ ପୁଅ ଚନ୍ଦ୍ରକାନ୍ତ(୨୬)। କମ୍ପାନୀ ଚାଲିଥିବା ଭଡ଼ାଘରୁ ମୃତ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରି ତଦନ୍ତ ଜାରି ରଖିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ। ଗ୍ରାମର ନୃସିଂହ ଦଳେଇଙ୍କ ଘରକୁ ଭଡାରେ ନେଇ ଏହି ବିଜ୍ଞାପନ କମ୍ପାନୀ ଅଫିସ ଚାଲିଥିଲା। କମ୍ପାନୀରେ କର୍ମଚାରୀ ଭାବେ ଚନ୍ଦ୍ରକାନ୍ତ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସକାଳ ୬ଟାରେ ସେ ଅଫିସକୁ ଆସିଥିଲେ। କାର୍ଯ୍ୟାଳୟକୁ ଭିତରପଟୁ ବନ୍ଦ କରିଦେଇ ଅଫିସରେ ରଶି ଲଗାଇ ଝୁଲି ପଡିଥିଲେ। ସକାଳ ୯ଟାରେ ଅନ୍ୟ ସହକର୍ମୀ ଆସି କାର୍ଯ୍ୟାଳୟ ଖୋଲିବା ବେଳକୁ ଭିତରୁ ବନ୍ଦ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ପୋଲିସକୁ ଖବର ଦିଆଯାଇଥିଲା। ଚନ୍ଦ୍ରକାନ୍ତଙ୍କ ମାମୁ ଆସି ପହଞ୍ଚିଥିଲେ। ଉଭୟ ସମ୍ପର୍କୀୟ, କର୍ମଚାରୀଙ୍କ ଉପସ୍ଥିତିରେ ପୋଲିସ ଘର କବାଟ ଭାଙ୍ଗି ମୃତଦେହ ଜବତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ଥାନାରେ ନଂ.୧୫/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଏସ୍ଆଇ ଚିତ୍ତରଞ୍ଜନ ଦାସ ଘଟଣାର ତଦନ୍ତ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଦିନେଶ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ



ରସୁଲପୁର,୨୩ା୮(ଡି.ଏନ.ଏ.): ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକ୍ ମୁଗୁପାଳ ପଞ୍ଚାୟତ ସାରଙ୍ଗପୁର ଗ୍ରାମର ପିଣ୍ଟୁଆ ଓରଫ୍ ଦିନେଶ ସାହୁଙ୍କୁ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏହି ଖବର ଜାଣିବା ପରେ ଛାତ୍ର ନେତା ସାହୁ ରାଜ୍ୟ ବିଜୁ ଜନତାଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କୋରେଇ ବିଧାୟକ ଅଶୋକ କୁମାର ବଳ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ନେତୃତ୍ୱ ତାଙ୍କ ଉପରେ ଭରସା ଜୁଟାଇ ଥିବାରୁ ସେ ମୁଖିଆଙ୍କ ମାନ, ସମ୍ମାନକୁ ଉଚ୍ଚା କରିବା ପାଇଁ କାର୍ଯ୍ୟ କରିବେ ବୋଲି ମତ ରଖିଛନ୍ତି। ଛାତ୍ର ନେତା ପିଣ୍ଟୁଆଙ୍କୁ ରାଜ୍ୟ ସଂଗଠନରେ ସ୍ଥାନ ମିଳିଥିବା ଖବର ସମଗ୍ର ବ୍ଲକ ଅଞ୍ଚଳରେ ବିଜେଡି ପ୍ରେମୀ, ସଂଗଠକଙ୍କ ମଧ୍ୟରେ ଖୁସିର ଲହରି ଖେଳାଇଦେଇଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ନାଗ ସାପ ଉଦ୍ଧାର

ପାଣିକୋଇଲି,୨୩ା୮(ଡି.ଏନ.ଏ.): ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟିଗଡ଼ିଆ ଗ୍ରାମର ବିଜୟ କୁମାର ମାଝିଙ୍କ ଘରୁ ମଙ୍ଗଳବାର ଏକ ୪ ଫୁଟର ନାଗ ସାପ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ତାହାକୁ ଏକ ନିଛାଟିଆ ସ୍ଥାନରେ ଛାଡ଼ି ଦିଆଯାଇଛି। ସୋମବାର ବିଳମ୍ବିତ ରାତିରେ ବିଜୟଙ୍କ ଘରେ ସାପ ପଶିଯାଇଥିଲା। ଏହା ଦେଖି ସମସ୍ତ ପରିବାର ଲୋକେ ଭୟଭୀତ ହୋଇ ପାଣିକୋଇଲି ଥାନାକୁ ଖବର ଦେଇଥିଲେ। କନଷ୍ଟେବଲ ମନମୋହନ ବାରିକ ଘଟଣାସ୍ଥଳେ ପହଞ୍ଚି ଉକ୍ତ ସାପଟିକୁ ଘର ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

# ଟାଙ୍ଗର ପଡ଼ିଆରେ ହେବ ଖଣି ଅଞ୍ଚଳର ଟ୍ରକ୍ ପାର୍କିଂ



ମନ୍ତ୍ରୀ, ଜିଲାପାଳ ଓ ଅନ୍ୟ ଅଧିକାରୀ ପାର୍କିଂ ସ୍ଥଳ ବୁଲି ଦେଖୁଛନ୍ତି।

**କାଳିଆପାଣି,୨୩ା୮(ଡି.ଏନ.ଏ.):** ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନ ପାଇଁ ଆସୁଥିବା ଟ୍ରକ୍‌ଗୁଡ଼ିକ ପାଇଁ ଟାଙ୍ଗର ପଡ଼ିଆରେ ହେବ ପାର୍କିଂ ବ୍ୟବସ୍ଥା। ଟ୍ରାଫିକ ସମସ୍ୟା ଦୂର କରିବା ସହ ଟ୍ରକ୍‌ଗୁଡ଼ିକୁ ଶୃଙ୍ଖଳିତ ଭାବେ ପରିବହନ ସୁବିଧା ଦେବା ପାଇଁ ସ୍ଥାନୀୟ କୁସୁମୁଣ୍ଡିଆଠାରେ ଥିବା ଟାଙ୍ଗର ପଡ଼ିଆକୁ ଚିହ୍ନଟ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇ ଓ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ମଙ୍ଗଳବାର ଖଣି ଅଞ୍ଚଳ ଗସ୍ତ କରି ଏହି ସ୍ଥାନ ପରିଦର୍ଶନ କରିଛନ୍ତି। ଖଣି ଅଞ୍ଚଳରରେ କାର୍ଯ୍ୟ କରୁଥିବା ସମସ୍ତ ଖଣିର ପ୍ରତିଦିନ ଦରକାର ହେଉଥିବା ଟ୍ରକ୍‌ଗୁଡ଼ିକ ସେହି ସ୍ଥାନରୁ ବିଭିନ୍ନ ଖଣିକୁ ପଠାଯିବ ବୋଲି ଜଣାପଡ଼ିଛି। ଏଥିରେ ଫାଷ୍ଟ କମ ଫାଷ୍ଟ ଲୋଡ୍ ଅନୁଯାୟୀ ଲୋଡିଂ ସୁବିଧା ଦିଆଯିବ। ଏହି ଗସ୍ତ ସମୟରେ କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଅତିରିକ୍ତ ଏସ୍‌ପି ସିଲଭେରିୟସ ଟୋପ, ସୁକିନ୍ଦା ତହସିଲଦାର ନାରାୟଣ ଦୀକ୍ଷିତଙ୍କ ସହ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅଶ୍ଳୀଳ ମେସେଜ ପଠାଇ ଯୁବକ ଗିରଫ

**ପାଣିକୋଇଲି,୨୩ା୮(ଡି.ଏନ.ଏ.):** ନାବାଳିକାଙ୍କୁ ଅଶ୍ଳୀଳ ମେସେଜ ପଠାଇବା ଅଭିଯୋଗରେ ପାଣିକୋଇଲି ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ମିର୍ଜାପୁର ଗ୍ରାମର ଅଞ୍ଜଳ ମଳିକ (୨୫)। ଅଞ୍ଜଳ ଉକ୍ତ ଥାନା ଅଧୀନ ଜଣେ ନାବାଳିକାଙ୍କୁ ଅଶ୍ଳୀଳ ମ୍ୟାସେଜ ଓ ଫଟୋ ପଠାଇବା ସହ ତାଙ୍କୁ ବ୍ଲାକମେଲ କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ନଂ.୧୮୪/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


## DISTRICT EDUCATION OFFICE, SONEPUR

**TENDER CALL NOTICE FOR OAVS**

**No.4606// Date:22.08.2022**

Sealed tenders are invited from reputed firms/ agencies suppliers for supply as per tender specifications. The details tender documents can be obtained from the District website **https:subarnapur.nic.in.** Interested bidders may submit their sealed tender documents in prescribed format to the "District Education Office, Sonepur, on or before dt.7.9.2022 by 2 PM through speed post/ registered post/ Courier Service only. Bidders are required to submit Technical Bid and Financial Bid in separate envelopes enclosed in a common envelopes mentioning " Tender for supply of Furniture for OAVs" on the cover of the envelopes. The technicals bid will be opened on Dt.7.9.2022 at 3 PM in Collectorate Conference Hall in the presence of the bidders or their authorized representatives. The financial bid may be opened on the same day or the date of opening will be intimated to the successful bidders, through E-mail only (mail address submitted in the tender documents).

The Authority reserves the right to accept or reject any or all tender without assigning any reason thereof.

**Sd./- Collector, Subarnapur**

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମାଲକାନଗିରି

**Dist.: Malkangiri - 764048, Phone: 06861-230409,**
**Fax No.: 06861-230279, E-Mail: ori-dmalkangiri@nic.in**

ପତ୍ର ସଂଖ୍ୟା: ୨୯୯୦/୨୦୨୨ — ତାରିଖ: ୨୨।୦୮।୨୦୨୨

### ବିଜ୍ଞାପନ

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍‌କାର୍ଡ଼ଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୧୫ତମ ଅର୍ଥ କମିଶନଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ସମନ୍ୱିତ ଶିଶୁ ବିକାଶ ଯୋଜନା (ମମତା) ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୨୦୨୧-୨୨ ଆର୍ଥିକ ବର୍ଷର ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଅତଏବ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ.୧୧.୦୦ଟିକାଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | କାଲିମେଳା | ୧୨।୦୯।୨୦୨୨ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କାଲିମେଳା |
| ୨ | ମାଥିଲି | ୧୩।୦୯।୨୦୨୨ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୩ | ଚିତ୍ରକୋଣ୍ଡା | ୧୪।୦୯।୨୦୨୨ | ଉପଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୪ | ପଡ଼ିଆ | ୦୨।୧୧।୨୦୨୨ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୫ | ଖଇରପୁଟ | ୦୩।୧୧।୨୦୨୨ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୬ | କୋରୁକୋଣ୍ଡା | ୦୪।୧୧।୨୦୨୨ | ଉପଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୭ | ମାଲକାନଗିରି | ୦୫।୧୧।୨୦୨୨ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି

## SECRETARIAT OF THE ODISHA LEGISLATIVE ASSEMBLY

**SEALED TENDER NOTICE**

**No.6433/L.A.,**

**Bhubaneswar, dated the 19th August, 2022**

**No.Y-01:**Sealed Tender in plain paper is invited by the undersigned for disposal of one vehicle of Odisha Legislative Assembly Secretariat, Bhubaneswar. The description of the vehicle is given below.

(i) L.M.V. TATAINDICA (DLS-BS-II)
(ii) Regd. No:- OR-02-AU-0575
(iii) Date of Purchase-22.08.2008

The intending tenders can inspect the vehicle in the Odisha Legislative Assembly premises prior to submission of tender by them on any working day during office hours between 3.00P.M. to 5.00P.M.

Tender paper should accompany earnest money of Rs.2,000/- (Rupees Two thousand) only in shape of Bank Draft drawn in favour of the Deputy Secretary, Odisha Legislative Assembly payable at Uco Bank, Odisha Legislative Assembly Secretariat Branch which will be refunded to the tenderers whose tenders would not be accepted. The E.M.D. furnished by the highest tenderer will be adjusted against the sale price of the vehicle.

The Sealed Tenders should reach the undersigned by 07.09.2022 up to 1.00P.M. at the latest and tenders so received shall be opened by the Tender Committee on the same day i.e. on 07.09.2022 at 3.30P.M. in presence of the tenderers or their authorized agents. If the 07th September, 2022 is declared as a Government holiday then the tenders will be received and opened on the next working day as per scheduled time before opening of tenders.

The highest tenderer whose tender would be accepted shall deposit immediately 25% of the offered amount as initial deposit. He shall deposit the balance amount within seven days of the deposit of the initial amount and remove the 'Vehicle' with permission of the undersigned. In case, he fails to make the deposit of the total amount as per the tender within the stipulated time, his deposit including the earnest money shall be forfeited. GST as admissible shall levied on the bidding cost.

In case the tenderer whose tender would be accepted fails to remove the vehicle from Odisha Legislative Assembly Premises within the stipulated time he shall pay ground rent at the rate of 1% of his quoted price per day. If the ground rent so charged exceeds the amount deposited by the highest tenderer on the date of opening of tender then the tenderer shall cease to have any right on the vehicle and the amount deposited by him shall be adjusted towards ground rent.

The authority reserves the right to reject any or all tenders at any time without assigning any reason thereof.

Tender Notice alongwith the Terms and Condition are available in the Odisha Legislative Assembly website @ www.odishaassembly.nic.in.

The Corrigendum/addendum if any, issued to the above Tender Call Notice will be hoisted subsequently in the aforesaid website only.

**Sd./-Deputy Secretary**
**OIPR-09015/11/0002/2223**

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

No.g-48

**ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନସୂଚିତ ଶିଶୁ କନ୍ୟାଟି ଗତ ତା.୨୮.୦୬.୨୦୨୨ରିଖଠାରୁ ଶିଶୁ ମଙ୍ଗଳ ସମିତି କଟକଙ୍କ ନିର୍ଦ୍ଦେଶନାମା ନଂ.୧୭୫୬/୨୦୨୨ ଅନୁଯାୟୀ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର ସ୍ଥିତ ଶିଶୁ ଗୃହରେ ରହିଆସୁଅଛି । ଏହି ଶିଶୁ କନ୍ୟାଟିର ନାମ ସାଇ ଶ୍ରୀମୟୀ, ତା.୨୮.୦୬.୨୦୨୨ରିଖରେ ଏହି ଶିଶୁ କନ୍ୟାଟି ସାଥିଲୋ, ଆଠଗଡ଼ ନିକଟସ୍ଥ ସାପୁଆ ନଦୀ (ନୂଆପୋଲ) ପଠାରେ ପରିତ୍ୟକ୍ତ ଅବସ୍ଥାରେ ଜଣେ ସାମାଜିକ କର୍ମୀଙ୍କ ଦ୍ୱାରା ଉଦ୍ଧାର ହୋଇ ଶିଶୁ ଭବନ କଟକଠାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲା । ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ. ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ - ୭୫୪୦୭୧, ଫୋନ୍ ନଂ. - ୦୬୭୧ - ୨୪୯୪୩୯୮କୁ ଯୋଗାଯୋଗ କରନ୍ତୁ ।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

**ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନସୂଚିତ ଶିଶୁ କନ୍ୟାଟି ଗତ ତା.୦୧.୦୭.୨୦୧୨ରିଖଠାରୁ ଶିଶୁ ମଙ୍ଗଳ ସମିତି କଟକଙ୍କ ନିର୍ଦ୍ଦେଶନାମା ନଂ.୨୧୮୪/୨୦୧୬ ଅନୁଯାୟୀ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର ସ୍ଥିତ ଶିଶୁ ସଦନରେ ରହିଆସୁଅଛି । ଏହି ଶିଶୁ କନ୍ୟାଟିର ନାମ ପିଙ୍କି ପ୍ରିୟଦର୍ଶିନୀ, ତା.୦୧.୦୭.୨୦୧୨ରିଖ ଦିନ ଏହି ଶିଶୁ କନ୍ୟାଟି ଚୌଦ୍ୱାର ଅଞ୍ଚଳରେ ପରିତ୍ୟକ୍ତ ଅବସ୍ଥାରେ ବୁଲୁଥିବା ସମୟରେ ଏକ ସାମାଜିକ କର୍ମୀଙ୍କ ଦ୍ୱାରା ଉଦ୍ଧାର ହୋଇ ଯତ୍ନ ଓ ସୁରକ୍ଷା ନିମିତ୍ତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିଠାରେ ରହି ଆସୁଅଛି, ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ. ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ - ୭୫୪୦୭୧, ଫୋନ୍ ନଂ. - ୦୬୭୧ - ୨୪୯୪୩୯୮କୁ ଯୋଗାଯୋଗ କରନ୍ତୁ ।

OIPR-33038/11/0004/2223 — ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

## idco — ODISHA OFFICE OF THE CHIEF GENERAL MANAGER (P&C)

**IDCO, IDCO TOWERS, BHUBANESWAR**

No. CAD-1582

Tender Call Notice No. H.O./P&C/EST-E-1979/03/2022-21083 — Dated: 19.08.2022

### NOTICE INVITING TENDER THROUGH e-Procurement

Name of the Work : Construction of RCC Culvert (13m 4 Nos and 9.5m 4 Nos. at Bamini, MSME Park, Dist.: Nabarangpur
Estimated Cost : Rs.65.97 lakh (apprx.)
Period of Completion : 04 (Four) Calendar Months

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. PC/ EST/E-52/2022-23 | 17.00 hours of 30.08.2022 | 17.00 hours of 15.09.2022 |

Further details can be seen from the e-Procurement Portal: **www.tendersorissa.gov.in.** and Corrigendum if any will not be published in Newspapers and can only be seen in the e-Procurement portal **www.tenderorissa.gov.in** and IDCO website: **www.idco.in**

**OIPR-14003/11/0119/2223** — **Sd./- Chief General Manager (P&C), IDCO, Bhubaneswar**

## ODISHA PUBLIC SERVICE COMMISSION CUTTACK

### NOTICE

**No.7798/P.S.C., Dt.23.8.22**
**PF-1E-11-2021/22 (DR-III)**

**No.D-146:**It is for information of all concerned that, 180 (One hundred eighty ) candidates bearing following PPSAN Nos. have been called for the physical verification of original certificates/ documents to determine their eligibility and suitability for recruitment to the post of Post Graduate Teacher in ENGLISH for 17 nos. of stand-alone Government Higher Secondary Schools, pursuant to Advt. No.24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below :

**PROGRAMME OF DOCUMENT VERIFICATION**

| Date | Time | PPSAN Nos. of Candidates |
|---|---|---|
| 02.09.2022 | 10.30 A.M. | 00114182, 00037076, 00103195, 00103577, 00103389, 00119281, 00115529, 00120354, 00114715, 00103229, 00100669, 00123783, 00045687, 00029333 & 00113984 = **15 candidates** |
| | 2.30 P.M. | 00093271, 00104098, 00122331, 00115341, 00057402, 00100100, 00116613, 00124117, 00116454, 00092018, 00133239, 00019277, 00120981, 00116610 & 00125423 = **15 candidates** |
| 03.09.2022 | 10.30 A.M. | 00103070, 00124286, 00077197, 00100726, 00017375, 00091911, 00104096, 00114214, 00099807, 00125996, 00047562, 00133344, 00038963, 00114306 & 00117603 = **15 candidates** |
| | 2.30 P.M. | 00103963, 00125648, 00066551, 00086268, 00112785, 00116270, 00130405, 00126374, 00114927, 00119819, 00016943, 00103052, 00114355, 00115012 & 00111463 = **15 candidates** |
| 05.09.2022 | 10.30 A.M. | 00124140, 00100180, 00122800, 00122444, 00070935, 00117632, 00104307, 00114738, 00050182, 00047210, 00118426, 00118264, 00119147, 00103866 & 00072945 = **15 candidates** |
| | 2.30 P.M. | 00123167, 00130971, 00121803, 00103533, 00102923, 00126909, 00124395, 00118462, 00118853, 00111297, 00096055, 00101962, 00124682, 00031804 & 00114051 = **15 candidates** |
| 06.09.2022 | 10.30 A.M. | 00061371, 00038445, 00103561, 00120701, 00103036, 00126365, 00115796, 00046634, 00114321, 00120366, 00127196, 00119991, 00104481, 00120678 & 00114871 = **15 candidates** |
| | 2.30 P.M. | 00132494, 00062568, 00092235, 00104482, 00128452, 00125612, 00037432, 00103075, 00103757, 00037996, 00022816, 00121129, 00103131, 00128202 & 00131789 = **15 candidates** |
| 07.09.2022 | 10.30 A.M. | 00114204, 00057124, 00121720, 00116213, 00118376, 00103218, 00063337, 00120740, 00035890, 00020503, 00133101, 00059018, 00121805, 00117589 & 00039680 = **15 candidates** |
| | 2.30 P.M. | 00060251, 00062853, 00115470, 00018201, 00121990, 00047986, 00123305, 00102991, 00131409, 00117146, 00055944, 00035376, 00020020, 00123621 & 00114906 = **15 candidates** |
| 08.09.2022 | 10.30 A.M. | 00124798, 00114601, 00123286, 00092803, 00114737, 00100500, 00018775, 00121804, 00036448, 00116371, 00027600, 00122589, 00038634, 00114863 & 00000142 = **15 candidates** |
| | 2.30 P.M. | 00104354, 00129886, 00115678, 00080013, 00080309, 00033879, 00104323, 00102130, 00120973, 00118412, 00071687, 00070076, 00077215, 00099958 & 00115105 = **15 candidates** |

The candidates are required to bring **one set of self-attested photocopies of all the documents along with all original documents** for verification as mentioned below :-

1. Hard copy of the online application form;
2. Three recent passport size photographs;
3. Duly filled in and attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed, certificate;
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/ University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after rectirement from military service, wherever applicable;
13. Sports Persons certificate issued by the Director of Sports Odisha;
14. Any proof of Identity.

**NOTE** - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**
**OIPR-12002/11/0144/2223**

## ODISHA PUBLIC SERVICE COMMISSION, CUTTACK

### NOTICE

**No.7804/P.S.C., Dt.23.8.22**
**1E-14-2021/22 (DR-III)**

**Corrigendum to Notice No.7412/PSC dt.10.08.2022 issued for the written examination for the post Assistant Fisheries Officer, Group-B, pursuant to Advertisement No.30 of 2021-22.**

**No.D-145:**It is for information of all concerned that in the written examination programme Notice for recruitment to the post of **Assistant Fisheries Officer,** Group-B, pursuant to Advertisement No.30 of 2021-22 issued vide office Notice No.7412/PSC dt.10.08.2022, the timing for **Afternoon Session has been mentioned** "2.00 P.M. to 5.00 P.M." **instead of "2.00 P.M. to 4.30 P.M."** Hence, the scheduled programme for written examination will be read as follows.

| Date | Forenoon session 10.00 A.M. to 12.30 P.M. 10.00 A.M. to 1.20 P.M. for PwD candidates) | Afternoon Session 2.00 P.M. to 4.30 P.M. (2.00 P.M. to 5.20 P.M. for PwD candidates) |
|---|---|---|
| 11.09.2022 (Sunday) | Paper-I : (Objective type & Subject specific | **Paper-II :** (Objective type & Subject specific) |

All other terms and conditions of the above mentioned notice remain unchanged.

The concerned candidates are advised to visit the website of the Commission (i.e. www.opsc.gov.in) for further information.

**Sd./- Secretary**
**OIPR-12002/11/0143/2223**

## OFFICE OF THE AGRICULTURE DISTRICT OFFICER, PATTAMUNDAI, KENDRAPARA-754213

**Ph. No. 06729-224234**
**No.500, Agril. Dt.19.08.2022**

### AUCTION SALE FOR DISPOSAL OF UNSERVICEABLE VEHICLE

**No.L-68:**Sealed Tender in plain paper are invited from the intending firms/institutions/ persons for sale of Mahindra Diesel Jeep bearing No. OR-04-4595 of this office on as is where is basis.

**Terms & Conditions:-**

1. The intending bidder may inspect the vehicle at the premises of Agriculture District Officer, Pattamundai in office hour from 11.00 A.M to 4.00 P.M expected holiday.
2. The quotation should be accompanied by earnest money deposit of Rs.1000/-(Rupees One thousand) only , in shape of Bank Draft to be drawn in favour of Agriculture District Officer, Pattamundai payable at Pattamundai which will be refund immediately as such expect in case of highest offer accepted by the competent authority.
3. The bid price shall not be less than minimum (Offset) price Rs.10,000/- (Rupees Ten thousand) only .
4. The bidder should mention in the tender regarding the vehicle No., Make/ Model for which participating.
5. The bid should reach the undersigned by 1.00 P.M of 06.09.2022. The bid well as the envelope containing the bid should be superscribe as "Quotation for auction sale of vehicle".
6. The bid should also indicate the above mention Notice no and date on the top of the quotation on the sealed cover. The same should be dropped in the Drop Box kept in the office chamber of the Agriculture District Officer, Pattamundai. The bid will be opened at 3.00 P.M on the same day by the Chairman of auction committee in presence of the bidders or their authorization representatives.
7. The envelope containing the bid should also contain attested copies of any authorized identity proof and address proof of the original bidder.
8. The highest offer at or above the minimum price shall be approved by the auction committee then and there. The highest bidder shall deposit 25 % of the bid amount immediately after the announcement and the rest amount within 7 days of approval of the offer.
9. On failure to make complete payment as aforesaid, within the prescribed period the 25% bid amount deposited along with the EMD will be forfeited and bidder will be disqualified.
10. The vehicle shall not be delivered to the party untill full payment has been made and requisite formalities are completed. Tools and kits and spare parts shall not be delivered along with the vehicle.
11. The bidder shall remove the vehicle from the site within 7 days from the date of depositing the full amount of tendered after adjustment of the EMD and 25% of the offered amount.
12. On failure to move the vehicle within the prescribed time limit, ground rent @1% of the tendered/negotiated money shall be charged for each day or part there of till removal of the vehicle from the site.
13. Where the ground rent so charged exceeds the sale price deposited, the bidder/party shall cease to have any right on the vehicle. The amount deposited by him shall be adjusted towards the ground rent and the vehicle shall become absolute property of Government free from all encumbrances and disposed of by fresh sealed tender as the case may be.
14. The competent authority reserves the right to object any or all bids or cancel the tender without assigning any reason thereof.

**Sd./- Agriculture District Officer,Pattamundai**
**OIPR-01423/11/0001/2223**

## ବିକ୍ରମ ଦୋରାଇସ୍ୱାମୀ ବ୍ରିଟେନରେ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ

ନୂଆଦିଲ୍ଲୀ,୨୩।୮

ବାଂଲାଦେଶରେ ଭାରତର ଉଚ୍ଚାୟୁକ୍ତ ଥିବା ବିକ୍ରମ କେ. ଦୋରାଇସ୍ୱାମୀଙ୍କୁ ମଙ୍ଗଳବାର ବ୍ରିଟେନର ପରବର୍ତ୍ତୀ ଉଚ୍ଚାୟୁକ୍ତ ଭାବେ ନିଯୁକ୍ତି ଦିଆଯାଇଛି। ସେ ଖୁବ୍‌ଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ। ୧୯୯୨ରେ ଦୋରାଇସ୍ୱାମୀ ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍)ରେ ଯୋଗଦେଇଥିଲେ। ସେ ବହିର୍ବ୍ୟାପାର ମନ୍ତ୍ରଣାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବା ସହ ବିଭିନ୍ନ ଦେଶରେ ଭାରତର ଉଚ୍ଚାୟୁକ୍ତ ଏବଂ ଜାତିସଂଘରେ ଭାରତର ସ୍ଥାୟୀ ମିଶନରେ ପୋଷ୍ଟିଂ ହୋଇଥିଲେ।

# ସେପ୍ଟେମ୍ବର ୧୩କୁ ଘୁଞ୍ଚିଲା ଶୁଣାଣି

### ସୁପ୍ରିମକୋର୍ଟରେ ପ୍ରଦୀପ ପାଣିଗ୍ରାହୀ ମାମଲା



ନୂଆଦିଲ୍ଲୀ, ୨୩।୮(ବ୍ୟୁରୋ)

ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଲୋକାୟୁକ୍ତ ପକ୍ଷରୁ ସୁପ୍ରିମକୋର୍ଟରେ ଆଗତ ମାମଲାର ଶୁଣାଣି ସେପ୍ଟେମ୍ବର ୧୩କୁ ଘୁଞ୍ଚିଛି। ବିଚାରପତି ଅଜୟ ରସ୍ତୋଗୀ ଏବଂ ଅଭୟ ଏସ୍. ଓକାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମଙ୍ଗଳବାର ଶୁଣାଣି ସମୟରେ ପ୍ରଦୀପଙ୍କ ଓକିଲ ଲୋକାୟୁକ୍ତରେ ଚାଲିଥିବା ମାମଲା ଉପରେ ସ୍ଥଗିତାଦେଶ ଜାରି କରିବାକୁ କହିଥିଲେ। ଅପରପକ୍ଷରେ ଲୋକାୟୁକ୍ତଙ୍କ ପକ୍ଷରୁ ମାମଲା ଲଢୁଥିବା ଓକିଲ କହିଥିଲେ ଯେ, ମାମଲାର ତଦନ୍ତ ଶେଷ ହୋଇଯାଇଛି। ଲୋକାୟୁକ୍ତ ମଧ୍ୟ ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ ନ କରାଇ ମାମଲା ଆଗକୁ ନେବେ ନାହିଁ। ଏପରି କି ମାମଲାର ପ୍ରାଥମିକ ତଦନ୍ତ ସମୟରେ ପ୍ରଦୀପଙ୍କ ବିରୋଧରେ ବହୁ ଆପତ୍ତିଜନକ ତଥ୍ୟ ହସ୍ତଗତ ହୋଇଥିଲା ବୋଲି ଲୋକାୟୁକ୍ତ ପୂର୍ବରୁ ସୁପ୍ରିମକୋର୍ଟରେ ଅବଗତ କରାଇଥିବା ନେଇ ଓକିଲ କହିଥିଲେ। ଏହାପରେ ଖଣ୍ଡପୀଠ ମାମଲାର ଶୁଣାଣିକୁ ଆସନ୍ତା ୧୩କୁ ଧାର୍ଯ୍ୟ କରିଛନ୍ତି।

ଦୁର୍ନୀତି ଅଭିଯୋଗରେ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ତେଣୁ ଭିଜିଲାନ୍ସକୁ ପ୍ରିଲିମିନାରୀ ଏନ୍‌କ୍ୱାରି ରିପୋର୍ଟ ଦେବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଲୋକାୟୁକ୍ତ ସୁପ୍ରିମକୋର୍ଟରେ ଏକ ସ୍ପେସିଆଲ୍ ଲିଭ୍ ପିଟିଶନ ଦାଖଲ କରିଛନ୍ତି। ତେବେ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଭିଜିଲାନ୍ସ ଏନ୍‌କ୍ୱାରି କରିପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଗତ ବର୍ଷ ଏପ୍ରିଲ ୨୩ରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏବେ ମାମଲାର ଚୂଡ଼ାନ୍ତ ରାୟକୁ ଅପେକ୍ଷା।

## ଭିଜିଲାନ୍ସ ଜାଲରେ ଆଇନ କଲେଜ ମୁଖ୍ୟ କିରାଣି

### ସାର୍ଟିଫିକେଟ ପାଇଁ ନେଉଥିଲେ ଲାଞ୍ଚ

ଢେଙ୍କାନାଳ ଅଫିସ, ୨୩।୮

ସାର୍ଟିଫିକେଟ ପ୍ରଦାନ ପାଇଁ ରାଜ୍ୟ ବାହାରର ଜଣେ ପୂର୍ବତନ ଛାତ୍ରଙ୍କଠାରୁ ୮,୫୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଢେଙ୍କାନାଳ ଷ୍ଟେଶନ ରୋଡ଼ସ୍ଥିତ ଆଇନ ମହାବିଦ୍ୟାଳୟର ମୁଖ୍ୟ କିରାଣି ଉତ୍ତମ କୁମାର ରାଉତ। କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଷ୍ଟେଶନ୍‌ରୋଡ୍ ସ୍ଥିତ ତାଙ୍କ ବାସଭବନ, ଆଇନ ମହାବିଦ୍ୟାଳୟ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଫାଇଲ ଯାଞ୍ଚ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ମାସୁଦ୍ ହୁସେନ୍ ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ପୂର୍ବତନ ଛାତ୍ର। ପାଠପଢ଼ା ସରିବା ପରେ ସେ ସାର୍ଟିଫିକେଟ ଆଣିବାକୁ ଯାଇଥିବାବେଳେ ମୁଖ୍ୟ କିରାଣି ଉତ୍ତମ ୧୦,୦୦୦ ଟଙ୍କା ଦାବି କରିଥିଲେ। ମାସୁଦ୍ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିବା ପରେ ୮,୫୦୦ ଟଙ୍କା ଦେଲେ ସାର୍ଟିଫିକେଟ ମିଳିବ ବୋଲି ଉତ୍ତମ ରୋକ୍‌ଠୋକ୍ ଶୁଣାଇଦେଇଥିଲେ। ଏ ନେଇ ମାସୁଦ୍ କଟକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଉତ୍ତମ ତାଙ୍କୁ ସାର୍ଟିଫିକେଟ ପାଇଁ ଦୌଡ଼ାଇବା ସହ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୮ଟାରେ ଅଭିଯୁକ୍ତ କିରାଣି ଟଙ୍କା ନେଉଥିବାବେଳେ ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ନଂ. ୪୫/୨୨ରେ ଏକ ମାମଲା ରୁଜୁ ହୋଇଛି।



ଉତ୍ତମ ରାଉତ

# ହାତଗୋଡ଼ ବନ୍ଧା ଅବସ୍ଥାରେ ନାବାଳିକା ଉଦ୍ଧାର

- ଚେତାଶୂନ୍ୟ ଅବସ୍ଥାରେ ମେଡିକାଲରେ ଭର୍ତ୍ତି
- ଅପହରଣ ଅଭିଯୋଗ କଲେ ପରିବାର ଲୋକେ

ବଲାଙ୍ଗୀର ଅଫିସ,୨୩।୮

ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁକ୍ତଦୁଇ ଛାତ୍ରୀ (୧୬)ଙ୍କୁ ସୋମବାର ଅପହରଣ କରାଯାଇଥିଲା। ସମ୍ପୃକ୍ତା ଅପହୃତା ନାବାଳିକା ଛାତ୍ରୀଙ୍କୁ ହାତଗୋଡ଼ ବନ୍ଧା ଅବସ୍ଥାରେ ମଙ୍ଗଳବାର ସକାଳେ ଉଦ୍ଧାର କରାଯାଇଛି। ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର ନାବାଳିକା ଛାତ୍ରୀଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଗାଇସିଲେଟ୍ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ପରିବାର ଲୋକଙ୍କ ସୂଚନା ମୁତାବକ ନାବାଳିକା ଜଣକ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କ ନିଜ ଗାଁର ଏକ ଦୋକାନକୁ ସଉଦା କରିବାକୁ ଯାଇଥିଲେ। ତାଙ୍କ ସହ ତାଙ୍କର ଜଣେ ସମ୍ପର୍କୀୟା ଛୋଟ ଭଉଣୀ ମଧ୍ୟ ଥିଲେ। ଦୋକାନରେ ପହଞ୍ଚିବା ଆଗରୁ ଗ୍ରାମପଞ୍ଚାୟତ ଅଫିସ ନିକଟରେ ୨ ଜଣ ଯୁବକ ସମ୍ପୃକ୍ତା ନାବାଳିକାଙ୍କୁ ଏକ ବାଇକ୍‌ରେ ଅପହରଣ କରିନେଇଥିଲେ। ଘଟଣା ସମ୍ପର୍କରେ ସାଙ୍ଗରେ ଥିବା ଭଉଣୀ ଘର ଲୋକଙ୍କୁ କହିବା ପରେ ସେମାନେ ଖୋଜାଖୋଜି ଆରମ୍ଭ କରିଥିଲେ। ଏହାପରେ ଅପହୃତାଙ୍କ ବାପା ଓ ମାମୁ ଗାଇସିଲେଟ ଥାନାକୁ ଯାଇ ଝିଅର ଅପହରଣ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କରି ଫେରିବା ବାଟରେ ଅପହୃତାଙ୍କ ମାମୁ ଗାଁଠାରୁ ପ୍ରାୟ ୩ କିଲୋମିଟର ଦୂର ରାସ୍ତାକଡରେ ହାତଗୋଡ଼ ବନ୍ଧା ଏବଂ ଚେତାଶୂନ୍ୟ ଅବସ୍ଥାରେ ଭାଣିଜୀ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ପାଟିକୁ ସେଲୋଟେପ ଜରିଆରେ ବନ୍ଦ କରି ଦିଆଯାଇଥିଲା। ଝିଅ ଅବସ୍ଥା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପରେ ମୁମୂର୍ଷୁ ଅବସ୍ଥାରେ ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ନାବାଳିକାଙ୍କ ଅବସ୍ଥା ଗୁରୁତର ରହିଛି। ଅପହୃତାଙ୍କ ଜଣେ ସମ୍ପର୍କୀୟ କାକା ଗଣମାଧ୍ୟମକୁ ସୂଚନା ଦେଇ ନାବାଳିକା ଅପହରଣ ପଛରେ ପୂର୍ବଶତ୍ରୁତା ବିଶେଷକରି ପଞ୍ଚାୟତ ନିର୍ବାଚନ ସମୟର ରାଗ ଥାଇପାରେ ବୋଲି ସନ୍ଦେହ ପ୍ରକଟ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଗାଁରେ ୧୪ଟି ପରିବାରକୁ ବାସନ୍ଦ କରାଯାଇଥିଲା। ଏହି ବିବାଦକୁ ନେଇ ଅପରପକ୍ଷର ଲୋକେ ଏପରି କାଣ୍ଡ ଘଟାଇ ଥାଇପାରନ୍ତି ବୋଲି କହିଛନ୍ତି। ଏ ଦିଗରେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କୁ ପଚାରିବାରୁ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି ବୋଲି କହିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଏହି ଘଟଣାରେ ପୋଲିସ ୪ଜଣ ଯୁବକଙ୍କୁ ପଚରାଉଚରା କରୁଥିବା ଜଣାପଡିଛି।

## ଟାଙ୍ଗିଆରେ ହାଣି ହତ୍ୟା: ୫ ଅଟକ

ଦେବଗଡ଼, ୨୩।୮(ଡି.ଏନ୍.ଏ.)

ଦେବଗଡ଼ ଜିଲା ସଦର ଥାନା ଅନ୍ତର୍ଗତ କାଲକାଠ ଗ୍ରାମ କିଷାନସାହିରେ ସୋମବାର ରାତିରେ ହୃଦାନନ୍ଦ କିଷାନଙ୍କୁ ଅଜଣା ବ୍ୟକ୍ତି ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ହୃଦାନନ୍ଦଙ୍କ ପୁଅ ମିଟୁଙ୍କ ଏତଲା ଆଧାରରେ ମଙ୍ଗଳବାର ସକାଳେ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ତଦନ୍ତ ଆରମ୍ଭ କରିବା ସହ ରକ୍ତ ଲାଗିଥିବା ଏକ ଟାଙ୍ଗିଆ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ହୋଇଥିବାବେଳେ କିଏ ଏବଂ କାହିଁକି ତାଙ୍କୁ ହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ତେବେ ନିଜର ଘର ମଧ୍ୟରୁ ହୃଦାନନ୍ଦଙ୍କ ରକ୍ତାକ୍ତ ମୃତଦେହ ମିଳିଥିବାରୁ ଏଥିରେ ପରିବାର ଲୋକଙ୍କର ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ପୋଲିସ ସନ୍ଦେହରେ ୫ଜଣଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ହୃଦାନନ୍ଦଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଦେବଗଡ଼ ଏସ୍‌ପି. ପ୍ରମୋଦ କୁମାର ରଥ ଘଟଣାସ୍ଥଳକୁ ଯାଇ ତଦନ୍ତ ପ୍ରକ୍ରିୟାକୁ ତଦାରଖ କରିଥିଲେ।

## ଦଶମ ଶ୍ରେଣୀ ଛାତ୍ରଙ୍କୁ ଖଣ୍ଡା ଚୋଟ

ଖୋର୍ଦ୍ଧା ଅଫିସ,୨୩।୮

ଖୋର୍ଦ୍ଧା ସଦର ଥାନା ଅଧୀନ ଅଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ରାତିରେ ଟ୍ୟୁଶନରୁ ଫେରୁଥିବା ବେଳେ ୧୦ମ ଶ୍ରେଣୀ ଛାତ୍ରଙ୍କୁ କେହି ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଆହତ ଛାତ୍ର ହେଲେ ଏହି ଗ୍ରାମର ପ୍ରଭାତ ଜେନା(୧୫)। ତାଙ୍କ ପିଠିରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ନିକଟ ଗ୍ରାମର ଦୁଇ ଜଣ ଯୁବକ ଗତ କିଛି ଦିନ ହେବ ପ୍ରଭାତ ଏବଂ ତାଙ୍କ ସାଙ୍ଗଙ୍କୁ ଝିଅମାନଙ୍କ ସମ୍ପର୍କରେ ପଚାରିବା ସହ ମୋବାଇଲ ନମ୍ବର ମାଗୁଥିଲେ। ତେବେ ପ୍ରଭାତ ଓ ତାଙ୍କ ସାଙ୍ଗମାନେ ସେମାନଙ୍କ କଥାକୁ ଶୁଣିନଥିଲେ। ମଙ୍ଗଳବାର ସକାଳେ ସମ୍ପୃକ୍ତ ଯୁବକ ଦ୍ୱୟ ବାଇକରେ ଆସି ଗ୍ରାମରେ ବୁଲୁଥିଲେ। ସନ୍ଧ୍ୟାରେ ପ୍ରଭାତ ସାଙ୍ଗମାନଙ୍କ ସହ ଟ୍ୟୁସନ ସାରି ଘରକୁ ଫେରୁଥିଲେ। ଏହି ସମୟରେ ୩ ଜଣ ବାଇକରେ ଆସି ପ୍ରଭାତଙ୍କ ପିଠିକୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଓ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

# ବନ୍ୟାଞ୍ଚଳରେ ଜନ୍ମ ହୋଇଛନ୍ତି ୨୫୫ ଶିଶୁ

ଭୁବନେଶ୍ୱର, ୨୩।୮(ବ୍ୟୁରୋ)- ରାଜ୍ୟର ୧୩ ଜିଲା ଏବେ ବନ୍ୟା ପ୍ରଭାବିତ ହୋଇଛି। କେଉଁଠି ଘରେ ପାଣି ପଶିଛି ତ ଆଉ କେଉଁଠାରେ ପୂରା ଗାଁ ଜଳଘେରରେ ରହିଛି। ସେହିପରି ବହୁ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏପରି ସ୍ଥିତିରେ ଗର୍ଭବତୀଙ୍କୁ ସୁରକ୍ଷା ଦେବା ରାଜ୍ୟ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। ଏଥର ବନ୍ୟା ସମୟରେ ବିଭିନ୍ନ ଆଶ୍ରୟସ୍ଥଳୀକୁ ୫୮୨ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ୨୫୫ଜଣ ଶିଶୁ ଜନ୍ମ ହୋଇଥିବା ଜଣାପଡ଼ିଛି।

ପରିବାର କଲ୍ୟାଣ ବିଭାଗ ସୂଚନାନୁସାରେ, ଏହି ବନ୍ୟାରେ ୨୫୫ଜଣ ଶିଶୁ ଜନ୍ମ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୩୦ ଜଣ ଶିଶୁକନ୍ୟା ଥିବା ବେଳେ ୧୨୫ଜଣ ଶିଶୁପୁତ୍ର ରହିଛନ୍ତି। ତେବେ ପୁରୀ ଜିଲାର କଣାସ, ଡେଲାଙ୍ଗ ଓ ପିପିଲି ବ୍ଲକରେ ସର୍ବାଧିକ ୫୯ ଶିଶୁ ଜନ୍ମ ହୋଇଛନ୍ତି। କଣାସ ବ୍ଲକରୁ ୭୪, ଡେଲାଙ୍ଗରୁ ୧୨ ଓ ପିପିଲିରୁ ୧୩ ଜଣ ଗର୍ଭବତୀ ଉଦ୍ଧାର ହୋଇଥିଲେ। ବହୁ ବାଧାବିଘ୍ନକୁ ସାମ୍ନା କରି ପାଣିଘେରରୁ ଡଙ୍ଗା ସାହାଯ୍ୟରେ ଶିଶୁ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ ଏବଂ ଆଶାକର୍ମୀମାନେ ଏମାନଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳରେ ରଖିଥିଲେ। ଇନ୍‌ଷ୍ଟିଚ୍ୟୁଶନାଲ ଡେଲିଭରି ଅର୍ଥାତ୍ ହସ୍ପିଟାଲରେ ପ୍ରସବ କରାଇବା ଉପରେ ରାଜ୍ୟ ସରକାର ବାରମ୍ବାର ଗୁରୁତ୍ୱ ଦେଇଆସୁଛନ୍ତି। ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ଏହା ଜରୁରୀ। କିନ୍ତୁ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଏହି ସେବା ଯୋଗାଇବା ସରକାରଙ୍କ ପକ୍ଷେ ଏକ ଆହ୍ୱାନ ହେଉଛି। ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ଉଦ୍ୟମ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଦୁର୍ଦ୍ଦଶା ବେଳେ ...

ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ସୁନ୍ଦରଗଡ଼, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଢେଙ୍କାନାଳ, କଟକ, ପୁରୀ, ଗଞ୍ଜାମ, ଗଜପତି ଏବଂ ଖୋର୍ଦ୍ଧା ଜିଲାରେ ପ୍ରବଳ ବର୍ଷା ହୋଇପାରେ। ୨୫ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଏବଂ ଦେବଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା ରହିଛି। ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ କେନ୍ଦୁଝର, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ସୋନପୁର, କଳାହାଣ୍ଡି, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର ଏବଂ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ସୁବର୍ଣ୍ଣରେଖାର ବନ୍ୟା ଧୀରେ ଧୀରେ କମୁଥିବା ବେଳେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ନଦୀ ପାଖ ଓ ତଳିଆ ଅଞ୍ଚଳରେ ସ୍ଥିତି ଅତି ଭୟଙ୍କର ହୋଇଥିବା ବେଳେ ତିନି ଓଳି ପେଟ ପୁରା ଖାଦ୍ୟ ନିଅଣ୍ଟ ହୋଇଛି। ସହସ୍ରାଧିକ ବିପନ୍ନଙ୍କୁ ବିଭିନ୍ନ ସ୍କୁଲ ଗୃହ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇ ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ପାଣି ଘେରରେ ଥିବା ଗୋବାଦୀ ପଶୁଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ନଦୀତଟ ଆରୁହାବୃତ୍ତି, କୁମ୍ଭୀରଗଡ଼ି, ଗବାଁ, କୁଶୁଡ଼ା, ପୁଟିଣା, କୁଳିଦା, ଦାହୁଦା ପଞ୍ଚାୟତର ବହୁଗ୍ରାମ ବିପନ୍ନଙ୍କ ଅବସ୍ଥା ଦୁର୍ବିଷହ ହୋଇପଡ଼ିଛି। ବନ୍ୟାର ୩ଦିନ ବିତିଥିଲେ ମଧ୍ୟ ବିପନ୍ନଙ୍କର ନିଦ ହଜଯାଇଛି। ଲକ୍ଷାଧିକ ବିପନ୍ନଙ୍କ ଘରେ ୩ ଫୁଟ୍‌ରୁ ଉର୍ଦ୍ଧ୍ୱ ପାଣି ଜମି ରହିଥିବାରୁ ରୋଷେଇ କରି ଖାଇବା ଏକପ୍ରକାର ବନ୍ଦ ହୋଇଛି। ମଙ୍ଗଳବାର ଜିଲା ପ୍ରଶାସନ ବନ୍ୟା ଘେରରେ ଥିବା ଲୋକଙ୍କ ଅବସ୍ଥା ସମ୍ପର୍କରେ ବ୍ଲକ ପ୍ରଶାସନ ସହିତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା ଓ ପର୍ଯ୍ୟାଲୋଚନା କରିଛନ୍ତି। ବିପନ୍ନମାନେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ଡଙ୍ଗା ଓ କଦଳୀଭେଳାର ସାହାଯ୍ୟ ନେଉଛନ୍ତି।

ମଙ୍ଗଳବାର ପ୍ରଦେଶ କଂଗ୍ରେସର ସଭାପତି ଶରତ ପଟ୍ଟନାୟକଙ୍କ ସହ ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ମଣ୍ଡଳୀର ସଦସ୍ୟ ସତ୍ୟଶିବ ଦାସ, ଭୋଗରାଇ କଂଗ୍ରେସ ଶାଖାର ସଭାପତି ଆଶିଷ କୁମାର ପାତ୍ର, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ବନ୍ୟା ଅଞ୍ଚଳ ପରିଦର୍ଶନ କରି ବନ୍ୟା ମୁକାବିଲାରେ ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ ବୋଲି ଅଭିଯୋଗ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ବିପନ୍ନଙ୍କ ଘରେ ଖାଦ୍ୟ ସାମଗ୍ରୀ, ବିଶୁଦ୍ଧ ପାନୀୟଜଳ, ଔଷଧପତ୍ର, ଗୋଖାଦ୍ୟ ଯୋଗାଇ ଦେବାକୁ ସରକାରଙ୍କଠାରେ ଦାବି କରିଛନ୍ତି।

### ଏନଡିଟିଭିର ଅଂଶଧନ...

ଏଣ୍ଟର ପ୍ରାଇଜେସ୍ ଲିମିଟେଡ୍ ସହ ଭିସିପିଏଲ ଏନଡିଟିଭିରେ ୨୬% ଅଂଶଧନ କିଣିବା ପାଇଁ ଏକ ଖୋଲା ଅଫର ଲଞ୍ଚ କରିବେ। ସେବିର ୨୦୧୧ ନିୟମ ପାଳନ ପାଇଁ ଏପରି କରାଯିବ। ସେହିଭଳି ତିନି କମ୍ପାନୀ ଏନଡିଟିଭିର ଶେୟାରକୁ ସାର୍ବଜନୀନ ଅଂଶଧାରୀଙ୍କଠୁ କିଣିବା ପାଇଁ ଶେୟାର ପିଛା ୨୯୪ ଟଙ୍କା ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଏଏମଜି ମିଡିଆ ନେଟୱର୍କ ଲିମିଟେଡ୍ ଅଦାନୀ ଗ୍ରୁପର ମିଡିଆ କମ୍ପାନୀ ହୋଇଥିବାବେଳେ ଆରଆରଆରଆର ଏନଡିଟିଭିର ପ୍ରମୋଟର ଗ୍ରୁପ କମ୍ପାନୀ। ଏହି କମ୍ପାନୀ ନିକଟରେ ଏନଡିଟିଭିର ୨୯.୧୮% ଅଂଶଧନ ରହିଛି। ବର୍ତ୍ତମାନ ଏଏମଏନଏଲ ଏବଂ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ସହିତ ଭିସିପିଏଲ ଏନଡିଟିଭିରେ ୨୬% ଅଂଶଧନ କିଣିବା ପାଇଁ ଏକ ଖୋଲା ଅଫର ଲଞ୍ଚ କରିବେ। ଶିଳ୍ପପତି ଗୌତମ ଅଦାନୀ ଭାରତର ପ୍ରମୁଖ ଗଣମାଧ୍ୟମ ସଂସ୍ଥା ଏନଡିଟିଭିର ପ୍ରମୁଖ ଅଂଶଧନ କ୍ରୟ ସହ ନିବେଶ କରିବେ ବୋଲି ଜଣାପଡିଛି।

### ଜେଲ ଫେରିପାରନ୍ତି ...

ପରେ ଗୋଧ୍ରାରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାର ନିଆଁ ସାରା ରାଜ୍ୟକୁ ବ୍ୟାପିଥିଲା। ସେତେବେଳେ ୫ ମାସର ଗର୍ଭବତୀ ଥିବା ୨୧ ବର୍ଷୀୟା ବିଲ୍‌କିସ୍ ୟାକୁବ୍ ରସୁଲଙ୍କ ପରିବାରର ୭ ସଦସ୍ୟଙ୍କ ସମେତ ୧୭ ଜଣ ମାର୍ଚ୍ଚ ୩ରେ ଏକ ଟ୍ରକ୍‌ରେ ସୁରକ୍ଷିତ ସ୍ଥାନକୁ ଯାଉଥିବାବେଳେ ଦଙ୍ଗାକାରୀମାନେ ଆକ୍ରମଣ କରିଥିଲେ। ସେମାନେ ବିଲ୍‌କିସ୍‌ଙ୍କୁ ବଳାତ୍କାର କରିବା ସହ ୧୪ ଜଣଙ୍କୁ ହତ୍ୟା କରିଥିଲେ। ୨୦୦୪ ଜାନୁୟାରୀରେ ସିବିଆଇ ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଗତ ଅଗଷ୍ଟ ୧୫ରେ ସ୍ୱାଧୀନତାର ୭୫ତମ ବର୍ଷପୂର୍ତ୍ତି ଅବସରରେ ରାଜ୍ୟ ସରକାର ଦୋଷୀ ସାବ୍ୟସ୍ତ ହୋଇଥିବା ଯଶୱନ୍ତ ନାଇ, ଗୋବିନ୍ଦ ନାଇ, ଶୈଳେଶ ଭଟ୍ଟ, ରାଧେଶ୍ୟାମ ଭଗବାନ ଦାଶ ଶାହା, ବିପିନ ଚନ୍ଦ୍ର ଜୋଷୀ, କେଶରଭାଇ ବୋହାନିଆ, ପ୍ରଦୀପ ମୋଢ଼ଡ଼ିଆ, ବାକାଭାଇ ବୋହନିଆ, ରାଜୁଭାଇ ସୋନି, ମିତେଶ ଭଟ୍ଟ ଓ ରମେଶ ଚାନ୍ଦନାଙ୍କୁ ମୁକ୍ତ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ଉଠିଥିବା ବିବାଦ ଘନେଇବାରେ ଲାଗିଥିବାବେଳେ ଗୁଜରାଟ ସରକାରଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ବିଚାର କରିବାକୁ ସହମତି ପ୍ରକାଶ କରିଛନ୍ତି। ସର୍ବୋଚ୍ଚ ଅଦାଲତ ଏହାର ସମୀକ୍ଷା କଲେ ଉପରୋକ୍ତ ୧୧ ଦୋଷୀ ପୁଣି ଜେଲକୁ ଫେରିପାରନ୍ତି ବୋଲି କୁହାଯାଉଛି।

### କାନ୍ଥ ଭୁଶୁଡ଼ି ଭଉଣୀ, ...

ଏଭଳି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ରାଜମିସ୍ତ୍ରି ଭାବେ କାମ କରୁଥିବା ଗଣେଶଙ୍କ ସ୍ତ୍ରୀ ତୁଳସୀ ତାଙ୍କ ୨ବର୍ଷର ପୁଅ ଭୋଳାଶଙ୍କର ସହ ଘରର ଗୋଟିଏ ପାର୍ଶ୍ୱରେ ଶୋଇଥିବା ବେଳେ ଅନ୍ୟ ଏକ ପାର୍ଶ୍ୱରେ ଯଶୋଦା ଓ ଜ୍ୟୋତିଶଙ୍କର ଶୋଇଥିଲେ। ଏହି ସମୟରେ ହଠାତ୍ ତାଙ୍କ ମାଟି ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଜ୍ୟୋତିଶଙ୍କର ଓ ଯଶୋଦା କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ତୁଳସୀଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଆସି ଭଉଣୀ, ଭାଇଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନା ନେଇଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଯଶୋଦା ୫ମ ଶ୍ରେଣୀରେ ପଢୁଥିଲେ। ଖବର ପାଇ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଡାକ୍ତରଖାନାରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏ ନେଇ ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୨/୨୨) ରୁଜୁ ହୋଇଛି।

### ବନ୍ୟପ୍ରାଣୀ ବ୍ଲଗର...

ବନବିଭାଗ ଆଇନ ଅନୁଯାୟୀ ତାଙ୍କୁ କୋର୍ଟ ଚାଲାଣ କରାଯିବ। ତାଙ୍କ ପାଖରୁ ଜବତ ୬ଟି ସାପ ମଧ୍ୟରୁ ୩ଟି କୋବ୍ରା ଅଛନ୍ତି। ଏହି ବିଷଧର ସାପଠାରୁ ବିଷ ବାହାର କରି ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ମଧ୍ୟ ବନବିଭାଗ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ରାମଚନ୍ଦ୍ରଙ୍କଠାରୁ ଉଦ୍ଧାର ହୋଇଥିବା ବନ୍ୟପ୍ରାଣୀଙ୍କୁ ଜଙ୍ଗଲରେ ଛାଡ଼ିଦିଆଯିବ ବୋଲି ରେଞ୍ଜର ଭଟ୍ଟ କହିଥିଲେ।


## "e" PROCUREMENT NOTICE
## JAJPUR MUNICIPALITY, JAJPUR
**Tender Call Notice No. 2981 / Date: 20.08.2022**

No. C-1041: Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Name of Work | : | Road, Building & Electrical |
| 2. | No. of Works | : | 40 (Forty) Nos. |
| 3. | Bid Value | : | Rs.44562/- to Rs.1785714/- |
| 4. | Bid Id | : | JM-01/2022-23 |
| 5. | Tender Id | : | 2022_ORULB 80621_01 to 2022_ORULB 80621_40 |
| 6. | Period of Completion | : | 15 days to 60 days |
| 7. | Date of availability of Bid document in the portal | : | From 11.00 A.M. of Dt.23.08.2022 to 05.09.2022 upto 5.00 P.M. |
| 8. | Last date for receipt of Bid in portal | : | Dt.05.09.2022 upto 5.00 P.M. |
| 9. | Bids received online shall be Opened on | : | Dt.09.09.2022 at 11.00 A.M. |
| 10. | Name & address of the Officer Inviting Bid | : | Executive Officer, Jajpur Municipality |

All other terms and conditions are available in the DTCN & BOQ uploaded in the above website.

**Sd./- Executive Officer, Jajpur Municipality**
**OIPR-13171/11/0010/2223**

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

## INVITATIONS FOR BIDS (IFB)
File No. B-I-Home-36/2022 Lr. No. 31469 Dt. 17th Aug. 2022

No. B-495 **Invitation for Bids**

**Bid Identification No. OSD C.E. (B) - 18/2022-23**

| | | | |
|---|---|---|---|
| 1. | The OSD Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works **"Consruction of Court Building, Bhanjanagar" amounting to Rs.19,26,00,000/- (Approximate)** as detailed below. | | |
| 2. | Nature of Work | : | Building work |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From Dt.30.08.2022 to 17.00 hours of Dt.19.09.2022. |
| 7. | Date of opening of Bids | : | Dt.20.09.2022 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- OSD Chief Engineer (Buildings)**
**Odisha, Bhubaneswar**
**OIPR-34117/11/0044/2223**

## SHRI JAGANNATH SANSKRIT UNIVERSITY, SHRI VIHAR, PURI
## NOTIFICATION
**No. Exam. 1789/2022/S.J.S.U., Puri Date: 22.08.2022**

Keeping in view the severe flood situation prevailing in the State, the Upashastri Instant Examination 2022, scheduled to be conducted on 25.08.2022 is hereby postponed and re-scheduled to be conducted on Dt.06.09.2022 (Tuesday) from 10.00 A.M. to 1.00 P.M.

The list of examination centres for the instant examination shall be notified in the University website: **www.sjsv.nic.in** on 03.09.2022.

**By order of the Vice-Chancellor**
**Sd./- Controller of Examinations**

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## N.H. DIVISION, KESINGA
e-mail ID: eenh.ksng@gmail.com

**Bid Identification No. 03/EENH/KSNG/2022-2023**

No. b-10: The Executive Engineer, NH Division, Kesinga on behalf of Governor of Odisha invites percentage rate bids in **Double/Single Cover System** to be received in online mode only for Drain Work.

| | | | |
|---|---|---|---|
| 1. | No. of work | : | 02 Nos. |
| 2. | Nature of work | : | Safety and Drain Work |
| 3. | Class of Contractor | : | B & C |
| 4. | Approximate value of work | : | Rs.94,76,965/- and 12,24,686/- |
| 5. | Tender Cost | : | Rs.10,000/- and Rs.6,000/- |
| 6. | Available of Bid documents Online | : | From 11.00 hours of 29.08.2022 to 17.00 hours of 12.09.2022 |
| 7. | Date of Opening of Bid in Online | : | 11.30 hours on Dt.13.09.2022 |

8. Other details can be seen in the bidding documents from the e-procurement portal **"https://tendersodisha.gov.in"**.
9. Any Corrigendum/Addendum will be displayed in the above e-procurement portal.

**Sd./- Executive Engineer, NH Division, Kesinga**
**OIPR-34018/11/0001/2223**

## OFFICE OF THE DIVISIONAL FOREST OFFICER, PURI WILDLIFE DIVISION,
## CHAKRATIRTHA ROAD, PURI - 752002.
## E-Mail:-dfo.puriwl@odisha.gov.in
## Tel-06752-228281.

**SHORT TENDER CALL NOTICE FOR DISPOSAL OF CASHEW NUT LOTS FOR THE CROP YEAR-2022 OF BALUKHAND- KONARK WILDLIFE SANCTUARY OF PURI WILDLIFE DIVISION**

**No.MM-127:** Sealed tenders in the prescribed format are invited from the interested purchasers for sale of cashew nut lot No.-05,07 of Balukhanda Wildlife Range & cashew nut lot.No.21,26,29 of Konark Wildlife Range for the crop year 2022 of Balukhanda-Konark Wildlife Sanctuary in Puri Wildlife Division "as is in where basis is. The Tender papers can be obtained during office hours from 24/08/22 onwards on payment of Rs. 300/- in the office of the Divisional Forest Office, Puri Wildlife Division. Tender forms shall be submitted by the registered Post/Speed Post/Courier Service/Direct in a sealed cover addressed to "The Divisional Forest Officer, Puri Wildlife Division, Chakratirtha Road, Puri- 752002" on or before 3.00 PM of 6/09/22.The opening of tender papers of Cashew Nut Lots will be held in the office of the Balukhanda WL Range on 07/09/22 at 11 A.M.

**N.B.** The undersigned reserves the right to accept or reject any or all tenders or to postpone the sale without assigning any reason thereof.

**Sd./-Divisional Forest Officer, Puri Wildlife Division,Puri**
**OIPR-08140/11/0009/2223**

# କୃଷିର ଉତ୍କର୍ଷ ଲାଗି...



ପ୍ର. ପ୍ରଶନ୍ନଜିତ୍ ମିଶ୍ର



ଆମ ରାଜ୍ୟର ପ୍ରାୟ ୮୩ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି। ଏମାନଙ୍କ ଜୀବନ ଜୀବିକାର ମାନ ଉନ୍ନତ କରିବା ତଥା ଗ୍ରାମ୍ୟ ଅର୍ଥନୀତିର ବିକାଶ ଲାଗି କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅତ୍ୟାଧୁନିକ ଜ୍ଞାନକୌଶଳକୁ କୃଷକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗବେଷଣାଲବ୍ଧ ଜ୍ଞାନକୌଶଳକୁ କୃଷକଙ୍କ ନିକଟରେ ପହଞ୍ଚାଇବା ଲାଗି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ବହୁବିଧ ସମ୍ପ୍ରସାରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କୃଷକଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନା କରି ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇ ତଦନୁଯାୟୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଉଛି। ବିଶ୍ୱବିଦ୍ୟାଳୟ ଅଧୀନରେ ରାଜ୍ୟର ୨୮ ଜିଲାରେ ରହିଥିବା ୩୧ କୃଷି ବିଜ୍ଞାନ କେନ୍ଦ୍ର ଏହି କାର୍ଯ୍ୟକୁ ଆଗେଇ ନେଉଛନ୍ତି। ଏଥିସହିତ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ରହିଥିବା ବ୍ଲକ୍ ସମ୍ପ୍ରସାରଣ ଯୋଜନା, ସୂଚନା ବିଭାଗ, ଦୂରଶିକ୍ଷା କାର୍ଯ୍ୟକ୍ରମ, ଭିଡିଓ ପ୍ରକଳ୍ପ, କୃଷି ବୈଷୟିକ ସୂଚନା କେନ୍ଦ୍ର ଆଦି ମାଧ୍ୟମରେ କୃଷି ଓ ଆନୁଷଙ୍ଗିକ ବିଷୟରେ ଜ୍ଞାନକୌଶଳ କୃଷକଙ୍କ ନିକଟରେ ନିରନ୍ତର ପହଞ୍ଚା ଯାଇପାରୁଛି। ବିଭିନ୍ନ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ସାଧାରଣତଃ ଜିଲା ସ୍ତରୀୟ ମାସିକ ବୈଜ୍ଞାନିକ-କୃଷି ସମ୍ପ୍ରସାରଣ ଅଧିକାରୀ ବୈଠକର ନିଷ୍କର୍ଷ, ଚାଷୀମାନଙ୍କ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଆଲୋଚନା, କ୍ଷେତ୍ର ପ୍ରଦର୍ଶନୀ ଏବଂ କ୍ଷେତ୍ର ପରିଦର୍ଶନ ଅନୁଭୂତିକୁ ଭିତ୍ତି କରି ଚାଷୀମାନେ ସମ୍ମୁଖୀନ ହେଉଥିବା କୃଷି ଓ ଆନୁଷଙ୍ଗିକ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୁଅନ୍ତି। ଆଜିକାଲି ସମୟର ଆବଶ୍ୟକତାକୁ ନଜରରେ ରଖି ସମ୍ପ୍ରସାରଣ କ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରାଯାଉଛି। ସୂଚନା ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର କରାଯାଇ ଏସ୍.ଏମ୍.ଏସ୍., ହ୍ୱାଟ୍ସଆପ୍, କ୍ଷୁଦ୍ର ଭିଡିଓ, ବିଭିନ୍ନ ଆପ୍, ୱେବ୍ ସାଇଟ୍ ଓ ଭିଡିଓ କନ୍ଫରେନ୍ସିଂ ଜରିଆରେ ଚାଷୀମାନଙ୍କ ସହିତ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ କରାଯାଉଛି। ଏସବୁ ମାଧ୍ୟମରେ ବିଭିନ୍ନ ଫସଲର ଚାଷ ପଦ୍ଧତି, ପାଣିପାଗ ଆଧାରିତ କୃଷି ପରାମର୍ଶ, ଆପଦକାଳୀନ କୃଷି ସୂଚନା ଓ ବଜାର ଖବର ଆଦି ବିଭିନ୍ନ ସୂଚନା କୃଷକଙ୍କ ନିକଟକୁ ପଠାଯାଇ ସେମାନଙ୍କ ଆୟ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି।



ବିଗତ ୨୦୨୧-୨୨ ବର୍ଷରେ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ଦ୍ୱାରା ୧୫୪୧ ତାଲିମ ମାଧ୍ୟମରେ ୪୧୦୬୨ କୃଷକ, କୃଷିଜୀବୀ ମହିଳା, ଗ୍ରାମାଞ୍ଚଳର ଯୁବତୀଯୁବକ ଓ ସଂପ୍ରସାରଣ କର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିସହିତ ୫୮୧୯ଜଣ କୃଷକ ଓ କୃଷିଜୀବୀ ମହିଳାଙ୍କୁ ସାମିଲ କରି ୫୩୪ଟି କ୍ଷେତ୍ର ପ୍ରଦର୍ଶନୀ କରାଯାଇଛି। ଏହାଛଡ଼ା ୨୦୧୭ କୃଷକ ଓ କୃଷିଜୀବୀ ମହିଳାଙ୍କୁ ସମ୍ପୃକ୍ତ କରି ୨୫୧ କୃଷକ କ୍ଷେତ୍ର ଗବେଷଣା କାର୍ଯ୍ୟ ସମ୍ପନ୍ନ ହୋଇଛି।

ଚଳିତବର୍ଷ ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ରମାନ ସ୍ୱତନ୍ତ୍ର ଭାବେ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ ପ୍ରତ୍ୟେକ କୃଷି ବିଜ୍ଞାନ କେନ୍ଦ୍ର ୫ଟି ପୋଷ୍ୟ ଗ୍ରାମରେ କୃଷି କର୍ମ ଭିତ୍ତିକ ବିଭିନ୍ନ ମଡ୍ୟୁଲ ଅନୁସରଣ କରୁଛନ୍ତି। ଏହା ମାଧ୍ୟମରେ ଫସଲ ଚାଷ ସହିତ ଉଦ୍ୟାନ କୃଷି, ଗୋପାଳନ, କୁକୁଡ଼ା ପାଳନ, ଛତୁଚାଷ, ମହୁମାଛି ପାଳନ, ମାଛଚାଷ ଆଦିର ସମନ୍ୱୟ କରାଯାଇ କୃଷି କ୍ଷେତ୍ରରୁ ଆୟ ବୃଦ୍ଧି ନିମନ୍ତେ ଉଦ୍ୟମ କରାଯାଉଛି। ବର୍ତ୍ତମାନ 'ଓୟୁଏଟି-କଳିଙ୍ଗା' ମୋହର ଥାଇ ଚାଷୀ ଭାଇଭଉଣୀମାନେ ଓୟୁଏଟିରୁ ଉତ୍ପାଦିତ ବିହନ ଓ ଅନ୍ୟାନ୍ୟ ଉତ୍ପାଦନ ସାମଗ୍ରୀ ପାଇପାରିବେ। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ନୂତନ କୃଷି ଉଦ୍ୟୋଗୀ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। ରାଜ୍ୟରେ ଛତୁ ଚାଷର ପ୍ରସାର ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ଉଦ୍ୟମ ପ୍ରଣିଧାନଯୋଗ୍ୟ। କୃଷି ବିଜ୍ଞାନ କେନ୍ଦ୍ରର ବଳିଷ୍ଠ ଉଦ୍ୟମ ଫଳରେ ଛତୁଚାଷ, ମହୁମାଛି ଓ କୁକୁଡ଼ା ପାଳନ କ୍ଷେତ୍ରରେ ଅନେକ ଉଦ୍ୟୋଗୀ ସୃଷ୍ଟି ହୋଇଛନ୍ତି।

ଏହାବ୍ୟତୀତ ଗ୍ରାମାଞ୍ଚଳର ଯୁବତୀ ଯୁବକଙ୍କୁ କୃଷି କ୍ଷେତ୍ର ପ୍ରତି ଆକୃଷ୍ଟ କରିବା ନିମନ୍ତେ ଚାରୋଟି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ 'ଆର୍ଯ୍ୟା' ନାମରେ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କ୍ଷୁଦ୍ର କୃଷି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଯୁବତୀଯୁବକଙ୍କୁ ଆବଶ୍ୟକୀୟ ଜ୍ଞାନକୌଶଳ ଯୋଗାଇ ଦିଆଯାଉଛି। କୃଷକଙ୍କ ଭାଗୀଦାରିତାରେ ଗବେଷଣା କାର୍ଯ୍ୟ କରିବା ନିମନ୍ତେ ଖୋର୍ଦ୍ଧା ଜିଲାରେ 'ଫାର୍ମର ଫାଷ୍ଟ' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ନିମନ୍ତେ ଜଳବାୟୁ ସ୍ଥିତିସ୍ଥାପକ ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ନରୱେ ସରକାରଙ୍କ ସହାୟତାରେ ଗଞ୍ଜାମ ଜିଲାରେ 'RESILIENCE' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପରିବର୍ତ୍ତିତ ଜଳବାୟୁକୁ ଖାପ ଖୁଆଇଲା ପରି କୃଷି ପଦ୍ଧତିକୁ ବହୁଳ ଭାବରେ ଅନୁସରଣ କରିବା ପାଇଁ ୯ଟି କୃଷି ବିଜ୍ଞାନ କେନ୍ଦ୍ରରେ 'NICRA' ପ୍ରକଳ୍ପ କାର୍ଯ୍ୟ କରି ଆସୁଅଛି। ଓଡ଼ିଶାରେ ବ୍ଲକ୍ ସ୍ତରୀୟ ପାଣିପାଗ ଭିତ୍ତିକ କୃଷିସୂଚନାର ବିକାଶ ଓ ପ୍ରସାର କରିବା ପାଇଁ ପର୍ଯ୍ୟାୟ କ୍ରମେ ୨୧ଟି କୃଷି ବିଜ୍ଞାନ କେନ୍ଦ୍ରରେ ଜିଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷିସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଗ୍ରାମାଞ୍ଚଳରେ ଥିବା ବେକାରୀ ଯୁବତୀ ଯୁବକଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ଭିତରୁ କେତେଜଣଙ୍କୁ କୃଷି ଜ୍ଞାନ ପ୍ରସାର ପାଇଁ ପ୍ରବର୍ତ୍ତକ ହିସାବରେ ପ୍ରସ୍ତୁତ କରିବା ଏବଂ କୃଷି ସଂପ୍ରସାରଣ ପାଇଁ ଆପ୍ ପ୍ରସ୍ତୁତ କରିବା ନେଇ ୫ଟି କୃଷି ବିଜ୍ଞାନ କେନ୍ଦ୍ରରେ DST ତରଫରୁ 'Biotech-KISHAN' ପ୍ରକଳ୍ପ କାମ କରୁଛି। ଏହା ବ୍ୟତୀତ କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ୯ଟି ଜନଜାତି ବହୁଳ ଜିଲାରେ ସ୍ୱତନ୍ତ୍ର ପ୍ରକଳ୍ପ ଏବଂ ୪ଟି ଜିଲାରେ ପ୍ରବାସୀ ଓଡ଼ିଆ ଯୁବତୀ ଯୁବକ ରୋଜଗାର ବୃଦ୍ଧି ପାଇଁ ଏକଜଣ ମାଧ୍ୟମରେ ଦକ୍ଷତା ବୃଦ୍ଧି ଲାଗି ପ୍ରଶିକ୍ଷଣ ଦିଆଯାଉଛି। ଓଡ଼ିଶା ମିଶନ୍ ଶକ୍ତି ନିର୍ଦ୍ଦେଶାଳୟର ଆର୍ଥିକ ସହାୟତାରେ ୧୨ଟି କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ମଧ ପ୍ରାୟ ୨୫୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୦୦୦ ସଭ୍ୟାଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ ହେବାର ବାଟ ଦେଖାଯାଇଛି।

ମାଟିର ସ୍ୱାସ୍ଥ୍ୟରକ୍ଷା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକରେ ମାଟି ପରୀକ୍ଷା କରି କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏହାଛଡ଼ା ଚିରନ୍ତନ କୃଷି ପାଇଁ ପରମ୍ପରାଗତ କୃଷି ବିକାଶ ଯୋଜନା (PKVY) ମାଧ୍ୟମରେ ଜୈବିକ କୃଷି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି।

କୃଷି କ୍ଷେତ୍ରରେ କାର୍ଯ୍ୟରତ ବୈଜ୍ଞାନିକ ଓ ସମ୍ପ୍ରସାରଣ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ନିମନ୍ତେ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତି ମାସରେ କୃଷି ବିଜ୍ଞାନ କେନ୍ଦ୍ରମାନଙ୍କରେ ବୈଠକ ଆୟୋଜିତ ହୋଇ ବିଶ୍ୱବିଦ୍ୟାଳୟ ଓ ଭାରତୀୟ କୃଷି ଗବେଷଣା ପରିଷଦର ସ୍ଥାନୀୟ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମ୍ପ୍ରସାରଣ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କରାଯାଉଛି। ଏହାଦ୍ୱାରା ତାତ୍କାଳିକ ଭିତ୍ତିରେ କୃଷକଙ୍କ ସମସ୍ୟାର ସମାଧାନ ହେବା ସହିତ ନୂତନ ଜ୍ଞାନକୌଶଳ ବିଷୟରେ ଆଲୋଚନା କରାଯାଉଛି। ପ୍ରତ୍ୟେକ କୃଷି ବିଜ୍ଞାନ କେନ୍ଦ୍ରରେ ୬-୭ ଜଣ ବୈଜ୍ଞାନିକ କାର୍ଯ୍ୟରତ ଏବଂ କୃଷି ଓ ଆନୁଷଙ୍ଗିକ ବିଷୟରେ ଚାଷୀ ଭଉଣୀଭାଇମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକ ଜ୍ଞାନକୌଶଳ ଦ୍ୱାରା ଜିଲା ସ୍ତରରେ କୃଷି ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରି କୃଷକ ସମାଜର ବିଶ୍ୱାସଭାଜନ ହୋଇପାରିଛି। ଆଶା କରେ ଆମ ରାଜ୍ୟର ଭଉଣୀଭାଇଙ୍କର ସହଯୋଗ ଯୋଗୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ସେମାନଙ୍କର ଆଶା ଓ ଆକାଂକ୍ଷା ପୂରଣ କରିବାରେ ସମର୍ଥ ହୋଇପାରିବ।

-ଅଧ୍ୟକ୍ଷ, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

# କିପରି ଲଗାଇବେ ପାଳଛତୁ



ପାଳଛତୁ ଲଗାଇବା ପୂର୍ବରୁ କେତୋଟି ବିଷୟ ପ୍ରତି ଧ୍ୟାନଦେବା ନିହାତି ଜରୁରୀ। ଏଥିଲାଗି କିଛି ଜିନିଷ ଯୋଗାଡ଼ କରିବାକୁ ପଡ଼ିଥାଏ। ଏହି ଚାଷ ଲାଗି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣପାତ୍ର ନିଅନ୍ତୁ। ଏଥିପାଇଁ ଆଖୁରସ ରାନ୍ଧିବା ଟିଣ ହେଲେ ଭଲ। ସେହି ଟିଣରେ ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ି ଦେବା ପାଇଁ ବିଡ଼ାଗୁଡ଼ିକୁ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗକରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁମଞ୍ଜି ଖଣ୍ଡଗୁଡ଼ିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

# ବନ୍ୟା ପରବର୍ତ୍ତୀ ପ୍ରାଣୀଙ୍କ ଯତ୍ନ

ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ପିଇବାପାଣି, ଖାଦ୍ୟ, ବାୟୁ, ମଶା, ମାଛି, ଡାଆଁଶ ମାଧ୍ୟମରେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ଯଥା - ସାହାଣା, ଆନ୍ଥ୍ରାକ୍ସ, ବଜବଜିଆ, ଫାଟୁଆ, ଅଢ଼େଇଆ ଇତ୍ୟାଦି ସହ କେତେକ ସାଧାରଣ ରୋଗ ଯଥା, ସର୍ଦ୍ଦି ଓ କାଶ, ନାଳରକ୍ତ ଝାଡ଼ା, ଫିମ୍ପିଲଗା ନଡ଼ା ଓ ଖାଦ୍ୟ ଦ୍ୱାରା ବିଷାକ୍ତ, ପେଟଫମ୍ପା, ପାଦପଚା ରୋଗ, ଆଖିଫୁଲା ବା ଆଖିଝରା ରୋଗ, ପହ୍ନା ଫୁଲା ରୋଗ ଓ ଅନ୍ୟାନ୍ୟ କେତେକ ରୋଗ ଯଥା ଥେଲେରିଆସିସ୍, ବେବିସିଓସିସ୍, ଟ୍ରିପାନୋସୋମିଆସିସ୍ (ସରା) ଆଦି ଦେଖାଦେଇଥାଏ। ଯେଉଁ ଗୋରୁ ପାଣି ଘେରରେ ରହି ପୀଡ଼ିତ ହୋଇଥାନ୍ତି, ସେମାନଙ୍କୁ ପ୍ରଥମେ ଉଚ୍ଚ ଜାଗାକୁ ସ୍ଥାନାନ୍ତର କରି ବିଭିନ୍ନ ରୋଗର ଲକ୍ଷଣ ଦେଖି ଚିକିତ୍ସା କରାଯିବା ସହିତ ସୁଷମ ଖାଦ୍ୟପେୟର ବ୍ୟବସ୍ଥା କରିବା ଦରକାର। ବନ୍ୟାବିହୀନ ଓ ଯେଉଁ ଅଞ୍ଚଳରେ ବହୁ ପରିମାଣରେ ଗୋଖାଦ୍ୟ ମିଳୁଥାଏ, ସେ ସ୍ଥାନରୁ ଗୋଖାଦ୍ୟ ସଂଗ୍ରହକରି ବିଭିନ୍ନ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ସଂଗଠନ ସଂସ୍ଥା ଆଦି ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ପଠାଇବା ପାଇଁ ସକ୍ରିୟ ଅଂଶଗ୍ରହଣ କରିବା ଉଚିତ। ଆମ ରାଜ୍ୟର ପ୍ରାଣୀସମ୍ପଦ ବିଭାଗର ବିଭିନ୍ନ ଜିଲାରେ ପ୍ରତିଷ୍ଠିତ ଘାସ ଫାର୍ମରୁ ସବୁଜ ଘାସ ଓ ଅନ୍ୟାନ୍ୟ ସ୍ଥାନରୁ ନଡ଼ା ସଂଗ୍ରହକରି ଗୋରୁଙ୍କ ପେଟ ଭରିବା ପାଇଁ ଯୋଗାଇ ଦିଆଯିବା ଦରକାର। ସବୁଜ ଘାସର ଅଭାବ ଥିଲେ ବିଭିନ୍ନ କିସମ ଗଛର ପତ୍ରମାନ ମଧ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଇଥାଏ। ଏତଦ୍ବ୍ୟତୀତ ଆମ ଗୋପାଳକମାନେ ଏଠାରେ ଉଲ୍ଲେଖ କରାଯାଇଥିବା ବିଭିନ୍ନ ଦିଗ ପ୍ରତି ସତର୍କତାମୂଳକ ସଜାଗ ରହିଲେ ବନ୍ୟାକ୍ଲିଷ୍ଟ ଗୋରୁଙ୍କୁ ଉପରୋକ୍ତ ରୋଗଗୁଡ଼ିକ ଦମନ କରି ସେମାନଙ୍କ ପ୍ରାଣୀ ସମ୍ପଦକୁ ସୁସ୍ଥ ସବଳ ରଖିପାରିବେ।

**ପିଇବା ପାଣି :** ବନ୍ୟାଞ୍ଚଳରେ ଅଧିକାଂଶ ସ୍ଥାନର କୂଅ, ନଳକୂପରେ ବନ୍ୟା ବା ବର୍ଷା ଗୋଳିଆ ପାଣି ପଶି ପାଣି ଦୂଷିତ ହୁଏ। ତେଣୁ ପ୍ରତି କୂପରେ ଦୁଇ ଦିଆସିଲି ପରିମାଣର ବ୍ଲିଚିଂ ପାଉଡରକୁ କୂପ ପାଣିରେ ୮-୧୦ ଥର ଝାଙ୍କି ଭଲଭାବରେ ମିଶାଇ ଦେବା ଦରକାର। କୂଅର ପାଣି ଗୋଳିଆ ଥିଲେ ୪ଟି ହାଲୋଜେନ୍ ବଟିକା ଏକ ମାଠିଆ ପାଣିରେ କିମ୍ବା ୧ଟି ହାଲୋଜେନ୍ ବଟିକା ୧ ଲିଟର ପାଣିରେ ପକାଇ ତହିଁ ଆରଦିନ ପ୍ରାଣୀଙ୍କୁ ପିଇବାକୁ ଦିଅନ୍ତୁ। ଯଦି ପାରୁଛନ୍ତି ବା ସୁବିଧା ଥାଏ ତା'ହେଲେ ପାଣି ଫୁଟାଇ ଥଣ୍ଡାକରି ପ୍ରାଣୀଙ୍କୁ ପିଇବାକୁ ଦିଅନ୍ତୁ। ଗୋରୁଙ୍କୁ ବାହାରେ ଗୋଳିଆ ନାଳନର୍ଦ୍ଦମା ପାଣି ପିଇବାକୁ ବାରଣ କରନ୍ତୁ। ସର୍ବଦା ସ୍ୱଚ୍ଛ ବିଶୁଦ୍ଧ ନଳକୂପର ପରିଷ୍କାର ପାଣି ବ୍ୟବହାର କରନ୍ତୁ।

**ଖାଦ୍ୟ :** ଫିମ୍ପି ମାରିଥିବା ବା ପଚା ନଡ଼ା ଓ ଦାନା ବା କୁଣ୍ଡା ଖାଇବାକୁ ଦିଅନ୍ତୁ ନାହିଁ। ନଡ଼ା ବା କୁଟାକୁ ଭଲଭାବରେ ଖରାରେ ଶୁଖାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ଦାନା ଫିମ୍ପି ମାରିଥିଲେ ଏହାକୁ ଭଲ ଭାବେ ଶୁଖାଇ ଦିଅନ୍ତୁ ଏବଂ ତା'ପରେ ଖାଇବାକୁ ଦିଅନ୍ତୁ। କେତେକ କ୍ଷେତ୍ରରେ ମକା, ପିଡ଼ିଆ, ଚୋକଡ଼ ବା ଦାନାକୁ ଏହି ଫିମ୍ପିରୁ ରକ୍ଷା ପାଇବା ପାଇଁ ରାନ୍ଧି ବା ସିଝାଇ କରି ଖାଇବାକୁ ଦିଆଯାଇଥାଏ। ପଚିଯାଇଥିବା ପନିପରିବା, ଫଳମୂଳ, ଗଛପତ୍ର ଓ ଘାସ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ବିଷାକ୍ତ ଗଛର ପତ୍ର (ଲାଣ୍ଟେନା କାମେରା) ଠାରୁ ଗୋରୁଙ୍କୁ ଦୂରରେ ରଖନ୍ତୁ। ସବୁଜଘାସ କିମ୍ବା ବିଭିନ୍ନ କିସମର ଗଛର ପତ୍ର ଯଥା - ବରପତ୍ର, ଓସ୍ତପତ୍ର, ବରକୋଳି ପତ୍ର, ସୁବାବୁଲ ପତ୍ର, କଦଳୀପତ୍ର,



ବାଉଁଶପତ୍ର, ଆକାଶିଆ ପତ୍ର, ଆମ୍ବପତ୍ର, ଶାଳପତ୍ର ଆଦି ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ଘରେ କିମ୍ବା ରିଲିଫ୍ ଓ ଅନ୍ୟାନ୍ୟ ଭୋଜିର ନଷ୍ଟହୋଇ ଗନ୍ଧାଉଥିବା ବାସି ଭାତ, ଖିରି, ତରକାରି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ସର୍ବଦା ଟଟକା ମକା, ଚୋକଡ଼, ପିଡ଼ିଆ, ବିରିଚୂନି ଇତ୍ୟାଦି ଦାନା ସହିତ ସବୁଜ ଘାସ ବା ପତ୍ର ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ଖାଦ୍ୟରେ ସବୁଜ ଘାସର ଅଭାବ ଥିଲେ ଧାତବ ଲବଣ ଓ ଲୁଣ ମିଶାଇ ଖାଇବାକୁ ଦିଅନ୍ତୁ। ଚାଷୀଭାଇମାନେ ନିଜ ରୋଷେଇଘରୁ ବ୍ୟବହାର ଅନୁପଯୋଗୀ ପଦାର୍ଥ ଯଥା ପରିବା ଚୋପା, ଅକାଣ୍ଡିଆ ଖୁଦ, ପେଜ, ଶାଗର କାଣ୍ଡ ଓ ଅନ୍ୟାନ୍ୟ ପଦାର୍ଥକୁ ଗୋଖାଦ୍ୟ ରୂପେ ବ୍ୟବହାର କରିବା ଉଚିତ। ବନ୍ୟା ସମୟରେ ପଟୁ ବସିଥିବା ଘାସ ଖାଇବାକୁ ଦିଅନ୍ତୁ ନାହିଁ। ଅଳ୍ପ ପଟୁ ବସିଥିଲେ ଏହାକୁ ଭଲଭାବେ ପାଣିରେ ଧୋଇ ଖାଇବାକୁ ଦିଅନ୍ତୁ। (କ୍ରମଶଃ...)

**-ଡା. ବୀରକିଶୋର ପରିଡ଼ା,**
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ଜାଣିରଖନ୍ତୁ

- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ। ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ। ବର୍ଷାଋତୁରେ ଗୋ-ମହିଷାଦି ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ।

# ଉନ୍ନତ କିସମ ଗେଣ୍ଡୁ ବିହନ



ଉନ୍ନତ କିସମ ଗେଣ୍ଡୁ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ୍ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାର କରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତ କରି ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ଼ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କେଜି ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବା ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମି.ଲି. ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମି.ଲି. ଡିକୋଫଲ୍ ସ୍ପ୍ରେ କରନ୍ତୁ।

# ଫଳଚାଷ



ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ। ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ। ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିଜାଗା ପୂରଣ କରନ୍ତୁ। ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ।

# ଟମାଟୋ ମଞ୍ଜି ଲଗାଉଥିଲେ...



ଟମାଟୋ ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ। ଟମାଟୋ ତଳି ଲଗାଉଥିଲେ ୧ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ।

# ସୌମ୍ୟଜିତଙ୍କୁ ଦଣ୍ଡ ଦିଆଯାଉ: ଶ୍ୱେତାଙ୍କ ମା’

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରୁ ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ(୨୬)ଙ୍କ ମୃତଦେହ ମିଳିବା ଘଟଣାକୁ ମଙ୍ଗଳବାର ୬ଦିନ ପୂରିଛି। ଘଟଣାକୁ ନେଇ ବିଭିନ୍ନ ଚର୍ଚ୍ଚା ଲାଗି ରହିଥିବାବେଳେ ପୁରୁଷବନ୍ଧୁ ସୌମ୍ୟଜିତ୍ ମହାପାତ୍ରଙ୍କ ଦ୍ୱାରା ବ୍ଲାକମେଲର ଶିକାର ହୋଇ ଶ୍ୱେତା ଆତ୍ମହତ୍ୟା କରିଥିବା ପରିବାର ଲୋକଙ୍କ ଅଭିଯୋଗ ପରେ ମାମଲା ଅଧିକ ଜଟିଳ ହୋଇଛି। ପୋଲିସ ଏବେ ସୌମ୍ୟଜିତ୍‌ଙ୍କୁ ତଦନ୍ତ ପରିସରଭୁକ୍ତ କରି ତାଙ୍କ ବିରୋଧରେ ଆଇପିସି ଦଫା ୩୦୬(ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଅଭିଯୋଗରେ ଖୋଳତାଡ଼ ଜାରି ରଖିଛି। ଏପରିକି ତାଙ୍କୁ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ମଙ୍ଗଳବାର ଶ୍ୱେତାଙ୍କ ମା’ ଏକ ଭିଡିଓ ଜାରି କରିଛନ୍ତି। ସେଥିରେ ସେ କାନ୍ଦି କାନ୍ଦି ସୌମ୍ୟଜିତଙ୍କୁ ଦଣ୍ଡ ଦିଆଯାଉ ବୋଲି ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

ସେ କହିଛନ୍ତି, ମୁଁ ଶ୍ୱେତାର ମା’ କହୁଛି। ମୋ’ ଝିଅ ତ ମରିଗଲା ଆଜ୍ଞା। ମୋ’ ଝିଅ ପ୍ରତି ବହୁତ ଅନ୍ୟାୟ କରାଯାଇଛି। ସେ ସୌମ୍ୟଜିତ୍ ମହାପାତ୍ର ମୋ’ ଝିଅ ପ୍ରତି ବହୁତ ଅନ୍ୟାୟ କରିଛି। ମୁଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି, ମୋ ଝିଅ ପ୍ରତି ଅନ୍ୟାୟ କରିଥିବା ସୌମ୍ୟଜିତ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେଉ, ଦଣ୍ଡ ଦିଆଯାଉ ବୋଲି ଶ୍ୱେତାଙ୍କ ମା’ ଉକ୍ତ ଭିଡିଓରେ ଦାବି କରିଛନ୍ତି। ଜୋନ-୬ ଏସିପି ରମେଶ ଚନ୍ଦ୍ର ବିଶୋଇ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅପମୃତ୍ୟୁ ମାମଲାର ତଦନ୍ତ ଚାଲିଥିବା ବେଳେ ୩୦୬ ଦଫାରେ ଆଉ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଏହା ଏବେ ପ୍ରଥମ ପର୍ଯ୍ୟାୟରେ ରହିଛି। ପୋଷ୍ଟମର୍ଟମ ରିପୋର୍ଟ ଏବଂ ସିଡିଆର୍ ତର୍ଜମା କଲାପରେ ଅଧିକ ତଥ୍ୟ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ହେବା ପୂର୍ବରୁ ପୋଲିସ ସୌମ୍ୟଜିତ ଓ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଛି। ଏବେ ସୌମ୍ୟଜିତଙ୍କୁ ପୋଲିସ ପୁଣିଥରେ ଡାକି ପଚରାଉଚରା କରିବ ବୋଲି ସୂଚନା ମିଳିଛି।



ଭିଡିଓରେ ଶ୍ୱେତାଙ୍କ ମା’।

### ମୃତ୍ୟୁ ପୂର୍ବରୁ ସୌମ୍ୟଜିତଙ୍କୁ ୧୫ଥର କଲ୍

ପୋଲିସକୁ ଶ୍ୱେତାଙ୍କ ମୋବାଇଲରୁ ସିଡିଆର୍ (କଲ୍ ଡିଟେଲ୍ସ ରିପୋର୍ଟ) ମିଳିଥିବା ସୂଚନା ମିଳିଛି। ସିଡିଆର୍ ରିପୋର୍ଟ ଅନୁଯାୟୀ, ଶ୍ୱେତା ଗୁରୁବାର ରାତି ପ୍ରାୟ ୧ଟା ୩୦ ପର୍ଯ୍ୟନ୍ତ ସୌମ୍ୟଜିତ୍‌ଙ୍କୁ ୧୫ ଥର କଲ୍ କରିଥିଲେ। ତେବେ ସୌମ୍ୟଜିତ ଫୋନ ଉଠାଇ ନ ଥିବାରୁ ଶ୍ୱେତା ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ ବୋଲି କୁହାଯାଉଛି। ତଦନ୍ତରେ ବ୍ୟାଘାତ ହେବାର ଆଶଙ୍କା ଥିବାରୁ ସିଡିଆର୍‌କୁ ନେଇ ପୋଲିସ କୌଣସି ତଥ୍ୟ ଦେଇନାହିଁ।

## ମହିଳା ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା



ଶ୍ୱେତା ଓ ସୌମ୍ୟଜିତ୍

- ଭିଡିଓ ଜାରି କରି ସରକାରଙ୍କୁ ଅନୁରୋଧ କଲେ
- ପୂର୍ବରୁ ଜେରା ହୋଇଥିଲେ ପୁରୁଷବନ୍ଧୁ
- ପୁଣି ପଚରାଉଚରା କରିପାରେ ପୋଲିସ

### ସୌମ୍ୟଜିତ ଫେରାର ହୋଇଯାଇଥିବା ସନ୍ଦେହ

ସମ୍ବଲପୁର ଜିଲା ଅଇଁଠାପାଲ୍ଲୀ ଥାନା ଅନ୍ତର୍ଗତ ବଂଶୀଧରନଗରରେ ସୌମ୍ୟଜିତଙ୍କ ଘର। ତେବେ ତାଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ଘଟଣା ଅଧିକ ଚର୍ଚ୍ଚା ହେବାରୁ ସେ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ଘର ସମ୍ମୁଖରେ ଲାଗିଥିବା ସିସିଟିଭି ଦୃଶ୍ୟରୁ ଏନେଇ ସନ୍ଦେହ ଦୃଢ଼ୀଭୂତ ହେଉଛି। ଭାଇରାଲ ହେଉଥିବା ସିସିଟିଭି ଦୃଶ୍ୟ ଅନୁଯାୟୀ, ସୌମ୍ୟଜିତଙ୍କ ଘରୁ ସୋମବାର ରାତି ପ୍ରାୟ ୧୦ଟା ୦୬ରେ ଏକ ବାଇକରେ ଜଣେ ଯୁବକ ବାହାରୁଛନ୍ତି। ଏହାପରେ ଆଉ ଜଣେ ଯୁବକ ସେହି ବାଇକ ପଛରେ ବସି କେଉଁଆଡ଼େ ଚାଲିଯାଉଛନ୍ତି। ଏହାର ୧୦ ମିନିଟ୍ ପରେ ଚାଳକ ବାଇକ୍ ନେଇ ଘରକୁ ଫେରୁଛନ୍ତି, ହେଲେ ପଛରେ ବସିଥିବା ଯୁବକ ତାଙ୍କ ସହ ନ ଥିବା ଦେଖିବାକୁ ମିଳୁଛି। ବାଇକ୍ ପଛରେ ବସି ଚାଲିଯାଇଥିବା ଯୁବକ ସୌମ୍ୟଜିତ ବୋଲି ସନ୍ଦେହ କରାଯାଉଛି।

### ଏନ୍ଏଚ୍ଆର୍‌ସିରେ ମାମଲା, ୩୦ଲକ୍ଷ କ୍ଷତିପୂରଣ ଦାବି

ସଫ୍ଟୱେର୍ ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀଙ୍କ ମୃତ୍ୟୁ ଘଟଣାରେ ‘ନ୍ୟାୟ ପାଇଁ ଲଢେଇ ପରିବାର’ର ସଦସ୍ୟ ସୁବ୍ରତ ଦାସ ଜାତୀୟ ମାନବ ଅଧିକାର କମିଶନ (ଏନ୍ଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନ୍ଏଚ୍ଆର୍‌ସି ତାଙ୍କ ଅଭିଯୋଗକୁ ଗ୍ରହଣ କରି ଏକ କେସ୍ ଡାଏରୀ (ନଂ. ୧୩୯୩୯/ଆଇଏନ୍/୨୦୨୨) ରୁଜୁ କରିଛନ୍ତି। ସୁବ୍ରତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ଏହି ମାମଲାରେ କମିଶନଙ୍କ ଏକ ଟିମ୍ ତଦନ୍ତ କରି ଶ୍ୱେତାଙ୍କ ମୃତ୍ୟୁ ପାଇଁ ଦାୟୀ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ। ଏଥିସହ ଶ୍ୱେତାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦେବାକୁ ସେ ଦାବି କରିଛନ୍ତି।

# ଅଶ୍ଲୀଳ ଫଟୋ ଅପ୍‌ଲୋଡ୍, ହୋଟେଲ୍ ମାଲିକ ଗିରଫ

**ବ୍ରହ୍ମପୁର ଅଫିସ,୨୩।୮**

ଜାନୁୟାରୀରୁ ନକଲି ଫେସ୍‌ବୁକରେ ଜଣେ ମହିଳାଙ୍କ ଅଶ୍ଲୀଳ ଫଟୋ ଅପ୍‌ଲୋଡ କରି ତାଙ୍କୁ ବ୍ଲାକମେଲ କରାଯାଉଥିଲା। ଶେଷରେ ମହିଳା ଜଣଙ୍କ ମେ’ ୧୫ରେ ସାଇବର ଅର୍ଥନୈତିକ ଓ ଅପରାଧ ଶାଖାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଆଶିଷ ପାଢ଼ୀ(୨୬)ଙ୍କୁ ଗିରଫ କରିଛି। ମାମଲା ନମ୍ବର ୪/୨୨ରେ ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଡ. ଶ୍ରବଣା ବିବେକ ଏମ. ସୂଚନା ଦେଇଛନ୍ତି। ପୋଲିସ ଉଭୟ ଅଭିଯୋଗକାରିଣୀ ଓ ଅଭିଯୁକ୍ତଙ୍କ ମୋବାଇଲ ସହ ଦୁଇଟି କମ୍ପ୍ୟୁଟର ଜବତ କରିଛି। ଆଶିଷ ଜଣେ ହୋଟେଲ ମାଲିକ। ତାଙ୍କ ନାମରେ ୨୦୧୭ରେ କଟକ କ୍ରାଇମବ୍ରାଞ୍ଚରେ ଦୁଇଟି ମାମଲା ଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି।

ପ୍ରକାଶ ଯେ, ଏକ ଡ୍ୟାନ୍ସ ଏକାଡେମୀ ଓ ଇଭେଣ୍ଟ ମ୍ୟାନେଜମେଣ୍ଟ ଚଳାଉଥିବା ବିବାହିତ ମହିଳାଙ୍କ ଫଟୋ ଓ ବ୍ୟକ୍ତିଗତ ତଥ୍ୟକୁନେଇ ଆଶିଷ ଗତ ଜାନୁୟାରୀରେ ଏକ ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲିଥିଲେ। ପରେ ସେ ଅନ୍ୟ ତିନୋଟି ନକଲି ଫେସ୍‌ବୁକ ଆକାଉଣ୍ଟ ମଧ ଖୋଲିଥିଲେ। ଆଶିଷ ଏଭଳି ଭାବେ ୪ଟି ଆକାଉଣ୍ଟ ଖୋଲିଥିଲେ। ଉକ୍ତ ନକଲି ଫେସ୍‌ବୁକ୍ ଆକାଉଣ୍ଟରେ ସେ ସମ୍ପୃକ୍ତ ମହିଳାଙ୍କ ଅଶ୍ଲୀଳ ଫଟୋ ଓ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିଥିଲେ। ମହିଳାଙ୍କ ପାରିବାରିକ ସମ୍ପର୍କ ତିକ୍ତତା ଉଦ୍ଦେଶ୍ୟରେ ଫେସ୍‌ବୁକରେ ଏହା ଅପ୍‌ଲୋଡ କରଯାଇଛି ବୋଲି ପୀଡ଼ିତା ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଆଶିଷଙ୍କୁ ଗିରଫ କରିଥିଲା।

**ମୋବାଇଲ ଓ କମ୍ପ୍ୟୁଟର ଜବତ**



ଗିରଫ ଅଭିଯୁକ୍ତ

# କାଳିଆମ୍ବରେ ଝାଡ଼ାବାନ୍ତି, ଜଣେ ମୃତ

**ଦଶମନ୍ତପୁର, ୨୩।୮ (ଡି.ଏନ.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଡୁମ୍ବାଗୁଡ଼ା ପଞ୍ଚାୟତର କାଳିଆମ୍ବ ଗ୍ରାମରେ ଝାଡ଼ାବାନ୍ତି ଦେଖାଦେଇଛି। ଏଥିରେ ଜଣକର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ ଡାଲମେ ମାଣ୍ଡିଙ୍ଗା। ଆକ୍ରାନ୍ତ ଜଣକ ହେଲେ ସୋବାଇ ମାଣ୍ଡିଙ୍ଗ(୬୦)। ଡାଲମେ ୩ ଦିନ ଧରି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସୋବାଇ ଚିକିତ୍ସାଧୀନ ଅଛନ୍ତି। ୮୦ ଘର ପରିବାର ବସବାସ କରୁଥିବା କାଳିଆମ୍ବରେ ଗୋଟିଏ ମାତ୍ର ନଳକୂପ ରହିଛି। ସୋଲାର ଟାଙ୍କି ଦୀର୍ଘ ମାସ ହେଲା ଅଚଳ ହୋଇ ପଡ଼ିଛି। ଗ୍ରାମର ଅପରିଷ୍କାର ପରିବେଶ ଯୋଗୁ ଝାଡାବାନ୍ତି ଦେଖାଦେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ଲକରେ ବର୍ତ୍ତମାନ ସୁଦ୍ଧା ଏହି ରୋଗରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭୯ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀଙ୍କ ଆତ୍ମହତ୍ୟା

**ବେଲପଡ଼ା,୨୩।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ ଡେବ୍ରିପାଲି ଗାଁରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ସ୍ୱାମୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଦମ୍ପତି ହେଲେ ଭକ୍ତ ନାଏକ (୪୦) ଓ ତାଙ୍କ ସ୍ତ୍ରୀ ଯଶୋଦା ନାଏକ (୩୫)।

ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ଭୋରରୁ ଘର ନିକଟ କ୍ଷେତକୁ କାମ କରିବା ପାଇଁ ଭକ୍ତ ଯାଇଥିଲେ। ଫେରିବା ବେଳେ ସେଠାରୁ କାଠ ସଂଗ୍ରହ କରି ଆଣିବା ପାଇଁ ଏକ ଟାଙ୍ଗିଆ ଓ ରଶି ନେଇଥିଲେ। ସକାଳ ପ୍ରାୟ ୮ଟାରେ ସ୍ୱାମୀଙ୍କ ପାଇଁ ଖାଇବାକୁ ନେଇ ଯଶୋଦା କ୍ଷେତକୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭକ୍ତ ପାଖରେ ଥିବା ଟାଙ୍ଗିଆରେ ଯଶୋଦାଙ୍କୁ ଏକ ଚୋଟ ମାରିଥିଲେ। ଘଟଣାସ୍ଥଳରେ ଟଳି ପଡ଼ିଥିଲେ ଯଶୋଦା। ସ୍ତ୍ରୀଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଭକ୍ତ ନିକଟରେ ଥିବା ତେନ୍ତୁଳି ଗଛରେ ବେକରେ ରଶିଦେଇ ଝୁଲି ପଡ଼ିଥିଲେ। ସକାଳ ପ୍ରାୟ ୯ଟାରେ ଭକ୍ତଙ୍କ ୮ବର୍ଷର ପୁତୁରା ପ୍ରକାଶ କ୍ଷେତ ଆଡ଼କୁ ଯାଇଥିବା ବେଳେ ଏଭଳି ଅଭାବନୀୟ ଘଟଣା ଦେଖି ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ଘର ଓ ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭକ୍ତଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ବେଳେ ଯଶୋଦା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା ସେମାନେ ଦେଖି ଚକିତ ହୋଇ ଯାଇଥିଲେ। ଏ ସଂକ୍ରାନ୍ତରେ ଭକ୍ତଙ୍କ କକା ମଧୁ ନାଏକ ବେଲପଡ଼ା ଥାନାକୁ ଖବର ଦେଇଥିଲେ। ପାଟଣାଗଡ଼ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା, ବେଲପଡ଼ା ଥାନା ଆଇଆଇସି ବୁଲୁ ମୁଣ୍ଡା, ମାଜିଷ୍ଟ୍ରେଟ ଭାବେ ବେଲପଡ଼ା ତହସିଲଦାର ଚିତ୍ତରଞ୍ଜନ ମଲ୍ଲିକ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବେଲପଡ଼ା ଥାନାରେ ଏକ ମାମଲା (୧୩୨/୨୨) ରୁଜୁ କରାଯାଇଛି।



ଶ୍ରୀମନ୍ଦିରରେ କୃଷ୍ଣଲୀଳା ନୀତି କ୍ରମରେ ମଙ୍ଗଳବାର ପୁରୀ ମାର୍କଣ୍ଡେୟ ପୁଷ୍କରିଣୀଠାରେ ପକ୍ଷୀରାଜ ଗରୁଡ଼ଙ୍କ ଦ୍ୱାରା କାଳୀୟ ଦଳନ ନୀତି ସମ୍ପନ୍ନ କରାଯାଉଛି।

# ନାବାଳିକା ବଳାତ୍କାରୀଙ୍କୁ ୬ବର୍ଷ ଜେଲ୍

**ବାରିପଦା ଅଫିସ, ୨୩।୮**

ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଅଭିଯୁକ୍ତ କରଞ୍ଜିଆ ଥାନା ଭଅଁରା ଗ୍ରାମର ରାମସିଂ ମୁଣ୍ଡାଙ୍କୁ ୬ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ୧ ଲକ୍ଷ ଟଙ୍କା ଜିଲା ଆଇନ ସହାୟତା କର୍ତ୍ତୃପକ୍ଷ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଅଗଷ୍ଟ ୨୫ରେ ନାବାଳିକା ଜଣକ ପଡ଼ୋଶୀଙ୍କ ଘରକୁ ଟିଭି ଦେଖିବା ପାଇଁ ଯାଇଥିଲେ। ବିଦ୍ୟୁତ୍ ନ ଥିବାରୁ ନାବାଳିକାଙ୍କୁ ଏକୁଟିଆ ପାଇ ଅଭିଯୁକ୍ତ ରାମ ନିଜ ଘରକୁ ଟେକି ନେଇ ବଳାତ୍କାର କରିଥିଲେ। ପରିବାର ଲୋକେ ଖୋଜାଖୋଜି କରି ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଏ ନେଇ ପରିବାର ଲୋକେ କରଞ୍ଜିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୪/୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାକୁ ସରକାରୀ ସ୍ୱତନ୍ତ୍ର ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

# ଜୀବିକା ଅନ୍ୱେଷଣରେ ଯାଇ ଶ୍ରମିକ ନିଖୋଜ

- ଭୋକ ଉପାସରେ ପରିବାର
- ୩ବର୍ଷର ଝିଅ, ୮ମାସର ପୁଅ ସହ ଅପେକ୍ଷାରେ ସ୍ତ୍ରୀ

**ସମ୍ବଲପୁର,୨୩।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଛାମୁଣ୍ଡା ଗ୍ରାମର ରଜନୀ ସୁନାକାଠିଆଙ୍କ ଉପରେ ଏବେ ଦଇବ ଦାଉ ସାଧିଛି। ସ୍ୱାମୀ ରାଜୁ ସୁନାକାଠିଆ (୩୮) ପ୍ରାୟ ଏକମାସ ହେଲା ବିଜୟୱାଡ଼ାକୁ ଶ୍ରମିକ ଭାବେ କାମ କରିବାକୁ ଯାଇ ଆଉ ଫେରିନାହାନ୍ତି। ପରିବାରର ମୁଖିଆ ରୋଜଗାର କରିବା ପାଇଁ ଯାଇ ନିଖୋଜ ହେବାପରେ ରଜନୀ ଭାଙ୍ଗିପଡ଼ିଛନ୍ତି। ରାଜୁଙ୍କ ଫେରିବା ବାଟକୁ ୮ମାସର ଶିଶୁପୁତ୍ର ଓ ୩ବର୍ଷର ଝିଅ ସହ ରଜନୀ ଚାହିଁବସିଛନ୍ତି। ଦୁଇଟି ଛୋଟ ପିଲା ଥିବାରୁ ସେ ସେମାନଙ୍କୁ ଛାଡ଼ି ମଜୁରି କରିବାକୁ ଯାଇପାରୁନାହାନ୍ତି। ପାଖପଡ଼ୋଶୀ କିଛି ଦେଲେ ଖାଉଛନ୍ତି ନ ହେଲେ ଭୋକଉପାସରେ ସେମାନଙ୍କ ଦିନ କଟୁଛି ବୋଲି ରଜନୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ତାଙ୍କ ନାମରେ ରାଶନ କାର୍ଡ ନ ଥିବାରୁ ସରକାରୀ ଯୋଜନାରେ ମିଳୁଥିବା ପିଡିଏସ୍ ଚାଉଳ ଓ ଅନ୍ୟ ସାମଗ୍ରୀ ମିଳୁନାହିଁ। ଏହି ଘଟଣାକୁ ନେଇ ସେ ଯୁଯୁମୁରା ଥାନା ପୋଲିସ ପାଖକୁ ଯାଇ ୨ଥର ଅଭିଯୋଗ କରିଛନ୍ତି। ସେମାନେ ନାମ, ଗ୍ରାମ ଓ ଠିକଣା ଲେଖି ରଖିଲେ। ହେଲେ ମାସେ ହେଲା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ଅଭିଯୋଗ କରିଥିଲେ। ଗ୍ରାମର ଜଣେ ଦଲାଲ ଜୁଲାଇ ୧୯ରେ ରାଜୁଙ୍କୁ ବିଜୟୱାଡ଼ାରେ ଶ୍ରମିକ ଭାବରେ କାମ କରିବା ପାଇଁ ନେଇଥିଲେ। ଅଧିକ ଟଙ୍କା ରୋଜଗାର କରିବା ନେଇ ସେ ପ୍ରଲୋଭନ ଦେଖାଇଥିଲେ। ଗ୍ରାମର ଆହୁରି ଦୁଇଜଣ ତାଙ୍କ ସାଙ୍ଗରେ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଗ୍ରାମକୁ ଫେରି ଆସିଛନ୍ତି। ତାଙ୍କୁ ପଚାରିବା ବେଳେ ସେ କହିଥିଲେ, କାମ କରିବା ସ୍ଥାନରେ ଏକାଠି ସମସ୍ତେ ପହଞ୍ଚିଥିଲୁ। ହେଲେ ୨୧ ତାରିଖ ରାତ୍ରିରେ ରାଜୁ ଭୟଭୀତ ହୋଇଯାଇଥିଲେ। ଜୀବନରେ ମାରିଦେବାକୁ କେତେଜଣ ଦୁର୍ବୃତ୍ତ ଧମକ ଦେଇଥିଲେ ବୋଲି ଭୟରେ କହିଥିଲେ। ତାଙ୍କୁ ବୁଝାଇବା ପରେ ସେ ରାତ୍ରିରେ ଶୋଇପଡ଼ିଥିଲେ। ଭୋର ୩ଟାରୁ ପରିସ୍ରା କରିବାକୁ ଯାଉଛି କହି କୁଆଡ଼େ ଚାଲିଯାଇଥିଲେ। ସେ ଆଉ କ୍ୟାମ୍ପକୁ ଫେରି ନ ଥିବା ଗ୍ରାମକୁ ଫେରିଥିବା ଶ୍ରମିକ ସୂଚନା ଦେଇଥିଲେ। ଅନ୍ୟପଟେ ଗ୍ରାମର ଶ୍ରମିକ ଦଲାଲ ସମସ୍ତ ଶ୍ରମିକଙ୍କୁ ପୁରୀ ପର୍ଯ୍ୟନ୍ତ ନେଇ ସେଠାରେ ଆଉଜଣେ ଦଲାଲଙ୍କୁ ହସ୍ତାନ୍ତର କରିଥିବା ପରିବାର ବର୍ଗ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଓ ପୋଲିସ ସ୍ୱାମୀଙ୍କୁ ଫେରାଇ ଆଣିବାରେ ସହଯୋଗ କରନ୍ତୁ ବୋଲି ରଜନୀ କୋହଭରା କଣ୍ଠରେ ଅନୁରୋଧ କରିଛନ୍ତି।



ପରିବାର ସହ ରଜନୀ

# ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ନିଲମ୍ବିତ

**ସିନିୟର ଛାତ୍ରଙ୍କ ମାଡ଼ରେ ଆଶ୍ରମ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା**

**ରାୟଗଡ଼ା ଅଫିସ, ୨୩।୮**

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରାୟଗଡ଼ା ଜିଲା ରାମନାଗୁଡା ନିକଟସ୍ଥ ଝୋରଡି ଆଶ୍ରମ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ର ଗୋବିନ୍ଦ ତୋଇକାଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ସ୍କୁଲ ପ୍ରଧାନଶିକ୍ଷକ ପ୍ରତାପ ମିସାଲ ଓ ସହକାରୀ ଶିକ୍ଷକ ଅଶୋକ ପାଣିଗ୍ରାହୀଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି। ସୂଚନାନୁଯାୟୀ, ପ୍ରତିଦିନ ଭଳି ୧୬ ତାରିଖରେ ବିଦ୍ୟାଳୟରେ ପାଠପଢ଼ା ସାରି ନିଜ ରୁମକୁ ଯିବା ସମୟରେ ଉକ୍ତ ସ୍କୁଲର ଜଣେ ଛାତ୍ର ଗୋବିନ୍ଦଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ତାଙ୍କୁ ପ୍ରଥମେ ରାମନାଗୁଡା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


ଦଶରଥପୁର ବ୍ଲକ୍‌ର ଦୁଦୁରାଅନ୍ତା ଗ୍ରାମରେ ୨ ଫୁଟ୍‌ର ବନ୍ୟାପାଣି।


ଧରମପୁର ଗ୍ରାମର ଜଣେ ବ୍ୟକ୍ତି ଭାରରେ ପିଇବା ପାଣି ଆଣୁଛନ୍ତି।


ଧରମପୁର ଗ୍ରାମର ଜଣେ ପିଲାଙ୍କୁ କାନ୍ଧରେ ବସାଇ ସ୍କୁଲ ନିଆଯାଉଛି।

# କାରଖାନାରେ ଠିକା ଶ୍ରମିକଙ୍କ ମୃତ୍ୟୁ

## ପରିବାରର ଜଣଙ୍କୁ ନିଯୁକ୍ତି ଦାବି

କଳିଙ୍ଗନଗର,୨୩।୮(ଡି.ଏନ.ଏ)

କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା ଷ୍ଟିଲ କାରଖାନାର ଫେରୋକ୍ରୋମ ସାଇଡରେ ମଙ୍ଗଳବାର ଅପରାହ୍ନ ପ୍ରାୟ ଦେଢଟା ସମୟରେ ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ହେଲେ କୋରେଇ ଥାନା ଖମିଗାଁର ଜିତେନ୍ଦ୍ର କର (୪୦) । ଫେରୋକ୍ରୋମର ମିକ୍ସଚର ମେଶିନ ସଫେଇ ହେଉଥିବାବେଳେ ଏମ.ବି ଲଜିଷ୍ଟିକ ଠିକା ସଂସ୍ଥାରେ କାମ କରୁଥିବା ଜିତେନ୍ଦ୍ର ନିୟୋଜିତ ରହିଥିଲେ । ଅସବଧାନତା କାରଣରୁ ମେଶିନରେ ସେ ଚାପି ହେବା ଯୋଗୁ ତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଜିତେନ୍ଦ୍ରଙ୍କୁ ତୁରନ୍ତ ଟାଟା ଷ୍ଟିଲ ମେଡିକା ହସ୍ପିଟାଲ ନିଆଯାଇ ଥିବାବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଏ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଥିଲା । ଅନ୍ୟପକ୍ଷରେ ମୃତ ଶ୍ରମିକ ଜଣକ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ଘରେ ତାଙ୍କର ସ୍ତ୍ରୀ ଓ ଦୁଇ ସାନ ଝିଅ ଅଛନ୍ତି। ମୃତ ଶ୍ରମିକଙ୍କ ପରିବାରରୁ ଜଣଙ୍କୁ କାରଖାନାରେ ନିଯୁକ୍ତି ଦେବା ସହ ଆର୍ଥିକ ସହାୟତା ରାଶି ଦେବାକୁ ଦାବି ହୋଇଛି।

# ସ୍ୱଚ୍ଛ ପାନୀୟ ଜଳ ଅଭାବ, ସଂକ୍ରମଣ ଆଶଙ୍କା

ଯାଜପୁର ଅଫିସ,୨୩।୮

ବୈତରଣୀ ଓ ଏହାର ଶାଖା ନଦୀ କାଣୀରେ ବନ୍ୟା ଜଳସ୍ତର କମିଥିଲେ ସୁଦ୍ଧା ଦଶରଥପୁର ବ୍ଲକର ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ବିଶେଷକରି ପାନୀୟ ଜଳ ସମସ୍ୟାରେ ବନ୍ୟା ପ୍ରଭାବିତ ଗ୍ରାମବାସୀ ଅସ୍ତବ୍ୟସ୍ତ ହେଉଛନ୍ତି। ବିପନ୍ନମାନେ ନିଜ ଗ୍ରାମଠାରୁ ବହୁ ଦୂରରେ ସଚଳ ଥିବା ନଳକୂପକୁ ଯାଇ ପାଣି ସଂଗ୍ରହ କରି ଆଣୁଥିବା ଦେଖିବାକୁ ମିଳିଛି। କାଣୀ ନଦୀର ବ୍ରହ୍ମଚାରୀପାଟଣା ଗ୍ରାମର ମୁକୁଳା ଘାଇ ଦେଇ ପ୍ରବାହିତ ବନ୍ୟାଜଳ କସପା, ଦୁଦୁରାଅନ୍ତା, ମଲ୍ଲିକାପୁର, ଶୁଶୁଆ, ନିଜାମପୁର, କୟାଁ, କମାରଡିହ, ଖାନନଗର ପଞ୍ଚାୟତବାସୀଙ୍କୁ ଜଳବନ୍ଦୀ କରି ରଖିଛି। ସେହିପରି ଜୟନ୍ତରା, କଟିକଟା, ଦଉପୁର, ଜାଫରପୁର ଓ ବିରିପଟା ପଞ୍ଚାୟତର ଚାଷ ଜମି ଓ ଖାଲୁଆ ରାସ୍ତାରେ ବନ୍ୟା ଜଳ ଜମି ରହିଛି। ଏକ ସପ୍ତାହ ମଧ୍ୟରେ କାଣୀ ନଦୀରେ ୨ ଥର ବନ୍ୟା ଆସିବା ଫଳରେ ବ୍ଲକ୍‌ର ୨୦ ହଜାର ଲୋକ ପ୍ରଭାବିତ ହେବା ସହିତ ପ୍ରାୟ ୧ ହଜାର ପଚ୍ଚା ଘର ଭାଙ୍ଗି ଯାଇଛି। ବନ୍ୟା ଯୋଗୁ କସପା ପଞ୍ଚାୟତର ବ୍ରହ୍ମଚାରୀପାଟଣା, ଦୁଦୁରାଅନ୍ତା ପଞ୍ଚାୟତର ନରଣଗୋଚ୍ଛା, କୟାଁ ପଞ୍ଚାୟତର କୟାଁ ଓ ମଲ୍ଲିପୁର ଗ୍ରାମର ବସୁଧା ପାନୀୟ ଜଳ ପ୍ରକଳ୍ପ ବନ୍ୟା ଜଳରେ ବୁଡ଼ି ରହିବା ଯୋଗୁ ତାହା ଅକାମୀ ହୋଇରହିଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ରିପୋର୍ଟ ଅନୁସାରେ ଦଶରଥପୁର ବ୍ଲକର ପ୍ରଭାବିତ ଅଞ୍ଚଳରେ ୭୧୦ ନଳକୂପ ରହିଥିବାବେଳେ ସେଥିମଧ୍ୟରୁ ବନ୍ୟା ପ୍ରଭାବରେ ୧୮୪ ଟି ନଳକୂପ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି। କେବଳ କସପା ପଞ୍ଚାୟତର ୬୫ନଳକୂପ ବନ୍ୟା ପାଣିରେ ବୁଡି ରହିଛି। ଏହାସହ ୨ଟି ପାଇପ ଜଳଯୋଗାଣ ପ୍ରକଳ୍ପ(ପିଡବ୍ଲୁଏସ୍) ପ୍ରଭାବିତ ହୋଇଛି। ଏହାର ମୁକାବିଲା କରିବା ପାଇଁ ବିଭାଗ ପକ୍ଷରୁ ୪୯ହଜାର ପାଣି ପାଉଚ ଏବଂ ମୋବାଇଲ ଭ୍ୟାନରେ ୨ଟି ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ତଥାପି ବନ୍ୟା ବିପନ୍ନମାନେ ସ୍ୱଚ୍ଛ ପାଣି ନ ପାଇ ସଂକ୍ରମଣର ଆଶଙ୍କାରେ ରହିଥିବା ସୂଚନା ମିଳିଛି। ଅପରପକ୍ଷେ ଗ୍ରାମ ଉନ୍ନୟନ ବିଭାଗ ଦଶରଥପୁର ସର୍କଲ ଅଧୀନରେ ଥିବା ଅହିୟାସ-କମାଳପୁର ରାସ୍ତା, ଶୁଶୁଆ-ସଦାବ୍ରତ ରାସ୍ତା, ଶୁଶୁଆ-ଇଶ୍ୱରପୁର ରାସ୍ତା, ଆଖୁଆସାହି ଆର୍‌ଡି ଓ ମଲ୍ଲିକାପୁର ଆର୍‌ଡି ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ସେହିପରି ମଙ୍ଗଳପୁର ସର୍କଲ ଅଧୀନ କୟାଁ-ଇଚ୍ଛାପୁର ରାସ୍ତା, ବାଉତରା-ଜାଡୁଆ ରାସ୍ତା, ଦୁବକଣ-ଗରବନ୍ଦ ରାସ୍ତା, ମଙ୍ଗଳପୁର-ବଡକୁଆଁଳ ଓ ସାନକୁଆଁଳ-ଖାନନଗର ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। କସପା ପଞ୍ଚାୟତରେ ୩ ଦିନ ପ୍ରତ୍ୟେହ ୪,୫୦୦ ଜନସାଧାରଣ ଓ ଦୁଦୁରାଅନ୍ତା ପଞ୍ଚାୟତର ୨ ଦିନ ୧୪୦୦ ଜନସାଧାରଣଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି । ମଙ୍ଗଳବାରଠାରୁ ଏହାକୁ ବନ୍ଦ କରାଯିବ ବୋଲି ବ୍ଲକ ସୂତ୍ରରୁ ଜଣାଯାଇଛି। ମାତ୍ର ଆବଶ୍ୟକ ପରିମାଣର ଗୋଖାଦ୍ୟ ପ୍ରଦାନ ନ କରାଯାଇଥିବା ଯୋଗୁ ଗତ ୮ ଦିନଧରି ଗୃହପାଳିତ ପଶୁମାନେ ଅର୍ଦ୍ଧାହାରରେ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।


ବନ୍ୟାଜଳରେ ପଛପଡ଼ା ଗ୍ରାମର ଏକ ନଳକୂପ ବୁଡ଼ିରହିଛି।

**ଦଶରଥପୁରରେ ବନ୍ୟା**

**■୧୮୪ ନଳକୂପ, ୨ ପିଡବ୍ଲ୍ୟୁଏସ୍ କ୍ଷତିଗ୍ରସ୍ତ**

# ସନ୍ଦେହରେ ଜଣଙ୍କୁ ଉଠାଇ ଆଣିଲା ପୋଲିସ

ଦଶରଥପୁର,୨୩।୮(ଡି.ଏନ୍.ଏ.)

**ମଙ୍ଗଳପୁର ବଜାରର ୨ ମେଡିସିନ୍ ଦୋକାନରୁ ଚୋରି ଘଟଣା**

ମଙ୍ଗଳପୁର ଥାନା ଅଧୀନ ମଙ୍ଗଳପୁର ବଜାରର ୨ ମେଡିସିନ୍ ଦୋକାନରୁ ରବିବାର ରାତିରେ ଚୋରିହୋଇଥିଲା। ତେବେ ଚୋରିରେ ସମ୍ପୃକ୍ତିଥିବା ସନ୍ଦେହରେ ସୋମବାର ରାତିରେ ଭଦ୍ରକ ଜିଲା ଧାମନଗର ଅଞ୍ଚଳରୁ ଜଣେ ଯୁବକଙ୍କୁ ମଙ୍ଗଳପୁର ପୋଲିସ ଉଠାଇ ଆଣି ଥାନାରେ ଅଟକ ରଖିଥିବା ଜଣାଯାଇଛି। ଥାନା ଠାରୁ ମାତ୍ର ୪ ଶହ ମିଟର ଦୂରରେ ଥିବା ସତ୍ୟଜିତ୍ ସାମଲଙ୍କ ସାଇରାମ ମେଡିସିନ୍ ଷ୍ଟୋର ଓ ଏହି ଦୋକାନକୁ ଲାଗିଥିବା ଅଜୟ କୁମାର ପଲେଇଙ୍କ ସାଇକୃପା ମେଡିସିନ୍ ଷ୍ଟୋରରୁ ସମାନଭାବେ ଆଜ୍‌ବେଷ୍ଟସ୍ ଛପର ଭଙ୍ଗାଯାଇ ଚୋରି ହୋଇଥିଲା। ଉଭୟ ବ୍ୟବସାୟୀଙ୍କ ପକ୍ଷରୁ ଏନେଇ ସୋମବାର ଏତଲା କରାଯାଇଥିବାବେଳେ ପୋଲିସ ସନ୍ଧାନୀ କୁକୁର ମାଧ୍ୟମରେ ତଦନ୍ତ କରିଥିଲା। ସନ୍ଧାନୀ କୁକୁର ବୋଡକଠାରୁ ଆଗକୁ ନଯିବାରୁ ପୋଲିସକୁ ନିରାଶ ହୋଇ ଫେରିବାକୁ ପଡିଥିଲା। ତେବେ ଉକ୍ତ ଚୋରି ଘଟଣାର କୌଣସି ତଥ୍ୟକୁ ଆଧାରକରି ପୋଲିସ ଧାମନଗର ଅଞ୍ଚଳର ଜଣେ ଯୁବକଙ୍କୁ ଉଠାଇ ଆଣିଛି। ସାଇରାମ ମେଡିସିନ୍ ଷ୍ଟୋରରେ ଚୋରିର ସିସି ଟିଭି ଫୁଟେଜ୍ ରହିଥିବା ଦେଖାଯାଇଥିଲା। ତେବେ ଲୁଟେରାଙ୍କୁ ଗିରଫ କରାଯାଇଥିବା ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇନାହିଁ। ଦୁଇ ବ୍ୟବସାୟୀଙ୍କୁ ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ପୋଲିସ ଡାକିଥିବା ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ସୂଚନା ମିଳିଛି। ତେବେ ତଥ୍ୟ ମିଳିବାପରେ ସୂଚନାଦେବ ବୋଲି ପୋଲିସ କହିଛି।

# ପିଲାଙ୍କୁ ପାଠ ପଢ଼ାଇଲେ ବିଡିଓ

ରସୁଲପୁର,୨୩।୮(ଡି.ଏନ.ଏ.)

**୫-ଟି ରୂପାନ୍ତରିତ ସ୍କୁଲ୍, ଗ୍ରାମୀଣ ପାର୍କ, ଆଦର୍ଶ ପୁଷ୍କରିଣୀ ସ୍ଥଳ ବୁଲି ଦେଖିଲେ**

ରସୁଲପୁର ବିଡିଓ ଅବନିକାନ୍ତ ସାହୁ ମଙ୍ଗଳବାର ବ୍ଲକ ଅଧୀନ ଏକାଧିକ ପଞ୍ଚାୟତ ବୁଲି ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ସ୍ଥିତି ପରଖିଛନ୍ତି। ପରେ ବିଦ୍ୟାଳୟ ବୁଲି ପିଲାଙ୍କୁ ପାଠ ପଢ଼ାଇବା ସହିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ସେ ୫-ଟି ରୂପାନ୍ତରିତ ସ୍କୁଲ, ଗ୍ରାମୀଣ ପାର୍କ, ଆଦର୍ଶ ପୁଷ୍କରିଣୀ, ଗୋପାଳପୁର ଟସର ବସ୍ତ୍ର ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସ୍ଥାନ ବୁଲି ଦେଖିଛନ୍ତି। ଅଧୁରା ରହିଥିବା କାର୍ଯ୍ୟକୁ ଶେଷ କରିବା ସହ ପ୍ରକଳ୍ପଗୁଡ଼ିକରେ ରହିଥିବା ତ୍ରୁଟି ବିଚ୍ୟୁତିରେ ସୁଧାର ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ବିଡିଓ ତାଙ୍କ ପରିଦର୍ଶନ କାର୍ଯ୍ୟ ସାମନ୍ତରାପୁର ପଞ୍ଚାୟତର ଗୋପୀନାଥ ଜୀଉ ନୋଡାଲ ଉପ୍ରା ବିଦ୍ୟାଳୟରୁ ଆରମ୍ଭ କରିଥିଲେ। ଏହି ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଇଥିଲେ। ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ଓ ଦୁର୍ବଳ ଛାତ ଥିବା ପ୍ରକୋଷ୍ଠ ଗୁଡିକର ସମସ୍ୟା ଦୂର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶୋ ପଞ୍ଚାୟତର ସ୍ୱପ୍ନେଶ୍ୱର, ଜାବରା ପଞ୍ଚାୟତର ଜାବରା, ବାରବାଟୀ ପଞ୍ଚାୟତର ଓଡ଼ଙ୍ଗ, ରାହାମ୍ବା ପଞ୍ଚାୟତର କୋଳଥଳ ହାଇସ୍କୁଲ ଭଳି ୫-ଟି ରୂପାନ୍ତରିତ ସ୍କୁଲ, ଜାବରା ପଞ୍ଚାୟତ କାର୍ଯ୍ୟାଳୟ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଶ୍ରୀବନ୍ତପୁର ପଞ୍ଚାୟତସ୍ଥିତ କାଣ୍ଡସରା ଗ୍ରାମର ଆଦର୍ଶ ପୁଷ୍କରିଣୀ, ସିଂହାପୁର ପଞ୍ଚାୟତର ଦନେଇପୁର ପାର୍କକୁ ବୁଲି ଦେଖିଛନ୍ତି। ସେ ବ୍ଲକ ଅଧୀନ ୨୮ ପଞ୍ଚାୟତ ବୁଲି ଉନ୍ନୟନ ପ୍ରକଳ୍ପ ସ୍ଥିତି ପରଖିବା ସହ ପଞ୍ଚାୟତରେ ଥିବା ସମସ୍ୟାକୁ ନେଇ ଜନପ୍ରତିନିଧିଙ୍କ ସହ ଆଲୋଚନା କରିବେ। ପ୍ରତ୍ୟେକ ୫-ଟି ରୂପାନ୍ତରିତ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା ସହ ଶୈକ୍ଷିକ ପରିବେଶରେ ସୁଧାର ଆଣିବାକୁ ପ୍ରୟାସ କରିବେ। ଏ ଦିଗରେ ସେ ଜନପ୍ରତିନିଧି ଓ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ତାଙ୍କ ପରିଦର୍ଶନ ସମୟରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ଉପସ୍ଥିତ ଥିଲେ।


ଗୋପୀନାଥ ଜୀଉ ନୋଡାଲ ଉପ୍ରା ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି ବିଡିଓ।

# କମ୍ପାନୀରୁ ଲୁହାଛଡ଼ ଚୋରି ଅଭିଯୋଗରେ ୨ ଗିରଫ

ଧର୍ମଶାଳା/ଜେନାପୁର, ୨୩।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା ଏମ୍‌ଏସ୍‌ଏସ୍‌ଏଲ୍ କମ୍ପାନୀର ଲୁହାଛଡ଼ ଚୋରି କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଚୋରି ଲୁହାଛଡ଼କୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ କବାଟବନ୍ଧ ଗ୍ରାମର ରମେଶ ଜେନା(୩୨) ଓ ସୋରେଇ ଗ୍ରାମର ବାସୁଆ ମଳିକ(୩୦)। ଜେନାପୁର ଥାନା ଅନ୍ତର୍ଗତ ବାଲିସାହିଠାରେ କମ୍ପାନୀ କ୍ୟାମ୍ପ୍‌ରେ ଗଚ୍ଛିତ ଥିବା ଲୁହାଛଡ଼କୁ ଗତ ୨୧ ତାରିଖ ରାତିରେ ୩ ଦୁର୍ବୃତ୍ତ ଚୋରି କରି ନେଇଥିଲେ। କମ୍ପାନୀ ପକ୍ଷରୁ ମ୍ୟାନେଜର ମହମ୍ମଦ ଜେହୁର ହୋସେନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୨୨୬/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ବକେୟା ମହଙ୍ଗା ଭତ୍ତା ପାଇଁ ଦାବିପତ୍ର


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ଯାଜପୁର ଟାଉନ,୨୩।୮(ଡି.ଏନ.ଏ.)

ଓଡ଼ିଶାର ସମସ୍ତ ଅବସରପ୍ରାପ୍ତ ପେନସନ ଭୋଗୀଙ୍କ ୨୦୨୦ ଜାନୁୟାରୀରୁ ୨୦୨୧ ଜୁନ ପର୍ଯ୍ୟନ୍ତ ବକେୟା ମହଙ୍ଗା ଭତ୍ତା ଏବଂ ଚଳିତ ବର୍ଷର ଜାନୁୟାରୀରୁ ଅଦ୍ୟାବଧି ବକେୟା ଥିବା ୩ ପ୍ରତିଶତ ମହଙ୍ଗା ଭତ୍ତା ଏବଂ ଚିକିତ୍ସା ଭତ୍ତା ପ୍ରଦାନ ପାଇଁ ଦାବି ହୋଇଛି। ଏନେଇ ଯାଜପୁର ଜିଲା ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ରବି ଶତପଥୀଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ଦଳ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ରାୟ, ସମ୍ପାଦକ ବିବେକାନନ୍ଦ ନାୟକ, ଧର୍ମଶାଳା ବ୍ଲକ ସମ୍ପାଦକ ଯୁଧିଷ୍ଠିର ସ୍ୱାଇଁ, ଯାଜପୁର ବ୍ଲକ ସଭାପତି ବାବାଜୀ ଚରଣ ସାହୁ, ସମ୍ପାଦକ କୈଳାସ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ରେଙ୍ଗାଳିର ଆଉ ଏକ ଗେଟ୍ ଖୋଲିଲା

ଧର୍ମଶାଳା,୨୩।୮(ଡି.ଏନ.ଏ.)

ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀ ବ୍ରାହ୍ମଣୀର ଉପମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ନଦୀରେ ଦ୍ୱିତୀୟ ବନ୍ୟା ସୃଷ୍ଟି ହୋଇଛି। ଉପରମୁଣ୍ଡରେ ଥିବା ରେଙ୍ଗାଳି ଡ୍ୟାମରେ ସୋମବାର ଗୋଟିଏ ଗେଟ ଖୋଲାଯାଇଥିବା ବେଳେ ମଙ୍ଗଳବାର ଅପରାହ୍ନ ୪ଟାରେ ଆଉ ଏକ ଗେଟ୍ ଖୋଲାଯାଇଛି। ଫଳରେ ଏହି ଦୁଇ ଗେଟ୍ ମାଧ୍ୟମରେ ୯୧ ହଜାରରୁ ଊର୍ଦ୍ଧ୍ୱ କ୍ୟୁସେକ ପାଣି ଛଡ଼ାଯାଉଛି। ଏଥିସହିତ ବିଦ୍ୟୁତ୍ ଉତ୍ପାଦନ ଟର୍ନେଲ ମାଧ୍ୟମରେ ୧୮ହଜାର କ୍ୟୁସେକ ଜଳ ଛଡା ଯାଉଛି। ଏସବୁକୁ ମିଶାଇ ମୋଟ୍ ୧ଲକ୍ଷ ୯ ହଜାର କ୍ୱିସେକ ଜଳ ରେଙ୍ଗାଳିରୁ ନିଷ୍କାସିତ ହେଉଛି। ତେଣୁ ଏହି ୨ ଗେଟ୍‌ର ପାଣି ବୁଧବାର ସନ୍ଧ୍ୟା ସୁଦ୍ଧା ଜେନାପୁରଠାରେ ପ୍ରବାହିତ ହେବ। ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜେନାପୁରଠାରେ ଜଳପତନ ୫୮.୪୦ ଫୁଟ ରହିଛିି। ଡ୍ୟାମ୍‌ରୁ ଛଡ଼ା ଯାଇଥିବା ପାଣି ଏଠାରେ ପହଞ୍ଚିଲେ ବିପଦ ସଙ୍କେତଠାରୁ ନିମ୍ନରେ ପ୍ରବାହିତ ହେବ ବୋଲି ଜାରକା ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରେଙ୍ଗାଳି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୧୨୨.୮୮ ମିଟର ରହିଛି। ଏହି ଡ୍ୟାମ୍‌ରେ ପ୍ରତି ଘଣ୍ଟାକୁ ୧ ସେମି ଜଳପତନ ବୃଦ୍ଧି ପାଉଥିବାରୁ ବୁଧବାର ଆଉ ଏକ ଗେଟ୍ ଖୋଲାଯିବ ବୋଲି ଡ୍ୟାମର ସର୍ବୋଚ ଯନ୍ତ୍ରୀ ବାମାପ୍ରସାଦ ବିଶ୍ୱାଳ ସୂଚନା ଦେଇଛନ୍ତି। ଜାରକା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଛନ୍ତି, ରେଙ୍ଗାଳି ଡ୍ୟାମର ୨ଟି ଗେଟ ଖୋଲିଥିଲେ ମଧ୍ୟ ଧର୍ମଶାଳା ଓ ରସୁଲପୁର ବ୍ଲକ ପ୍ରତି କୌଣସି ବିପଦ ନାହିଁ। ବ୍ରାହ୍ମଣୀ ନଦୀ ପାର୍ଶ୍ୱ ଓ ନିମ୍ନଭାଗରେ ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବା ପାଇଁ ଜାରକା ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ଅନୁରୋଧ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ପଞ୍ଚାୟତସ୍ତରୀୟ କମିଟି ଗଠିତ

ପାଣିକୋଇଲି,୨୩।୮(ଡି.ଏନ.ଏ.)

କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଛି। ସରପଞ୍ଚ ସସ୍ମିତା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାତ ଦିନ ମଧ୍ୟରେ ପଞ୍ଚାୟତର ସମସ୍ତ ବିଦ୍ୟାଳୟରେ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କମିଟି ମାଧ୍ୟମରେ ବିଦ୍ୟାଳୟର ଉନ୍ନତୀମୂଳକ କାର୍ଯ୍ୟ କରାଯିବା ସହ ସମସ୍ତ ବିଦ୍ୟାଳୟ ଶିକ୍ଷା କମିଟି ଗଠନ ସମୟରେ ସରପଞ୍ଚ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମିତିସଭ୍ୟା ପୂର୍ଣ୍ଣିମା ମାଝି, ନାଏବ ସରପଞ୍ଚ ସେକ ହାସିମ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଜୁନ ବରାଳ, ସିଆରସିସି ରାମ ଚନ୍ଦ୍ର ସାହୁ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ରାଜ୍ୟ ସାମ୍ବାଦିକ ସଂଘ କର୍ମକର୍ତ୍ତା ନିର୍ବାଚନ

ଚଣ୍ଡିଖୋଲ,୨୩।୮(ଡି.ଏନ.ଏ.)

**କୈଳାସ ନାୟକ ସଭାପତି, ପ୍ରଶାନ୍ତ ପାଢ଼ୀ ସାଧାରଣ ସମ୍ପାଦକ ମନୋନୀତ**

ଯାଜପୁର ଜିଲାର ଓଳାଶୁଣୀ ପୀଠରେ ଷ୍ଟେଟ୍ ୟୁନିୟନ ଅଫ୍ ଜର୍ନାଲିଷ୍ଟ (ଏସ୍‌ୟୁଜେ)ର ରାଜ୍ୟସ୍ତରୀୟ ସାମ୍ବାଦିକ ସମ୍ମିଳନୀ, ଆଲୋଚନାଚକ୍ର, ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୪୫୦ରୁ ଅଧିକ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଥିଲା। ଏଥିରେ ରାଜ୍ୟ ସଭାପତି ଭାବେ କୈଳାଶ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ ଏବଂ କୋଷାଧ୍ୟକ୍ଷ ଭାବେ ଅଖିଳେଶପଦ ମହାନ୍ତିଙ୍କୁ ନିର୍ବାଚିତ କରାଯାଇଛି।

ସେହିପରି ଉପସଭାପତି ସମରେଶ ମିଶ୍ର, ରାଧେଶ୍ୟାମ ପ୍ରଧାନ, ବାସୁଦେବ ତ୍ରିପାଠୀ, କୀର୍ତ୍ତିଚନ୍ଦ୍ର ସାହୁ ଓ ଦୁଷ୍ମନ୍ତ କୁମାର ପଣ୍ଡା ଏବଂ ସମ୍ପାଦକ ଭାବେ ମହେନ୍ଦ୍ର କୁମାର ଦର୍ଜୀ, ବାଳକୃଷ୍ଣ ପଟ୍ଟନାୟକ, ବିଭୁପ୍ରସାଦ ପଣ୍ଡା, ଶଶାଙ୍କ ଶେଖର ଝାଙ୍କର ଓ ଶିବାଶିଷ ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ଉପଦେଷ୍ଟା ଭାବେ ପ୍ରାକ୍ତନ ସଭାପତି ତଥା ଜାତୀୟ ସାମ୍ବାଦିକ ୟୁନିୟନର ନବନିର୍ବାଚିତ ସମ୍ପାଦକ ଅଜୟ କୁମାର ସାହୁ ରହିଥିବା ବେଳେ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଭାବେ ବରିଷ୍ଠ ସଭ୍ୟ ଗଗନ ବିହାରୀ ସାହୁ ଓ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅଧ୍ୟକ୍ଷ ପଙ୍କଜ ପାତ୍ର ରହିଛନ୍ତି। ବିଦାୟୀ ସଭାପତି ସାହୁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। କାର୍ଯ୍ୟ ନିର୍ବାହୀ କମିଟିରେ ୩୦ ଜଣଙ୍କୁ ନିଆଯାଇଛି। ନୂତନ କମିଟିର ପ୍ରଥମ ବୈଠକରେ ଅନ୍ୟ କେତେକ କର୍ମକର୍ତ୍ତା ଓ ବିଭିନ୍ନ କମିଟି ଗୁଡିକ ଗଠନ ହେବ ବୋଲି ଘୋଷଣା କରାଯାଇଥିଲା। ଏହି ଅବସରରେ ସ୍ୱାଧୀନତାର ୭୫ ବର୍ଷରେ ଆମେ ଶୀର୍ଷକ ଆଲୋଚନାଚକ୍ରକୁ ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟନ କରିଥିବାବେଳେ ପ୍ରଗତିବାଦୀର କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜାତୀୟ ସାମ୍ବାଦିକ ୟୁନିୟନର କାର୍ଯ୍ୟ ନିର୍ବାହୀ କମିଟି ସଭ୍ୟ ପ୍ରୟାଗ ରାଜ କର, ଉଦୟନାଥ ଖଣ୍ଡାଇ ଓ ବବୁଲ ସିଂ ପ୍ରମୁଖ ସେମାନଙ୍କ ସମ୍ବର୍ଦ୍ଧନା ବକ୍ତବ୍ୟ ରଖିଥିଲେ। ଯାଜପୁର ଜିଲା ଶାଖା ଓ ବାଲିଚନ୍ଦ୍ରପୁର ଶାଖା ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।


ମନୋନୀତ ହୋଇଥିବା କର୍ମକର୍ତ୍ତା।

## ସାପ କାମୁଡ଼ାରେ ଜଣେ ଆହତ

**ଭାପୁର,(ଡି.ଏନ୍.ଏ.):** ମହାନଦୀରେ ବନ୍ୟା ଯୋଗୁ ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ପଞ୍ଚାୟତ ମଣିପୁର ଗାଁ ୯ ଦିନ ହେବ ପାଣି ଘେରରେ ଦୁଃଖ କଷ୍ଟରେ ଅଛନ୍ତି। ମଣିପୁର ଗ୍ରାମର ଭିକାରୀ ଦଳେଇ(୭୦) ମଙ୍ଗଳବାର ନିଜ ବିଲ ଦେଖିବା ପାଇଁ ଯାଇଥିଲେ କେତେ ପାଣି ଜମି ରହିଛି ଦେଖୁଥିବା ସମୟରେ ତାଙ୍କ ଗୋଡ଼କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଗାଁରେ ଥିବା ମେଡ଼ିକାଲ ଟିମ୍ ସେହି ସମୟରେ ଔଷଧ ବଣ୍ଟନ କରୁଥିଲେ। ମେଡ଼ିକାଲ ଟିମର ଗାଡିରେ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ସୁପରଭାଇଜର ନିକାକର ସାହୁ, ସ୍ୱାସ୍ଥ୍ୟକର୍ମୀ ସନ୍ତୋଷ ଦାଶ ଓ କବିନ୍ଦ୍ର ପରିଡା। ଭାପୁର ମେଡିକାଲରେ ଭିକାରୀ ଦଳେଇଙ୍କ ଚିକିତ୍ସା ଚାଲିଛି।

### ସଂକ୍ଷେପରେ

## ଆଜି ଖଣ୍ଡପଡ଼ା ଏନ୍‌ଏସିର ୨ୟ ବୈଠକ

**ଖଣ୍ଡପଡା,୨୩।୮(ସ୍ୱ.ପ୍ର.):** ବୁଧବାର ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ୨ୟ ବୈଠକ ଅନୁଷ୍ଠିତ ହେବ। ମାତ୍ର ବିଜେଡି କାଉନସିଲରଙ୍କ ଅସହଯୋଗ ଯୋଗୁ ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଥମ ବୈଠକ ବାତିଲ ହୋଇଥିଲ। ବୁଧବାର ୨ୟ ବୈଠକର ସ୍ଥିତି କ'ଣ ହେବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏନଏସିର ୨ୟ ବୈଠକ ପାଇଁ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ ୱାର୍ଡର କାଉନସିଲରମାନଙ୍କୁ ଚିଠି ମାଧମରେ ଜଣାଇ ଦିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି। ଏନଏସି ଅଧକ୍ଷାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ପରିଷଦ ବୈଠକରେ ଶାସକ ଦଳ କାଉନସିଲରମାନେ ଯୋଗଦେବେ ନା ପ୍ରଥମ ବୈଠକ ପରି ଅନୁପସ୍ଥିତ ରହିବେ ଏନେଇ କଳ୍ପନା ଜଳ୍ପନା ଚାଲିଛି।

## ଲୋଭୋଲ୍‌ଟେଜ, ବିଦ୍ୟୁତ୍ କାଟ୍‌ରେ ଉପଭୋକ୍ତା ଅତିଷ୍ଠ

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.):** ଗତ କିଛି ମାସ ହେବ କ୍ରମାଗତ ଭାବେ ଖଣ୍ଡପଡା ଅଞ୍ଚଳରେ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋଭୋଲ୍‌ଟେଜ ସମସ୍ୟା ଲାଗି ରହିଛି। ଏଥିପାଇଁ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପ୍ରତି ବର୍ଷା ସତ୍ୱେ ଗରମ ଅନୁଭୁତ ହେଉଥିବା ବେଳେ ଘୋଷିତ ଏବଂ ଅଘୋଷିତ ବିଦ୍ୟୁତ କାଟ ଓ ଲୋଭୋଲ୍‌ଟେଜ ସମସ୍ୟା ଲାଗି ରହିଛି। ଫଳରେ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଦଶପଲ୍ଲା ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧୀନ ଗଣିଆଁ ସେକ୍ସନ ସିଧାମୂଳା ଅଞ୍ଚଳରେ ସନ୍ଧ୍ୟା ସମୟରେ ଫ୍ୟାନ, ଲାଇଟ, ଟିଭି, କମ୍ପ୍ୟୁଟର ଆଦି ସ୍ୱାଭାବିକ ଭାବେ କାମ କରୁନାହିଁ। ଏହି ଗ୍ରାମରେ ଏକ ଉଚ୍ଚଶକ୍ତି ସମ୍ପନ୍ନ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଗ୍ରାମର ବିଦ୍ୟୁତ ଉପଭୋକ୍ତା ସଂଘର ସଭାପତି ମହେଶ୍ୱର ରଣା ବିଦ୍ୟୁତ କମ୍ପାନୀ ନିକଟରେ ଦାବି କରିଛନ୍ତି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ରାସ୍ତାକଡ଼ରେ ଜମା ହୋଇଛି ଆବର୍ଜନା

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.):** ଡ୍ରେନ ସଫା ହୋଇ ରାସ୍ତା ପାର୍ଶ୍ୱରେ ଆବର୍ଜନା ପଡି ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଦ୍ୱାରା ମାଛି,ମଶାଙ୍କ ସଂଖ୍ୟା ବଢ଼ି ଚାଲିଛି। ଖଣ୍ଡପଡା ସହର ୧୨ ନଂ. ୱାର୍ଡ ଅଧୀନ ତ୍ରିନାଥ ଛକରେ ଏହି ଆବର୍ଜନା ପଡି ରହିଛି। ନିକଟସ୍ଥ ଡ୍ରେନରୁ ଏନଏସି ପକ୍ଷରୁ କଢ଼ାଯାଇଥିବା ଅଳିଆ, ଆବର୍ଜନା ଗତ ୨ମାସ ଧରି ମୁଖ୍ୟରାସ୍ତା ପାର୍ଶ୍ୱରେ ଗଦା ହୋଇରହିଛି। ଉକ୍ତ ସ୍ଥାନରୁ ଅନ୍ୟତ୍ର ଅଳିଆ, ଆବର୍ଜନାକୁ ସ୍ଥାନାନ୍ତର କରାଯାଉ ନ ଥିବାରୁ ସ୍ଥାନୀୟ ୱାର୍ଡବାସିନ୍ଦା ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି। ଖଣ୍ଡପଡା ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ନଗର ଉନ୍ନୟନ ବିଭାଗ ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ଡ୍ରେନ ପାର୍ଶ୍ୱରେ ଗଦା ହୋଇଥିବା ଅଳିଆ, ଆବର୍ଜନା ପୁଣି ଡ୍ରେନରେ ମିଶିବ ଓ ବର୍ଷାଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ,କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ୪ ଆଧାର କାର୍ଡରେ ବସ୍ତାଏ ୟୁରିଆ

- ସାର କଳାବଜାର ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍
- ରସିଦ୍ ମିଳୁନି, ଝୁଲାଉ ନାହାନ୍ତି ରେଟ୍ ଚାର୍ଟ୍
- ଚାଷୀ ଆନ୍ଦୋଳନ ପାଇଁ ସଜବାଜ

**ନୟାଗଡ଼ ଅଫିସ,୨୩।୮**

ନୟାଗଡ଼ ଜିଲାରେ ସରକାରୀ ଦରରେ ୟୁରିଆ ସାର ମିଳୁନି। ଜାଣି ଶୁଣି ୟୁରିଆ ସାରର କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। ୨ରୁ ୪ଜଣ ଚାଷୀଙ୍କୁ ଗୋଟିଏ ବସ୍ତା ୟୁରିଆ ସାର ଦେଇ ସେମାନଙ୍କଠାରୁ ୨ରୁ ୪ଟି ଆଧାର କାର୍ଡ ନେଇ ଚାଲିଛି ସାର କଳାବଜାର। ଚାଷୀଙ୍କ ନା ପକାଇ ଚାଲିଛି ଭଲ ରୋଜଗାର। ପୁଣି ୟୁରିଆ ସହ ଜିଙ୍କ୍ ନେବାକୁ ବାଧ କରି ଚାଷୀଙ୍କୁ ଶୋଷଣ କରାଯାଉଛି। ଅନ୍ୟପକ୍ଷେ ଚାଷୀ ସରକାରୀ ମୂଲ୍ୟଠାରୁ ୧୦୦ ରୁ ୩୦୦ଟଙ୍କା ଅଧିକ ଦେଇ ସାର ବସ୍ତାଏ କିଣିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନ ଓ ପ୍ରାଥମିକ କୃଷି ସମବାୟ ସମିତିରେ ସାରର ରେଟ୍ ଚାର୍ଟ୍ ଝୁଲୁ ନାହିଁ। ଏପରି କି ସାର କିଣିଲେ ରସିଦ୍ ମିଳୁନି। ଏପରି ଅବ୍ୟବସ୍ଥା ସମ୍ପର୍କରେ ଚାଷୀମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ପ୍ରତିକାର ନାହିଁ। କୃଷି ବିଭାଗ ନିଦାବିଷ୍ଟ ପାଲଟିଛି। ଜିଲା ପ୍ରଶାସନ ଚେଇଁ



ଶୋଇଛି। ଏନେଇ ଚାଷୀ ଅସନ୍ତୋଷ ବଢ଼ିବାରୁ ବିଭିନ୍ନ ସ୍ଥାନରେ ସାର ପାଇଁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଛି।

ଏ ସଂକ୍ରାନ୍ତରେ ରାଇପୁରର ଚାଷୀ ରାଜେନ୍ଦ୍ର ବରାଡ କୁହନ୍ତି, ୟୁରିଆ ସାର କଳାବଜାର ଚାଲିଥିବା ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି। ହେଲେ ପ୍ରତିକାର ନାହିଁ। ୪୫ କେଜି ସାର ବସ୍ତାର ସରକାରୀ ଦର ୨୬୬.୫୦ ଟଙ୍କା ରହିଛି। ହେଲେ ୟୁରିଆ ସହ ୧କେଜି ଜିଙ୍କ୍ ନେବାକୁ ବାଧ କରି ୪୭୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଜଣେ ଚାଷୀ ୨ରୁ ୩ ବସ୍ତା ସାର ନେଇ ପାରିବେ। କିନ୍ତୁ ଆମ ଶିମିଳିସାହି ପ୍ରାଥମିକ କୃଷି ସମବାୟ ସମିତିରେ ୩ ଜଣ ଚାଷୀଙ୍କଠାରୁ ୩ଟି ଆଧାର କାର୍ଡ ନେଇ ଗୋଟିଏ ୪୫ କେଜି ସାର ବସ୍ତା ଦେଉଛନ୍ତି। ୩ଟି ଆଧାର କାର୍ଡ ନ ଦେଲେ ସାର ଦେଉ ନାହାନ୍ତି। କାଗଜପତ୍ରରେ ସବୁ ଚାଷୀଙ୍କ ନାମରେ ସାର କିଣିବା ଦେଖାଇ କଳାବଜାର କରାଯାଉଛି। ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ଆମ ପ୍ରାଥମିକ କୃଷି ସମବାୟ ସମିତିରେ ସାର ଏଯାବତ ଦେଇ ନାହାନ୍ତି। ଆମେ ବାଧହୋଇ କଳାବଜାରରେ ୪ଶହରୁ ୫ଶହ ଟଙ୍କା ଅଧିକ ଦେଇ ସାର କିଣୁଛୁ। କେନ୍ଦୁପଲ୍ଲୀର କିଶୋର ବରାଡ଼ କୁହନ୍ତି, ଓଡ଼ଗାଁ ବ୍ଲକର ହରିହରପୁର ପ୍ରାଥମିକ କୃଷି ସମବାୟ ସମିତିରେ ଆଧାର କାର୍ଡ ନେଇ ସାର ଦେଉଛନ୍ତି। ବିକଳ୍ପ ନ ଥିବାରୁ ଚାଷୀ ୟୁରିଆ ସାର ୫୦୦ ଟଙ୍କା ଅଧିକ ଦେଇ କିଣୁଛନ୍ତି। କାଦୁଆ ଗାଁର ଭାସ୍କର ଚନ୍ଦ୍ର ଜେନା ଓ ଅସୁରଢ଼ିପାର ହରିହର ମହାପାତ୍ର କୁହନ୍ତି, ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପ୍ରାଥମିକ କୃଷି ସମବାୟ ସମିତି ଓ ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ଗାଁର ଅଶ୍ୱତ୍ଥପଡା ପ୍ରାଥମିକ କୃଷି ସମବାୟ ସମିତିରେ ସାର ବିକ୍ରି ହେଉନି। ଚାଷୀ ସବୁବେଳେ ସମିତିକୁ ଆସି ଫେରୁଛି। ଚାଷୀର ଅସୁବିଧା କେହି ବୁଝୁ ନାହାନ୍ତି। ନୂଆଗାଁର ସପନି ପ୍ରଧାନ କୁହନ୍ତି, କେଉଁଠି ୨ଟି ଆଉ କେଉଁଠି ୪ଜଣ ଚାଷୀ ଆଧାର କାର୍ଡ ଦେଲେ ୧ବସ୍ତା ସାର ମିଳୁଛି। ଆଧାର କାର୍ଡର ଅପବ୍ୟବହାର ଭୟରେ ଚାଷୀ କଳାବଜାରରୁ ସାର କିଣୁଛି। ଅନ୍ୟପକ୍ଷେ ସରକାରୀ ସ୍ୱୀକୃତିପ୍ରାପ୍ତ ବ୍ୟବସାୟୀ ନିଜର କେତେଜଣ ଆନୁଗତ୍ୟଙ୍କ ଦ୍ୱାରା ସାରକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ସରକାରୀ ସ୍ୱୀକୃତି ପ୍ରାପ୍ତ ଦୋକାନକୁ ବାରମ୍ବାର ଆସି ଫେରି ଯିବା ପରେ ବାହାରୁ କଳାବଜାରରେ ସାର କିଣୁଛୁ। ପ୍ରଶ୍ନ ଉଠୁଛି ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରୁ ସାର କଳାବଜାରକୁ ଯାଉଛି କିପରି। ଅଭିଯୋଗ କଲେ ସୁଫଳ ମିଳୁନି। ମିଳିମିଶି ପର୍ସେଣ୍ଟେଜ ପାଉଥିବାରୁ ସାର କଳାବଜାରକୁ ରୋକା ଯାଉନି। ରଣପୁରର ସୀତା ପ୍ରଧାନ କୁହନ୍ତି, ସବୁ ଲୋକଙ୍କ ପାଖରେ କୃଷି ବିଭାଗ ଅଧିକାରୀଙ୍କ ନମ୍ବର ନାହିଁ। ଏଣୁ ସାର କଳାବଜାରୀ ହେଉଥିଲେ ମଧ କେତେକ ସ୍ଥାନରେ ଚାଷୀ ବିଭାଗକୁ ଜଣାଇ ପାରୁ ନାହାନ୍ତି। ଏଣୁ ଚାଷୀଙ୍କ ପାଇଁ ଏକ ଟୋଲ ଫ୍ରି ନମ୍ବର କରାଯାଉ। ଚାଷୀ ତାର ଅଭାବ ଅସୁବିଧା ଏଥିରେ ଜଣାଇ ପାରିବ। ଦଶପଲ୍ଲାର ଚାଷୀ ଗୁମାନ ସ୍ୱାଇଁ କୁହନ୍ତି, ସାର ନାହିଁ କହି ଚାଷୀକୁ ଫେରା ଯାଉଛି। ଯେଉଁ ହାତଗଣତି ଚାଷୀ ସାର ପାଇଛନ୍ତି ସେମାନଙ୍କୁ ବି ହାତଗୁଞ୍ଜା ଦେବାକୁ ପଡୁଛି। ଆମ୍ଭେ କେତେଜଣ ଚାଷୀ କଳାବଜାରରେ ସାର କିଣୁଛି। ସାରର ଅଭାବ ବିକ୍ରି ପ୍ରତିବର୍ଷ ହେଉଛି। ହେଲେ ଏହାକୁ ରୋକିବାକୁ ପଦକ୍ଷେପ ନିଆଯାଉନାହିଁ ବୋଲି ସେ କହିଛନ୍ତି।

# ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ଦାବିରେ ଧାରଣା

- ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଘଟଣା
- ଧାରଣାରେ ଛାତ୍ରଙ୍କ ବାପା, ଛାତ୍ର କଂଗ୍ରେସ
- ୪ ଦିନ ପରେ ନାହିଁ କାର୍ଯ୍ୟାନୁଷ୍ଠାନ
- ରଫାଦଫା କରିବାକୁ ବଢୁଛି ଚାପ

**ନୟାଗଡ଼ ଅଫିସ,୨୩।୮**

ନୟଗଡ଼ ଜିଲା ଓଡ଼ଗାଁ ୟୁଜିଏମଇ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ମାଡମରା ଘଟଣା ୪ଦିନ ବିତି ଯାଇଥିବାବେଳେ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ବରଂ ଘଟଣାକୁ ରଫଦଫା କରିବାକୁ ଚାପ ବଢ଼ି ଚାଲିଛି। ଏଭଳିସ୍ଥଳେ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ ଦାବିରେ ମଙ୍ଗଳବାର ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ହୋଇଥିଲା। ଧାରଣାରେ ମାଡ ଖାଇଥିବା ଛାତ୍ରର ବାପା ଓ ଛାତ୍ର କଂଗ୍ରେସ ସାମିଲ ହୋଇଥିଲେ। ପ୍ରାୟ ୨ ଘଣ୍ଟା ଧାରଣା ପରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କମଳିନି ବେହେରା ଧାରଣାସ୍ଥଳରେ ପହଞ୍ଚି



ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବ୍ୟକ୍ତିମାନେ।

ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ଅଜିତ ସେଠୀ କୁହନ୍ତି, ପୁଅ ଅଜିତଙ୍କୁ ପ୍ରଧାନଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡା ଗତ ଶୁକ୍ରବାର ବେତରେ ପିଟିଲେ। ମାଡ଼ମରା ନେଇ କହିବାରୁ ଘଟଣାର ରଫାଦଫା କରିବାକୁ କହିଲେ। ସେହିପରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବଡ଼ବାବୁ ପୁଣି ରଫାଦଫା ପାଇଁ ପରାମର୍ଶ ଦେଲେ। ଏବେ ପୁଣି ଚାପ ବଢ଼ିବାରେ ଲାଗୁଛି। ଘଟଣାର ଆପୋଷ ସମାଧାନ କରିବାକୁ ବିଭିନ୍ନ କ୍ଷେତ୍ରରେ ଚାପ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ପୁଅ ନ୍ୟାୟ ପାଇବା ପାଇଁ ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟିଲି। ହେଲେ କେହି ନ୍ୟାୟ ଦେଲେନି। ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀଙ୍କ ସହ ମାଡ଼ ମାରିଥିବା ପ୍ରଧାନଶିକ୍ଷକଙ୍କ ଭଲ ସମ୍ପର୍କ ଥିବାରୁ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ କହିଥିଲେ। ତେବେ ସେ ପଛ ଘୁଞ୍ଚା ଦେବେନି। ଯୁଦ୍ଧକାଳୀନ ଭିତ୍ତିରେ ନ୍ୟାୟ ନ ଦେଲେ ଥାନାରେ ଅଭିଯୋଗ କରିବି ବୋଲି କହିଛନ୍ତି। ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବିଶୋଇ କୁହନ୍ତି, ଛାତ୍ରଙ୍କୁ ମାଡ ଘଟଣାରେ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ ଦାବି ହୋଇଥିଲା। ୨୪ ଘଣ୍ଟା ପୁରି ଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଧାରଣା ଦିଆଯାଇଛି।

## ନାମଫଳକକୁ ଭାଙ୍ଗିଦେଲେ ବିଜେଡି କର୍ମୀ

- ବିଧାୟକଙ୍କ ଉପସ୍ଥିତିରେ ଭଙ୍ଗାରୁଜା
- ଭିତ୍ତିପ୍ରସ୍ତରରେ ବ୍ଲକ ଚେୟାରମ୍ୟାନ ନାମକୁ ବିରୋଧ
- ରଣପୁର ମହାବିଦ୍ୟାଳୟରେ ରାଜନୀତି

**ନୟାଗଡ଼ ଅଫିସ/ ରଣପୁର,୨୩।୮(ସ୍ୱ.ପ୍ର.)**

ବିଶ୍ୱ ବ୍ୟାଙ୍କ ପକ୍ଷରୁ ୪୫ ଲକ୍ଷ ଟଙ୍କା ଅନୁଦାନରେ ରଣପୁର ଡିଗ୍ରୀ ମହାବିଦ୍ୟାଳୟର ନୂତନ ଗୃହ ନିର୍ମାଣ ହେବ। ଏହି ଅବସରରେ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଭିତ୍ତିପ୍ରସ୍ତର ସ୍ଥାପନର କିଛି ସମୟ ପରେ ବିଧାୟକଙ୍କ ଉପସ୍ଥିତିରେ କେତେଜଣ ବିଜେଡି କର୍ମୀ ଉତ୍ତେଜିତ ହୋଇ ନାମଫଳକକୁ ଭାଙ୍ଗି ଦେଇଥିଲେ। ରଣପୁର ବ୍ଲକ ଚେୟାରମ୍ୟାନଙ୍କୁ କାହିଁକି ସଭାକୁ ଡକାଗଲା ଓ ତାଙ୍କ ନାମ କାହିଁକି ନାମଫଳକରେ ରହିଲା ବୋଲି ପାଟିତୁଣ୍ଡ, ହୋହାଲା କରିଥିଲେ। ପରେ ଭିତ୍ତିପ୍ରସ୍ତର ଫଳକକୁ ଭାଙ୍ଗି ଦେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶିକ୍ଷାନୁଷ୍ଠାନରେ ନାମଫଳକ ଭଙ୍ଗାକୁ ନେଇ ରାଜନୀତି ଜୋର ଧରିଛି। ସୂଚନା ଅନୁଯାୟୀ, ରଣପୁର ଡିଗ୍ରୀ ମହାବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହେବା ପାଇଁ ସ୍ଥିର ହୋଇଥିଲା। ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥାନ୍ତେ। ଏଥିରେ ମୁଖ୍ୟ ଅତିଥି ରୂପେ ପୁରୀ ଏମ୍‌ପି ପିନାକୀ ମିଶ୍ର ଯୋଗ ଦେବାର ଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା ଓ ଉପାଧକ୍ଷ ବିଶ୍ୱ ରଞ୍ଜନ ପଟ୍ଟନାୟକ, ରଣପୁର ଏନ୍‌ଏସି ଅଧକ୍ଷା ରଙ୍ଗୀନ ମହାନ୍ତି ଓ ଉପାଧକ୍ଷ ପ୍ରଭାତ କୁମାର ଦଳବେହେରାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତେବେ ଏମ୍‌ପିଙ୍କୁ ଛାଡିଦେଲେ ଅନ୍ୟମାନେ ଉପସ୍ଥିତ ଥିଲେ। ଭଲରେ ଭଲରେ ଭିତ୍ତିପ୍ରସ୍ତର ଶେଷ ହେଲା। ସଭା କାର୍ଯ୍ୟ ଶେଷ ହେବା ପୂର୍ବରୁ ବିଜେଡିର କର୍ମୀମାନେ ପହଞ୍ଚି ନାମଫଳକ ଭାଙ୍ଗିଥିଲେ। ଏନେଇ ରଣପୁର ବିଧାୟକଙ୍କୁ ପଚାରିବାରୁ ସେପରି କିଛି ଅସୁବିଧା ହୋଇ ନ ଥିବା କହିଥିଲେ। ସୂଚନାଯୋଗ୍ୟ, ମହାବିଦ୍ୟାଳୟର ଅଧକ୍ଷ ତିଳୋତ୍ତମା ଦେବୀଙ୍କ ନାମ ନାମଫଳକରେ ନ ଥିଲା।



ଭଙ୍ଗାଯାଇଥିବା ଭିତ୍ତିପ୍ରସ୍ତର ଫଳକ।

## ସୁନାମୁହିଁ ଡ୍ୟାମ୍ ମାଛ ଦେଖିବାକୁ ଭିଡ଼

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର ଉପକଣ୍ଠରେ ଥିବା ସୁନାମୁହିଁ ଡ୍ୟାମ୍‌ରୁ ସୋମବାର ମାଛ ଧରାବେଳେ ଏକ ୧୧ କେଜି ଓଜନର ଭାକୁର ମାଛ ଓ ୧୦ କେଜି ଓଜନର ମିର ମାଛ ଜାଲରେ ପଡିଥିଲା। ଏହି ବଡ ମାଛକୁ ଦେଖିବା ପାଇଁ ସେଠାରେ ଲୋକ ଭିଡ଼ ଜମିଥିଲା। ଖଣ୍ଡପଡ଼ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଏହି ସୁନାମୁହିଁ ଡ୍ୟାମରେ ଅନେକ ବଡ଼ ମାଛ ଥିବା ସେଠାରେ ମାଛ ଚାଷ କରିଥିବା ଖଣ୍ଡପଡା ସହରର ସଞ୍ଜୟ ପଢିଆରୀ କହିଛନ୍ତି। ମାଛ ଚାଷ ପାଇଁ ସୁନାମୁହିଁ ଡ୍ୟାମ୍‌ର ପରିବେଶ ବେଶ ଅନୁକୂଳ ଥିଲେ ହେଁ ଏହାର ରକ୍ଷଣାବେକ୍ଷଣ ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମୟାନୁକ୍ରମେ ଡ୍ୟାମ୍‌ଟି ପଙ୍କରେ ପୋତି



ହୋଇପଡ଼ିଛି। ଏହାର ଜଳ ଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଏବେ ବି ଉଡୁଛି ତ୍ରିରଙ୍ଗା

**ନୟାଗଡ଼ ଅଫିସ,୨୩।୮**

ଦେଶରେ ଅମୃତ ମହୋତ୍ସବ ନାମରେ ତ୍ରିରଙ୍ଗା ଅଭିଯାନ ଚାଲୁ ରହିଥିଲା। ଅଗଷ୍ଟ ୧୫ରେ ଏହା ଶେଷ ହୋଇଛି। ତେବେ ଜିଲାର ସଦର ମହକୁମା ଓ ଗାଁ ଗହଳିରେ ଏବେ ବି ପତାକା ଉଡୁଛି। ଏଣୁ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହାୟତାରେ ପତାକା ସମ୍ମାନର ସହ କାଢ଼ିବାକୁ ଅନୁରୋଧ କରାଯାଇଛି। ଏନେଇ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ମଧ ଅବଗତ କରାଯାଇଛି।

# ଜେଲ ଗଲେ କଂସା ପିତଳ ବ୍ୟବସାୟୀ

**ନୟାଗଡ଼ ଅଫିସ,୨୩।୮**

### ୩.୭୫ କୁଇଣ୍ଟାଲ ତମ୍ବା,ଆଲୁମିନିୟମ ତାର ଜବତ

ଚୋରା ତମ୍ବା ଓ ଆଲୁମିନିୟମ ତାର ମହଜୁଦ କରି ରଖିବା ଅଭିଯୋଗରେ ଇଟାମାଟି ଥାନା ପୋଲିସ ଜଣେ କଂସା ପିତଳ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସମ୍ପୃକ୍ତ ବ୍ୟବସାୟୀ ଗୋବିନ୍ଦ ମହାରଣା(୫୫)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗୋବିନ୍ଦଙ୍କ ନୟାଗଡ଼ ସହର ଅମରେନ୍ଦ୍ର ବଜାରରେ ଏକ କଂସା ପିତଳ ବାସନ ଦୋକାନ ଅଛି। ସେ କେତେଜଣ ତାର ଚୋରଙ୍କଠାରୁ ତମ୍ବା ଓ ଆଲୁମିନିୟମ ତାର କିଣି ସେଥିରେ ବାସନ ଓ ଅନ୍ୟାନ୍ୟ ଉପକରଣ ତିଆରି କରୁଥିବା ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ତାଙ୍କ ଉପରେ ନଜର ରଖିଥିଲା। ମଙ୍ଗଳବାର ପୋଲିସ ଇଟାମାଟି କଂସାରି ସାହିରେ



ଥିବା ତାଙ୍କ ଘର ଉପରେ ଚଢ଼ାଉ କରି ୧ କୁଇଣ୍ଟାଲ ୨୨ କେଜି ଆଲୁମିନିୟମ ଓ ୨ କୁଇଣ୍ଟାଲ ୫୩ କେଜି ୮୦୦ ଗ୍ରାମ ତମ୍ବା ତାର ଜବତ କରିଛି। ଏନେଇ ଏକ ମାମଲା(ନଂ.୧୮୮/୨୨) ରୁଜୁ ହୋଇଛି।

# ନୀଳମାଧବଙ୍କ ଲବଣିଖିଆ ନୀତି ସମ୍ପନ୍ନ

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.)**

ମଙ୍ଗଳବାର କାଳୀୟଦଳନ ଏକାଦଶୀ ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ବାଳୁତ କୃଷ୍ଣଙ୍କ ଲବଣୀଖିଆ ନୀତି ଓ କାଳୀୟଦଳନ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳମାଧବଙ୍କ ସ୍ନାନ ଏବଂ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ପ୍ରାୟ ୩ଟା ସମୟରେ ଠାକୁରଙ୍କ ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଓ ବାଳୁତ କୃଷ୍ଣଙ୍କୁ ବେଶ କରାଯାଇଥିଲା। ଗୋପାଳ ଭୂମିକାରେ ସଞ୍ଜୟ କୁମାର ମିଶ୍ର ବାଳଗୋପାଳ କୃଷ୍ଣ ଓ ମଦନମୋହନଙ୍କୁ ନିଜ ଘରକୁ ଲବଣୀ ଖାଇବାକୁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରଣ ସାଥିରେ ଅଣାଯାଇଥିବା ନୂତନ ବସ୍ତ୍ର ଓ ଅଳଙ୍କାର ପରିଧାନ କରି ବାଳୁତ କୃଷ୍ଣ ସେବକସାହିସ୍ଥ ପୂଜକ ସ୍ୱର୍ଗତ ଦେବରାଜ ମିଶ୍ରଙ୍କ ଘରକୁ ଅପରାହ୍ନ ପ୍ରାୟ ସାଢେ଼୪ଟାରେ ବିଜେ କରିଥିଲେ। ପୂଜକ ପ୍ରସନ୍ନ କୁମାର ମିଶ୍ର

### ଶ୍ରୀଜୀଉ କଲେ କାଳୀୟଦଳନ



ଠାକୁରଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରିବା ପରେ ସାହିର ସମସ୍ତ ବ୍ରାହ୍ମଣ ଘରର ମହିଳାମାନେ ବାଳଗୋପାଳଙ୍କୁ ବନ୍ଦାପନା କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ଶ୍ରୀ ଜୀଉଙ୍କୁ ସର, ଲବଣୀ ଓ ବିଭିନ୍ନ ପ୍ରକାର ଫଳ ଅର୍ପଣ କରାଯାଇଥିଲା। ଅପରାହ୍ନ ପ୍ରାୟ ୫ଟାରେ କାଳନ୍ଦୀ ହ୍ରଦ ନୀତି ସମ୍ପନ୍ନ ହେଉଥିଲା। ନୀଳମାଧବ ଚନ୍ଦନ ପୁଷ୍କରିଣୀକୁ ସୁସଜ୍ଜିତ ମଣି ବିମାନରେ ଆରୁଢ ହୋଇ ବିଜେ କରିଥିଲେ। ଚନ୍ଦନ ପୁଷ୍କରିଣୀରେ ଏକ ନୌକାରେ ଶ୍ରୀଜୀଉ ଏବଂ କାଳୀୟ ନାଗ ପ୍ରତିମାକୁ ୭ ଘେରା ପରିକ୍ରମା କରାଯାଇଥିଲା। ପୁରାଣର କଥା ବସ୍ତୁକୁ ଆଧାର କରି କାଳନ୍ଦୀ ହ୍ରଦରେ ଥିବା ଏକ ସପ୍ତଫେଣୀ ନାଗର ବିଷ ଜ୍ୱାଳାରେ ହ୍ରଦରେ ଥିବା କୌଣସି ଜୀବଜନ୍ତୁ ଓ ମଣିଷ ପ୍ରବେଶ କରିପାରୁ ନ ଥିଲେ। ଏପରିକି ହ୍ରଦର ଉପରି ଭାଗରେ ଉଡି ଯାଉଥିବା ପକ୍ଷୀମାନେ ମଧ କାଳୀୟ ନାଗର ବିଷ ଜ୍ୱାଳାରେ ବିନାଶ ହୋଇଯାଉଥିଲେ। ଫଳରେ ଦର୍ପ ଦଳନ ଶ୍ରୀକୃଷ୍ଣ କାଳୀୟ ନାଗର ଗର୍ବ ଖଣ୍ଡନ ନିମନ୍ତେ କାଳୀୟ ହ୍ରଦରେ ଜଳ କ୍ରୀଡା ସହିତ ସପ୍ତଫେଣୀ ନାଗର ଫଣାରେ ନୃତ୍ୟ କରି ତାଙ୍କୁ ଅନ୍ୟତ୍ର ପଠାଇ ଦେଇଥିଲେ। ଏହି ପୌରାଣିକ କଥା ଅନୁଯାୟୀ କାଳନ୍ଦୀ ହ୍ରଦ ସଦୃଶ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀରେ ନୌକାରେ କାଠ ନିର୍ମିତ ଏକ ସପ୍ତଫେଣୀ ନାଗକୁ ଧରି ବସିଥିବା ମନ୍ଦିରର ମାଳି ସୁବାସ ମହାପାତ୍ରଙ୍କ ପାଖରେ ବାଳୁତ କୃଷ୍ଣ ପହଁଞ୍ଚି କାଳୀୟ ନାଗର ଫଣାରେ ପାଦ ରଖି ତାର ଗର୍ବ ଖଣ୍ଡନ କରିଥିଲେ। କାଳୀୟ ନାଗର ଦଂଶନରେ ଠାକୁରଙ୍କ ସର୍ବାଙ୍ଗ ବିଷାକ୍ତ ହୋଇଯାଇଥିଲା। ଗରୁଡ଼ ଭୂମିକାରେ ଥିବା ଦାଶରଥି କର ପହଁଞ୍ଚିବା ପରେ କାଳୀୟ ନାଗ ତା'ର ସମସ୍ତ ଶକ୍ତି ହରାଇ ବସିଥିଲା। ବାଳୁତ କୃଷ୍ଣଙ୍କ ପାଇଁ ପୂଜକ ପ୍ରସନ୍ନ କୁମାର ମିଶ୍ର ଦ୍ୱାରା ଅମୃତ ଲଡୁ ଭୋଗ ଲାଗି ହୋଇଥିଲା। ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ସୁସ୍ଥ ଅନୁଭବ କରି ମଦନ ମୋହନଙ୍କ ସହ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଠାକୁର ଫେରିବା ବାଟରେ ବାସୁଦେବ ଭୂମିକାରେ ପୂଜାରୀ ଲକ୍ଷ୍ମଣ ମିଶ୍ରଙ୍କ ଗୃହରେ ପଂକ୍ତି ଭୋଜନ କରିଥିଲେ। ରାତିରେ ଠାକୁରଙ୍କ ଏକାଦଶୀ ବେଢା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

## କାଠ ବୋଝେଇ ୨ ଟ୍ରାକ୍ଟର ଜବତ

ପାରଳାଖେମୁଣ୍ଡି (ଡି.ଏନ୍.ଏ): ଶାଳକାଠ ବୋଝେଇ ହୋଇଥିବା ୨ଟି ଟ୍ରାକ୍ଟର (ଏପି୩୦ ୟୁ ୨୧୦୦ ଏବଂ ଏପି୩୦ଟି ୧୩୬୮)କୁ ପୋଲିସ ଜବତ ରିବା ସହ ୨ ଡ୍ରାଇଭରଙ୍କୁ ଅଟକ ରଖିଛି। ପାରଳାଖେମୁଣ୍ଡିର ସିଧାମଡଙ୍ଗ ଠାରୁ ଖିଙ୍ଗା ରାସ୍ତାରେ ଆନ୍ଧ୍ରକୁ ଚାଲାଣ ବେଳେ ପାରଳାଖେମୁଣ୍ଡି ପୋଲିସ ଧରିଛି। କାଠ ମାଫିଆମାନେ ଆନ୍ଧ୍ରକୁ ଚୋରା ଚାଲାଣ କରୁଥିବା ପୂର୍ବରୁ ଖବର ପାଇ ପୋଲିସର ଏକ ଟିମ ଛକି ରହି ଗାଡ଼ି ୨ଟିକୁ ଧରିବାରେ ସଫଳ ହୋଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

## ସଂକ୍ଷେପରେ

### ଗୁମ୍ମା ବ୍ଲକରେ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୨୩।୮(ଡି.ଏନ୍.ଏ.): ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଅଜୟଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚଳ ଖମାରି, ଏସ୍‌ପି ଜୟରାମ ଶତପଥୀ ଯୋଗଦେଇଥିଲେ। ବ୍ଲକର ଅଜୟଗଡ଼, ନାମନଗଡ଼, କୁଜାସିଂ, ଭୁବନି, ସେରଙ୍ଗ ଓ ତୁମୁଲ ପଞ୍ଚାୟତସ୍ତରରେ ଲୋକଙ୍କୁ ଅଭିଯୋଗ ଶୁଣାଣି ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇଥିଲା। ଶିବିରରେ ମୋଟ ୧୮୬ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିମଧ୍ୟରୁ ଅଧିକାଂଶ ଗୋଷ୍ଠୀଗତ ହୋଇଥିବା ବେଳେ କେତେକ ବ୍ୟକ୍ତିଗତ ସମସ୍ୟା ରହିଥିଲା। ବିଭିନ୍ନ ଗ୍ରାମର ପାନୀୟ ଜଳ ସମସ୍ୟା, ଅଜୟଗଡ଼ଠାରୁ ଗିରା ରାସ୍ତା ନିର୍ମାଣରେ ଦୁର୍ନୀତି ଓ ଅଜୟଗଡ଼ଠାରେ ମୋବାଇଲ ଟାୱାର ସମସ୍ୟା ଆଦି ଅଭିଯୋଗ ରହିଥିଲା। ଏହି ଅବସରରେ କେତେଜଣ ଦିବ୍ୟାଙ୍ଗଙ୍କ ବ୍ୟକ୍ତିଗତ ଗୁହାରି ଶୁଣିବା ପରେ ସେମାନଙ୍କୁ ଆଶାବାଡ଼ି, ଶ୍ରବଣଯନ୍ତ୍ର ଓ ଟ୍ରାଇ ସାଇକେଲ ଦିଆଯାଇଛି।

### ମୋଟର ଚୋରି ଘଟଣା, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୨୩।୮(ଡି.ଏନ.ଏ.):ଦିଗପହଣ୍ଡି ପୋଲିସ ମଙ୍ଗଳବାର ପୁରୁଣା ମଳାଭଞ୍ଜା ଗ୍ରାମର ଉମାକାନ୍ତ ବେହେରାଙ୍କୁ ଏକ ମୋଟର ପମ୍ପ ଚୋରି ଘଟଣାରେ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୩୦୧/୨୨ରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ପୁରୁଣା ମଳାଭଞ୍ଜା ଗ୍ରାମର ଶଙ୍କର ବେହେରା ରବିବାର ଅପରାହ୍ନରେ ଘରେ ନ ଥିବା ସୁଯୋଗ ନେଇ ଉମାକାନ୍ତ ତାଙ୍କ ବାରିପଟୁ ମୋଟର ପମ୍ପଟିକୁ ଚୋରାଇ ନେଇଥିଲେ। ଶଙ୍କର ଘରକୁ ଆସିବାରେ ମୋଟର ଚୋରି ହୋଇଯାଇଥିବା ଦେଖିଥିଲେ। ସେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିବାରୁ ଉମାକାନ୍ତଙ୍କ ଘର ବାରିପଟେ ଥିବା ଏକ ଘଞ୍ଚ ବୁଦା ମୂଳେ ମୋଟର ପମ୍ପଟି ଥିବା ଦେଖିଥିଲେ। ସନ୍ଦେହରେ ଉମାକାନ୍ତଙ୍କୁ ପଚାରିବାରୁ ସେ ଓ ତାଙ୍କ ମା' ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଉମାକାନ୍ତ ଏହାକୁ ଅସ୍ୱୀକାର କରିବା ସହ ଗ୍ରାମରୁ ଫେରାର ହୋଇଯିବା ପାଇଁ ଉଦ୍ୟମ କରିଥିଲେ। ଶଙ୍କର ଏବଂ କିଛି ଗ୍ରାମବାସୀ ଏନେଇ ଦିଗପହଣ୍ଡି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉମାକାନ୍ତଙ୍କ ଘର ବାରିପଟୁ ମୋଟର ପମ୍ପଟିକୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

### ସିପିଆଇ ଆଞ୍ଚଳିକ ସମ୍ମିଳନୀ

କବିସୂର୍ଯ୍ୟନଗର,୨୩।୮(ଡି.ଏନ୍.ଏ.): କବିସୂର୍ଯ୍ୟନଗର ବନଦେବୀ ମନ୍ଦିର ପରିସରରେ ସିପିଆଇ ପକ୍ଷରୁ ଆଞ୍ଚଳିକ ସମ୍ମିଳନୀ ଆଞ୍ଚଳିକ ସମ୍ପାଦକ ସାଥୀ ପ୍ରବୀଣ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାସ, ଯୁବନେତା ଗୁରୁନାଥ ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଜିତ ଖାଁ, ମୁରାଇଜି ନାୟକ, ରଜନୀ ନାହାକ, କୁମର ବିଷୋୟୀ, ଦୁର୍ଗାପ୍ରସାଦ ତ୍ରିପାଠୀ, କବିରାଜ ଗୌଡ଼, ବାଉରୀବନ୍ଧୁ ବେହେରା, ମନ୍ମଥ ଦାସ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୩ ଓ ୪ ତାରିଖରେ ହେବାକୁ ଥିବା ଗଞ୍ଜାମ ଜିଲା ସମ୍ମିଳନୀ ପାଇଁ ପ୍ରତିନିଧି ଚୟନ କରାଯାଇଛି। ଆଗାମୀ ଦିନରେ ସରକାରଙ୍କ ଜନମାରଣ ନୀତି ବିରୁଦ୍ଧରେ ଆନ୍ଦୋଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ସାଟେଲାଇଟ୍ ମାପଚୁପ ରଫାଦଫା ମସୁଧା

ଯାଜପୁର ଅଫିସ,୨୩।୮



- ଜରିମାନା ଆଦାୟ ଆକଳନରେ ଚଞ୍ଚକତା
- ଅନୁମୋଦନଠାରୁ ବହୁ ଗୁଣ କଳାପଥର ଲୁଟ
- ବିପୁଳ ରାଜସ୍ୱ ହରାଉଛନ୍ତି ସରକାର

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଶତାଧିକ ଖାଦାନରୁ ମୂଲ୍ୟବାନ୍ କଳାପଥର ଉଭୟ ଲିଜ୍‌ଧାରୀ ଓ ପ୍ରଶାସନିକ ଅଧିକାରୀ ମିଳିମିଶି ଲୁଟି ନେଇଛନ୍ତି। ଗତ ମାର୍ଚ୍ଚରେ ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ଏହା ସ୍ପଷ୍ଟ ହୋଇଥିଲା। ଅନୁମୋଦନଠାରୁ ବହୁ ଗୁଣ କଳାପଥର ଉତ୍ତୋଳନ ଉପରେ ୨୦୧୫-୧୬ରୁ ୨୦୨୧-୨୨ ମଧ୍ୟରେ ୧୪ ଜିଲାରୁ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଥିଲା। କିନ୍ତୁ ଏହି ସମୟରେ ଯାଜପୁର ଜିଲାରେ ଟଙ୍କାଟିଏ ବି ଜରିମାନା ଆଦାୟ ହୋଇ ନ ଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗତ ୧୨ ତାରିଖରେ ୪ ଲିଜ୍‌ଧାରୀଙ୍କଠାରୁ ୧୦୫ କୋଟି ୮୭ ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ଧର୍ମଶାଳା ତହସିଲଦାର ଡିମାଣ୍ଡ ନୋଟିସ ଜାରି କରିଛନ୍ତି। ତେବେ ଏନେଇ ପୂର୍ବରୁ ହୋଇଥିବା ସାଟେଲାଇଟ୍ ମାପଚୁପରେ ବି ରଫାଦଫା ହୋଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। କେତେଜଣ ଲିଜଧାରୀଙ୍କ ସହ ଭିତିରିଆ ବୁଝାମଣା କରି ଧାର୍ଯ୍ୟ ଜରିମାନା ପରିମାଣଠାରୁ ପ୍ରାୟ ୫୦% କମ୍ ନିର୍ଦ୍ଦେଶ ହୋଇଥିବା ଅଭିଯୋଗ ହୋଇଛି। ଏହାବାଦ୍ ଆଗକୁ ୮ ଲିଜ୍‌ଧାରୀଙ୍କ କଳାପଥର ଖାଦାନରୁ ଉତ୍ତୋଳନ ପରିମାଣ ଉପରେ ହେବାକୁ ଥିବା ସାଟେଲାଇଟ୍ ମାପଚୁପକୁ ମଧ୍ୟ ରଫାଦଫା କରିବାକୁ ମସୁଧା ଚାଲିଥିବା ଆଲୋଚନା ହେଉଛି।

ଯାଜପୁର ଜିଲା ଲଘୁଖଣିଜ ଦ୍ରବ୍ୟ ଲୁଟ୍‌ର ପ୍ରମୁଖ ଅଞ୍ଚଳ ପାଲଟିଛି। ବିଶେଷକରି ଧର୍ମଶାଳା ତହସିଲ ଅଞ୍ଚଳରୁ କଳାପଥର ଚୋରି ନେଇ ଏକାଧିକ ମାମଲା ରହିଛି। ତହସିଲ ପକ୍ଷରୁ ଡଙ୍କାରୀ ପାହାଡ଼ କଳାପଥର ଲୁଟ୍ ଅଭିଯୋଗରେ ୫୮.୬୨ କୋଟି ଏବଂ ଏନ୍‌ଜିଟି ପକ୍ଷରୁ ୨୫ କୋଟି ଟଙ୍କାର ଡିମାଣ୍ଡ ନୋଟିସ୍ ମାମଲା, ଆରୁହା, ଲୁଣିବର ଇତ୍ୟାଦି କଳାପଥର ଲୁଟ୍ ଅଭିଯୋଗକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଧର୍ମଶାଳା ତହସିଲରେ ସମୁଦାୟ କଳାପଥର ଖାଦାନର ନିରପେକ୍ଷ ମାପଚୁପ କରାଗଲେ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁମୋଦନଠାରୁ ଅଧିକ କଳାପଥର ଲୁଟ୍ ହୋଇଥିବା ଅନୁମାନ କରାଯାଉଛି। ଏହିକ୍ରମରେ ୨୦୧୭-୧୮ରେ ପ୍ରହ୍ଲାଦ ଲେଙ୍କାଙ୍କୁ ରାହାଡ଼ପୁର କଳାପଥର ଖାଦାନର ୨୫ ଏକର ଖନନ ପାଇଁ ଲିଜ୍ ଦିଆଯାଇଥିଲା। ଏହି ୫ ବର୍ଷ ମଧ୍ୟରେ ଅନୁମୋଦିତ ୨୫ ଏକର ସ୍ଥଳେ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ବରଡ଼ା ପାହାଡ଼ରୁ ପ୍ରହ୍ଲାଦ ଲେଙ୍କାଙ୍କୁ ୨.୫ ଏକର ଉତ୍ତୋଳନ ମଞ୍ଜୁରୀ ମିଳିଛି। କିନ୍ତୁ ସେଠାରେ ପ୍ରାୟ ୭ ଏକର ପୋଖରୀ ଭଳି ଖୋଳି ବହୁ ଗୁଣ କଳାପଥର ଉତ୍ତୋଳନ କରାଯାଇଛି। ଅଜିତ ସାହୁଙ୍କୁ ବରଡା ଖାଦାନରୁ ୬ ଏକର, ଗଙ୍ଗାଧର ଓଝାଙ୍କୁ ଲୁଣିବର ପାହାଡରୁ ୧୨.୫୦ ଏକର ଓ ରଙ୍ଗାଧର ପ୍ରଧାନଙ୍କୁ ୧୨.୫୦ ଏକର, ଅଞ୍ଜିରା ପାହାଡ଼ରୁ କୃଷ୍ଣଚନ୍ଦ୍ର ସାହୁଙ୍କୁ ୭.୫୦ ଏକର, ବାଜବାଟି ପାହାଡ଼ରୁ ଶ୍ରୀନିବାସ ଜେନାଙ୍କୁ ୫ ଏକର, ସୁଧାଂଶୁ ଜେନାଙ୍କୁ ୯ ଏକର ଓ ବିଶ୍ୱରଞ୍ଜନ ପରିଡ଼ାଙ୍କୁ ୭.୨୦ ଏକର ଅଞ୍ଚଳରୁ ଖନନ ଅନୁମତି ମିଳିଥିବାବେଳେ ସେଠାରୁ ଅଧିକ କଳାପଥର ଉତ୍ତୋଳନ ହୋଇଛି। ଗତ ମାସରେ ସାଟେଲାଇଟ ମାପଚୁପ ପରେ ଲିଜଧାରୀଙ୍କ ମଧ୍ୟରେ କୋଳୁଆ ଭୟ ସୃଷ୍ଟି ହୋଇଛି। କିଭଳି ଭାବେ ସାଟେଲାଇଟ୍ ମାପଚୁପକୁ ରଫାଦଫା କରିହେବ ସେ ନେଇ କେତେଜଣ ଲିଜ୍‌ଧାରୀ ପ୍ରଭାବଶାଳୀଙ୍କ ଦ୍ୱାରସ୍ଥ ହେଉଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଲିଜ୍ ଅବଧି ସରିବା ପରେ ସାଟେଲାଇଟ୍ ମାପଚୁପ ହେବ। ଯେଉଁମାନେ ଅନୁମୋଦନ ପରିମାଣଠାରୁ ଅଧିକ ଉତ୍ତୋଳନ କରିଛନ୍ତି, ସେମାନଙ୍କୁ ତଦନୁସାରେ ଜରିମାନା ଆଦାୟ ନିର୍ଦ୍ଦେଶ ହେବ। ଏଥିରେ କୌଣସି ପ୍ରକାର ରଫାଦଫା ହେବା ଆଶଙ୍କା ନାହିଁ।

## ଅହୋରାତ୍ର ଧାରଣା ଦେଲେ ଲଣ୍ଡ୍ରି କର୍ମଚାରୀ




ନୟାଗଡ଼ ଅଫିସ,୨୩।୮:ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଭାରତୀୟ ମଜଦୁର ସଂଘ ନେତୃତ୍ୱରେ ମେଡିକାଲ ଲଣ୍ଡ୍ରୀ କର୍ମଚାରୀ ସଂଘ ପକ୍ଷରୁ ସୋମବାରଠାରୁ ଆରମ୍ଭ ହୋଇଥିବା ଧାରଣା ୨ୟ ଦିବସରେ ପହଞ୍ଚିଛି । ଆନ୍ଦୋଳନକାରୀମାନେ ଦାବି ହାସଲ ପାଇଁ ମଙ୍ଗଳବାର ଅହୋରାତ୍ର ଧାରଣା ଦେଇଛନ୍ତି । ଲଣ୍ଡ୍ରୀ କର୍ମଚାରୀଙ୍କୁ ଡେଲି ୱେଜେସ୍ ହିସାବରେ ମାସିକ ପ୍ରାପ୍ୟ ପ୍ରଦାନ କରିବା, ମାସର ୧ରୁ ୧୦ ତାରିଖ ମଧ୍ୟରେ ମାସିକ ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟ ଦ୍ୱାରା ପ୍ରଦାନ କରିବା, ଇପିଏଫ୍ ଓ ଇଏସଆଇ ତୁରନ୍ତ ପ୍ରଦାନ କରିବା, ବକେୟା ପ୍ରାପ୍ୟ ପ୍ରଦାନ କରିବା, କୌଣସି କର୍ମଚାରୀଙ୍କୁ ବଦଳି ଅଥବା ବହିଷ୍କୃତ ନ କରିବା ଦାବି ରହିଛି ।

# ଗାଁ ଦାଣ୍ଡରେ ଲହଡ଼ି ମାରୁଛି ବର୍ଷାଜଳ



ଗାଁ ଦାଣ୍ଡରେ ଜମିଥିବା ବର୍ଷାଜଳ।

ଭାପୁର,୨୩।୮(ଡି.ଏନ.ଏ.)

- ଯାତାୟାତରେ ହନ୍ତସନ୍ତ ସାହି ବାସିନ୍ଦା
- ବିଡ଼ିଓଙ୍କୁ ଜଣାଇଲେ, ଆନ୍ଦୋଳନ ଧମକ

ଭାପୁର ସଦରମହକୁମା ଅଧୀନ ପାଟଣାସାହି ଗାଁ ଦାଣ୍ଡରେ ୨ଫୁଟର ବର୍ଷାଜଳ ଜମି ରହିଛି। ଏଥିପାଇଁ ସ୍ଥାନୀୟ ବାସିନ୍ଦା ହନ୍ତସନ୍ତ ହେଉଛନ୍ତି । ପ୍ରତି ବର୍ଷ ବର୍ଷାଋତୁରେ ଲୋକମାନେ ଏପରି ସମସ୍ୟାରେ ଦିନ କାଟିଆନ୍ତି । ଗତ ୫ବର୍ଷ ହେବ ରାସ୍ତା ପାର୍ଶ୍ୱ ଡ୍ରେନଟି ପୋତି ହୋଇପଡିଛି। ହେଲେ ତା'ର ପୁନରୁଦ୍ଧାର କରାଯାଉ ନ ଥିବାରୁ ବର୍ଷାଜଳ ନିଷ୍କାସନ ହେଉପାରୁନାହିଁ। ସାମାନ୍ୟ ବର୍ଷା ହେଲେ ୨ଫୁଟର ପାଣି ରାସ୍ତା ଉପରେ ଜମା ହୋଇ ରହୁଛି । ଏ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ମଙ୍ଗଳବାର ୱାର୍ଡମେମ୍ବର ରବୀନ୍ଦ୍ରନାଥ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମବାସୀ ବିଡିଓ ଡ.ଜନ୍ମେଜୟ ସାହୁଙ୍କୁ ଏ ସଂକ୍ରାନ୍ତରେ ଜଣାଇଛନ୍ତି । ତୁରନ୍ତ ଏ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଅରଖତଇଲା ନରକଙ୍କାଳ ଘଟଣାର ତଦନ୍ତ ଆରମ୍ଭ

ଦଶପଲ୍ଲା,୨୩।୮(ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ନଛିପୁର ପଞ୍ଚାୟତ ଅରଖତଇଲାରେଠାରେ ଏକ ନରକଙ୍କାଳ ପଡିଥିବା ଅଭିଯୋଗ ପାଇ ପୋଲିସ ଘଟଣା ତଦନ୍ତ ଆରମ୍ଭ କରିଛି । ସେହି ନରକଙ୍କାଳଟି ଗୋହରିଆପଡ଼ା ଗ୍ରାମର ପ୍ରମିଳା ପ୍ରଧାନ (୬୫)ଙ୍କ ବୋଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୨) ରୁଜୁ କରି ତନାଘନା ଚଳାଇଛି । ସୂଚନା ଅନୁଯାୟୀ, ଅରଖତଇଲାଠାରେ ଏକ ନରକଙ୍କାଳ ପଡିଥିବା ଜଣେ ଗାଇ ଚରାଇ ଦେଖିବା ପରେ ଏହାକୁ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଥିଲା ।

## ଚକ୍ଷୁ ପରୀକ୍ଷା ଶିବିର

ଗଞ୍ଜାମ,୨୩।୮(ଡି.ଏନ୍.ଏ.)

ଯୁବନେତା ବିକ୍ରମ କୁମାର ଦାସଙ୍କ ସହଯୋଗରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ତରଫରୁ ରାମଗଡ଼ ପଞ୍ଚାୟତ କାର୍ଯ୍ୟାଳୟଠାରେ ଚକ୍ଷୁ ପରୀକ୍ଷା ଶିବିର ହୋଇଯାଇଛି। ୬୫ ଜଣ ରୋଗୀ ନିଜର ଚକ୍ଷୁ ପରୀକ୍ଷା କରିଥିବା ବେଳେ ୧୨ ଜଣଙ୍କୁ ଚଷମା ପ୍ରଦାନ ଏବଂ ୧୮ ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ନିଆଯାଇଛି। ଶିବିରରେ ରାମଗଡ଼ ପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ବେହେରା ଯୋଗଦେଇ ରୋଗୀ, ଡାକ୍ତର ଓ ଉଦ୍ୟୋକ୍ତାମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ସାହିତ କରିଥିଲେ।

# ଯଦୁମଣିଙ୍କ ତିରୋଧାନ ଦିବସ ତ୍ରୁଟିର ସଂଶୋଧନ ଦାବି



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୟାଗଡ଼ ଅଫିସ,୨୩।୮

ହାସ୍ୟକବି ଉତ୍କଳ ଘଣ୍ଟ ଯଦୁମଣିଙ୍କ ତିରୋଧାନ ଦିବସ ପ୍ରତିମୂର୍ତ୍ତି ତଳେ ଲାଗିଥିବା ସୂଚନା ଫଳକରେ ଭୁଲ ତଥ୍ୟକୁ ନେଇ ପ୍ରତିବାଦ କରାଯାଇଛି । ସେହି ତ୍ରୁଟିର ସଂଶୋଧନ ପାଇଁ ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କ ନିକଟରେ ଦାବି ହୋଇଛି । ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସାମନାରେ ଜିଲା ପ୍ରଶାସନ ଦ୍ୱାରା ସ୍ଥାପିତ ଉତ୍କଳ ଘଣ୍ଟଙ୍କ ଜନ୍ମ ତାରିଖ ଠିକ ଥିବା ବେଳେ ତିରୋଧାନ ତାରିଖ ଭୁଲ ଅଛି । କବିଙ୍କ ୧୮୬୬ ଜୁଲାଇ ୨ ଶ୍ରୀଗୁଣ୍ଡିଚା ଦିନ ପରଲୋକ ଘଟିଥିଲା । ପ୍ରତିମୂର୍ତ୍ତି ସ୍ଥଳରେ ଥିବା ଫଳକରେ ଏହା ୧୮୯୯ ଶ୍ରୀଗୁଣ୍ଡିଚା ବୋଲି ଉଲ୍ଲେଖ ରହିଛି । ଏହି ତ୍ରୁଟିକୁ ଦେଖି ବହୁ ଶିକ୍ଷାବିତ୍ କ୍ଷୋଭ ପ୍ରକାଶ କରିଥିବା ବେଳେ ଏହା ଛାତ୍ରୀଛାତ୍ରଙ୍କୁ ଭୁଲ ସୂଚନା ଦେବ ବୋଲି ପ୍ରକାଶ କରିଛନ୍ତି । ଏହା ସହିତ ଏହାର ତୁରନ୍ତ ସଂଶୋଧନ ଦାବି କରିଛନ୍ତି । ସେହିପରି ସ୍ଥାପିତ ହୋଇଥିବା ଯଦୁମଣିଙ୍କ ପ୍ରତିମୂର୍ତ୍ତି ଯଦୁମଣିଙ୍କ ଚେହେରା ସହିତ ଆଦୌ ସାମଞ୍ଜସ୍ୟ ନ ଥିବା ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ତଥା ଜନସାଧାରଣ ଅଭିଯୋଗ କରିଛନ୍ତି । ଜିଲା ପ୍ରଶାସନ ତୁରନ୍ତ ତ୍ରୁଟି ସୁଧାରିବା ସହିତ ଅବିକଳ ଯଦୁମଣିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ଗଣେଶ ପ୍ରତିମା ନିର୍ମାଣରେ ନିମଗ୍ନ ଶିଳ୍ପୀ

ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.)

ଆସନ୍ତା ୩୧ ରେ ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା । ଏଥିପାଇଁ ମୃଣ୍ମୟ ମୂର୍ତ୍ତି ନିର୍ମାଣରେ କାରିଗରମାନେ ଲାଗିପଡିଛନ୍ତି । ଦିନ,ରାତିରେ ଚାଲିଛି ଗଜାନନଙ୍କ ମୂର୍ତ୍ତି ନିର୍ମାଣ । ଖଣ୍ଡପଡ଼ା ସହରର କୁମ୍ଭାରସାହି ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି । ଗୋବର୍ଦ୍ଧନ ମହାପାତ୍ର, ରମେଶ କୁମାର ମହାପାତ୍ରଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଶିଳ୍ପୀ ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି। ସେହିପରି କଣ୍ଟିଲୋ ଅଞ୍ଚଳର ବାଲୁକା ଶିଳ୍ପୀ ତଥା ମୂର୍ତ୍ତି କାରିଗର ପ୍ରଶାନ୍ତ କୁମାର ସାହୁ ଓ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଚଳିତ ଋତୁରେ ଶତାଧିକ ଖୁଦୁରୁକୁଣୀ ଓ ଗଣେଶ ମୂର୍ତ୍ତି ନିର୍ମାଣ କରିଥିବା କହିଛନ୍ତି । ଲଗାଣ ବର୍ଷା ମୂର୍ତ୍ତି ନିର୍ମାଣରେ ବାଧକ ସାଜିଛି। ତଥାପି ନିର୍ଦ୍ଧାରିତ ସମୟ ପୂର୍ବରୁ ମୂର୍ତ୍ତି ନିର୍ମାଣ ଶେଷ କରି କରିବାକୁ ଶିଳ୍ପୀମାନେ ଅଣ୍ଟା ଭିଡିଛନ୍ତି ।



ଶିଳ୍ପୀ ପ୍ରଶାନ୍ତ ସାହୁ ମୂର୍ତ୍ତି ନିର୍ମାଣ କରୁଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ୬ଦିନ ଉଡ଼ିଲା ଜାତୀୟ ପତାକା

କୋଟଗଡ଼,୨୩।୮(ଡି.ଏନ୍.ଏ.)

କୋଟଗଡ଼ ବ୍ଲକ ସମନ୍ୱିତ ଶିଶୁ ବିଭାଗ ଅନ୍ତର୍ଭୁକ୍ତ ମାର୍ଲାଙ୍ଗା ପଞ୍ଚାୟତର ସୀତାନଗର ଅଙ୍ଗନୱାଡି କେନ୍ଦ୍ରରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୀତାନଗର ଅଙ୍ଗନୱାଡି କେନ୍ଦ୍ରରେ କର୍ମୀମାନେ ଅଗଷ୍ଟ ୧୫ରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ହେଲେ ସେମାନେ ପତାକାକୁ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ନ ଓହ୍ଲାଇ ସେଠାରୁ ଚାଲିଯାଇଥିଲେ। ଫଳରେ ପତାକାଟି ୬ ଦିନ ଧରି ଅଙ୍ଗନୱାଡି କେନ୍ଦ୍ରରେ ଉଡ଼ିଥିଲା। ଗତ ୨୧ତାରିଖରେ ଲୋକେ ଦେଖି ଅଙ୍ଗନୱାଡି କର୍ମୀମାନଙ୍କ ଉପରେ ଉତ୍କ୍ଷିପ୍ତ ହୋଇଥିଲେ। ପରେ ସମ୍ମାନର ସହ ପତାକାକୁ ଓହ୍ଲାଇ ଥିଲେ। ଏ ନେଇ ସେମାନେ ବ୍ଲକ ସମିତି ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପ୍ରକାରେ, ସମ୍ପୃକ୍ତ ମହିଳା ଅଙ୍ଗନୱାଡି କର୍ମୀ ସୀତାନଗର ଅଙ୍ଗନୱାଡି କେନ୍ଦ୍ରରେ ମାସରୁ ଏକାଧିକ ଦିନ ରହୁ ନାହାନ୍ତି। ଏ ସମ୍ପର୍କରେ ସୀତାନଗର ଅଙ୍ଗନୱାଡି କେନ୍ଦ୍ରର ସମ୍ପୃକ୍ତ ମହିଳା କର୍ମୀଙ୍କୁ ପଚାରିବାରୁ ସେ କହିଛନ୍ତି, ପତାକା ଉଡାଇ ଅଫିସ କାମରେ ଚାଲି ଆସିଥିଲେ, କିନ୍ତୁ ହେଲପର ପତାକା ଓହ୍ଲାଇ ନ ଥିଲେ। ଅନ୍ୟପଟେ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଏବଂ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିବାକୁ ଦାବି କରାଯାଇଥିବା ଜଣାପଡ଼ିଛି।

# ବୁଢ଼ାଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ

ଦାରିଙ୍ଗବାଡ଼ି, ୨୩।୮(ଡି.ଏନ୍.ଏ)

## ବିଦ୍ୟାଳୟ ପରିଚାଳନା କମିଟି ପ୍ରଶାସନର ଦ୍ୱାରସ୍ଥ




ବୁଢାଗୁଡ଼ା ସରକାରୀ ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ପରିଚାଳନା କମିଟି ଜିଲାପ୍ରଶାସନ ନିକଟକୁ ଯାଇଛନ୍ତି ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବୁଢାଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଏଥିସହିତ ଛାତ୍ରୀଛାତ୍ରଙ୍କୁ ଗତ ଦୁଇବର୍ଷ ହେଲା ପୋଷାକ ବଣ୍ଟନ ହୋଇନଥିବା ଅଭିଯୋଗ କରି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ବୁଢାଗୁଡ଼ାରେ ବାଳିକା ଉଚ୍ଚ ବିଦ୍ୟାଳୟର ନୂତନ କୋଠା ନିର୍ମାଣରେ ବିଳମ୍ବ ଯୋଗୁଁ ୨୦୨୧ ମସିହାରେ ବିଦ୍ୟାଳୟ ଶୁଭାରମ୍ଭ କରାଯାଇଥିଲା। ପ୍ରଥମେ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରୀମାନେ ନାମ ଲେଖାଇଥିଲେ । ଚଳିତ ବର୍ଷ ଏହା ନବମରେ ପହଞ୍ଚିଛି । ହେଲେ ମାତ୍ର ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବା ବେଳେ ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟ ସହ ପାଠ ପଢ଼ାଉଛନ୍ତି । ବିଜ୍ଞାନ, ଗଣିତ, ହିନ୍ଦୀ, ଖେଳ ଶିକ୍ଷକଙ୍କ ଅଭାବ ରହିଛି। ଏହି ସବୁ ସମସ୍ୟାକୁ ଶୀଘ୍ର ସମାଧାନ କରିବା ପାଇଁ ବୁଢାଗୁଡ଼ା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚିତ୍ରସେନ ପ୍ରଧାନଙ୍କ ନେତୃତ୍ୱରେ ଉପସଭାନେତ୍ରୀ ଶର୍ମିଳା ପ୍ରଧାନ, ଆଗୁଳ ସିଂ ମଲିକ, ପାଣ୍ଡୁ ମଲିକ, ଶିବାଚନ୍ଦ୍ର ପ୍ରଧାନ, ନିଖିଳା ପ୍ରଧାନ, ମିନଜିନୀ ପ୍ରଧାନ ପ୍ରମୁଖ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ସାକ୍ଷାତକରି ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି । ସେହିପରି ଜିଲା ମଙ୍ଗଳ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକଙ୍କୁ ଭେଟି ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି । ଜିଲାପାଳଙ୍କ ସମେତ ସମସ୍ତ ଅଧିକାରୀ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଉଥିବା କହିଛନ୍ତି ।

# ଗୋରୁ କିଣାବିକାରୁ ଗୁଳିମାଡ଼ ଘଟଣା: ୪ ଗିରଫ

ଫୁଲବାଣୀ ଅଫିସ, ୨୩।୮



ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ନୂଆଗାଁ ପଞ୍ଚାୟତ ବିଲୁପଦର ଗ୍ରାମରେ ଗୋରୁ କିଣାବିକାକୁ କେନ୍ଦ୍ରକରି ଗତ ସୋମବାର ଗୁଳିମାଡ଼ ହୋଇଥିଲା । ଏହି ଘଟଣାରେ ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତ ଶ୍ରୀପଲାର ସଞ୍ଜୟ ସାହାଣୀ, ସୁନ୍ଦରସିଂ ସାହାଣୀ, ବାଡିଗୁଡାର ସୁମନ କହଁର ଓ ପେନାଗିରିର ଅକ୍ଷୟ ବେହେରା। ଅଭିଯୁକ୍ତମାନଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି । ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓଙ୍କ କହିବା ଅନୁସାରେ, ଶ୍ରୀପଲା ଗ୍ରାମର ସଞ୍ଜୟ ସାହାଣୀ କିଛି ଦିନ ତଳେ ତାଙ୍କ ସମ୍ପର୍କୀୟ ଭାଇ ବିଲୁପଦର ଗ୍ରାମର ମହେଶ୍ୱର ସାହାଣୀଙ୍କଠାରୁ ଦୁଇ ହଳ ବଳଦ କିଣି ନେଇଥିଲେ। କିନ୍ତୁ ଟଙ୍କା ଦେଇ ନ ଥିଲେ । ସୋମବାର ସକାଳେ ମହେଶ୍ୱର ଶ୍ରୀପଲା ଗ୍ରାମକୁ ଯାଇ ସଞ୍ଜୟଙ୍କୁ ଟଙ୍କା ମାଗିବାରୁ ତାଙ୍କ ସହିତ ବଚସା ହୋଇଥିଲା । ପରେ ମହେଶ୍ୱର ଫେରିଆସିଥିଲେ। ସନ୍ଧ୍ୟାରେ ସଞ୍ଜୟ ତାଙ୍କ ୩ ସହଯୋଗୀଙ୍କ ସହିତ ମିଶି ମହେଶ୍ୱରଙ୍କ ଘରକୁ ଆସି ପାଟିତୁଣ୍ଡ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସହଯୋଗୀ ସୁମନ ଏକ ଦେଶୀ ବନ୍ଧୁକ ବାହାର କରି ଗୁଳିମାଡ଼ କରିଥିଲେ। ସେଠାରେ ଥିବା ମହେଶ୍ୱରଙ୍କ ଭଉଣୀ ପ୍ରଭାସିନୀଙ୍କ ଜଙ୍ଘରେ ଓ ନାବାଳକ ପୁଅ ସବାଜାନଙ୍କ ପେଟରେ ଗୁଳି ବାଜିଥିଲା। ଏ ନେଇ ଥାନାରେ ୧୨୪/୨୨ରେ ମାମଲା ରୁଜୁ ହୋଇଛି।

# ଜଗନ୍ନାଥପ୍ରସାଦରେ ଖୋଲିବ ଜେଏମ୍ଏଫ୍‌ସି କୋର୍ଟ

## ୩୧ରେ ଆସିବେ ହାଇକୋର୍ଟ ମୁଖ୍ୟ ବିଚାରପତି



ଜିଲାଜଜ୍ ପ୍ରସ୍ତାବିତ ଭିତ୍ତିପ୍ରସ୍ତର ଅଞ୍ଚଳ ବୁଲି ଦେଖୁଛନ୍ତି।

**ଭଞ୍ଜନଗର,୨୩।୮(ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦରେ ଜେଏମ୍ଏଫ୍‌ସି କୋର୍ଟ ଆସନ୍ତା ୩୧ ତାରିଖରେ ଉଦ୍‌ଘାଟିତ ହେବ। ନିଜସ୍ୱ କୋଠା ନିର୍ମାଣ ହୋଇ ନ ଥିବା ଯୋଗୁ ରାଜସ୍ୱ ବିଭାଗ ଡାକ ବଙ୍ଗଳାରେ ଏହା ଅସ୍ଥାୟୀ ଭାବେ ଚାଲିବ। ସେହିଦିନ ସେଠାରେ କୋର୍ଟର ସ୍ଥାୟୀ କୋଠା ପାଇଁ ଶିଳାନ୍ୟାସ ହେବ। ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧରନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଉକ୍ତଦିନ ଭଞ୍ଜନଗର କୋର୍ଟର ନୂତନ କୋଠା ଲାଗି ବାଗଦେବୀ ରୋଡରେ ଶିଳାନ୍ୟାସ ହେବ। ସେଥିରେ ମଧ୍ୟ ମୁଖ୍ୟ ବିଚାରପତି ମୁଖ୍ୟ ଅତିଥି ଭାବେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏଥିସହ ହାଇକୋର୍ଟର ଗଞ୍ଜାମ ଜିଲା ପ୍ରୋଟୋକଲ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଅତିଥି ଭାବେ ଯୋଗ ଦେବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ଭଞ୍ଜନଗର ବାର ଆସୋସିଏଶନ କର୍ମକର୍ତ୍ତା ଚେଷ୍ଟା ଚଳାଇଛନ୍ତି। ମଙ୍ଗଳବାର ଗଞ୍ଜାମ ଜିଲାଜଜ୍ ଆନନ୍ଦ ଚନ୍ଦ୍ର ବେହେରା, ଜିଲା କୋର୍ଟ ରେଜିଷ୍ଟ୍ରାର ସୁଶାନ୍ତ କୁମାର ମିଶ୍ର ଭଞ୍ଜନଗର ଗସ୍ତରେ ଆସି ଶିଳାନ୍ୟାସ ହେବାକୁ ଥିବା ଅଞ୍ଚଳ ବୁଲି ଦେଖିଥିଲେ। ଏହି ସମୟରେ ଭଞ୍ଜନଗର କୋର୍ଟର ସବଜଜ୍ ସୋମଲୀନା ମିଶ୍ର, ଏସ୍‌ଡିଜେଏମ ଅମିତ୍ କୁମାର, ଜେଏମ୍ଏଫ୍‌ସି ପ୍ରଜ୍ଞା ରାଉତ, ବାର ଆସୋସିଏଶନ କର୍ମକର୍ତ୍ତା ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଜିଲାଜଜ୍ ଆଲୋଚନା କରିଥିଲେ। ସେହିଭଳି ସୋମବାର ଭଞ୍ଜନଗର ବାର ଆସୋସିଏଶନ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ଏଥିରେ ସଭାପତି ସନ୍ତୋଷ ନାୟକ ଅଧ୍ୟକ୍ଷତା କରିଥିଲେ। ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦିବାକର ନାୟକ, ସମ୍ପାଦକ ଅମରେଶ ମହାପାତ୍ର, ଉପସଭାପତି ଧୀରେନ ସ୍ୱାଇଁ, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର , କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ, ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ, ବଟକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ନାବାଳିକାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୨୩।୮(ଡି.ଏନ୍.ଏ.)**

ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୁକ୍ତ ରାମ ଦାସଙ୍କୁ ପୋଲିସ ମଙ୍ଗଳବାର ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ. ୩୦୦/୨୨ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ନାବାଳିକା ଜଣକ ଏକ ଇଟା ଭାଟିରେ କାମ କରୁଥିବା ବେଳେ ତାଙ୍କ ସହ ଅଭିଯୁକ୍ତଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକାଙ୍କୁ ବିବାହ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ନାବାଳିକା ଜଣକ ୭ ମାସର ଗର୍ଭବତୀ ହେବା ପରେ ଅଭିଯୁକ୍ତ ଜଣକ ବିବାହ ପ୍ରସ୍ତାବକୁ ମନା କରିବା ସହ କାହାରିକୁ ଜଣାଇଲେ ମାରିଦେବାକୁ ଧମକ ଦେଇଥିଲେ।


## DISTRICT EDUCATION OFFICE, SONEPUR

**TENDER CALL NOTICE FOR OAVS**

**No.4606// Date:22.08.2022**

Sealed tenders are invited from reputed firms/ agencies suppliers for supply as per tender specifications. The details tender documents can be obtained from the District website **https:subarnapur.nic.in.** Interested bidders may submit their sealed tender documents in prescribed format to the "District Education Office, Sonepur, on or before dt.7.9.2022 by 2 PM through speed post/ registered post/ Courier Service only. Bidders are required to submit Technical Bid and Financial Bid in separate envelopes enclosed in a common envelopes mentioning " Tender for supply of Furniture for OAVs" on the cover of the envelopes. The technicals bid will be opened on Dt.7.9.2022 at 3 PM in Collectorate Conference Hall in the presence of the bidders or their authorized representatives. The financial bid may be opened on the same day or the date of opening will be intimated to the successful bidders, through E-mail only (mail address submitted in the tender documents).

The Authority reserves the right to accept or reject any or all tender without assigning any reason thereof.

**Sd./- Collector, Subarnapur**

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମାଲକାନଗିରି

Dist.: Malkangiri - 764048, Phone: 06861-230409,
Fax No.: 06861-230279, E-Mail: ori-dmalkangiri@nic.in

ପତ୍ର ସଂଖ୍ୟା: ୨୯୯୦/୨୦୨୨ ତାରିଖ: ୨୨।୦୮।୨୦୨୨

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍‌କାର୍ଡ଼ଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୧୫ତମ ଅର୍ଥ କମିଶନଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ସମନ୍ୱିତ ଶିଶୁ ବିକାଶ ଯୋଜନା (ମମତା) ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୨୦୨୧-୨୨ ଆର୍ଥିକ ବର୍ଷର ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଅତଏବ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ.୧୧.୦୦ଟିକାଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | କାଳିମେଳା | ୧୨।୦୯।୨୦୨୨ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କାଳିମେଳା |
| ୨ | ମାଥିଲି | ୧୩।୦୯।୨୦୨୨ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୩ | ଚିତ୍ରକୋଣ୍ଡା | ୧୪।୦୯।୨୦୨୨ | ଉପଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୪ | ପଡ଼ିଆ | ୦୨।୧୧।୨୦୨୨ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୫ | ଖଇରପୁଟ | ୦୩।୧୧।୨୦୨୨ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୬ | କୋରୁକୋଣ୍ଡା | ୦୪।୧୧।୨୦୨୨ | ଉପଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୭ | ମାଲକାନଗିରି | ୦୫।୧୧।୨୦୨୨ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି


## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳି ଦିବସ

**ଫୁଲବାଣୀ ଅଫିସ, ୨୩।୮**

ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନରେ ମଙ୍ଗଳବାର ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳେ ଏକ ବାଇକ ରାଲି ସହର ପରିକ୍ରମା କରି ଗାନ୍ଧି ସ୍ମୃତି ଭବନରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ମିଲନ୍ଦ ପାରାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ହିନ୍ଦୁ ଧର୍ମ ଓ ଗୋ ସୁରକ୍ଷା ପାଇଁ ସ୍ୱାମୀଜୀ ସର୍ବଦା ସଂଗ୍ରାମ କରି ଆସୁଥିଲେ । ଏଥିପାଇଁ ନିଜର ସଂଗ୍ରାମ ଜାରି ରଖିଥିଲେ । ସରକାର ଆଜି ପର୍ଯ୍ୟନ୍ତ ତାଙ୍କ ହତ୍ୟାକାଣ୍ଡର କମିଶନ ରିପୋର୍ଟ ସାର୍ବଜନୀନ କଲେ ନାହିଁ । ସ୍ୱାମୀଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ କ୍ଷେତ୍ରୀୟ ସହସମ୍ପାଦକ ଗୌରୀପ୍ରସାଦ ବ୍ରହ୍ମ, ସମ୍ମାନିତ ଅତିଥି ଭାବେ କ୍ଷେତ୍ରୀୟ ସଂଗଠନ ସମ୍ପାଦକ ସପନ ଚକ୍ରବର୍ତ୍ତୀ, ଓଡ଼ିଶା ପୂର୍ବ ସଂଗଠନ ସମ୍ପାଦକ ସ୍ୱାମୀ ମୁକ୍ତାନନ୍ଦ ପୁରୀ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ସ୍ତୁତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରୀ ପ୍ରସାଦ ରଥ, ଅଚ୍ୟୁତାନନ୍ଦ କର ଓ ପ୍ରାନ୍ତ ସହ ସମ୍ପାଦକ ପ୍ରିୟନାଥ ମିଶ୍ର, ଜିଲା ସଭାପତି ବିଷ୍ଣୁ ପ୍ରସାଦ ମିଶ୍ର ଓ ସମ୍ପାଦକ ରବି ନାରାୟଣ ପାତ୍ର ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।

## ହଷ୍ଟେଲ୍ କାନ୍ଥ ଡେଇଁ ପଳାଇଲେ ଛାତ୍ର

### ପୋଲିସ ଆଣି ସ୍କୁଲରେ ଛାଡ଼ିଲା

ପାରଳାଖେମୁଣ୍ଡି, ୨୩।୮(ଡି.ଏନ୍.ଏ)

ଖଣି ଆଶ୍ରମ ସ୍କୁଲର ହଷ୍ଟେଲ କାନ୍ଥ ଡେଇଁ ମଙ୍ଗଳବାର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ର ପଳାଇଥିଲେ। ରାଇସିଙ୍ଗି ପର୍ଯ୍ୟନ୍ତ ଅଟୋ ଯୋଗେ ଯିବା ପରେ ସେଠାରୁ ଓହ୍ଲାଇ ଚାଲିଚାଲି ଯିବାବେଳେ ଅଞ୍ଚଳ ଲୋକେ ସକାଳୁ ଛାତ୍ରକୁ ଉଦ୍ଧାର କରି ମୋହନା ଥାନାରେ ହସ୍ତାନ୍ତର କରିଥିଲେ। ମୋହନା ପୋଲିସ ଛାତ୍ରକୁ ପଚରାଉଚରା କରିବା ପରେ ଛାତ୍ରଟି ଖଣି ଆଶ୍ରମ ସ୍କୁଲର ବୋଲି ଜାଣିବାକୁ ପାଇଥିଲେ। ପରେ ପୋଲିସ ଛାତ୍ରକୁ ନେଇ ଲେଖାଲେଖି କରି ଆଶ୍ରମ ସ୍କୁଲରେ ଛାଡ଼ିଥିଲେ। ହଷ୍ଟେଲରେ ଭଲ ଖାଦ୍ୟ ଦିଆଯାଉନଥିବାରୁ ସେ ହଷ୍ଟେଲ ଛାଡ଼ି ପଳାଇଥିଲା ବୋଲି ଛାତ୍ରଜଣକ କହିଛନ୍ତି। ଏ ନେଇ ଆଶ୍ରମର ପ୍ରଧାନଶିକ୍ଷକ ଥାନାରେ ମଧ୍ୟ କୌଣସି ଅଭିଯୋଗ କରିନଥିଲେ। ତେଣୁ ଯେଉଁ ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଅଣଦେଖା କରାଯାଉଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ସ୍ଥାନୀୟ ବାସିନ୍ଦା ଓ ଅଭିଭାବକମାନେ ନିବେଦନ କରିଛନ୍ତି।


## SECRETARIAT OF THE ODISHA LEGISLATIVE ASSEMBLY

**SEALED TENDER NOTICE**

**No.6433/L.A.,**

**Bhubaneswar, dated the 19th August, 2022**

**No.Y-01:**Sealed Tender in plain paper is invited by the undersigned for disposal of one vehicle of Odisha Legislative Assembly Secretariat, Bhubaneswar. The description of the vehicle is given below.

(i) L.M.V. TATAINDICA (DLS-BS-II)
(ii) Regd. No:- OR-02-AU-0575
(iii) Date of Purchase-22.08.2008

The intending tenders can inspect the vehicle in the Odisha Legislative Assembly premises prior to submission of tender by them on any working day during office hours between 3.00P.M. to 5.00P.M.

Tender paper should accompany earnest money of Rs.2,000/- (Rupees Two thousand) only in shape of Bank Draft drawn in favour of the Deputy Secretary, Odisha Legislative Assembly payable at Uco Bank, Odisha Legislative Assembly Secretariat Branch which will be refunded to the tenderers whose tenders would not be accepted. The E.M.D. furnished by the highest tenderer will be adjusted against the sale price of the vehicle.

The Sealed Tenders should reach the undersigned by 07.09.2022 up to 1.00P.M. at the latest and tenders so received shall be opened by the Tender Committee on the same day i.e. on 07.09.2022 at 3.30P.M. in presence of the tenderers or their authorized agents. If the 07th September, 2022 is declared as a Government holiday then the tenders will be received and opened on the next working day as per scheduled time before opening of tenders.

The highest tenderer whose tender would be accepted shall deposit immediately 25% of the offered amount as initial deposit. He shall deposit the balance amount within seven days of the deposit of the initial amount and remove the 'Vehicle' with permission of the undersigned. In case, he fails to make the deposit of the total amount as per the tender within the stipulated time, his deposit including the earnest money shall be forfeited. GST as admissible shall levied on the bidding cost.

In case the tenderer whose tender would be accepted fails to remove the vehicle from Odisha Legislative Assembly Premises within the stipulated time he shall pay ground rent at the rate of 1% of his quoted price per day. If the ground rent so charged exceeds the amount deposited by the highest tenderer on the date of opening of tender then the tenderer shall cease to have any right on the vehicle and the amount deposited by him shall be adjusted towards ground rent.

The authority reserves the right to reject any or all tenders at any time without assigning any reason thereof.

Tender Notice alongwith the Terms and Condition are available in the Odisha Legislative Assembly website @ www.odishaassembly.nic.in.

The Corrigendum/addendum if any, issued to the above Tender Call Notice will be hoisted subsequently in the aforesaid website only.

**Sd./-Deputy Secretary**
OIPR-09015/11/0002/2223

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

No.g-48

**ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନସୂଚିତ ଶିଶୁ କନ୍ୟାଟି ଗତ ତା.୨୮.୦୬.୨୦୨୨ରିଖଠାରୁ ଶିଶୁ ମଙ୍ଗଳ ସମିତି କଟକଙ୍କ ନିର୍ଦ୍ଦେଶନାମା ନଂ.୧୭୫୬/୨୦୨୨ ଅନୁଯାୟୀ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର ସ୍ଥିତ ଶିଶୁ ଗୃହରେ ରହିଆସୁଅଛି । ଏହି ଶିଶୁ କନ୍ୟାଟିର ନାମ ସାଇ ଶ୍ରୀମୟୀ, ତା.୨୮.୦୬.୨୦୨୨ରିଖରେ ଏହି ଶିଶୁ କନ୍ୟାଟି ସାଥିଲୋ, ଆଠଗଡ଼ ନିକଟସ୍ଥ ସାପୁଆ ନଦୀ (ନୂଆପୋଲ) ପଠାରେ ପରିତ୍ୟକ୍ତ ଅବସ୍ଥାରେ ଜଣେ ସାମାଜିକ କର୍ମୀଙ୍କ ଦ୍ୱାରା ଉଦ୍ଧାର ହୋଇ ଶିଶୁ ଭବନ କଟକଠାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲା । ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ. ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ - ୭୫୪୦୭୧, ଫୋନ୍ ନଂ. - ୦୬୭୧ - ୨୪୯୪୩୯୮କୁ ଯୋଗାଯୋଗ କରନ୍ତୁ ।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

**ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନସୂଚିତ ଶିଶୁ କନ୍ୟାଟି ଗତ ତା.୦୧.୦୭.୨୦୧୨ରିଖଠାରୁ ଶିଶୁ ମଙ୍ଗଳ ସମିତି କଟକଙ୍କ ନିର୍ଦ୍ଦେଶନାମା ନଂ.୨୧୮୪/୨୦୧୬ ଅନୁଯାୟୀ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର ସ୍ଥିତ ଶିଶୁ ସଦନରେ ରହିଆସୁଅଛି । ଏହି ଶିଶୁ କନ୍ୟାଟିର ନାମ ପିଙ୍କି ପ୍ରିୟଦର୍ଶିନୀ, ତା.୦୧.୦୭.୨୦୧୨ରିଖ ଦିନ ଏହି ଶିଶୁ କନ୍ୟାଟି ଚୌଦ୍ୱାର ଅଞ୍ଚଳରେ ପରିତ୍ୟକ୍ତ ଅବସ୍ଥାରେ ବୁଲୁଥିବା ସମୟରେ ଏକ ସାମାଜିକ କର୍ମୀଙ୍କ ଦ୍ୱାରା ଉଦ୍ଧାର ହୋଇ ଯତ୍ନ ଓ ସୁରକ୍ଷା ନିମିତ୍ତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିଠାରେ ରହି ଆସୁଅଛି, ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ. ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ - ୭୫୪୦୭୧, ଫୋନ୍ ନଂ. - ୦୬୭୧ - ୨୪୯୪୩୯୮କୁ ଯୋଗାଯୋଗ କରନ୍ତୁ ।

OIPR-33038/11/0004/2223 ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

## OFFICE OF THE CHIEF GENERAL MANAGER (P&C)

idco – Your power to grow – ISO 9001 & 14001 Corporation – No. CAD-1582
ODISHA – NEW OPPORTUNITIES

**IDCO, IDCO TOWERS, BHUBANESWAR**

**Tender Call Notice No. H.O./P&C/EST-E-1979/03/2022-21083** **Dated: 19.08.2022**

**NOTICE INVITING TENDER THROUGH e-Procurement**

Name of the Work : Construction of RCC Culvert (13m 4 Nos and 9.5m 4 Nos. at Bamini, MSME Park, Dist.: Nabarangpur
Estimated Cost : Rs.65.97 lakh (apprx.)
Period of Completion : 04 (Four) Calendar Months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. PC/ EST/E-52/2022-23 | 17.00 hours of 30.08.2022 | 17.00 hours of 15.09.2022 |

Further details can be seen from the e-Procurement Portal: **www.tendersorissa.gov.in.** and Corrigendum if any will not be published in Newspapers and can only be seen in the e-Procurement portal **www.tenderorissa.gov.in** and IDCO website: **www.idco.in**

**OIPR-14003/11/0119/2223** **Sd./- Chief General Manager (P&C), IDCO, Bhubaneswar**

## ODISHA PUBLIC SERVICE COMMISSION CUTTACK

**NOTICE**

**No.7798/P.S.C., Dt.23.8.22**
**PF-1E-11-2021/22 (DR-III)**

**No.D-146:**It is for information of all concerned that, 180 (One hundred eighty ) candidates bearing following PPSAN Nos. have been called for the physical verification of original certificates/ documents to determine their eligibility and suitability for recruitment to the post of Post Graduate Teacher in ENGLISH for 17 nos. of stand-alone Government Higher Secondary Schools, pursuant to Advt. No.24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below :

**PROGRAMME OF DOCUMENT VERIFICATION**

| Date | Time | PPSAN Nos. of Candidates |
|---|---|---|
| 02.09.2022 | 10.30 A.M. | 00114182, 00037076, 00103195, 00103577, 00103389, 00119281, 00115529, 00120354, 00114715, 00103229, 00100669, 00123783, 00045687, 00029333 & 00113984 **= 15 candidates** |
| | 2.30 P.M. | 00093271, 00104098, 00122331, 00115341, 00057402, 00100100, 00116613, 00124117, 00116454, 00092018, 00133239, 00019277, 00120981, 00116610 & 00125423 **= 15 candidates** |
| 03.09.2022 | 10.30 A.M. | 00103070, 00124286, 00077197, 00100726, 00017375, 00091911, 00104096, 00114214, 00099807, 00125996, 00047562, 00133344, 00038963, 00114306 & 00117603 **= 15 candidates** |
| | 2.30 P.M. | 00103963, 00125648, 00066551, 00086268, 00112785, 00116270, 00130405, 00126374, 00114927, 00119819, 00016943, 00103052, 00114355, 00115012 & 00111463 **= 15 candidates** |
| 05.09.2022 | 10.30 A.M. | 00124140, 00100180, 00122800, 00122444, 00070935, 00117632, 00104307, 00114738, 00050182, 00047210, 00118426, 00118264, 00119147, 00103866 & 00072945 **= 15 candidates** |
| | 2.30 P.M. | 00123167, 00130971, 00121803, 00103533, 00102923, 00126909, 00124395, 00118462, 00118853, 00111297, 00096055, 00101962, 00124682, 00031804 & 00114051 **= 15 candidates** |
| 06.09.2022 | 10.30 A.M. | 00061371, 00038445, 00103561, 00120701, 00103036, 00126365, 00115796, 00046634, 00114321, 00120366, 00127196, 00119991, 00104481, 00120678 & 00114871 **= 15 candidates** |
| | 2.30 P.M. | 00132494, 00062568, 00092235, 00104482, 00128452, 00125612, 00037432, 00103075, 00103757, 00037996, 00022816, 00121129, 00103131, 00128202 & 00131789 **= 15 candidates** |
| 07.09.2022 | 10.30 A.M. | 00114204, 00057124, 00121720, 00116213, 00118376, 00103218, 00063337, 00120740, 00035890, 00020503, 00133101, 00059018, 00121805, 00117589 & 00039680 **= 15 candidates** |
| | 2.30 P.M. | 00060251, 00062853, 00115470, 00018201, 00121990, 00047986, 00123305, 00102991, 00131409, 00117146, 00055944, 00035376, 00020020, 00123621 & 00114906 **= 15 candidates** |
| 08.09.2022 | 10.30 A.M. | 00124798, 00114601, 00123286, 00092803, 00114737, 00100500, 00018775, 00121804, 00036448, 00116371, 00027600, 00122589, 00038634, 00114863 & 00000142 **= 15 candidates** |
| | 2.30 P.M. | 00104354, 00129886, 00115678, 00080013, 00080309, 00033879, 00104323, 00102130, 00120973, 00118412, 00071687, 00070076, 00077215, 00099958 & 00115105 **= 15 candidates** |

The candidates are required to bring **one set of self-attested photocopies of all the documents along with all original documents** for verification as mentioned below :-

1. Hard copy of the online application form;
2. Three recent passport size photographs;
3. Duly filled in and attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed, certificate;
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/ University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after rectirement from military service, wherever applicable;
13. Sports Persons certificate issued by the Director of Sports Odisha;
14. Any proof of Identity.

**NOTE -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**
**OIPR-12002/11/0144/2223**

## ODISHA PUBLIC SERVICE COMMISSION, CUTTACK

**NOTICE**

**No.7804/P.S.C., Dt.23.8.22**
**1E-14-2021/22 (DR-III)**
**Corrigendum to Notice No.7412/PSC dt.10.08.2022 issued for the written examination for the post Assistant Fisheries Officer, Group-B, pursuant to Advertisement No.30 of 2021-22.**

**No.D-145:**It is for information of all concerned that in the written examination programme Notice for recruitment to the post of **Assistant Fisheries Officer,** Group-B, pursuant to Advertisement No.30 of 2021-22 issued vide office Notice No.7412/PSC dt.10.08.2022, the timing for **Afternoon Session has been mentioned** "2.00 P.M. to 5.00 P.M." **instead of "2.00 P.M. to 4.30 P.M.**" Hence, the scheduled programme for written examination will be read as follows.

| Date | Forenoon session 10.00 A.M. to 12.30 P.M. 10.00 A.M. to 1.20 P.M. for PwD candidates) | Afternoon Session 2.00 P.M. to 4.30 P.M. (2.00 P.M. to 5.20 P.M. for PwD candidates) |
|---|---|---|
| 11.09.2022 (Sunday) | Paper-I : (Objective type & Subject specific | **Paper-II :** (Objective type & Subject specific) |

All other terms and conditions of the above mentioned notice remain unchanged.

The concerned candidates are advised to visit the website of the Commission (i.e. www.opsc.gov.in) for further information.

**Sd./- Secretary**
**OIPR-12002/11/0143/2223**

## OFFICE OF THE AGRICULTURE DISTRICT OFFICER, PATTAMUNDAI, KENDRAPARA-754213

**Ph. No. 06729-224234**
**No.500, Agril. Dt.19.08.2022**

## AUCTION SALE FOR DISPOSAL OF UNSERVICEABLE VEHICLE

**No.L-68:**Sealed Tender in plain paper are invited from the intending firms/institutions/ persons for sale of Mahindra Diesel Jeep bearing No. OR-04-4595 of this office on as is where is basis.

**Terms & Conditions:-**

1. The intending bidder may inspect the vehicle at the premises of Agriculture District Officer, Pattamundai in office hour from 11.00 A.M to 4.00 P.M expected holiday.
2. The quotation should be accompanied by earnest money deposit of Rs.1000/-(Rupees One thousand) only , in shape of Bank Draft to be drawn in favour of Agriculture District Officer, Pattamundai payable at Pattamundai which will be refund immediately as such expect in case of highest offer accepted by the competent authority.
3. The bid price shall not be less than minimum (Offset) price Rs.10,000/- (Rupees Ten thousand) only .
4. The bidder should mention in the tender regarding the vehicle No., Make/ Model for which participating.
5. The bid should reach the undersigned by 1.00 P.M of 06.09.2022. The bid well as the envelope containing the bid should be superscribe as "Quotation for auction sale of vehicle".
6. The bid should also indicate the above mention Notice no and date on the top of the quotation on the sealed cover. The same should be dropped in the Drop Box kept in the office chamber of the Agriculture District Officer, Pattamundai. The bid will be opened at 3.00 P.M on the same day by the Chairman of auction committee in presence of the bidders or their authorization representatives.
7. The envelope containing the bid should also contain attested copies of any authorized identity proof and address proof of the original bidder.
8. The highest offer at or above the minimum price shall be approved by the auction committee then and there. The highest bidder shall deposit 25 % of the bid amount immediately after the announcement and the rest amount within 7 days of approval of the offer.
9. On failure to make complete payment as aforesaid, within the prescribed period the 25% bid amount deposited along with the EMD will be forfeited and bidder will be disqualified.
10. The vehicle shall not be delivered to the party untill full payment has been made and requisite formalities are completed. Tools and kits and spare parts shall not be delivered along with the vehicle.
11. The bidder shall remove the vehicle from the site within 7 days from the date of depositing the full amount of tendered after adjustment of the EMD and 25% of the offered amount.
12. On failure to move the vehicle within the prescribed time limit, ground rent @1% of the tendered/negotiated money shall be charged for each day or part there of till removal of the vehicle from the site.
13. Where the ground rent so charged exceeds the sale price deposited, the bidder/party shall cease to have any right on the vehicle. The amount deposited by him shall be adjusted towards the ground rent and the vehicle shall become absolute property of Government free from all encumbrances and disposed of by fresh sealed tender as the case may be.
14. The competent authority reserves the right to object any or all bids or cancel the tender without assigning any reason thereof.

**Sd./- Agriculture District Officer,Pattamundai**
OIPR-01423/11/0001/2223